ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ଜାନୁୟାରୀ ୨୫/୨୦୨୨ (୧୪ ପୃଷ୍ଠା) Bhubaneswar, Tuesday, January 25/2022 ★★★★★★
୪୮ଶ ଭାଗ ୬୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-

# ଦଶମ, ଦ୍ୱାଦଶ ପରୀକ୍ଷା ହେବ

## ■ ପ୍ରସ୍ତୁତ ରହିବାକୁ ଛାତ୍ରୀଛାତ୍ରଙ୍କୁ ମନ୍ତ୍ରୀଙ୍କ ପରାମର୍ଶ
## ■ ସ୍କୁଲ ଖୋଲିବାକୁ ଅଭିଭାବକ ସଂଘର ଦାବି

ଭୁବନେଶ୍ୱର, ୨୪।୧(ବ୍ୟୁରୋ)

ରାଜ୍ୟରେ କରୋନା ସଂକ୍ରମଣ ଯୋଗୁ ଗତବର୍ଷ ଦଶମ ଓ ଦ୍ୱାଦଶ ପରୀକ୍ଷା ହୋଇପାରି ନ ଥିଲା। ବିନା ପରୀକ୍ଷାରେ ବିକଳ୍ପ ପଦ୍ଧତିରେ ମୂଲ୍ୟାୟନ କରାଯାଇ ଫଳାଫଳ ପ୍ରକାଶ ପାଇଥିଲା। ତେବେ ଦୀର୍ଘ ଦେଢ଼ବର୍ଷ ପରେ ଶିକ୍ଷାନୁଷ୍ଠାନଗୁଡ଼ିକ ଖୋଲିଥିଲେ ମଧ୍ୟ ପୁଣି ସଂକ୍ରମଣ ବଢ଼ିବାରୁ ରାଜ୍ୟ ସରକାର ସମସ୍ତ ସ୍କୁଲ ଓ କଲେଜକୁ ବନ୍ଦ କରି ଦେଇଛନ୍ତି। ଏବେ ଅନ୍‌ଲାଇନ୍‌ରେ ପାଠପଢ଼ା ଚାଲିଛି। ସଂକ୍ରମଣ ହ୍ରାସ ପାଉଥିବାରୁ ଚଳିତବର୍ଷ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ହେବ ବୋଲି ଆଶା କରାଯାଉଛି। ସେଥିପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରକ୍ରିୟା ଆରମ୍ଭ କରିଦେଇଥିବାବେଳେ ମନ୍ତ୍ରୀ ସମୀର ରଞ୍ଜନ ଦାଶ ପିଲାମାନଙ୍କୁ ପରୀକ୍ଷା ଲାଗି ପ୍ରସ୍ତୁତି ଜାରି ରଖିବାକୁ ପରାମର୍ଶ ଦେଇଛନ୍ତି।

ସୋମବାର ମନ୍ତ୍ରୀ ପରୀକ୍ଷା ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ରାଜ୍ୟରେ ଏବେ କରୋନା ସଂକ୍ରମଣ ଗ୍ରାଫ୍ ତଳମୁହାଁ ହେଉଛି। ତେଣୁ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଠିକ୍ ସମୟରେ କରିବାକୁ ଆମର ଆଗ୍ରହ ରହିବ। ଯଦି ସେମିତି କିଛି ବିଶେଷ ପରିସ୍ଥିତି ସୃଷ୍ଟି ହୁଏ, ତା'ହେଲେ ଅନ୍ୟ ନିଷ୍ପତ୍ତି ନିଆଯାଇପାରେ। କିନ୍ତୁ ଆଜିର ସ୍ଥିତି ଦେଖିଲେ ପରୀକ୍ଷା ହେବା ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ପିଲାମାନେ ପରୀକ୍ଷା ପାଇଁ ପ୍ରସ୍ତୁତି ଜାରି ରଖିବା ଉଚିତ ବୋଲି ଗଣଶିକ୍ଷା ମନ୍ତ୍ରୀ କହିଛନ୍ତି।

ସେପଟେ ମୁମ୍ବାଇରେ ସ୍କୁଲ ଖୋଲିଥିବାରୁ ଓଡ଼ିଶାରେ ମଧ୍ୟ ଏଥିପାଇଁ ଦାବି ଉଠିଲାଣି। ରାଜ୍ୟରେ ଲଗାତର ସଂକ୍ରମଣ ହ୍ରାସ ପାଉଥିବାରୁ ଅଭିଭାବକ ଓ ଶିକ୍ଷାବିତ୍‌ମାନେ ସ୍କୁଲ ଖୋଲିବା ସପକ୍ଷରେ ମତ ରଖୁଛନ୍ତି। ଦୀର୍ଘବର୍ଷ ହେଲା ଘରେ ବସି ପାଠ ପଢୁଥିବାରୁ ପିଲାଙ୍କର ଶୈକ୍ଷିକ ବାତାବରଣ କମିବାରେ ଲାଗିଲାଣି। ଆଉ ଅନ୍‌ଲାଇନ୍ ପାଠପଢ଼ା ସବୁ ପିଲା ପାଇ ପାରୁ ନ ଥିବାରୁ ସ୍କୁଲ ଖୋଲିବା ଆବଶ୍ୟକ ବୋଲି କହୁଛନ୍ତି। ସୂଚନାଯୋଗ୍ୟ, ରାଜ୍ୟରେ ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ପାଇଁ ସ୍କୁଲ ଖୋଲାଯାଇଥିଲା। ☞ପୃଷ୍ଠା-୪

# ଅଭିଯୁକ୍ତଙ୍କୁ ଖୋଜି ବୁଲୁଛି ପୋଲିସ



## ଶିଶୁକନ୍ୟା ବଳାତ୍କାର ମାମଲା
## ■ ୮ରୁ ଊର୍ଦ୍ଧ୍ୱ ସ୍ଥାନରେ ୪ ଟିମ୍‌ର ଚଢ଼ାଉ
## ■ ଏସ୍‌ସିବିରେ ପୀଡ଼ିତାଙ୍କୁ ଭେଟିଲେ ଓଏସ୍‌ସିପିସିଆର୍ ଅଧ୍ୟକ୍ଷା

ପୁରୀ/କଟକ ଅଫିସ,୨୪।୧

ପୁରୀର ୫ବର୍ଷୀୟା ଶିଶୁକନ୍ୟା ବଳାତ୍କାର ମାମଲାକୁ ୨୪ ଘଣ୍ଟା ବିତିଯାଇଥିଲେ ମଧ୍ୟ ଅଭିଯୁକ୍ତ ମହେଶ୍ୱର ମହାନ୍ତିଙ୍କୁ ପୋଲିସ ଗିରଫ କରିପାରିନାହିଁ। ଅଭିଯୁକ୍ତ ଫେରାର ଥିବା ବେଳେ ତାଙ୍କୁ ଧରିବାକୁ ପୋଲିସର ୪ ଟିମ୍ ୮ରୁ ଊର୍ଦ୍ଧ୍ୱ ସ୍ଥାନରେ ଚଢ଼ାଉ କରିଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ଖୋଜି ବୁଲୁଥିଲେ ମଧ୍ୟ କୌଣସି ସୂଚନା ପାଇପାରି ନାହିଁ। ଫଳରେ ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅପରପକ୍ଷରେ ବଳାତ୍କାରର ଶିକାର ହୋଇ କଟକ ଏସ୍‌ସିବି ମେଡିକାଲ ଗାଇନିକ୍ ୱାର୍ଡରେ ଚିକିତ୍ସିତ ହେଉଥିବା ପୁରୀର ଶିଶୁକନ୍ୟାଙ୍କୁ ସୋମବାର ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଓଏସ୍‌ସିପିସିଆର୍) ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ ଭେଟିଛନ୍ତି। ସେ ପୀଡ଼ିତାଙ୍କ ଶିଶୁର ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି। ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଅଛି। ଏବେ ସେ ବିପଦମୁକ୍ତ ଥିବା ଡାକ୍ତର କହିଛନ୍ତି। ମେଡିକାଲରେ ତାଙ୍କୁ ସମସ୍ତ ପ୍ରକାର ଚିକିତ୍ସା ☞ପୃଷ୍ଠା-୪

# ୪ସପ୍ତାହ ଘୁଞ୍ଚିଲା କୋଟିଆ ଶୁଣାଣି




ନୂଆଦିଲ୍ଲୀ, ୨୪।୧

କୋଟିଆ ସୀମା ବିବାଦ ମାମଲାରେ ଆନ୍ଧ୍ରପ୍ରଦେଶ ବିରୋଧରେ ଓଡ଼ିଶା ସରକାର ସୁପ୍ରିମକୋର୍ଟରେ କରିଥିବା ଅଦାଲତ ଅବମାନନା ମାମଲାର ଶୁଣାଣି ୪ ସପ୍ତାହ ଘୁଞ୍ଚିଛି। ଉଭୟ ରାଜ୍ୟ ମଧ୍ୟରେ ବରିଷ୍ଠ ପ୍ରଶାସନିକ ଅଧିକାରୀସ୍ତରରେ ଆପୋସ ବୁଝାମଣାରେ ସମାଧାନ ପାଇଁ ଚେଷ୍ଟା ଚାଲିଛି। ହେଲେ ଓମିକ୍ରନ୍ ଯୋଗୁ ଆଲୋଚନା ସାମୟିକ ଭାବେ ସ୍ଥଗିତ ରହିଛି। ତେଣୁ ମାମଲାକୁ ୪ସପ୍ତାହ ଘୁଞ୍ଚାଇବାକୁ ସୋମବାର ଶୁଣାଣି ସମୟରେ ଆଇନଜୀବୀ ଅନୁରୋଧ କରିବା ପରେ ବିଚାରପତି ଏ.ଏନ୍. ଖାନୱିଲକର ଏବଂ ବିଚାରପତି ସି.ଟି. ରବିକୁମାରଙ୍କୁ ନେଇ ଗଠିତ ଶୁଣାଣିକୁ ଘୁଞ୍ଚାଇଛନ୍ତି। ଓଡ଼ିଶା ମୁଖ୍ୟ ଶାସନସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ଉଭୟ ରାଜ୍ୟର ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କୁ ନେଇ ଗଠିତ କମିଟି ଜାନୁୟାରୀ ୧୦ରେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି ବୋଲି ଗତ ୬ତାରିଖରେ ଓଡ଼ିଶା ସରକାରଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ଅବଗତ କରାଯାଇଥିଲା। ହେଲେ ଓମିକ୍ରନ ଭୟାବହତା ଲାଗି ଉକ୍ତ ଆଲୋଚନା ସ୍ଥଗିତ ରହିଛି।

ସୂଚନାଯୋଗ୍ୟ, ଗତ ନଭେମ୍ବର ୯ରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଆନ୍ଧ୍ର ପ୍ରତିପକ୍ଷ ଜଗନ୍ ମୋହନ ରେଡ୍ଡୀଙ୍କ ମଧ୍ୟରେ ଭୁବନେଶ୍ୱର ଲୋକସେବା ଭବନଠାରେ କୋଟିଆ ସୀମା ବିବାଦ ସମେତ ବିଭିନ୍ନ ଦ୍ୱିପାକ୍ଷିକ ବିବାଦ ☞ପୃଷ୍ଠା-୪

ଆଜିର ସମ୍ପାଦକୀୟ
ଦିଲ୍ଲୀରେ ଅଭାବ










| | କିଛି ନାହିଁ | କପଡ଼ା ମାସ୍କ | ସର୍ଜିକାଲ ମାସ୍କ | N95 ମାସ୍କ (10%) |
|---|---|---|---|---|
| କିଛି ନାହିଁ | 15 ମିନିଟ | 20 ମିନିଟ | 30 ମିନିଟ | 2.5 ଘଣ୍ଟା |
| କପଡ଼ା ମାସ୍କ | 20 ମିନିଟ | 27 ମିନିଟ | 40 ମିନିଟ | 3.3 ଘଣ୍ଟା |
| ସର୍ଜିକାଲ ମାସ୍କ | 30 ମିନିଟ | 40 ମିନିଟ | 60 ମିନିଟ | 5 ଘଣ୍ଟା |
| N95 ମାସ୍କ (10%) | 2.5 ଘଣ୍ଟା | 3.3 ଘଣ୍ଟା | 5 ଘଣ୍ଟା | 25 ଘଣ୍ଟା |

*ଏହି ସର୍ତ୍ତରେ ଯେ ଉଭୟ N95 କିମ୍ବା ଏହାର ତୁଳନାତ୍ମକ FFP2 ମାସ୍କ ଗୁଡିକ ସଠିକ ଭାବରେ ପ୍ରଦାନ କରାଯାଇଛି।
#ସାରଣୀ ଦେଖନ୍ତୁ। ACGIH® ମହାମାରୀ ଟାସ୍କ ଫୋର୍ସ ଫ୍ୟାକ୍ଟ ଶୀଟ୍‌ରୁ: ଶ୍ରମିକଙ୍କୁ ରେସ୍ପିରେଟର୍ସର ଆବଶ୍ୟକ ହୋଇଥାଏ।

**ଅନ୍ତର୍ଜାତୀୟ ସୀମାରେ ହାଇଆଲର୍ଟ**

ସାଧାରଣତନ୍ତ୍ର ଦିବସରେ ସୀମା ଆରପଟୁ ଦେଶବିରୋଧୀ ତତ୍ତ୍ୱ ଆତଙ୍କ ସୃଷ୍ଟି କରିପାରନ୍ତି ବୋଲି ଗୋଇନ୍ଦା ସୂଚନା ମିଳିବା ପରେ ଜମ୍ମୁ-କଶ୍ମୀରର ଅନ୍ତର୍ଜାତୀୟ ସୀମା (ଆଇବି)ରେ ମୁତୟନ ହୋଇଥିବା ସୀମା ସୁରକ୍ଷା ବଳ (ବିଏସ୍ଏଫ୍) ଯବାନମାନଙ୍କୁ ହାଇ ଆଲର୍ଟରେ ରଖାଯାଇଛି। ବିଏସ୍ଏଫ୍ ପକ୍ଷରୁ ସୀମାରେ ଆଣ୍ଟିଡ୍ରୋନ୍ ଯୁଦ୍ଧାଭ୍ୟାସ ସାଙ୍ଗକୁ ଏକାଧିକ ପଦକ୍ଷେପମାନ ନିଆଯାଇଛି। ସୀମାରେ ସୁଡ଼ଙ୍ଗ ଠାବ କରାଯାଉଛି ବୋଲି ଏହାର ଆଇଜି ଡି.କେ. ବୁରା କହିଛନ୍ତି।

## ସଂକ୍ଷେପରେ

### ଲୋକ ସଭା, ରାଜ୍ୟ ସଭା ଅଧିବେଶନ ସମୟ ଅଲଗା ହେବ

ନୂଆଦିଲ୍ଲୀ,୨୪।୧ (ପି.ଟି.): ଜାନୁୟାରୀ ୩୧ରୁ ପାର୍ଲାମେଣ୍ଟର ବଜେଟ ଅଧିବେଶନ ଆରମ୍ଭ ହେଉଥିବାବେଳେ କୋଭିଡ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ଲୋକ ସଭା ଓ ରାଜ୍ୟ ସଭା ଭିନ୍ନ ଭିନ୍ନ ସମୟରେ କରିବାକୁ ନିଷ୍ପତ୍ତି ହୋଇଛି। ଫେବୃୟାରୀ ୧ରେ ବଜେଟ ଉପସ୍ଥାପନ ଲାଗି ଲୋକ ସଭା ପୂର୍ବାହ୍ନ ୧୧ରେ ଆରମ୍ଭ ହେବ। ଫେବୃୟାରୀ ୨ରୁ ୧୧ ତାରିଖ ମଧ୍ୟରେ ଏହା ଅପରାହ୍ନ ୪ରୁ ରାତି ୯ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡ଼ିଛି। ଅଧିବେଶନ ସମୟରେ ସାମାଜିକ ଦୂରତ୍ୱ ବଜାୟ ରଖିବା ଲାଗି ଉଭୟ ଗୃହର ଚାମ୍ବର ଓ ଗ୍ୟାଲେରିରେ ମଧ୍ୟ ସଦସ୍ୟମାନେ ବସିବା ବ୍ୟବସ୍ଥା ହେବ। ରାଜ୍ୟ ସଭା ଅଧିବେଶନ ସମୟ ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ଏହା ପୂର୍ବାହ୍ନ ୯ରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଚାଲିପାରେ ବୋଲି କୁହାଯାଉଛି। ଜାନୁୟାରୀ ୩୧ରେ ରାଷ୍ଟ୍ରପତି ପାର୍ଲାମେଣ୍ଟର ଉଭୟ ସଦନକୁ ସମ୍ବୋଧିତ କରିବେ। ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୧୪ରୁ ଏପ୍ରିଲ ୮ ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ ସମୟ ସ୍ଥିର ହୋଇନାହିଁ।

### ଜେଏନ୍‌ୟୁ ଛାତ୍ର ଶର୍ଜିଲଙ୍କ ବିରୋଧରେ ଚାର୍ଜଫ୍ରେମ୍

ନୂଆଦିଲ୍ଲୀ,୨୪।୧: ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ବିରୋଧରେ ଆଲିଗଡ଼ ମୁସଲିମ୍ ବିଶ୍ୱବିଦ୍ୟାଳୟ ଏବଂ ଦିଲ୍ଲୀର ଜାମିଆ ଅଞ୍ଚଳରେ ଉତ୍ତେଜନାପୂର୍ଣ୍ଣ ବକ୍ତବ୍ୟ ପ୍ରଦାନ କରିବା ଅଭିଯୋଗରେ ଜେଏନ୍‌ୟୁ ଛାତ୍ର ଶର୍ଜିଲ ଇମାମଙ୍କ ବିରୋଧରେ ଦିଲ୍ଲୀର ଏକ ଅଦାଲତ ସୋମବାର ଚାର୍ଜଫ୍ରେମ୍ କରିଛନ୍ତି। ତାଙ୍କ ବିରୋଧରେ ଅତିରିକ୍ତ ଦୌରାଜଜ୍ ଅମିତାଭ ରାୱତ ଆଇପିସିର ଧାରା ୧୨୪ଏ (ଦେଶଦ୍ରୋହ), ୧୫୩ଏ (ଧର୍ମ ନାମରେ ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ଶତ୍ରୁତା ବଢ଼ାଇବା), ୧୫୩ବି (ଜାତୀୟ ସଂହତି ଉପରେ ପ୍ରତିକୂଳ ପ୍ରଭାବ ପକାଇବା ଭଳି କାର୍ଯ୍ୟ), ୫୦୫ ଏବଂ ବେଆଇନ କାର୍ଯ୍ୟକଳାପ ପ୍ରତିକାର ଆଇନ (ୟୁଏପିଏ)ର ଧାରା ୧୩ରେ ଚାର୍ଜଫ୍ରେମ୍ କରିଛନ୍ତି। ୨୦୧୯ ଡିସେମ୍ବର ୧୩ରେ ଶର୍ଜିଲ ଜାମିଆ ଅଞ୍ଚଳରେ ଉତ୍ତେଜକ ଭାଷଣ ଦେଇଥିଲେ। କ୍ରାଇମ ବ୍ରାଞ୍ଚ ପୋଲିସ ୨୦୨୦ ଜାନୁୟାରୀ ୨୫ରେ ତାଙ୍କ ବିରୋଧରେ ଆଇପିସିର ବିଭିନ୍ନ ଦଫାରେ ମାମଲା ରୁଜୁ ହୋଇଥିଲା। ଆଲିଗଡ଼ ମୁସଲିମ ୟୁନିଭର୍ସିଟିରେ ତାଙ୍କର ଅନ୍ୟ ଏକ ଉତ୍ତେଜକ ଭାଷଣ ବିଭିନ୍ନ ୱେବ୍‌ସାଇଟ୍‌ରେ ଭାଇରାଲ ହୋଇଥିଲା।

### ଅନିୟମିତତା ଲାଗି ୮ ସମବାୟ ବ୍ୟାଙ୍କ ଦଣ୍ଡିତ

ନୂଆଦିଲ୍ଲୀ,୨୪।୧
ଋଣ ଏବଂ କେୱାଇସି ନିୟମ ଉଲ୍ଲଂଘନ ପାଇଁ ଭାରତର ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ସୋମବାର ୮ ସମବାୟ ବ୍ୟାଙ୍କକୁ ଅର୍ଥଦଣ୍ଡରେ ଦଣ୍ଡିତ କରିଛି। ସେହି ବ୍ୟାଙ୍କଗୁଡ଼ିକ ହେଲେ ରାଜକୋଟ ପିପୁଲ୍ସ କୋଅପରେଟିଭ୍ ବ୍ୟାଙ୍କ, ବାସାଇ ଜନତା ସହକାରୀ ବ୍ୟାଙ୍କ, ମୋଗାଭୀରା କୋଅପରେଟିଭ୍ ବ୍ୟାଙ୍କ, ଭରଛା କୋଅପରେଟିଭ୍ ବ୍ୟାଙ୍କ, ଆସୋସିଏଟ୍ କୋଅପରେଟିଭ୍ ବ୍ୟାଙ୍କ, ଭଦ୍ରାଦ୍ରି କୋଅପରେଟିଭ୍ ଅର୍ବାନ ବ୍ୟାଙ୍କ, ଜମ୍ମୁ ସେଣ୍ଟ୍ରାଲ କୋଅପରେଟିଭ୍ ବ୍ୟାଙ୍କ ଏବଂ ଯୋଧପୁର ନାଗରିକ ସହକାରୀ ବ୍ୟାଙ୍କ। ନିର୍ଦ୍ଦେଶକ କିମ୍ବା ସମ୍ପୃକ୍ତ ପାର୍ଟିଙ୍କୁ ଋଣ ଓ ଅଗ୍ରୀମ ପ୍ରଦାନରେ ଅନିୟମିତତା ସହ କେୱାଇସି (ଆପଣଙ୍କ ଗ୍ରାହକଙ୍କୁ ଜାଣନ୍ତୁ) ଠିକ୍ ଭାବେ ଯାଞ୍ଚ କରାଯାଇ ନ ଥିବା ଆଦି କାରଣରୁ ବ୍ୟାଙ୍କଗୁଡ଼ିକ ଉପରେ ୧ରୁ ୪ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦଣ୍ଡବିଧାନ ହୋଇଛି।

# ୟୁରୋପ ଗଲା ନାଟୋ ଯୁଦ୍ଧ ବିମାନ

କ୍ୱିଭ୍/ବ୍ରୁସେଲ୍ସ, ୨୪।୧



### ରୁଷିଆ ବିରୋଧରେ ରଣନୀତି
- କ୍ୱିଭ୍‌ରେ ଖାଲି ହେଉଛି ଦୂତାବାସ
- ଅସ୍ତ୍ର ଦେବାକୁ ମନାକଲା ଜର୍ମାନୀ

ୟୁକ୍ରେନ ଉପରେ ରୁଷିଆର ଯୁଦ୍ଧ ପ୍ରସ୍ତୁତିକୁ ଦୃଷ୍ଟିରେ ରଖି ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ(ନାଟୋ)ର ସଦସ୍ୟ ଦେଶଗୁଡ଼ିକ ଏକଜୁଟ ହୋଇଛନ୍ତି। ନାଟୋ ରୁଷିଆ ଉପରେ ଚାପ ପକାଇବା ସହ ପୂର୍ବ ୟୁରୋପର ସୁରକ୍ଷା ପାଇଁ ସୋମବାର ଜେଟ୍, ଯୁଦ୍ଧ ବିମାନ ପଠାଇଛି। ୟୁକ୍ରେନ ସୀମାରେ ରୁଷିଆ ଲକ୍ଷାଧିକ ସୈନ୍ୟ ମୁତୟନ କରି ଯୁଦ୍ଧ ସ୍ଥିତି ଉପୁଜାଇଥିବାବେଳେ ଏହାର ବିରୋଧ କରି ଆମେରିକା ସମେତ ପାଶ୍ଚାତ୍ୟ ଦେଶଗୁଡ଼ିକ ୟୁକ୍ରେନକୁ ମଧ୍ୟ ସାମରିକ ସହାୟତା ଯୋଗାଣ ଆରମ୍ଭ କରିଛନ୍ତି। ସଦସ୍ୟ ଦେଶଗୁଡ଼ିକ ନାଟୋକୁ ଅତିରିକ୍ତ ସାମରିକ ବଳ ଯୋଗାଇଦେବା ସ୍ୱାଗତଯୋଗ୍ୟ। ଏହି ସଙ୍ଗଠନର ରାଷ୍ଟ୍ରଗୁଡ଼ିକୁ ସୁରକ୍ଷା ଯୋଗାଇବା ପାଇଁ ନାଟୋ ସମସ୍ତ ଆବଶ୍ୟକ ପଦକ୍ଷେପ ନେବ ବୋଲି ଏହି ପାଶ୍ଚାତ୍ୟ ମିଲିଟାରି ଆଲାଏନ୍ସର ମହାସଚିବ ଜେନ୍ସ ଷ୍ଟୋଲଟେନ୍‌ବର୍ଗ ଏକ ବିବୃତିରେ କହିଛନ୍ତି। ସେହିପରି ପୂର୍ବ ୟୁରୋପ ଏବଂ ବାଲଟିକ୍ସ ଅଞ୍ଚଳ ପାଇଁ କେତେ ହଜାର ଆମେରିକୀୟ ସୈନ୍ୟ ଓ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଯୋଗାଇବାକୁ ରାଷ୍ଟ୍ରପତି ଜୋ ବାଇଡେନ୍ ଚିନ୍ତା କରୁଥିବା ଜଣାଯାଇଛି।

ରୁଷିଆ ଯେ କୌଣସି ସମୟରେ ଆକ୍ରମଣ କରିବା ଆଶଙ୍କା ବଢ଼ୁଥିବାରୁ ୟୁକ୍ରେନ ରାଜଧାନୀ କ୍ୱିଭରେ ଥିବା ଦୂତାବାସଗୁଡ଼ିକୁ ବ୍ରିଟେନ ଏବଂ ଆମେରିକା ଖାଲି କରିବାରେ ଲାଗିଛନ୍ତି। ସେଠାରେ ଥିବା କର୍ମଚାରୀଙ୍କୁ ୟୁକ୍ରେନ ଛାଡ଼ିବାକୁ କୁହାଯାଇଛି। ଏଥିସହ କ୍ୱିଭରେ ଥିବା ଆମେରିକା ଦୂତାବାସ ପକ୍ଷରୁ ଆମେରିକୀୟ ନାଗରିକଙ୍କ ପାଇଁ ଟ୍ରାଭେଲ ଆଡଭାଇଜରି ଜାରି କରାଯାଇଛି। ରୁଷିଆ ପକ୍ଷରୁ ଆକ୍ରମଣ ଆଶଙ୍କା ଏବଂ କୋଭିଡ୍-୧୯ ସଂକ୍ରମଣ ଦୃଷ୍ଟିରୁ ଅନାବଶ୍ୟକ ଭାବେ ୟୁକ୍ରେନ ନ ଯିବାକୁ ଆମେରିକା ଦୂତାବାସ ପକ୍ଷରୁ କୁହାଯାଇଛି। ବ୍ରିଟେନ ମଧ୍ୟ କ୍ୱିଭ୍‌ରୁ ନିଜ ଦୂତାବାସ ଅଧିକାରୀଙ୍କୁ ଫେରିଆସିବାକୁ କହିଛି। ଦୂତାବାସ ଖାଲି କରାଯିବା ନିଷ୍ପତ୍ତିକୁ ୟୁକ୍ରେନ ସମାଲୋଚନା କରିଛି। ଉଭୟ ୟୁକ୍ରେନବାସୀ ଏବଂ ବିଦେଶୀ ନାଗରିକଙ୍କ ମଧ୍ୟରେ ଭୟ ସୃଷ୍ଟି କରିବା ପାଇଁ ରୁଷିଆ ଜାଣିଶୁଣି ଏପରି କରୁଛି। ତେଣୁ ଆମେରିକା ଦୂତାବାସ ଖାଲି କରିବା ଏକ ପରିପକ୍ୱ ନିଷ୍ପତ୍ତି ନୁହେଁ ବୋଲି ୟୁକ୍ରେନ ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଓଲେଗ୍ ନିକୋଲେଙ୍କୋ କହିଛନ୍ତି।

ଅନ୍ୟପକ୍ଷରେ ୟୁକ୍ରେନ ପ୍ରସଙ୍ଗରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କୁ ପ୍ରଶଂସା କରି ଜର୍ମାନୀ ନୌସେନା ମୁଖ୍ୟ କେ-ଆଚିମ୍ ସ୍କୋନବାକ୍‌ଙ୍କୁ ଇସ୍ତଫା ଦେବାକୁ ପଡ଼ିଛି। ଏ ନେଇ ୟୁକ୍ରେନ ଜର୍ମାନୀକୁ ସ୍ପଷ୍ଟୀକରଣ ମାଗିଛି। ସେପଟେ ଆମେରିକାର ଅନୁରୋଧ ସତ୍ତ୍ୱେ ଜର୍ମାନୀ ୟୁକ୍ରେନକୁ ଅସ୍ତ୍ରଶସ୍ତ୍ର ଯୋଗାଇବାକୁ ରବିବାର ରାତିରେ ମନା କରିଛି। ଏହା ଦ୍ୱାରା ଉତ୍ତେଜନା ଆହୁରି ବୃଦ୍ଧି ପାଇବ ବୋଲି ଜର୍ମାନୀ ପ୍ରତିରକ୍ଷା ମନ୍ତ୍ରୀ କ୍ରିଷ୍ଟିନ୍ ଲାମ୍ବ୍ରେକ୍ଟ କହିଛନ୍ତି। ପୂର୍ବରୁ ଆମେରିକା ନାଟୋ ସଦସ୍ୟଙ୍କ ମଧ୍ୟରେ ସମନ୍ୱୟ ଉପରେ ସନ୍ଦେହ ବ୍ୟକ୍ତ କରିଥିବାବେଳେ ଏବେ ଜର୍ମାନୀ ପକ୍ଷରୁ ଏଭଳି ପ୍ରତିକ୍ରିୟା ପକାଶ ପାଇଛି। ସେପଟେ ଲାଟ୍‌ଭିଆ ନିଜ ନାଗରିକଙ୍କୁ ୟୁକ୍ରେନ ଯାତ୍ରା ନ କରିବାକୁ ପରାମର୍ଶ ଦେଇଛି। ୟୁକ୍ରେନ ଉପରେ ଆକ୍ରମଣ କଲେ ରୁଷିଆ ସହ୍ୟ ନ କରିପାରିଲା ଭଳି କଠୋର କଟକଣା ଲାଗୁ କରାଯିବା କଥା ବୋଲି ଲିଥୁଆନିଆ ବହିର୍ବ୍ୟାପାର ମନ୍ତ୍ରୀ କହିଛନ୍ତି।

### ଭାରତ ଆସିବେ ଇସ୍ରାଏଲ ପ୍ରଧାନମନ୍ତ୍ରୀ


ନାଫତାଲି ବେନେଟ୍

ଜେରୁଜେଲମ, ୨୪।୧

ଭାରତ ଓ ଇସ୍ରାଏଲ ମଧ୍ୟରେ କୂଟନୈତିକ ସମ୍ପର୍କର ୩୦ ବର୍ଷ ପୂର୍ତ୍ତି ଅବସରରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ନାଫତାଲି ବେନେଟ୍ ଭାରତ ଆସିପାରନ୍ତି। ଏ ନେଇ ଭାରତରେ ଅବସ୍ଥାପିତ ଇସ୍ରାଏଲ ରାଷ୍ଟ୍ରଦୂତ ନାଓର ଗିଲୋନ୍ ସୋମବାର ସୂଚନା ଦେଇଛନ୍ତି। ଏହି ଉତ୍ସବ ପାଳନ ନିମନ୍ତେ ଆୟୋଜିତ ଏକ ୱେବିନାରରେ ସ୍ୱତନ୍ତ୍ର ଲୋଗୋର ଭର୍ଚୁଆଲ ଲଞ୍ଚ କରାଯାଇଛି। ଗିଲୋନ୍ କହିଥିଲେ, ଭାରତରେ ଇସ୍ରାଏଲର ରାଷ୍ଟ୍ରଦୂତ ହେବା ସୌଭାଗ୍ୟର କଥା। ଦୁଇ ପ୍ରାଚୀନ ସଭ୍ୟତା ମଧ୍ୟରେ ଏଭଳି ସମ୍ପର୍କ ଅସାଧାରଣ । ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ଆହୁରି ମଜଭୁତ କରିବା ପାଇଁ ଇସ୍ରାଏଲ ପ୍ରଧାନମନ୍ତ୍ରୀ ଚଳିତ ବର୍ଷ ଭାରତ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଥିବା ସେ ପ୍ରକାଶ କରିଛନ୍ତି।

## ପ୍ରତ୍ୟର୍ପଣ ବିରୋଧରେ ଅପିଲ ପାଇଁ ଆସେଞ୍ଜଙ୍କୁ ଅନୁମତି



ଲଣ୍ଡନ, ୨୪।୧

ମିଡିଆ ସଂସ୍ଥା ୱିକିଲିକ୍ସ ପ୍ରତିଷ୍ଠାତା ଜୁଲିଆନ ଆସେଞ୍ଜଙ୍କୁ ପ୍ରତ୍ୟର୍ପଣ ନିମନ୍ତେ ବ୍ରିଟେନ ହାଇକୋର୍ଟ ଆମେରିକାର ଆବେଦନକୁ ମଞ୍ଜୁରୀ ଦେଇସାରିଥିବାବେଳେ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ବ୍ରିଟେନ ସୁପ୍ରିମକୋର୍ଟ ସୋମବାର ପ୍ରତ୍ୟର୍ପଣ ବିରୋଧରେ ଆସେଞ୍ଜଙ୍କ ଆବେଦନକୁ ଗ୍ରହଣ କରି ତାଙ୍କୁ ଏଥିନିମନ୍ତେ ଅନୁମତି ଦେଇଛନ୍ତି। ୫୦ ବର୍ଷୀୟ ଅଷ୍ଟ୍ରେଲୀୟ ନାଗରିକ ଆସେଞ୍ଜଙ୍କ ବିରୋଧରେ ଆମେରିକାରେ ୧୮ ସଙ୍ଗିନ ମାମଲା ରହିଛି। ସେ ଆମେରିକାର ଗୋପନୀୟ ସେନା ଡକ୍ୟୁମେଣ୍ଟକୁ ୱିକିଲିକ୍ସରେ ପ୍ରକାଶ କରିବା ସହ ସେଠାରେ ଗୁପ୍ତଚରଗିରି କରିଥିବା ଅଭିଯୋଗ ରହିଛି। ଗତ ଡିସେମ୍ବରରେ ହାଇକୋର୍ଟ ଆସେଞ୍ଜଙ୍କୁ ଆମେରିକାକୁ ପ୍ରତ୍ୟର୍ପଣ କରାଯିବାକୁ ଅନୁମତି ଦେଇଥିଲେ।

ସୂଚନାଯୋଗ୍ୟ, ଆସେଞ୍ଜଙ୍କ ୱିକିଲିକ୍ସ ୨୦୧୦ରେ ଆମେରିକା ମିଲିଟାରିର ଏକ ଭିଡିଓ ପ୍ରକାଶ କରିଥିଲା। ୨୦୦୭ରେ ଆପାଚି ହେଲିକପ୍ଟର ଆକ୍ରମଣରେ ବାଗ୍‌ଦାଦରେ ୨ ଜଣ ରଏଟର୍ସ ଖବରଦାତାଙ୍କ ସମେତ ୧୨ ଜଣଙ୍କ ମୃତ୍ୟୁ ହୋଇଥିବା ସଂକ୍ରାନ୍ତରେ ଉକ୍ତ ଭିଡିଓରେ ଦେଖିବାକୁ ମିଳିଥିଲା। ଏଥିସହ ଆଫଗାନିସ୍ତାନ ଓ ଇରାକ ଯୁଦ୍ଧ ସହ ଜଡ଼ିତ ଆମେରିକାର ଅନେକ ଗୋପନୀୟ ପ୍ରତିରକ୍ଷା ଦସ୍ତାବିଜ୍ ମଧ୍ୟ ୱିକିଲିକ୍ସରେ ପ୍ରକାଶିତ ହୋଇଥିଲା। ସେବେଠାରୁ ସେ ଆମେରିକାର ୱାଣ୍ଟେଡ୍ ଲିଷ୍ଟରେ ଥିଲେ। ସ୍ୱିଡେନରେ ଆସେଞ୍ଜଙ୍କ ବିରୋଧରେ ବଳାତ୍କାର ଓ ଯୌନ ନିର୍ଯାତନା ଅଭିଯୋଗ ଆସିଥିଲା। ପ୍ରତ୍ୟର୍ପଣରୁ ରକ୍ଷା ପାଇବା ପାଇଁ ସେ ୨୦୧୨ରେ ଲଣ୍ଡନରେ ଥିବା ଇକ୍ୟୁଏଡର ଦୂତାବାସରେ ଆଶ୍ରୟ ନେଇଥିଲେ।


ପଶ୍ଚିମବଙ୍ଗର ନଦିଆରେ ଜଣେ ବୃଦ୍ଧା ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଜାତୀୟ ପତାକା ପ୍ରସ୍ତୁତି ଲାଗି ଚରଖାରେ ସୂତା କାଟୁଛନ୍ତି।

## ଦକ୍ଷିଣ-ପୂର୍ବ ଏସିଆରେ ସର୍ବାଧିକ ସଂକ୍ରମଣ ଭାରତରେ

ନୂଆଦିଲ୍ଲୀ,୨୪।୧

ଦକ୍ଷିଣ-ପୂର୍ବ ଏସିଆରେ ଗତ ସପ୍ତାହେ ମଧ୍ୟରେ କୋଭିଡ୍ ସଂକ୍ରମଣ ୧୫୦ ପ୍ରତିଶତ ବୃଦ୍ଧି ପାଇଛି। ମୁଖ୍ୟତଃ ଭାରତରେ ସର୍ବାଧିକ ମାମଲା ଚିହ୍ନଟ ହେଉଥିବାରୁ ଉକ୍ତ ଅଞ୍ଚଳରେ ସଂକ୍ରମଣ ବୃଦ୍ଧି ପାଉଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) କହିଛି। ସୋମବାର ଭାରତରେ ୩,୦୬,୦୬୪ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଡବ୍ଲ୍ୟୁଏଚ୍‌ଓ ରିପୋର୍ଟ ଅନୁଯାୟୀ ଜାନୁୟାରୀ ୨୩ରେ ଶେଷ ହୋଇଥିବା ସପ୍ତାହରେ ଭାରତରେ ୧୫,୯୪,୧୬୦ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ପୂର୍ବ ସପ୍ତାହରେ ଆକ୍ରାନ୍ତଙ୍କ ସଂଖ୍ୟା ଥିଲା ୬,୩୮,୮୭୨। ସେହିପରି ପୂର୍ବ ଭୂମଧ୍ୟସାଗରୀୟ ଅଞ୍ଚଳରେ ଗତ ସପ୍ତାହରେ ସର୍ବାଧିକ ସଂକ୍ରମଣ ମରକ୍କୋ, ଲେବାନନ୍ ଏବଂ ଟ୍ୟୁନିସିଆରେ ଦେଖାଦେଇଛି। ମରକ୍କୋରେ ୩୧,୭୦୧ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ଲେବାନନ୍‌ରେ ୪୫,୨୩୧ ଏବଂ ଟ୍ୟୁନିସିଆରେ ୧୩,୪୧୬ ଜଣ ସଂକ୍ରମିତ ହୋଇଛନ୍ତି, ଯାହା ପୂର୍ବ ସପ୍ତାହ ତୁଳନାରେ ୧୯୪ ପ୍ରତିଶତ ଅଧିକ। ବର୍ତ୍ତମାନ ସୁଦ୍ଧା କୋଭିଡ୍‌ର ନୂଆ ଭାରିଆଣ୍ଟ ଓମିକ୍ରନ୍ ୧୭୧ ଦେଶକୁ ବ୍ୟାପିଲାଣି।

### ହୁତି ବିଦ୍ରୋହୀଙ୍କ ମିଶାଇଲ ଖସାଇଲା ୟୁଏଇ

ଦୁବାଇ, ୨୪।୧

ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଏବଂ ହୁତି ବିଦ୍ରୋହୀଙ୍କ ମଧ୍ୟରେ ଲଢ଼େଇ ଦିନକୁ ଦିନ ତୀବ୍ର ହେବାରେ ଲାଗିଛି। ୟେମେନରେ ସକ୍ରିୟ ହୁତି ଗୋଷ୍ଠୀ ସୋମବାର ୟୁଏଇ ଉପରକୁ ଦୁଇଟି ବାଲିଷ୍ଟିକ୍ ମିଶାଇଲ କ୍ଷେପଣ କରିଥିଲା। ତେବେ ୟୁଏଇ ସେନା ପକ୍ଷରୁ ତାହାକୁ ସଫଳତାର ସହ ଖସାଇ ଦିଆଯାଇଛି। ଦୁଇଟି ଯାକ କ୍ଷେପଣାସ୍ତ୍ର ଆବୁ ଧାବିର ଦୁଇଟି ସ୍ଥାନରେ ପଡ଼ିଥିଲା। ଏଥିରେ କେହି ମୃତାହତ କିମ୍ବା କୌଣସି କ୍ଷତି ହୋଇ ନ ଥିବା ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏଥିସହ ଏକ ଏଫ୍-୧୬ ଫାଇଟର ଜେଟ୍ ୟେମେନରେ ବାଲିଷ୍ଟିକ୍ ମିଶାଇଲ ଲଞ୍ଚରକୁ ନଷ୍ଟ କରୁଥିବାର ଏକ ଭିଡିଓ ମନ୍ତ୍ରଣାଳୟ ଦ୍ୱାରା ଟୁଇଟରରେ ଶେୟାର କରାଯାଇଛି। ସୂଚନାଯୋଗ୍ୟ, ଗତ ୧୭ ତାରିଖରେ ଆବୁ ଧାବି ବିମାନବନ୍ଦରରେ ହୁତି ବିଦ୍ରୋହୀ କ୍ଷେପଣାସ୍ତ୍ର ଦ୍ୱାରା ଆକ୍ରମଣ କରିଥିଲେ। ଏଥିରେ ୨ ଭାରତୀୟଙ୍କ ସମେତ ୩ ଜଣଙ୍କ ମୃତ୍ୟୁ ଘଟିଥିଲା।

## ଟାଇୱାନକୁ ୩୯ ଯୁଦ୍ଧବିମାନ ପଠାଇଲା ଚାଇନା

ତାଇପେଇ,୨୪।୧

ତାଇୱାନ୍‌କୁ ଚାଇନା ୩୯ଟି ଯୁଦ୍ଧବିମାନ ପଠାଇଛି। ରବିବାର ରାତିରେ ଚାଇନା ସେଠାକୁ ୨୪ଟି ଜେ-୧୬, ୧୦ଟି ଜେ-୧୦ ଲଢ଼ୁଆ ଜେଟ୍ ସମେତ ଅନ୍ୟ ସହାୟକ ବିମାନ ଏବଂ ଇଲେକ୍ଟ୍ରୋନିକ୍ ଲଢ଼ୁଆ ଏୟାରକ୍ରାଫ୍ଟ ପଠାଇଥିବା ତାଇୱାନ୍ ପ୍ରତିରକ୍ଷା ମନ୍ତ୍ରଣାଳୟ ସୂତ୍ରରୁ ଜଣାପଡ଼ିଛି। ତାଇୱାନ୍ ମଧ୍ୟ ନିଜ ଜେଟ୍ ପଠାଇବା ସହ ପିପୁଲ୍ସ ଲିବରେଶନ ଆର୍ମି ବିମାନ ଉପରେ ନଜର ରଖିଛି। ତାଇୱାନ ସରକାର ନିୟମିତ ତଥ୍ୟ ପ୍ରକାଶ କରିବା ପରଠାରୁ ଦେଢ଼ବର୍ଷ ହେଲା ଉକ୍ତ ଅଞ୍ଚଳରେ ଚାଇନା ଯୁଦ୍ଧବିମାନ ପଇଁତରା ମାରୁଛି। ଗତବର୍ଷ ଅକ୍ଟୋବରରେ ବେଜିଂ ସେଠାକୁ ୫୬ ଲଢ଼ୁଆ ବିମାନ ପଠାଇଥିଲା।

୧୯୪୯ ଗୃହଯୁଦ୍ଧରେ ତାଇୱାନ୍ ଚାଇନାଠାରୁ ଅଲଗା ହୋଇଥିଲା। ତେବେ ତାଇୱାନକୁ ବେଜିଂ ନିଜର ବୋଲି ଦାବି କରିଆସୁଛି। ତେଣୁ ସେଠାରେ ତାଇୱାନ୍‌କୁ ସାର୍ବଭୌମ ରାଷ୍ଟ୍ର ଭାବେ ପରିଚୟ ଦେଲା ଭଳି କୌଣସି କାର୍ଯ୍ୟକୁ ବେଜିଂ ବିରୋଧ କରୁଛି। ଏହି ଦେଶକୁ ଅନ୍ୟମାନଙ୍କଠାରୁ ଅଲଗା ଓ ଭୟଭୀତ କରି ରଖିବା ଲାଗି ଚାଇନା ଉଭୟ କୂଟନୈତିକ ଓ ସାମରିକ ପଦକ୍ଷେପ ନେଉଛି। ୨୦୧୬ରେ ତାଇୱାନ ନାଗରିକମାନେ ସାଇ ଇଙ୍ଗ୍-ୱେନ୍‌ଙ୍କୁ ରାଷ୍ଟ୍ରପତି ନିର୍ବାଚିତ କରିବା ପରେ ଉତ୍ତେଜନା ବୃଦ୍ଧି ପାଇଛି।

## ସୋନିଆ, ମନମୋହନ ଷ୍ଟାର ପ୍ରଚାରକ

ନୂଆଦିଲ୍ଲୀ,୨୪।୧



### ୟୁପି ନିର୍ବାଚନ

ୟୁପି ବିଧାନସଭା ନିର୍ବାଚନ ପ୍ରଥମ ପର୍ଯ୍ୟାୟ ଲାଗି କଂଗ୍ରେସ ସୋମବାର ୩୦ ଜଣ ଷ୍ଟାର ପ୍ରଚାରକଙ୍କ ତାଲିକା ପ୍ରକାଶ କରିଛି। ଏଥିରେ ଦଳ ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ, ଏମ୍‌ପି ରାହୁଲ ଗାନ୍ଧୀ, ଏଆଇସିସି ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ପ୍ରମୁଖ ରହିଛନ୍ତି। ଗତବର୍ଷ କଂଗ୍ରେସରେ ସାମିଲ ହୋଇଥିବା ଜେଏନ୍‌ୟୁ ଛାତ୍ର ସଂସଦର ପୂର୍ବତନ ସଭାପତି କହ୍ନେୟା କୁମାରଙ୍କୁ ମଧ୍ୟ ତାରକା ପ୍ରଚାରକ ରଖାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଅଜୟ କୁମାର ଲାଲ୍ଲୁ, ଆରାଧନା ମିଶ୍ର 'ମୋନା', ଗୁଲାମ ନବୀ ଆଜାଦ, ଅଶୋକ ଗେହଲଟ, ଭୂପିନ୍ଦର ସିଂ ହୁଡା, ଭୂପେଶ ବଘେଲ, ସଲମାନ ଖୁର୍ସିଦ, ରାଜ ବବ୍ବର, ପ୍ରମୋଦ ତିୱାରୀ, ପି.ଏଲ୍. ପୁନିଆ, ସଚିନ ପାଇଲଟ ପ୍ରମୁଖ ରହିଛନ୍ତି। ଉତ୍ତରପ୍ରଦେଶରେ ଫେବୃୟାରୀ ୧୦ରୁ ମାର୍ଚ୍ଚ ୭ ପର୍ଯ୍ୟନ୍ତ ସାତ ପର୍ଯ୍ୟାୟରେ ମତଦାନ ହେବ।

### ଟିକା ନେଇ ନ ଥିଲେ ପରେଡ୍ ମନା

ନୂଆଦିଲ୍ଲୀ,୨୪।୧ (ପି.ଟି.)

ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ଯୋଗଦେବାକୁ ହେଲେ ଉଭୟ ଡୋଜ୍ କୋଭିଡ୍ ଟିକା ନେବା ବାଧ୍ୟତାମୂଳକ। ଟିକା ନେଇ ନ ଥିବା ବ୍ୟକ୍ତି ଏବଂ ୧୫ ବର୍ଷରୁ କମ୍ ପିଲାଙ୍କୁ ପରେଡ୍ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ଅନୁମତି ମିଳିବ ନାହିଁ ବୋଲି ଦିଲ୍ଲୀ ପୋଲିସ ପକ୍ଷରୁ ଜାରି ଗାଇଡ୍‌ଲାଇନରେ କୁହାଯାଇଛି। ରାଜପଥରେ ହେବାକୁ ଥିବା ପରେଡ୍ କାର୍ଯ୍ୟକ୍ରମରେ ମାସ୍କ ପିନ୍ଧିବା, ସାମାଜିକ ଦୂରତ୍ୱ ବଜାୟ ରଖିବା ଆଦି କୋଭିଡ୍ ପ୍ରୋଟୋକଲ୍ ପାଳନ କରିବାକୁ ହେବ। ଆମନ୍ତ୍ରିତ ବ୍ୟକ୍ତି ସାଙ୍ଗରେ ଟିକା ସାର୍ଟିଫିକେଟ ଆଣିବାକୁ ପୋଲିସ ଅନୁରୋଧ କରିଛି।

## ଜବତ ଅର୍ଥ ରିଲିଜ କରିବାକୁ ଦାବି

ଓସ୍ଲୋ, ୨୪।୧

### ୟୁରୋପରେ ତାଲିବାନ୍‌ର ପ୍ରଥମ ଅଧିକାରୀସ୍ତରୀୟ ବୈଠକ



ଗତବର୍ଷ ଅଗଷ୍ଟରେ ଆଫଗାନିସ୍ତାନକୁ କବ୍‌ଜା କରିବା ପରଠାରୁ ତାଲିବାନ୍ ପ୍ରଥମ ଥର ପାଇଁ ରବିବାର ରାତିରେ ୟୁରୋପରେ ଆରମ୍ଭ ହୋଇଥିବା ୩ ଦିନିଆ ଅଧିକାରୀସ୍ତରୀୟ ବୈଠକରେ ସାମିଲ ହୋଇଛି। ନରୱେ ରାଜଧାନୀ ଓସ୍‌ଲୋରେ ଆୟୋଜିତ ବୈଠକରେ ୟୁରୋପୀୟ ସଂଘ, ଆମେରିକା, ଫ୍ରାନ୍ସ, ଇଟାଲୀ ଓ ନରୱେ ପ୍ରତିନିଧି ଉପସ୍ଥିତ ଥିଲେ। ତାଲିବାନ୍ ପ୍ରତିନିଧି ଜାବିହୁଲ୍ଲା ମୁଜାହିଦ୍ ଏ ନେଇ ଏକ ଟୁଇଟ କରିଛନ୍ତି। ସମନ୍ୱୟ ଏବଂ ବୁଝାମଣା ଦ୍ୱାରା ଆଫଗାନିସ୍ତାନର ସମସ୍ୟା ଦୂର ହୋଇପାରିବ ବୋଲି ବିଭିନ୍ନ ଦେଶର ପ୍ରତିନିଧି କହିଛନ୍ତି। ଖାଦ୍ୟ ସଙ୍କଟ, ଅର୍ଥାଭାବ, ଭୀଷଣ ଥଣ୍ଡାରେ ଆଫଗାନ୍‌ବାସୀ ଦୟନୀୟ ଅବସ୍ଥାରେ ରହିଛନ୍ତି। ସେମାନଙ୍କୁ ସହାୟତା ପାଇଁ ବିଶ୍ୱ ସମୁଦାୟ ଆଗେଇ ଆସିବା ଉଚିତ। କୌଣସି ରାଜନୈତିକ ଦ୍ୱନ୍ଦ୍ୱ ଯୋଗୁ ଜନସାଧାରଣ ଅସୁବିଧା ନ ଭୋଗନ୍ତୁ ବୋଲି ସେ କହିଛନ୍ତି। ଆମେରିକା ସମେତ ଅନ୍ୟ ପାଶ୍ଚାତ୍ୟ ଦେଶରେ ରୋକା ଯାଇଥିବା ଆଫଗାନିସ୍ତାନ ଅର୍ଥକୁ ରିଲିଜ କରିବା ନିମନ୍ତେ ତାଲିବାନ୍ ପ୍ରତିନିଧି ଶାଫିଉଲ୍ଲା ଆଜମ ଅନୁରୋଧ କରିଛନ୍ତି। ଅନ୍ୟପକ୍ଷରେ ଜାତିସଂଘ ତାଲିବାନ ପ୍ରଶାସନକୁ କିଛି ଅର୍ଥ ପ୍ରଦାନ କରିବା ସହ ବିଦ୍ୟୁତ୍ ଓ ଅତ୍ୟାବଶ୍ୟକ ଜିନିଷ ଆମଦାନୀ ନିମନ୍ତେ ଅନୁମତି ଦେଇଛି।

## ବୁର୍କିନା ଫାସୋ ରାଷ୍ଟ୍ରପତି ବନ୍ଦୀ

ଓଉଆଗାଡୋଗୁ, ୨୪।୧


ରୋଚ୍ ମାର୍କ ଖ୍ରୀଷ୍ଟିଆନ କାବୋରେ।

### ଦେଶରେ ସେନା ବିଦ୍ରୋହ ଆଶଙ୍କା

ପଶ୍ଚିମ ଆଫ୍ରିକୀୟ ଦେଶ ବୁର୍କିନା ଫାସୋର ରାଷ୍ଟ୍ରପତି ରୋଚ୍ ମାର୍କ ଖ୍ରୀଷ୍ଟିଆନ କାବୋରେଙ୍କୁ ବିଦ୍ରୋହୀ ସୈନିକମାନେ ସୋମବାର ବନ୍ଦୀ କରିନେଇଛନ୍ତି। ଏ ନେଇ ୪ ପ୍ରମୁଖ ପ୍ରତିରକ୍ଷା ଉତ୍ସ ଏବଂ ପଶ୍ଚିମ ଆଫ୍ରିକାର ଜଣେ କୂଟନୀତିଜ୍ଞ ସୂଚନା ଦେଇଛନ୍ତି। ତେବେ ତାଙ୍କୁ କେଉଁଠି ରଖାଯାଇଛି ସେ ବାବଦରେ ଜଣାପଡ଼ିନାହିଁ। ଏହାପୂର୍ବରୁ ରବିବାର ରାଜଧାନୀ ଓଉଆଗାଡୋଗୁରେ ରାଷ୍ଟ୍ରପତିଙ୍କ ବାସଭବନ ନିକଟରେ ଗୁଳି ବିନିମୟ ହୋଇଥିଲା। ସେନା ଶିବିରରୁ ଏହି ଗୁଳିଚାଳନା କରାଯାଇଥିବା ଜଣାଯାଇଛି। ଏଥିଯୋଗୁ ରାଷ୍ଟ୍ରପତିଙ୍କ କନ୍‌ଭେରେ ସାମିଲ ହୋଇଥିବା ଗାଡ଼ିଗୁଡ଼ିକ କ୍ଷତିଗ୍ରସ୍ତ ହୋଇଥିବା ସୋମବାର ସକାଳେ ଦେଖିବାକୁ ମିଳିଥିଲା। କିନ୍ତୁ ସରକାରଙ୍କ ପକ୍ଷରୁ ଏହି ଗୁଳିଚାଳନା ଖବରକୁ ଖଣ୍ଡନ କରାଯାଇଥିଲା।

ରିପୋର୍ଟ ଅନୁସାରେ, ବୁର୍କିନା ଫାସୋରେ ସେନା ବିଦ୍ରୋହର ଆଶଙ୍କା ଉପୁଜିଛି। ବିଶେଷ କରି ଦେଶରେ ଆତଙ୍କବାଦ କାର୍ଯ୍ୟକଳାପ ବୃଦ୍ଧି ପାଇବାକୁ ନେଇ ସୈନିକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ୁଛି। ଆତଙ୍କବାଦୀ ଆକ୍ରମଣରେ ବହୁ ସଂଖ୍ୟାରେ ସାଧାରଣ ନାଗରିକ ଏବଂ ସୈନ୍ୟ ନିହତ ହେବାକୁ ନେଇ ଏହି ଅସନ୍ତୋଷ ତୀବ୍ର ରୂପ ଧାରଣ କରିଛି। ଆତଙ୍କବାଦୀଙ୍କ ମଧ୍ୟରେ ଅଧିକାଂଶଙ୍କ ଲିଙ୍କ୍ ଇସ୍‌ଲାମିକ ଷ୍ଟେଟ୍ (ଆଇଏସ୍) ଏବଂ ଅଲ୍-କାଏଦା ସହ ରହିଛି। ତେଣୁ ଇସ୍‌ଲାମୀୟ ଆତଙ୍କବାଦ ବିରୋଧରେ ଲଢ଼େଇ ପାଇଁ ସରକାର ଅଧିକ ସମର୍ଥନ ଓ ସହାୟତା ଯୋଗାଇଦେବାକୁ ଦାବି କରି ସେନା ବିଦ୍ରୋହ ମୁଣ୍ଡ ଟେକିଛି। ସେନା ବିଦ୍ରୋହ କରି ଶାସନ କ୍ଷମତାକୁ ନେବା ଚର୍ଚ୍ଚାକୁ ସରକାରଙ୍କ ପକ୍ଷରୁ ଖଣ୍ଡନ କରାଯିବା ସହ ସବୁକିଛି ନିୟନ୍ତ୍ରଣ ମଧ୍ୟରେ ଥିବା କୁହାଯାଇଛି। ଇସଲାମୀୟ ଆତଙ୍କବାଦୀ କାର୍ଯ୍ୟକଳାପ ଉପରେ ରୋକ ଲଗାଇବାରେ ରାଷ୍ଟ୍ରପତି କାବୋରେ ବିଫଳ ହୋଇଥିବା କହି ତାଙ୍କ ଇସ୍ତଫା ଦାବିରେ ରବିବାର ବହୁସଂଖ୍ୟାରେ ଲୋକ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସରକାର ବିରୋଧୀ ପ୍ରଦର୍ଶନକାରୀଙ୍କୁ ବିଦ୍ରୋହୀ ସୈନ୍ୟଙ୍କ ସମର୍ଥନ ମିଳୁଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୩୫,୩୨,୭୪,୪୩୬ | ୫୬,୧୭,୫୯୨ | ୨୮,୦୯,୬୧,୭୦୪ |
| ଭାରତ | ୩,୯୫,୪୩,୩୨୮ | ୪,୮୯,୮୯୬ | ୩,୬୮,୦୪,୧୪୫ |
| ଓଡ଼ିଶା | ୧୨,୧୧,୯୫୧ | ୮୫୨୫(+୫୩) | ୧୧,୩୧,୯୧୭ |

ସୋମବାର ରାତି ୧୨ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# ୨୬ରୁ ସାମାନ୍ୟ ବଢ଼ିବ ଶୀତ

ଭୁବନେଶ୍ୱର,୨୪।୧(ବ୍ୟୁରୋ)

ଆସନ୍ତା ଦିନେ ଦୁଇଦିନ ମଧ୍ୟରେ ରାଜ୍ୟରେ ୩ରୁ ୫ ଡିଗ୍ରୀ ପାରଦ ଖସିବ। ୨୬ ତାରିଖରୁ ଶୀତ ସାମାନ୍ୟ ବୃଦ୍ଧି ପାଇବ। ପାଗ ମୁଖ୍ୟତଃ ଶୁଖିଲା ରହିବ। ସେହିପରି ମଙ୍ଗଳବାର ଘନ କୁହୁଡ଼ି ନେଇ ୮ ଜିଲାକୁ ସତର୍କ ସୂଚନା ଜାରି କରାଯାଇଛି। ସେହି ଜିଲା ଗୁଡ଼ିକ ହେଲା ବଲାଙ୍ଗୀର, ସୁବର୍ଣ୍ଣପୁର, ବୌଦ୍ଧ, କନ୍ଧମାଳ, କଳାହାଣ୍ଡି, ଅନୁଗୋଳ, ଢେଙ୍କାନାଳ ଓ କେନ୍ଦୁଝରେ। ୨୬, ୨୭ ଓ ୨୮ ତାରିଖରେ ପାଗ ଶୁଖିଲା ରହିବା ସହ ଶୀତ ଅନୁଭୂତ ହେବ। ୨୬ ତାରିଖରେ କଳାହାଣ୍ଡି, କନ୍ଧମାଳ, ଗଜପତି, ଗଞ୍ଜାମ, ନୟାଗଡ଼, ଅନୁଗୋଳ, ଢେଙ୍କାନାଳ, ବୌଦ୍ଧ, ଖୋର୍ଦ୍ଧା ଏବଂ କଟକ ଜିଲାର କେତେକ ସ୍ଥାନରେ ଘନ କୁହୁଡ଼ି ହେବାର ସମ୍ଭାବନା ରହିଛି। ଏ ନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏଲୋ ୱାର୍ନିଂ ଜାରି କରାଯାଇଛି। ଗତ ୩୪ ଘଣ୍ଟା ମଧ୍ୟରେ ରାଜ୍ୟରେ କେତେକ ସ୍ଥାନରେ ବର୍ଷା ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ପାରାଦୀପରେ ସର୍ବାଧିକ ୩୬.୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

# ଗୋଷ୍ଠୀ ସଂକ୍ରମଣ ମୁହାଁ ଓଡ଼ିଶା

- ଦିନକରେ ୭,୨୯୧ ଚିହ୍ନଟ, ୫ ମୃତ
- କରୋନାରେ ଆଖି ବୁଜିଲେ ୧୩ ବର୍ଷର ଝିଅ

ଭୁବନେଶ୍ୱର, ୨୪।୧(ବ୍ୟୁରୋ)

ବିଭିନ୍ନ ରାଜ୍ୟରୁ ମିଳିଥିବାରୁ ତଥ୍ୟ ଅନୁସାରେ ଦେଶରେ ଓମିକ୍ରନର ଗୋଷ୍ଠୀ ସଂକ୍ରମଣ ହୋଇଥିବା କେନ୍ଦ୍ର ସରକାର କହିବା ପରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଏ ନେଇ ପ୍ରତିକ୍ରିୟା ରଖିଛି। ସୋମବାର ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି, ରାଜ୍ୟରେ ଏଯାଏ ଗୋଷ୍ଠୀ ସଂକ୍ରମଣ ହୋଇ ନାହିଁ। କିନ୍ତୁ ଓଡ଼ିଶା ଗୋଷ୍ଠୀ ସଂକ୍ରମଣ ମୁହାଁ ହୋଇଛି। ଗୋଷ୍ଠୀ ସଂକ୍ରମଣର ଅର୍ଥ ସ୍ଥାନୀୟ ଅଞ୍ଚଳରେ ଓମିକ୍ରନ୍ ସଂଖ୍ୟା ବଢ଼ିବା। ଆମ ରାଜ୍ୟରେ କେତେ ପ୍ରତିଶତ ସଂକ୍ରମଣ ହେଲାଣି ତାହା ଜାଣିବା ପାଇଁ ଅପେକ୍ଷା କରିବାକୁ ପଡ଼ିବ। କିଛିଦିନ ତଳେ ହୋଇଥିବା ଜିନୋମ ସିକ୍ୱେନ୍ସିଂ ଅନୁସାରେ ୬୦ ପ୍ରତିଶତ ଓମିକ୍ରନ ଥିଲା। ବାହାର ଦେଶକୁ ବିନା ଯାତ୍ରାରେ ଯଦି ଗୋଟିଏ ସ୍ଥାନରେ ରୋଗ ଓ ରୋଗୀ ସଂଖ୍ୟା ବଢୁଛି, ତାହାହେଲେ ଗୋଷ୍ଠୀ ସଂକ୍ରମଣ ହୋଇଛି ବୋଲି ସେ କହିଛନ୍ତି।

ସେପଟେ ରାଜ୍ୟରେ ପୁଣି ଦୈନିକ ସଂକ୍ରମଣ ହାର ବଢ଼ିଛି। ଗତ ୨୪ ଘଣ୍ଟାରେ ୬୧,୯୬୯ ନମୁନା ପରୀକ୍ଷା କରାଯାଇଥିବାବେଳେ ୭,୨୯୧ଜଣ ପଜିଟିଭ୍ ବାହାରିଛନ୍ତି। ସଂକ୍ରମଣ ହାର ୧୧.୭୭%କୁ ବୃଦ୍ଧି ପାଇଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ଖୋର୍ଦ୍ଧାରୁ ୧,୭୦୫ଜଣ ଥିବାବେଳେ ସୁନ୍ଦରଗଡ଼ରୁ ୬୪୬, କଟକ ୫୬୧, ବାଲେଶ୍ୱର ୩୪୩, ମୟୂରଭଞ୍ଜ ୨୨୯, ନବରଙ୍ଗପୁର ୧୪୮, ନୟାଗଡ଼ ୧୯୨, ନୂଆପଡ଼ା ୧୬୦, ପୁରୀ ୧୧୬, ରାୟଗଡ଼ା ୨୯୫, ସମ୍ବଲପୁର ୧୭୬, ସୋନପୁର ୨୮୨, ବଲାଙ୍ଗୀର ୨୧୮, ଯାଜପୁର ୨୦୩, ଅନୁଗୋଳ ୧୮୩, ଜଗତ୍‌ସିଂହପୁର ୧୨୧, କଳାହାଣ୍ଡି ୧୭୩, କେନ୍ଦୁଝର ୧୩୨, ବରଗଡ଼ ୧୩୦, କୋରାପୁଟ ୧୧୧ ଓ କେନ୍ଦ୍ରାପଡ଼ାରୁ ୧୦୯ଜଣ ରହିଛନ୍ତି। ଫଳରେ ମୋଟ ସଂକ୍ରମଣ ୧୨,୧୧,୯୫୧କୁ ବୃଦ୍ଧି ପାଇଛି। ଅପରପକ୍ଷେ ରାଜ୍ୟରେ ଆଉ ୫ଜଣ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ସମସ୍ତେ ମହିଳା ହୋଇଥିବାବେଳେ ଭୁବନେଶ୍ୱରରୁ ଦୁଇଜଣ, କଟକ, କେନ୍ଦୁଝର ଓ ସୁନ୍ଦରଗଡ଼ରୁ ଜଣେ ଲେଖାଏ ରହିଛନ୍ତି। ତେବେ କଟକ ମୃତକ ଜଣକ ୧୩ ବର୍ଷର ନାବାଳିକା ବୋଲି ସ୍ୱାସ୍ଥ୍ୟ ବିଭାଗ ତଥ୍ୟରୁ ଜଣାପଡିଛି। ଏମାନଙ୍କୁ ମିଶାଇ କରୋନାଜନିତ ମୃତ୍ୟୁ ୮,୫୨୫ରେ ପହଞ୍ଚିଛି।

# ଜାଲ୍ ଦିବ୍ୟାଙ୍ଗ ପ୍ରମାଣପତ୍ର ଦେଇଥିଲେ କାର୍ଯ୍ୟାନୁଷ୍ଠାନ

**ଭଦ୍ରକ ନାମଲେଖା କେଲେଙ୍କାରୀ ପରେ ଚେତା ପଶିଲା**

- ସମସ୍ତ ଦିବ୍ୟାଙ୍ଗ ପ୍ରମାଣପତ୍ର ଯାଞ୍ଚ ନିର୍ଦ୍ଦେଶ
- ଧରାପଡ଼ିଲେ ନାମଲେଖା ରଦ୍ଦ, ମାମଲା ରୁଜୁ ହେବ
- କଲେଜ ଅଧ୍ୟକ୍ଷଙ୍କୁ ଉଚ୍ଚଶିକ୍ଷା ବିଭାଗର ଚିଠି

ଭୁବନେଶ୍ୱର, ୨୪।୧(ବ୍ୟୁରୋ)

ଜାଲ୍ ଦିବ୍ୟାଙ୍ଗ ପ୍ରମାଣପତ୍ର ଦେଇ ନାମ ଲେଖାଇଥିଲେ ଏଣିକି ଛାତ୍ରୀଛାତ୍ରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବ। ୨୦୧୯-୨୦, ୨୦୨୦-୨୧, ୨୦୨୧-୨୨ ଶିକ୍ଷାବର୍ଷରେ ବିଭିନ୍ନ ଉଚ୍ଚଶିକ୍ଷା ଅନୁଷ୍ଠାନରେ ନାମ ଲେଖାଇଥିବା ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ପ୍ରମାଣପତ୍ରର ପୁନଃ ଯାଞ୍ଚ କରାଯିବ। ଜାଲ୍ ବୋଲି ପ୍ରମାଣିତ ହେଲେ ତୁରନ୍ତ ସେମାନଙ୍କ ଆଡ୍‌ମିଶନ୍ ରଦ୍ଦ କରିଦିଆଯିବ। ଏହାସହ ସ୍ଥାନୀୟ ଥାନାରେ ସମ୍ପୃକ୍ତ ବିଦ୍ୟାର୍ଥୀଙ୍କ ବିରୋଧରେ ମାମଲା ରୁଜୁ କରାଯିବ। ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜାଲ୍ ଦିବ୍ୟାଙ୍ଗ ପ୍ରମାଣପତ୍ରରେ ନାମଲେଖା ହୋଇଥିବା ତଦନ୍ତରୁ ଜଣାପଡିବା ପରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏଭଳି ନିର୍ଦ୍ଦେଶ ଦିଆଯାଇଛି। ସୋମବାର ବିଭାଗୀୟ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଏ ନେଇ ବିଭାଗ ଅଧୀନରେ ଥିବା ସମସ୍ତ ସରକାରୀ/ବେସରକାରୀ/ସେଲ୍‌ଫ ଫାଇନାନ୍ସିଂ କଲେଜ ଅଧ୍ୟକ୍ଷଙ୍କୁ ଚିଠି ଲେଖିଛନ୍ତି। ଉକ୍ତ ଚିଠିରେ ଉଲ୍ଲେଖ କରାଯାଇଛି, ଜାଲ୍ ଦିବ୍ୟାଙ୍ଗ ପ୍ରମାଣପତ୍ରରେ ଭଦ୍ରକ କଲେଜରେ କେତେଜଣ ଛାତ୍ର ନାମ ଲେଖାଇଥିବା ଘଟଣା ବିଭାଗର ନଜରକୁ ଆସିଛି। ଏହି ବିଷୟ ନେଇ ଏବେ ତଦନ୍ତ ଚାଲିଛି। ତଦନ୍ତ ପରେ ସମ୍ପୃକ୍ତ ଛାତ୍ରୀଛାତ୍ରଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ ଅନ୍ୟ କୌଣସି ସ୍ଥାନରେ ଏପରି ଜାଲିଆତି ସମ୍ପର୍କରେ ଜାଣିବା ଲାଗି ଦିବ୍ୟାଙ୍ଗ ପ୍ରମାଣପତ୍ରର ଯାଞ୍ଚ ନିର୍ଦ୍ଦେଶ ଦିଆଯାଇଛି। ସମ୍ପୃକ୍ତ ଜିଲାର ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ)ଙ୍କ ଜରିଆରେ ଏସବୁ ଯାଞ୍ଚ କରାଯିବ। ଜାଲ୍ ଜଣାପଡିଲେ ସମ୍ପୃକ୍ତ ବିଦ୍ୟାର୍ଥୀଙ୍କ ନାମଲେଖାକୁ ରଦ୍ଦ ପାଇଁ ଉପଯୁକ୍ତ ପଦକ୍ଷେପ ନିଆଯିବ। ଏପରିକି ଜାଲିଆତି କରିଥିବା ବିଦ୍ୟାର୍ଥୀଙ୍କ ବିରୋଧରେ ଏତଲା ରୁଜୁ କରିବାକୁ ମଧ୍ୟ ନିର୍ଦ୍ଦେଶ ରହିଛି।

ସୂଚନାଯୋଗ୍ୟ, ଭଦ୍ରକ କଲେଜରେ ଜାଲ୍ ଦିବ୍ୟାଙ୍ଗ ପ୍ରମାଣପତ୍ର ଦେଇ ନାମ ଲେଖାଇଥିବା ନେଇ ଅଭିଯୋଗ ଉଠିଥିଲା। ୮୦ ପ୍ରତିଶତ ମାର୍କ ରଖି ପିଲା ବାଦ୍ ପଡିଥିବାବେଳେ ୪୦ ପ୍ରତିଶତ ମାର୍କ ରଖିଥିବା ପିଲା କଲେଜରେ ନାମ ଲେଖାଇଥିବା ଜଣାପଡିଥିଲା। ଏହାର ପ୍ରତିବାଦରେ ଏବିଭିପି ଆନ୍ଦୋଳନକୁ ଓହ୍ଲାଇବା ସହ ଭଦ୍ରକ କଲେଜ ନାମଲେଖା କେଲେଙ୍କାରୀ ମାମଲାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରିବାକୁ ଦାବି ହୋଇଥିଲା। ଏପରିକି ଗତ ୪ ବର୍ଷ ମଧ୍ୟରେ ପ୍ରାୟ ୨ ଶହରୁ ଅଧିକ ପିଲା ଏଭଳି ଜାଲ୍ ସାର୍ଟିଫିକେଟ୍ ଦେଖାଇ ଭଦ୍ରକ କଲେଜରେ ଆଡ୍‌ମିଶନ କରିଥିବା ବିଭିନ୍ନ ରାଜନୈତିକ ଦଳ ଅଭିଯୋଗ ଆଣିଥିଲେ। ଯେଉଁମାନେ ଏଭଳି ମିଥ୍ୟା ସାର୍ଟିଫିକେଟ୍ ଦେଇଛନ୍ତି ସେମାନଙ୍କ ସାର୍ଟିଫିକେଟ୍ ଯାଞ୍ଚ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବି କରାଯାଇଥିଲା।









**ଆଜିର ମନ୍ତବ୍ୟ**

"କୋଭିଡ୍ ସମୟରେ ଦେଶରେ ଗରିବ ଏବଂ ମଧ୍ୟବିତ୍ତ ବର୍ଗର ଲୋକେ 'ଆର୍ଥିକ ମହାମାରୀ'ର ଶିକାର ହୋଇଛନ୍ତି। ଧନୀ ଏବଂ ଗରିବଙ୍କ ମଧ୍ୟରେ ବ୍ୟବଧାନ ବୃଦ୍ଧିର ଶ୍ରେୟ କେନ୍ଦ୍ର ସରକାରଙ୍କୁ ଯାଉଛି।

– ରାହୁଲ ଗାନ୍ଧୀ, କଂଗ୍ରେସ ନେତା

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ଇଶାନ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଶୁଖା ଶ୍ରାବଣ, ଧୂଳିଆ ଭୋଦୁଅ,**
**ଅଶିଣ ମାସରେ ନ ଲାଗଇ କାଦୁଅ।**

ଚାଷ ପାଇଁ ବର୍ଷାର ଆବଶ୍ୟକତା ରହିଥିବାବେଳେ ସେଥିରେ ଯଦି ବ୍ୟତିକ୍ରମ ଦେଖାଦିଏ ତେବେ ଚାଷୀ ପାଇଁ ଚାଷ କରିବା କଷ୍ଟକର ହୋଇପଡ଼େ। ପ୍ରକୃତି ଆଗରେ ମଣିଷ କିଂକର୍ତ୍ତବ୍ୟବିମୂଢ଼ ହୋଇଯାଇଥାଏ। ଉପରୋକ୍ତ ବର୍ଣ୍ଣିତ ଅବସ୍ଥା ଚାଷ ପାଇଁ ଦୁର୍ଦ୍ଦଶା ଆଣୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଶାଶୁ ଅନ୍ଧୁଣୀ ବୋହୂ କାଣୀ,**
**ନଣନ୍ଦ ଆଖିରେ ଫୁଲା;**
**ଘର ଚାରିପାଖେ ଖୋଜି ଅଇଲେ,**
**ନ ପାଇଲେ ଚୂନା କୁଲା।**

ସାଧାରଣତଃ ପ୍ରତ୍ୟେକ ଜିନିଷକୁ ଦେଖିବା ଲାଗି ଦୃଷ୍ଟିଶକ୍ତି ରହିବା ଜରୁରୀ ହୋଇଥିବା ବେଳେ ଦୃଷ୍ଟିହୀନ ବ୍ୟକ୍ତି ଏଥିରୁ ବଞ୍ଚିତ ହୋଇଥାନ୍ତି। ଏଭଳି ବ୍ୟକ୍ତି ନିଜର ଦୈନନ୍ଦିନ କାର୍ଯ୍ୟ କରିବାରେ ନିଜକୁ ଅସହାୟ ମନେକରୁଥିବା ବେଳେ ସର୍ବଦା ପର ଉପରେ ନିର୍ଭର କରିଥାନ୍ତି। ଆଖି ଦୋଷରୁ ଜିନିଷ ଦେଖା ନ ଯିବାର ପରିଣତିକୁ ଏଠାରେ ବର୍ଣ୍ଣନା କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ବିକଶିତ ହେବ ଅଣଆକାଂକ୍ଷା ଜିଲା

## ନୀତି ଆୟୋଗ ତାଲିକାରେ ସାମିଲ ହେଲା ଆଉ ୯ ଜିଲା

**ଭୁବନେଶ୍ୱର,୨୪।୧(ବ୍ୟୁରୋ)**




ଅନୁନ୍ନତ ଜିଲାର ବିକାଶ ପାଇଁ ଆଂକାକ୍ଷା ଯୋଜନାରେ କେନ୍ଦ୍ର ସରକାର ଓଡ଼ିଶାର ୧୦ଜିଲାକୁ ସାମିଲ କରିଥିଲେ। ଏବେ ଏବେ ଅଣଆକାଂକ୍ଷା ଜିଲାର ସ୍ୱତନ୍ତ୍ର ବିକାଶ ଉପରେ ଧ୍ୟାନ ଦିଆଯିବାକୁ ନିଷ୍ପତ୍ତି ନିଆଯାଇଛି। ଉକ୍ତ ଜିଲାଗୁଡ଼ିକୁ ନୀତି ଆୟୋଗ ପ୍ରତ୍ୟକ୍ଷ ତଦାରଖ କରିବେ। ଏହି କ୍ରମରେ ନିକଟରେ କେନ୍ଦ୍ର ସରକାର ଓଡ଼ିଶାର ୯ ଅଣଆକାଂକ୍ଷା ଜିଲାର ବିକାଶ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେଗୁଡ଼ିକ ହେଲା ମୟୂରଭଞ୍ଜ, ବାଲେଶ୍ୱର, ଯାଜପୁର, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ପୁରୀ, ନୟାଗଡ଼, ଗଞ୍ଜାମ ଓ ସମ୍ବଲପୁର। ପୂର୍ବରୁ ବଲାଙ୍ଗୀର, ଗଜପତି, କଳାହାଣ୍ଡି, କନ୍ଧମାଳ, ମାଲକାନଗିରି, ରାୟଗଡ଼ା, କୋରାପୁଟ, ନବରଙ୍ଗପୁର, ନୂଆପଡ଼ା, ଏବଂ ଢେଙ୍କାନାଳକୁ ଆକାଂକ୍ଷା ଜିଲାରେ ତାଲିକାଭୁକ୍ତ କରାଯାଇଛି। ଫଳରେ ଏବେ ୩୦ ଜିଲାରୁ ୧୯ଜିଲାର ବିକାଶମୂଳକ କାର୍ଯ୍ୟ ନୀତି ଆୟୋଗଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରହିବ। ସେହି ଜିଲାଗୁଡ଼ିକର କିପରି ବିକାଶ ହୋଇପାରିବ ସେ ଦିଗରେ ସ୍ୱତନ୍ତ୍ର ଧ୍ୟାନ ଦିଆଯିବ। ବିଶେଷକରି ଅଣଆକାଂକ୍ଷା ଜିଲାଗୁଡ଼ିକର ବିକଶିତ ସମ୍ଭାବନା କ୍ଷେତ୍ରକୁ ଅଧିକ ଗୁରୁତ୍ୱ ଦିଆଯିବ। କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ଅଧୀନରେ ଜିଲାଗୁଡ଼ିକର ବିକାଶ ପାଇଁ ସ୍ୱତନ୍ତ୍ର ଗାଇଡ୍ ଲାଇନ ପ୍ରସ୍ତୁତ କରାଯିବ। କେନ୍ଦ୍ର ସରକାର ବୈଷୟିକ ସହାୟତା ଦେବା ସହ ଆର୍ଥିକ ସହାୟତା ମଧ୍ୟ ଯୋଗାଇ ଦେବେ।

ମୟୂରଭଞ୍ଜ ଜିଲାକୁ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ଚିହ୍ନଟ କରିଥିବାବେଳେ କୃଷି ମନ୍ତ୍ରଣାଳୟ ବାଲେଶ୍ୱର ଜିଲା ଉପରେ ଫୋକସ କରିବ। ସେହିପରି ଉପକୂଳବର୍ତ୍ତୀ ଜିଲା ଯାଜପୁର, ଜଗତ୍‌ସିଂହପୁର, ପୁରୀ, କେନ୍ଦ୍ରାପଡ଼ା ଜିଲାକୁ ପ୍ରାଣୀ ସମ୍ପଦ ଓ ଗୋପାଳନ ବିଭାଗ ତଦାରଖ କରିବ। ଏହି ଜିଲାଗୁଡ଼ିକରେ ପ୍ରାଥମିକ କ୍ଷେତ୍ରଗୁଡ଼ିକୁ ବିକଶିତ କରାଯାଇ ଚାଷୀମାନଙ୍କ ଆୟକୁ ଦ୍ୱିଗୁଣିତ କରାଯିବ। ଓଡ଼ିଶା ହେଉଛି ପ୍ରଥମ ରାଜ୍ୟ, ଯାହାକି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ କ୍ଷେତ୍ରରେ ଚାଷୀମାନଙ୍କ ଆୟକୁ ଦ୍ୱିଗୁଣିତ କରିପାରିଛି। ସେହିପରି ଜଳ ଶକ୍ତି ମିଶନରେ ନୟାଗଡ଼ ଏବଂ ଗଞ୍ଜାମ ଜିଲାକୁ ପର୍ଯ୍ୟଟନ ମନ୍ତ୍ରଣାଳୟ ତାଲିକାଭୁକ୍ତ କରାଯାଇଛି। ସମ୍ବଲପୁର ଜିଲାକୁ ଶିକ୍ଷା ମନ୍ତ୍ରଣାଳୟ ଅଧୀନରେ ଥିବା ସ୍କୁଲ, ଶିକ୍ଷା ଓ ସାକ୍ଷରତା ବିଭାଗ ତାଲିକାଭୁକ୍ତ କରାଯାଇଛି। ଏନେଇ ନୀତି ଆୟୋଗ ରାଜ୍ୟ ସରକାରଙ୍କୁ ସୂଚନା ଦେଇଛି।

ସୂଚନାଯୋଗ୍ୟ ଯେ, ୨୦୧୮ରେ ନୀତି ଆୟୋଗଙ୍କ ଦ୍ୱାରା ଘୋଷଣା କରାଯାଇଥିବା ୧୦ଆକାଂକ୍ଷା ଜିଲାକୁ ସ୍ୱତନ୍ତ୍ର ଧ୍ୟାନ ଦେବା ନିମନ୍ତେ ରାଜ୍ୟ ସରକାର ୧୦ଜଣ ସଚିବ ସ୍ତରର ବରିଷ୍ଠ ଅଧିକାରୀଙ୍କୁ ନୋଡାଲ ଅଫିସର ଭାବେ ନିଯୁକ୍ତି ଦେଇଛନ୍ତି। ଏଥିସହିତ ଜଣେ ରାଜ୍ୟସ୍ତରର ନୋଡାଲ ଅଫିସର ମଧ୍ୟ ନିଯୁକ୍ତ ହୋଇଛନ୍ତି। ନୋଡାଲ ଅଫିସର ନୀତି ଆୟୋଗ, ରାଜ୍ୟ ସରକାର ଏବଂ ଜିଲା ପ୍ରଶାସନ ସହ ଜିଲାର ବିକାଶମୂଳକ କାର୍ଯ୍ୟକ୍ରମଗୁଡ଼ିକୁ ନେଇ ସମନ୍ୱୟ ରକ୍ଷା କରିବେ। ନିଯୁକ୍ତ ବରିଷ୍ଠ ଅଧିକାରୀମାନେ ନିଜ ଜିଲାକୁ ପ୍ରତ୍ୟେକ ମାସରେ ୨ ଦିନ ଗସ୍ତ କରି ଆକାଂକ୍ଷା ଜିଲା ଯୋଜନାରେ ହେଉଥିବା ବିକାଶମୂଳକ କାର୍ଯ୍ୟକ୍ରମର ତଦାରଖ କରିବେ। ସେହିସବୁ ଜିଲାରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ପୁଷ୍ଟି, ଦକ୍ଷତା ବିକାଶ, କୃଷି କ୍ଷେତ୍ରର ବିକାଶ ଦିଗରେ ପଦକ୍ଷେପ ନିଆଯାଉଛି। ପ୍ରତ୍ୟେକ ଜିଲାର ବିକାଶ ପାଇଁ ସ୍ୱତନ୍ତ୍ର ଭାବେ ୧କୋଟି ଟଙ୍କାର କର୍ପସ ପାଣ୍ଠି ଗଠନ କରାଯାଇଛି। କେନ୍ଦ୍ର ସରକାର ମଧ୍ୟ ଆକାଂକ୍ଷା ଜିଲାଗୁଡ଼ିକର ତଦାରଖ କରିବାକୁ ୧୦ଜଣ ପ୍ରଭାରୀ ଅଧିକାରୀଙ୍କୁ ନିଯୁକ୍ତି ଦେଇଛନ୍ତି। ସମଗ୍ର ଦେଶରେ ୧୧୨ ଆକାଂକ୍ଷା ଜିଲା ଥିବାବେଳେ ଏବେ ଏଥିରେ ଆଉ ୩୦ ଜିଲାକୁ ସାମିଲ କରାଯାଇଛି। ଓଡ଼ିଶା ସମେତ ଦେଶରେ ୧୪୨ ଜିଲାର ସ୍ୱତନ୍ତ୍ର ବିକାଶ ଉପରେ କେନ୍ଦ୍ର ସରକାର ଧ୍ୟାନ ଦେବେ। ଆକାଂକ୍ଷା ଭଳି ଅଣ ଆକାଂକ୍ଷା ଜିଲାଗୁଡ଼ିକୁ ମଧ୍ୟ ଅନୁରୂପ ଭାବେ ତଦାରଖ କରାଯିବ। ନିକଟରେ ପ୍ରଧାନମନ୍ତ୍ରୀ ବିଭିନ୍ନ ରାଜ୍ୟର ବରିଷ୍ଠ ଅଧିକାରୀଙ୍କୁ ନୂତନଭାବେ ସାମିଲ ହୋଇଥିବା ଜିଲାଗୁଡ଼ିକ ଉପରେ ବିଶେଷ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଛନ୍ତି। ଜିଲାଗୁଡ଼ିକର କେଉଁ କ୍ଷେତ୍ରକୁ ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ ସେ ନେଇ ଜିଲାପାଳ ଏବଂ ସ୍ୱତନ୍ତ୍ର ନିଯୁକ୍ତ ଅଧିକାରୀମାନେ କେନ୍ଦ୍ର ସରକାରଙ୍କୁ ରିପୋର୍ଟ ଦେବେ। ରାଜ୍ୟ ସରକାରଙ୍କ ସହ ମିଶି ନୂତନ ଭାବେ ସାମିଲ ହୋଇଥିବା ଜିଲାଗୁଡ଼ିକର ବିକାଶ ଦିଗରେ କାର୍ଯ୍ୟ କରିବାକୁ ବିଭିନ୍ନ ମନ୍ତ୍ରଣାଳୟକୁ ପ୍ରଧାନମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ତେବେ ନୀତି ଆୟୋଗଙ୍କ ତାଲିକାରେ ନୂତନ ଭାବେ ସାମିଲ ହୋଇଥିବା ରାଜ୍ୟର ଅଣ ଆକାଂକ୍ଷା ଜିଲାଗୁଡ଼ିକ ପାଇଁ କେନ୍ଦ୍ର ସରକାର ଗାଇଡ୍‌ଲାଇନ ପ୍ରସ୍ତୁତ କଲା ପରେ ଏଦିଗରେ ପଦକ୍ଷେପ ନିଆଯିବ ବୋଲି ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା କହିଛନ୍ତି।

# ନିରଞ୍ଜନଙ୍କୁ କରୋନା, ଆଶୁ ଆରୋଗ୍ୟ କାମନାକଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୪।୧(ବ୍ୟୁରୋ)**



ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କରୋନାରେ ସଂକ୍ରମିତ ହୋଇଛନ୍ତି। ଏନେଇ ନିରଞ୍ଜନ ସୋମବାର ସକାଳୁ ଟୁଇଟ୍ କରି ସୂଚନା ଦେଇଛନ୍ତି। ସେ ତାଙ୍କ ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି, ଯେଉଁମାନେ କିଛିଦିନ ମଧ୍ୟରେ ତାଙ୍କ ସମ୍ପର୍କରେ ଆସିଛନ୍ତି ସେମାନେ କରୋନା କଟକଣା ମାନିବା ସହ ଯତ୍ନବାନ ହେବା ପାଇଁ ନିରଞ୍ଜନ ଅନୁରୋଧ କରିଛନ୍ତି। ନିରଞ୍ଜନଙ୍କ କରୋନା ପଜିଟିଭ ଖବର ଆସିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ତାଙ୍କ ଆଶୁ ଆରୋଗ୍ୟ ସହ ଉତ୍ତମ ସ୍ୱାସ୍ଥ୍ୟ କାମନା କରିଛନ୍ତି।


# classifieds Everyday 0674-2580101, 2549302

real estate

**SALE**

Plot for Sale at Chhatabar per sq.ft @99/-. 8249017091, 9937816565. D-22928

ଭୁବନେଶ୍ୱର ଜଟଣୀଗେଟ୍ ନିକଟରେ sqft.- 280/-, ନଖରା ତ୍ରିନାଥବଜାର sqft.- 220/- (outright). 9556055607. D-22922

ଭୁବନେଶ୍ୱର ଭିଙ୍ଗାରପୁର **Oxford College** ଛକ ନିକଟରେ ମୁଖ୍ୟ ପିଚୁରାସ୍ତାକୁ ଲାଗି ସଙ୍ଗେ ସଙ୍ଗେ ଘର କଲାଭଳି ଘରବାଡ଼ି ପ୍ଲଟ୍ ବିକ୍ରିହେବ । **6370025920, 9937674302.** D-71774

ସୁନ୍ଦରପଦାରୁ-ଜଟଣୀ ଏବଂ କାଟେଣୀରୁ-ପିତାପଲ୍ଲୀ ରୋଡ୍‌ରେ immediately ଘର କଲାଭଳି ପ୍ଲଟ୍ ଦିଆଯାଉଛି। 9938016295. D-71782

ଜାଗା କିଣି ତୁରନ୍ତ ଘର କରନ୍ତୁ ଭୁବନେଶ୍ୱର ନୂଆ ରେଲ୍‌ୱେଷ୍ଟେସନ୍ ପାଖରେ **yellowzone sqft.- 550/-,** ଚନ୍ଦକା **NH** ପାଖରେ ଘରବାଡ଼ି ପ୍ଲଟ୍ **sqft.- 1100/-,** ବାରଙ୍ଗରୁ ତ୍ରିଶୂଳିଆ **NH** ପାଖରେ **sqft.- 1300/-. 7539895510.** D-71780

ଭୁବନେଶ୍ୱର Gita/ Gandhi କଲେଜରୁ 1K.M. BDA Satellitecityକୁ ଲାଗି 30' ରାସ୍ତା ଥାଇ boundary plot sqft.- 700/- କିଣନ୍ତୁ। 9348767829. D-71784

Private plot for sale Patrapada & Kolathia Khandagiri yellowzone 999/-. 9437335686, 7008487006. D-22909

ଭୁବନେଶ୍ୱର ହଂସପାଳ ଛକରୁ **8K.M.** ଦୂରତାରେ ଭିଙ୍ଗାରପୁରରେ **100Nos 3BHK duplex with modern facilities. 9658122456, 8327785834.** D-71781

healthcare

Newly Open Saikrupa Panchakarma Spa positively health benefits with Expert. 8984068077. D-22888

Full body massage, refresh your mind, relaxed by expert Lady Therapist. 8480939300. D-22828

Newly opening SPA positively health benefits with expert therapist. 8917332216. D-71932

Newly open full body massage ladies and gents. 8327740003. D-71853

**AFFIDAVIT**

By virtue of an affidavit before Notary, Bhubaneswar, Nami Mani Mohanta and Sasmita Mohanty both are same and one person. D/o- Surendra Mohanta, resident of At- Bhandarikula, PO.- Paunsia, Dist.- Mayurbhanj. D-22931

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



## କୃତିତ୍ୱ



ଓମ୍ ପ୍ରକାଶ ସାହୁ, ପିତା: ଅଶୋକ କୁମାର ସାହୁ, ଶ୍ରୀରଘୁନାଥ ବିଦ୍ୟାମନ୍ଦିର, ଟିକରପଡ଼ା, ଦିଗପହଣ୍ଡି ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷାରେ, ବ୍ଲକରେ ପ୍ରଥମ।



ଦୀପ୍ତିମୟୀ ମିଶ୍ର, ପିତା: ଅଶ୍ୱିନୀ କୁମାର ମିଶ୍ର, ସାମସିଂ ଶାସନ, ଶ୍ରୀରଘୁନାଥ ବିଦ୍ୟାମନ୍ଦିର, ଟିକରପଡ଼ା, ଦିଗପହଣ୍ଡି, ପଠାଣିସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷାରେ, ବ୍ଲକରେ ଦ୍ୱିତୀୟ ।



ଅଙ୍କିତା ପ୍ରଧାନ, ପିତା: ବୁଦ୍ଧୁ ପ୍ରଧାନ, ତଳପଡ଼ା, ଶ୍ରୀରଘୁନାଥ ବିଦ୍ୟାମନ୍ଦିର, ଟିକରପଡ଼ା, ଦିଗପହଣ୍ଡି ବ୍ଲକ। ପଠାଣି ସାମନ୍ତ ମେଧାବୃତ୍ତି ପରୀକ୍ଷାରେ, ବ୍ଲକରେ ଅଷ୍ଟମ ସ୍ଥାନ ।



ଉତ୍ତମ ପ୍ରଧାନ, ପିତା: ସନ୍ତୋଷ ପ୍ରଧାନ, ଭ୍ରମରପୁର, ଶ୍ରୀରଘୁନାଥ ବିଦ୍ୟାମନ୍ଦିର, ଟିକରପଡ଼ା, ଦିଗପହଣ୍ଡି, ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷାରେ, ବ୍ଲକରେ ନବମ ସ୍ଥାନ ।

ଧ-୨୨୯୩୭


# ଓମିକ୍ରନ୍ ଶେଷ ଭାରିଆଣ୍ଟ ନୁହେଁ: ଡବ୍ଲ୍ୟୁଏଚ୍‌ଓ

**ନୂଆଦିଲ୍ଲୀ,୨୪।୧**



ମାରିଆ ଭାନ୍ କେର୍‌ଖୋଭ

**ଏବେବି ୩ ବିଲିୟନ ନେଇ ନାହାନ୍ତି ପ୍ରଥମ ଡୋଜ୍ ଟିକା**

କୋଭିଡ୍-୧୯ର ନୂଆ ଭାରିଆଣ୍ଟ ସାରା ବିଶ୍ୱକୁ ବ୍ୟାପିଲାଣି। ତେଣୁ ସମସ୍ତେ ଟିକା ନେବା ସହ ମାସ୍କ ପରିଧାନ ଜାରି ରଖିବାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ପରାମର୍ଶ ଦେଇଛି। ଓମିକ୍ରନ୍ କୋଭିଡ୍‌ର ଶେଷ ଭାରିଆଣ୍ଟ ନୁହେଁ। ଆଗକୁ କରୋନା ଭୂତାଣୁର ଆହୁରି ଅଧିକ ନୂଆ ରୂପ ଆସିବ ବୋଲି ଡବ୍ଲ୍ୟୁଏଚ୍‌ଓର ବୈଷୟିକ ମୁଖ୍ୟ ମାରିଆ ଭାନ୍ କେର୍‌ଖୋଭ କହିଛନ୍ତି। ଭୂତାଣୁର ବିବର୍ତ୍ତନ ଓ ପରିବର୍ତ୍ତନ ଜାରି ରହିଛି। ସେହି ଅନୁଯାୟୀ ଆମକୁ ବଦଳିବାକୁ ଓ ଖାପ ଖୁଆଇବାକୁ ପଡ଼ିବ ବୋଲି ଏକ ସାକ୍ଷାତ୍‌କାରରେ ମାରିଆ କହିଛନ୍ତି।

ସଂକ୍ରମଣରୁ ରକ୍ଷା ପାଇବା ଲାଗି ଟିକାକରଣ ଉପରେ ଗୁରୁତ୍ୱ ଦିଆଯାଉଛି। ବର୍ତ୍ତମାନ ସୁଦ୍ଧା ବିଶ୍ୱରେ ୧୦୦୦ କୋଟି ଡୋଜ୍ କୋଭିଡ୍ ଟିକା ଦିଆସରିଲାଣି। ତଥାପି ଆହୁରି ୩୦୦ କୋଟି ଲୋକ ପ୍ରଥମ ଡୋଜ୍ ଟିକା ପାଇବାରୁ ବଞ୍ଚିତ ହୋଇଛନ୍ତି। ତୁରନ୍ତ ସେମାନଙ୍କୁ ଟିକାକରଣରେ ସାମିଲ କରିବାକୁ ପଡ଼ିବ ବୋଲି ମାରିଆ କହିଛନ୍ତି। ଓମିକ୍ରନ୍ ଆକ୍ରାନ୍ତଙ୍କଠାରେ ସାମାନ୍ୟ ଲକ୍ଷଣ ପ୍ରକାଶ ପାଉଥିବାରୁ ଏହା ଶେଷ ଭାରିଆଣ୍ଟ ବୋଲି କେତେଜଣ ବିବେଚନା କରୁଛନ୍ତି। ତାହା ଠିକ୍ ନୁହେଁ। ଓମିକ୍ରନ୍ ଆଦୌ ସାମାନ୍ୟ ନୁହେଁ। ଏହା ଡେଲ୍‌ଟା ତୁଳନାରେ କମ୍ ଗୁରୁତର କରୁଥିଲେ ହେଁ, ବହୁସଂଖ୍ୟାରେ ଲୋକ ହସ୍ପିଟାଲରେ ଭର୍ତ୍ତି ହେଉଛନ୍ତି। ମୁଖ୍ୟତଃ ଟିକା ନେଇ ନ ଥିବା ଏବଂ ବହୁବିଧ ରୋଗ ଥିବା ବ୍ୟକ୍ତି ଓମିକ୍ରନ୍ ସଂକ୍ରମଣରେ ଗୁରୁତର ହେଉଛନ୍ତି। ପରବର୍ତ୍ତୀ ଲହର କମ୍ ପ୍ରଭାବୀହେବ ବୋଲି କୌଣସି ନିଶ୍ଚିତତା ନାହିଁ। ଆଗାମୀ ଦିନରେ ଅଧିକ ଭାରିଆଣ୍ଟ ଆସିବେ ଏବଂ ତାହା ଓମିକ୍ରନ୍‌ଠାରୁ ଅଧିକ ଗମ୍ଭୀର ସ୍ଥିତି ସୃଷ୍ଟି କରିପାରନ୍ତି ବୋଲି ଡବ୍ଲ୍ୟୁଏଚ୍‌ଓ ବିଶେଷଜ୍ଞ କହିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ୪ସପ୍ତାହ ଘୁଞ୍ଚିଲା...

ସମ୍ପର୍କରେ ଆଲୋଚନା ହୋଇଥିଲା। ସମସ୍ତ ବିବାଦର ଉଭୟ ରାଜ୍ୟର ବରିଷ୍ଠ ପ୍ରଶାସନିକସ୍ତରରେ ଆଲୋଚନା ମାଧ୍ୟମରେ ଆପୋସ ବୁଝାମଣାରେ ସମାଧାନ କରିବାକୁ ନିଷ୍ପତ୍ତି ହୋଇଥିଲା। ହେଲେ ତାହା ଏଯାବତ୍ ହୋଇପାରି ନାହିଁ। ଅପରପକ୍ଷରେ ସୀମା ବିବାଦକୁ ନେଇ ଓଡ଼ିଶା ସର୍ବୋଚ୍ଚ ଅଦାଲତରେ ଏକ ନୂଆ ମୂଳ ମାମଲା ଦାଖଲ କରିଛି। ଏଥିରେ ଆନ୍ଧ୍ରପ୍ରଦେଶ ସୁପ୍ରିମକୋର୍ଟଙ୍କ ୧୯୬୮ ଡିସେମ୍ବର ୨ ଏବଂ ୨୦୦୬ ମାର୍ଚ୍ଚ ୩୦ ରାୟକୁ ଉଲ୍ଲଂଘନ କରିଥିବା ଦର୍ଶାଇଛି। ଏପରି କି କୋଟିଆ ଗ୍ରାମଗୁଡ଼ିକରେ ଓଡ଼ିଶାର ସମ୍ପୂର୍ଣ୍ଣ ଅଧିକାର ଅଛି ବୋଲି ଘୋଷଣା କରିବାକୁ ସୁପ୍ରିମକୋର୍ଟରେ ଓଡ଼ିଶା ନିବେଦନ କରିଛି।

## ଅଭିଯୁକ୍ତଙ୍କୁ ଖୋଜି...

ସମ୍ପୂର୍ଣ୍ଣ ମାଗଣାରେ ଯୋଗାଇ ଦିଆଯିବ। ଏ ନେଇ ପୁରୀ ଏସ୍‌ପି କନ୍‌ୱର ବିଶାଲ ସିଂ କହିଛନ୍ତି, ଏହି ଘଟଣାରେ ଟାଉନ ଥାନା ପକ୍ଷରୁ ଆଇପିସି ଧାରା ୩୭୬(ଏ), (ବି) ଏବଂ ପୋକ୍ସୋ ଆକ୍ଟ ସେକ୍ସନ୍-୬ରେ କେସ୍ ନଂ. ୨୦/୨୦୨୨ ରୁଜୁ କରାଯାଇଛି। ଅଭିଯୁକ୍ତ ମହେଶ୍ୱର ନିଜ ଭଉଣୀ ଓ ଭାଣିଜୀ ସହ ସିଦ୍ଧବକୁଳ ମଠ ଲେନ୍‌ରେ ୬ମାସ ହେବ ନୂଆ ଘର କରି ରହୁଥିଲେ। ସେ ତାଙ୍କ ଭଉଣୀଙ୍କୁ ଅନେକ ଥର ମାର୍‌ପିଟ କରିଥିବା ସାହିପଡ଼ିଶା କହିଛନ୍ତି। ଅଭିଯୁକ୍ତଙ୍କ ପାଖରେ ମୋବାଇଲ ଫୋନ୍ ନ ଥିବାରୁ ତାଙ୍କୁ ଟ୍ରାକ୍ କରାଯାଇପାରୁନାହିଁ। ଫଳରେ ତାଙ୍କୁ ଧରିବା କଷ୍ଟକର ହେଉଛି। ତେବେ ସୋମବାର ୮ରୁ ଊର୍ଦ୍ଧ୍ୱ ସ୍ଥାନକୁ ଯାଇ ପୋଲିସ ଟିମ୍ ଖୋଜାଖୋଜି କରିଛି। ଅଭିଯୁକ୍ତଙ୍କର ୫ଜଣ ଭଉଣୀ ଥିବାବେଳେ ସମସ୍ତଙ୍କ ଘରେ ଖୋଜାଖୋଜି କରାଯାଇଛି। ପାରାଦୀପ, ଭୁବନେଶ୍ୱର, କଟକ, ବ୍ରହ୍ମଗିରି, ପିପିଲି, କୋଣାର୍କ, ଛଇତନା, ଜଗତ୍‌ସିଂହପୁରର ବିଭିନ୍ନ ସ୍ଥାନ ସମେତ ଅଭିଯୁକ୍ତ ମହେଶ୍ୱରଙ୍କ ପୈତୃକ ବାସସ୍ଥଳୀ ବାଲିକୁଦା ଥାନା ଅଞ୍ଚଳରେ ମଧ୍ୟ ଚଢାଉ କରାଯିବା ସହ ଖୋଜାଖୋଜି ଜାରି ରହିଛି ବୋଲି ଏସ୍‌ପି ସିଂ କହିଛନ୍ତି।

ସୂଚନାଯୋଗ୍ୟ, ପୁରୀ ଟାଉନ ଥାନା ଅଞ୍ଚଳରେ ପୀଡ଼ିତାଙ୍କ ପରିବାର ଏକ ଭଡ଼ାଘରେ ରହନ୍ତି। ରବିବାର ପୂର୍ବାହ୍ନ ୧୦ଟାରେ ୫ ବର୍ଷର ଶିଶୁକନ୍ୟା ଏକାକୀ ଖେଳୁଥିବା ବେଳେ ପାଖ ଘରେ ରହୁଥିବା ଅଭିଯୁକ୍ତ ମହେଶ୍ୱର ତାଙ୍କୁ ନିଜ ଘର ଛାତ ଉପରକୁ ଉଠାଇ ନେଇ ବଳାତ୍କାର କରିଥିଲେ। ବହୁ ସମୟ ଧରି ଝିଅକୁ ଦେଖିବାକୁ ନ ପାଇବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ପରେ ଘରର ଏକ କୋଣରେ ଝିଅ ବସି କାନ୍ଦୁଥିବାର ଦେଖିବାକୁ ପାଇ ପଚାରିବାରୁ ସବୁ କଥା ଜାଣିବାକୁ ପାଇଥିଲେ। ସେମାନେ ତାଙ୍କୁ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିବା ସହ ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ପୀଡ଼ିତାଙ୍କ ଅବସ୍ଥା ଗୁରୁତର ଥିବାରୁ ପରବର୍ତ୍ତୀ ସମୟରେ ତାଙ୍କୁ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା।

### ଏନ୍‌ଏଚ୍‌ଆର୍‌ସିରେ ମାମଲା ପୀଡ଼ିତାଙ୍କୁ ୭ ଲକ୍ଷ ଟଙ୍କା ମିଳୁ

ଜାତୀୟ ମାନବ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ରେ ପୁରୀର ଶିଶୁକନ୍ୟା ବଳାତ୍କାର ମାମଲା ପହଞ୍ଚିଛି। ମାନବାଧିକାର କର୍ମୀ ଜୟନ୍ତ କୁମାର ଦାଶ ଏ ନେଇ ଏନ୍‌ଏଚ୍‌ଆର୍‌ସିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପୀଡ଼ିତାଙ୍କୁ ତୁରନ୍ତ ୭ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ରାଜ୍ୟ ସରକାରଙ୍କୁ କମିଶନ ନିର୍ଦ୍ଦେଶ ଦେବାକୁ ଦାଶ ନିବେଦନ କରିଛନ୍ତି। ମାନବାଧିକାର କର୍ମୀ ଦାଶ କହିଛନ୍ତି, ନ୍ୟାଶନାଲ୍ ଲିଗାଲ୍ ସର୍ଭିସ୍ ଅଥରିଟି କମ୍ପେନସେସନ୍ ସ୍କିମ୍ ଆଧାରରେ ତୁରନ୍ତ କ୍ଷତିପୂରଣ ଦିଆଯିବା ଉଚିତ। ପୀଡ଼ିତା ଏବେ ଗୁରୁତର ଅବସ୍ଥାରେ କଟକ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଏହି ଘଟଣାରେ ସମ୍ବିଧାନର ଧାରା ୧୪, ୧୯(୧)(ଏ), ୨୧ର ଉଲ୍ଲଂଘନ ହୋଇଥିବାରୁ ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ। ଅଭିଯୁକ୍ତଙ୍କୁ ଏକ ସୀମିତ ସମୟ ସୀମା ମଧ୍ୟରେ ଗିରଫ କରିବା ପାଇଁ ପୋଲିସକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦିଅନ୍ତୁ ବୋଲି ସେ ଏନ୍‌ଏଚ୍‌ଆର୍‌ସିଙ୍କୁ ନିବେଦନ କରିଛନ୍ତି।

## ଦଶମ, ଦ୍ୱାଦଶ...

ପିଲାଙ୍କୁ ସ୍କୁଲ ଆସିବା ପାଇଁ ବାଧ କରାଯାଇ ନ ଥିଲା। ଅଭିଭାବକଙ୍କ ଅନୁମତିରେ ପିଲା ସ୍କୁଲ ଆସୁଥିଲେ। ତେଣୁ ଉଭୟ ଅଫ୍‌ଲାଇନ୍ ଓ ଅନ୍‌ଲାଇନ୍ ପାଠପଢ଼ା ଜାରି ରହିଥିଲା। ତେବେ ଗତ ୩ ତାରିଖରୁ ସରକାର ରାଜ୍ୟରେ ପ୍ରାଥମିକ ସ୍କୁଲଗୁଡ଼ିକୁ ଖୋଲିବେ ବୋଲି ଘୋଷଣା କରିଥିଲେ। ଏଥିପାଇଁ ପ୍ରସ୍ତୁତି ହେଉଥିବାବେଳେ ରାଜ୍ୟରେ ତୃତୀୟ ଲହର ପ୍ରବେଶ କରିବାରୁ ହଠାତ୍ ଦୈନିକ କରୋନା ସଂକ୍ରମଣ ବଢ଼ିବାରେ ଲାଗିଲା। ତେଣୁ ପିଲାଙ୍କ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଇ ପ୍ରାଥମିକ ସ୍କୁଲ ଖୋଲିବା ନିଷ୍ପତ୍ତିକୁ ସ୍ଥଗିତ ରଖାଯାଇଛି। ଏପରିକି ଏହାପରେ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନକୁ ସରକାର ବନ୍ଦ ଘୋଷଣା କରିଦେଇଛନ୍ତି। ଚଳିତ ମାସ ପ୍ରଥମ ସପ୍ତାହରେ ସ୍କୁଲ୍ ଏବଂ ଦ୍ୱିତୀୟ ସପ୍ତାହରେ କଲେଜ ଓ ବିଶ୍ୱବିଦ୍ୟାଳୟଗୁଡ଼ିକୁ ବନ୍ଦ ରଖାଯାଇ କେବଳ ଅନ୍‌ଲାଇନ୍ ପାଠପଢ଼ା ଜାରି ରହିଛି। ହେଲେ ଏଥିରୁ ପିଲାମାନେ କେତେ ସୁଫଳ ପାଉଛନ୍ତି, ତାକୁ ନେଇ ଆଶଙ୍କା ପ୍ରକାଶ ପାଇଛି। ପ୍ରଥମେ ଷଷ୍ଠରୁ ଦ୍ୱାଦଶ ପର୍ଯ୍ୟନ୍ତ ସ୍କୁଲ ଖୋଲିବାକୁ ରାଜ୍ୟ ଅଭିଭାବକ ମହାସଂଘ ମଧ୍ୟ ରାଜ୍ୟ ସରକାରଙ୍କୁ ପତ୍ର ଲେଖିଛନ୍ତି। ଏନେଇ ମହାସଂଘ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ମୁଖ୍ୟ ଶାସନ ସଚିବ, ସ୍ୱତନ୍ତ୍ର ରିଲିଫ କମିଶନର ଓ ଗଣଶିକ୍ଷା ବିଭାଗକୁ ଟୁଇଟ୍ କରି ଦାବି ଜଣାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଆର୍ଥିକ ଅଭିବୃଦ୍ଧି ସାଙ୍ଗକୁ କର୍ମକ୍ଷେତ୍ରକୁ ଉନ୍ନତ ରହିବା ହେତୁ ମନ ଖୁସି ରହିବ। ସ୍ୱାସ୍ଥ୍ୟ ସମସ୍ୟା ସାଙ୍ଗକୁ ସାମାନ୍ୟ ବିଳମ୍ବରେ ହିଁ ଆଶାଜନକ ଫଳପାଇବେ। ବାଣିଜ୍ୟ, ବ୍ୟବସାୟରେ ଟେନ୍‌ସନ୍ ଲାଗି ରହିବ, ମାତ୍ର ଲାଭ କମିବ ନାହିଁ। ସମସ୍ୟାଗୁଡ଼ିକର ସରଳ ସମାଧାନ ହୋଇପାରିବା କାରଣରୁ ନିଜକୁ ହାଲୁକା ମନେକରିବେ।

**ବୃଷ** – ବିଭିନ୍ନ ସମସ୍ୟା ମଧ୍ୟରେ ନିଜକୁ ଅସହାୟ ମନେ କରିପାରନ୍ତି। ପରିସ୍ଥିତିବଶତଃ ପରିବାରରେ ଆପଣଙ୍କ ଅପବ୍ୟୟର ସୀମା ଟପିଯାଇପାରେ। ଯେକୌଣସି କ୍ଷେତ୍ରରେ ହେଉନା କାହିଁକି ଅଜଣା ଅଶୁଣା ବ୍ୟକ୍ତି ପ୍ରତି ସତର୍କ ରହିବା ଭଲ ହେବ। ବ୍ୟବସାୟ, ବାଣିଜ୍ୟରେ କିଛି ଅସୁବିଧା ନ ଥିଲେ ମଧ୍ୟ ବେପାର ସନ୍ତୋଷଜନକ ହେବ ନାହିଁ।

**ମିଥୁନ** – ସତର୍କତା ଅଭାବରୁ ସମସ୍ୟାର ସମାଧାନ କରିବାକୁ ଯାଇ ସମସ୍ୟାକୁ ବଢ଼ାଇ ଦେଇ ପାରନ୍ତି। କାରଣ ଯାହା କହିବେ ତାହାହିଁ ଆପଣଙ୍କ ପାଖକୁ ବୁମେରାଂ ଭଳି ଫେରି ଆସିବାର ଆଶଙ୍କା ରହିଛି। ବନ୍ଧୁମାନଙ୍କ ନିକଟରୁ ଅର୍ଥ ଓ ସହଯୋଗ,ସୁଖ ସମ୍ମାନ ଊଣା ହେବ ନାହିଁ। କର୍ମକ୍ଷେତ୍ରରେ ସହକର୍ମୀଙ୍କ କୁଟିଳ ଚିନ୍ତାଧାରାରେ ଅତିଷ୍ଠ ହୋଇପାରନ୍ତି।

**କର୍କଟ** – ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିବେ, କିନ୍ତୁ କିଛି ଅସୁବିଧା ହେବନି। ଈର୍ଷାପରାୟଣ କୌଣସି ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବା ସହ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇପାରିବେ। ଆନୁଷ୍ଠାନିକ କାମ, ସାହିତ୍ୟ, ସଙ୍ଗୀତ ଓ ମନୋରଞ୍ଜନ କାର୍ଯ୍ୟକ୍ରମରୁ ପ୍ରଶଂସିତ ହେବେ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ କିଛି ଦେଲେହିଁ କିଛି ପାଇବେ, ଯାହାକି ଆଜି ଅନୁଭବରେ ଆସିପାରେ। ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତି ସୃଷ୍ଟି ହେବାର ଆଶଙ୍କା ରହିଛି। ପାରିବାରିକ ଅସୁବିଧା ଓ ଅସାମସ୍ୟତା କର୍ମକ୍ଷେତ୍ରକୁ ବିଳମ୍ବିତ କରିବ। ଆନୁଷ୍ଠାନିକ କ୍ଷେତ୍ରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ପାଇବ।

**କନ୍ୟା** – କର୍ମକ୍ଷେତ୍ରରେ ବ୍ୟସ୍ତତା ବଢ଼ିବା କାରଣରୁ ସହଜରେ କାମ ହାସଲ ହେବା କଷ୍ଟକର ହେବ। ପରିବାର ଭିତରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ସରକାରୀ କ୍ଷେତ୍ରରୁ ଅର୍ଥ ସମ୍ପର୍କୀୟ ଲାଭର ଆଶା ନେଇ କଳ୍ପନାପ୍ରବଣ ହୋଇପାରନ୍ତି। ବନ୍ଧୁମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ।

**ତୁଳା** – ଉପରିସ୍ଥଙ୍କ ଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ। ଆପଣ ବିବାଦ କିମ୍ବା ପ୍ରତିଦ୍ୱନ୍ଦ୍ୱିତା କଲେ ନିଜେହିଁ କ୍ଷତିରେ ପଡ଼ିବେ। ବାଣିଜ୍ୟ, ବ୍ୟବସାୟ ବ୍ୟତୀତ ଅନ୍ୟାନ୍ୟ କାମ ସୁବିଧାରେ ହାସଲ କରିବା କଷ୍ଟକର ହୋଇପଡ଼ିବ। ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିବେ।

**ବିଛା** – ପାରିବାରିକ କ୍ଷେତ୍ରରେ ବିଶେଷ କିଛି ଅସୁବିଧା ନ ହେଲେ ମଧ୍ୟ ସ୍ୱାସ୍ଥ୍ୟ ଭଲ ରହିନପାରେ। ସମସ୍ୟାକୁ ସମାଧାନ କରିବା ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ୍ୟ ହେବେ। ଗବେଷଣା, ଅଧ୍ୟୟନ, ଅଧ୍ୟାପନା ତଥା ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ଗୁରୁଜନମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କଲେ ବିଶେଷ ଭାବରେ ଉପକୃତ ହେବେ।

**ଧନୁ** – ଅନ୍ୟମାନଙ୍କ ପରାମର୍ଶ ଅନୁଯାୟୀ କାର୍ଯ୍ୟ କଲେ ସଫଳତା ପାଇବେ। ଆଜି ସ୍ୱାସ୍ଥ୍ୟ ସମସ୍ୟା ନେଇ ଚିନ୍ତିତ ରହିପାରନ୍ତି, ଅବଶ୍ୟ ବିଶେଷ କିଛି ଗୁରୁତର ଅବସ୍ଥା ଆସିବ ନାହିଁ। ଶତ୍ରୁ ଆପଣଙ୍କ ପଛରେ ଛାଇଭଳି ଲାଗି ରହିବେ, କିନ୍ତୁ କିଛି କରିପାରିବେ ନାହିଁ। ଶିଳ୍ପ, ବାଣିଜ୍ୟରେ ଲାଭାଂଶ ବଢ଼ିପାରେ, ତଥାପି ଟେନ୍‌ସନ ଲାଗି ରହିବ।

**ମକର** – ଆର୍ଥିକ ଅନଟନ ଓ କେତେକ ସମସ୍ୟାକୁ ନେଇ ମନ ଭାରାକ୍ରାନ୍ତ ରହିବ। ସ୍ୱାସ୍ଥ୍ୟ ସମସ୍ୟା, ବ୍ୟବସାୟ, ଯାତ୍ରା ସମ୍ବନ୍ଧୀୟ କେତେକ ଚିନ୍ତା ମନକୁ ବ୍ୟାକୁଳିତ କରିପାରେ। ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ପରିବାରରେ ସମସ୍ୟା ଲାଗି ରହିବ। ପୂଜା ସାମଗ୍ରୀ, ଷ୍ଟେସନାରୀ, ଜିନିଷର ବ୍ୟବସାୟ, ହୋଟେଲ ଶିଳ୍ପରେ ସଫଳତା ହାସଲ କରିବେ।

**କୁମ୍ଭ** – ଦୀର୍ଘଦିନ ହେଲା ହାତକୁ ନେଇଥିବା କାମଟି ନିଶ୍ଚିତ ହେବ। ଆଜି କଠିନ ପରିଶ୍ରମଜନିତ ସ୍ନାୟବିକ ଦୁର୍ବଳତା ଅନୁଭବ କରିବେ। ପରୋକ୍ଷ ଭାବରେ ଶତ୍ରୁ ଉପଦ୍ରବ ସମ୍ପୂର୍ଣ୍ଣ ଭାବେ କମିଯାଇପାରେ, ତଥାପି କେତେକ କାମ ଅଟକି ରହିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଲକ୍ଷ୍ୟ ହାସଲ କରିବେ। ସନ୍ତାନହେତୁକ ଚିନ୍ତା ଦୂରହେବ।

**ମୀନ** – ଆର୍ଥିକ ଅଭିବୃଦ୍ଧି ସାଙ୍ଗକୁ ଯେଉଁ କାମରେ ହାତ ଦେବେ ସେଥିରେ ସଫଳତା ନିଶ୍ଚିତ ମିଳିବ। ଯାତ୍ରା, ବାଣିଜ୍ୟ ଓ ବ୍ୟବସାୟ କ୍ଷେତ୍ରରେ ସାବଧାନ ରହିବା ଭଲ ହେବ। ଆଲୋଚନା ପରିସରରେ ତର୍କ ବିତର୍କ କାରଣରୁ କର୍ମକ୍ଷେତ୍ରରେ ଟେନସନ୍ ବଢ଼ିପାରେ। ମିତ୍ରମାନେ ଈର୍ଷାପରାୟଣ ହୋଇ ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିପାରେ।

# ଭାଜପା ସହ ମେଣ୍ଟ କରି ନଷ୍ଟ ହୋଇଛି ୨୫ ବର୍ଷ: ଉଦ୍ଧବ

ମୁମ୍ବାଇ,୨୪।୧

ଭାଜପା ସହ ମେଣ୍ଟ କରି ତାଙ୍କ ଦଳ ଶିବସେନା ୨୫ ବର୍ଷ ନଷ୍ଟ କରିଥିବା ସେ ବିଶ୍ୱାସ କରନ୍ତି ବୋଲି ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ କହିଛନ୍ତି। ଶିବସେନା ଭାଜପାକୁ ପରିତ୍ୟାଗ କରିବାକୁ ନିଷ୍ପତ୍ତି ନେଇଥିଲେ ମଧ୍ୟ ହିନ୍ଦୁତ୍ୱକୁ କଦାପି ଛାଡ଼ିବ ନାହିଁ। ଭାଜପା ହିନ୍ଦୁତ୍ୱର ପ୍ରତିଶବ୍ଦ ନୁହେଁ ବୋଲି ଶିବସେନା ଅଧ୍ୟକ୍ଷ କହିଛନ୍ତି। ଶିବସେନାର ପ୍ରତିଷ୍ଠାତା ବାଲ୍ ଠାକ୍‌ରେଙ୍କ ଜନ୍ମବାର୍ଷିକୀ ଅବସରରେ ରବିବାର ଦଳୀୟ ନେତା ଓ କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇ ଉଦ୍ଧବ କହିଥିଲେ, ଭାଜପା ସହ ମେଣ୍ଟ କରି ଆମେ ୨୫ ବର୍ଷ ବରବାଦ କରିଛୁ। ହିନ୍ଦୁତ୍ୱ ଛାଡ଼ିଥିବାରୁ ଆମକୁ ସମାଲୋଚନା କରାଯାଉଛି। ଆମେ ଭାଜପାକୁ ଛାଡ଼ିଥିଲେ ହେଁ ହିନ୍ଦୁତ୍ୱ ବର୍ଜନ କରିନାହୁଁ ବୋଲି ଉଦ୍ଧବ ଦୋହରାଇଛନ୍ତି। ଭାଜପାର ହିନ୍ଦୁତ୍ୱ ରାଜନୀତି ସଂସ୍କରଣକୁ ଶିବସେନା ନେତା ସୁବିଧାବାଦୀ କହି ସମାଲୋଚନା କରିଛନ୍ତି। କ୍ଷମତା ପାଇଁ ଭାଜପା ହିନ୍ଦୁତ୍ୱକୁ ବ୍ୟବହାର କରୁଛି। ଯେଉଁମାନେ ଜରୁରୀ ପରିସ୍ଥିତି ସମୟକୁ ସମାଲୋଚନା କରିଥିଲେ, ସେମାନେ ଏବେ ଦେଶରେ ଅଦୃଶ୍ୟ ଇମର୍ଜେନ୍ସିକୁ ସମର୍ଥନ କରୁଥିବା ସେ କହିଛନ୍ତି।

## ଠାକ୍‌ରେଙ୍କ ହିନ୍ଦୁତ୍ୱ କେବଳ କାଗଜ କଲମରେ: ଫଡ୍‌ନବିସ


ଉଦ୍ଧବ ଠାକ୍‌ରେ


ଦେବେନ୍ଦ୍ର ଫଡ୍‌ନବିସ୍

ଉଦ୍ଧବଙ୍କ ୨୫ ବର୍ଷ ନଷ୍ଟ ମନ୍ତବ୍ୟକୁ ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଭାଜପା ନେତା ଦେବେନ୍ଦ୍ର ଫଡ୍‌ନବିସ୍ ଏବଂ ରାମ କାଡାମ ସମାଲୋଚନା କରିଛନ୍ତି। ଶିବସେନା ମୁଖ୍ୟ ଉଦ୍ଧବ ଠାକ୍‌ରେ ଇତିହାସକୁ ଭୁଲିଯାଇଛନ୍ତି। ୨୦୧୨ ପର୍ଯ୍ୟନ୍ତ ବାଲାସାହେବ ମେଣ୍ଟ ନେତା ଥିଲେ। ତେଣୁ ଉଦ୍ଧବଙ୍କ ମନ୍ତବ୍ୟ ବାଲାସାହେବଙ୍କ ମେଣ୍ଟ ନିଷ୍ପତ୍ତି ଉପରେ ପ୍ରଶ୍ନ ଉଠାଉଛି ବୋଲି ଫଡ୍‌ନବିସ କହିଛନ୍ତି। ଶିବସେନାର ନୀତି ଆଦର୍ଶ ଉପରେ ପ୍ରଶ୍ନ ଉଠାଇଛନ୍ତି ରାମ କାଡ଼ାମ। ଶିବସେନା ସୃଷ୍ଟି ହେବା ପୂର୍ବରୁ ଭାଜପାର କର୍ପୋରେଟର ଓ ବିଧାୟକ ଥିଲେ। ଶିବସେନା ଭାଜପା ଚିହ୍ନରେ ଗୋଟିଏ ଆସନରେ ଲୋକ ସଭା ନିର୍ବାଚନ ଲଢ଼ିଥିଲା ବୋଲି ଫଡ୍‌ନବିସ କହିଛନ୍ତି। ଭାଜପା ସହ ରହି ସେମାନେ ରାଜ୍ୟରେ ନମ୍ବର ୱାନ୍‌ର ପରିଚୟ ପାଇଥିଲେ। ଏବେ ସେମାନେ ୪ ନମ୍ବରରେ। ହିନ୍ଦୁତ୍ୱ ପ୍ରତି ଶିବସେନାର କୌଣସି ଅବଦାନ ନାହିଁ। ଏହାର ହିନ୍ଦୁତ୍ୱ କେବଳ କାଗଜ କଲମରେ। ଉଦ୍ଧବଜୀ ହିନ୍ଦୁତ୍ୱ ଉପରେ କହିବା ବନ୍ଦ କରନ୍ତୁ ବୋଲି ଫଡ୍‌ନବିସ କହିଛନ୍ତି। ହିନ୍ଦୁତ୍ୱ ଉପରେ ଭାଷଣ ଦେବା ପୂର୍ବରୁ ଦଳରେ ବାଲ୍ ଠାକ୍‌ରେଙ୍କ ନୀତି ଆଦର୍ଶକୁ ଅନୁପାଳନ କରାଯାଉଛି କି ନାହିଁ, ଉଦ୍ଧବ ଆତ୍ମସମୀକ୍ଷା କରନ୍ତୁ ବୋଲି ରାମ କାଡାମ କହିଛନ୍ତି।

# ୨ସ୍ତ୍ରୀ, ୯ ସନ୍ତାନ ଥାଇ ପ୍ରାର୍ଥୀପତ୍ର କାଏମ

କୁଆଁରମୁଣ୍ଡା,୨୪।୧(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକର ଦଲକି ପଞ୍ଚାୟତରେ ଜଣେ ସମିତି ସଭ୍ୟ ପ୍ରାର୍ଥୀଙ୍କର ୨ସ୍ତ୍ରୀ ଓ ୯ସନ୍ତାନ ଥାଇ ମଧ୍ୟ ପ୍ରାର୍ଥୀପତ୍ର କାଏମ ରହିଛି ବୋଲି କଂଗ୍ରେସ ଅଭିଯୋଗ କରିଛି। ପ୍ରାର୍ଥୀପତ୍ର ନାକଚ କରା ନ ଯିବା ପ୍ରତିବାଦରେ ସୋମବାର କଂଗ୍ରେସ ପକ୍ଷରୁ କୁଆଁରମୁଣ୍ଡା ବ୍ଲକ ସମ୍ମୁଖରେ ବିକ୍ଷୋଭ କରାଯାଇଛି। ସୁନ୍ଦରଗଡ଼ ଜିଲା କଂଗ୍ରେସ ସଭାପତି ତଥା ବୀରମିତ୍ରପୁର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ଜର୍ଜ ତିର୍କୀଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ଅପରାହ୍ନ ୩ଟାରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପ୍ରଶାସନ ବିରୋଧରେ ବିଭିନ୍ନ ନାରାବାଜି ଦେଇଥିଲେ।

## ପ୍ରତିବାଦରେ ବ୍ଲକ ସମ୍ମୁଖରେ କଂଗ୍ରେସର ବିକ୍ଷୋଭ


କୁଆଁରମୁଣ୍ଡା ବ୍ଲକ ସମ୍ମୁଖରେ କଂଗ୍ରେସ ନେତା, କର୍ମୀମାନେ ବିକ୍ଷୋଭ କରୁଛନ୍ତି।

ପୂର୍ବତନ ବିଧାୟକ ତିର୍କୀ କୁଆଁରମୁଣ୍ଡା ବିଡିଓ ବିକାଶ ଚନ୍ଦ୍ର ସାହୁଙ୍କୁ ଉକ୍ତ ଘଟଣା ସମ୍ପର୍କରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରିଥିଲେ। ଏପରି କି ପ୍ରାର୍ଥୀଙ୍କର ଚିହ୍ନ ଆସିବା ପୂର୍ବରୁ ଉକ୍ତ ବେନିୟମ ଘଟଣା ଉପରେ ନିରପେକ୍ଷ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି କଂଗ୍ରେସ ନେତାମାନେ ଦାବି କରିଛନ୍ତି। ନଚେତ୍ ଏଭଳି ବେଆଇନ କାର୍ଯ୍ୟ ବିରୋଧରେ ଆଗାମୀ ଦିନରେ କଂଗ୍ରେସ ପକ୍ଷରୁ କୁଆଁରମୁଣ୍ଡା ବ୍ଲକ ଘେରାଉ କରାଯିବ ବୋଲି ଜିଲା କଂଗ୍ରେସ ଉପସଭାପତି ବିରେନ୍ ସେନାପତି, ସାହିଦ୍ ଆଲମ, କୁଆଁରମୁଣ୍ଡା ବ୍ଲକ କଂଗ୍ରେସ ସଭାପତି ଜୟଶଙ୍କର ନନ୍ଦ, ସୁଷମା ମିଞ୍ଜ, ଶ୍ୟାମବିହାରି ଜୟସ୍ୱାଲ, ଉର୍ମିଳା କୁଜୁର, ନିମନ୍ତୀ ଏକ୍କା ପ୍ରମୁଖଙ୍କ ସହ ଅନ୍ୟମାନେ ଚେତାବନୀ ଦେଇଛନ୍ତି। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ବୀରମିତ୍ରପୁର ଏସ୍‌ଡିପିଓ ଦାୟିତ୍ୱରେ ଥିବା ଡିଏସ୍‌ପି ଅର୍ପିତା ଖଟୁଆ, ରାଏବୋଗା ଥାନା ଅଧିକାରୀ ସୂର୍ଯ୍ୟକାନ୍ତି ଦାଶ, ହାତୀବାରି ଥାନା ଅଧିକାରୀ ହୃଷୀକେଶ ବେହେରାଙ୍କ ସହ ଏକ ପ୍ଲାଟୁନ ପୋଲିସ ଘଟଣାସ୍ଥଳରେ ଉପସ୍ଥିତ ରହିଥିଲେ।

କୁଆଁରମୁଣ୍ଡା ବ୍ଲକ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦଲକି ପଞ୍ଚାୟତର ଜଣେ ସମିତି ସଭ୍ୟ ପ୍ରାର୍ଥୀଙ୍କର ୨ଟି ସ୍ତ୍ରୀ ଓ ୯ ସନ୍ତାନ ଥିବା ନେଇ ଅନ୍ୟ ଜଣେ ପ୍ରାର୍ଥୀ ଅଭିଯୋଗ କରିଥିଲେ। ହେଲେ ନିର୍ବାଚନ ଅଧିକାରୀ ଏନେଇ ପଦକ୍ଷେପ ନେବା କହି ସମ୍ପୃକ୍ତ ଅଭିଯୋଗକାରୀଙ୍କୁ ଆଶ୍ୱାସନା ଦେଇଥିଲେ। ସମ୍ପୃକ୍ତ ପ୍ରାର୍ଥୀଙ୍କର ପ୍ରାର୍ଥିତ୍ୱ କାଏମ ରହିଥିବା ଖବର ପାଇ ସମ୍ପୃକ୍ତ ଅଭିଯୋଗକାରୀ ଆଶ୍ଚର୍ଯ୍ୟ ହୋଇଥିଲେ। ଏହି ଘଟଣା କଂଗ୍ରେସ ନେତାଙ୍କ ନଜରକୁ ଆସିବା ପରେ ପ୍ରଶାସନର କାର୍ଯ୍ୟକୁ ଦଳ ବିରୋଧ କରିଛି।

# ଭାଜପା ୬୫, ଅମରିନ୍ଦରଙ୍କ ଦଳ ୩୭ ଆସନରେ ଲଢ଼ିବ

## ପଞ୍ଜାବ ପାଇଁ ଏନ୍‌ଡିଏର ଆସନ ବୁଝାମଣା

ଚଣ୍ଡିଗଡ଼,୨୪।୧

ପଞ୍ଜାବ ବିଧାନସଭା ନିର୍ବାଚନ ଲାଗି ଏନ୍‌ଡିଏ ସହଯୋଗୀ ଦଳଗୁଡ଼ିକ ମଧ୍ୟରେ ଆସନ ବୁଝାମଣା ଚୂଡ଼ାନ୍ତ ହୋଇଛି। ଫେବୃୟାରୀ ୨୦ରେ ହେବାକୁ ଥିବା ନିର୍ବାଚନରେ ଭାଜପା ୬୫ ଆସନରେ ଏବଂ ଏହାର ସହଯୋଗୀ ପୂର୍ବତନ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂଙ୍କ ଦଳ ଲୋକ କଂଗ୍ରେସ ୩୭ ଆସନରେ ଲଢ଼ିବାକୁ ସ୍ଥିର ହୋଇଛି। ଏହା ବ୍ୟତୀତ ତୃତୀୟ ସହଯୋଗୀ ଦଳ ଶିରୋମଣି ଅକାଳୀ ଦଳ (ସଂଯୁକ୍ତ)କୁ ୧୫ ଆସନ ଛାଡ଼ିଦିଆଯାଇଛି। ଦିଲ୍ଲୀରେ ଏକ ଖବରଦାତା ସମ୍ମିଳନୀରେ ଏହା ଘୋଷଣା କରାଯାଇଛି। ଉକ୍ତ ସମ୍ମିଳନୀରେ କ୍ୟାପ୍‌ଟେନ ଅମରିନ୍ଦର ସିଂ, ଭାଜପା ଅଧ୍ୟକ୍ଷ ଜେ.ପି. ନଡ୍ଡା ଏବଂ ଶିରୋମଣି ଅକାଳୀ ଦଳ (ସଂଯୁକ୍ତ) ମୁଖ୍ୟ ସୁଖଦେବ ସିଂ ଧିଣ୍ଡସା ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ଅମରିନ୍ଦର ସିଂ ଓ ଭାଜପା ସଭାପତି ଜେ.ପି. ନଡ୍ଡା।

ପ୍ରତିରକ୍ଷା ଏବଂ ଖାଦ୍ୟ ସୁରକ୍ଷାରେ ଦେଶର ନେତୃତ୍ୱ ନେଉଥିବା ପଞ୍ଜାବ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବାର ଆବଶ୍ୟକତା ରହିଛି ବୋଲି ନଡ୍ଡା କହିଥିଲେ। ଏଠାରେ ଡବଲ ଇଞ୍ଜିନ ସରକାର ସମେତ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଉତ୍ତମ ସମନ୍ୱୟ ଆବଶ୍ୟକ ବୋଲି ସେ କହିଥିଲେ। କ୍ୟାପ୍‌ଟେନ୍ ସିଂ ରବିବାର ତାଙ୍କ ଦଳର ପ୍ରଥମ ପ୍ରାର୍ଥୀ ତାଲିକା ପ୍ରକାଶ କରିଥିଲେ। ଏଥିରେ ଭାରତର ପୂର୍ବତନ ହକି ଟିମ୍ କ୍ୟାପ୍‌ଟେନ ଅଜିତ ପାଲ୍ ସିଂଙ୍କୁ ପ୍ରାର୍ଥୀ କରାଯାଇଛି। ଜିତିବାଯୋଗ୍ୟ ପ୍ରାର୍ଥୀଙ୍କୁ ଟିକେଟ ଦିଆଯାଇଥିବା ଅମରିନ୍ଦର କହିଛନ୍ତି। ଏହା ବ୍ୟତୀତ ଟିକେଟ ପ୍ରଦାନରେ ସବୁ ଅଞ୍ଚଳ ଏବଂ ବିଭିନ୍ନ ବର୍ଗର ପ୍ରତିନିଧିତ୍ୱକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ଅମରିନ୍ଦର ପଟିଆଲା ଅର୍ବାନ ଆସନରୁ ପ୍ରାର୍ଥୀ ହୋଇଛନ୍ତି। ସୂଚନାଯୋଗ୍ୟ, ପ୍ରଦେଶ କଂଗ୍ରେସ ସଭାପତି ନବଜ୍ୟୋତ ସିଂ ସିଦ୍ଧୁଙ୍କ ସହ ମତଭେଦରୁ ଅମରିନ୍ଦର ମୁଖ୍ୟମନ୍ତ୍ରୀ ପଦ ଓ କଂଗ୍ରେସ ଦଳରୁ ଇସ୍ତଫା ଦେଇ ନୂଆ ଦଳ ଲୋକ କଂଗ୍ରେସ ଗଠନ କରିଥିଲେ। ତାଙ୍କ ଦଳ ପ୍ରଥମ ଥର ପାଇଁ ରାଜ୍ୟରେ ନିର୍ବାଚନ ଲଢ଼ିବାକୁ ଯାଉଛି।

# ଭାଜପା, କଂଗ୍ରେସର ପ୍ରାର୍ଥୀପତ୍ର ପ୍ରତ୍ୟାହାର

ବରଗଡ଼ ଅଫିସ୍/ଅମ୍ବାଭୋନା,୨୪।୧

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକର ଜିଲା ପରିଷଦ ଜୋନ-୨ରୁ ଦଳୀୟ ପ୍ରାର୍ଥିନୀ ସୋମବାର ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବା ପରେ ଉଭୟ ଭାଜପା ଓ କଂଗ୍ରେସକୁ ବଡ଼ ଝଟ୍‌କା ଲାଗିଛି। ଅନ୍ୟପଟେ ଆନୁଷ୍ଠାନିକ ଘୋଷଣା ହୋଇ ନ ଥିଲେ ମଧ୍ୟ ବିଜେଡ଼ି ପ୍ରାର୍ଥିନୀ ଏହି ଆସନରୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବେ ବୋଲି ଜଣାପଡିଛି।

ଅମ୍ବାଭୋନା ବ୍ଲକ ଜିଲା ପରିଷଦ ଜୋନ-୨ ଅନୁସୂଚିତ ଜନଜାତି(ଏସ୍‌ଟି) ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ରହିଛି। ଏହି ଆସନ ପାଇଁ ଭାଜପାରୁ ବିନୋଦିନୀ ରାୟ, କଂଗ୍ରେସରୁ ପଦ୍ମିନୀ ଭୁଏ ଏବଂ ବିଜେଡ଼ିରୁ କଳ୍ପନା ପଧାନ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ସବୁ ପ୍ରାର୍ଥୀପତ୍ର କାଏମ ରହିଥିଲା। ତେବେ ସୋମବାର ଭାଜପା ପ୍ରାର୍ଥିନୀ ରାୟ ଏବଂ କଂଗ୍ରେସ ପ୍ରାର୍ଥିନୀ ଭୁଏ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିଥିବା ସୂଚନା ମିଳିଛି। ଏହାପରେ ବିଜେଡି ପ୍ରାର୍ଥିନୀ ପଧାନ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ସ୍ପଷ୍ଟ ହୋଇଛି। ଏ ସମ୍ପର୍କରେ ଭାଜପା ଜିଲା ସାଧାରଣ ସମ୍ପାଦକ ରବି ନାରାୟଣ ଦାଶ ଏବଂ ଅମ୍ବାଭୋନା ବ୍ଲକ କଂଗ୍ରେସ ସଭାପତି ନିରଞ୍ଜନ ପଟେଲ ଦଳୀୟ ପ୍ରାର୍ଥିନୀଙ୍କ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବାକୁ ସ୍ୱୀକାର କରିଛନ୍ତି। ଶାସକ ବିଜେଡିର ବାହୁବଳ, ଅର୍ଥବଳରେ ଦଳୀୟ ପ୍ରାର୍ଥିନୀ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବାକୁ ବାଧ୍ୟ ହୋଇଛନ୍ତି ଏବଂ ଏହା ଗଣତନ୍ତ୍ର ପାଇଁ ଶୁଭ ସଙ୍କେତ ନୁହେଁ ବୋଲି ଉଭୟ ନେତା କହିଛନ୍ତି।

# ଜାଲ୍ ଜାତି ପ୍ରମାଣପତ୍ରରେ ନାମାଙ୍କନ


କଂଗ୍ରେସ ପ୍ରତିନିଧି ଦଳ ରାଜ୍ୟ ନିର୍ବାଚନ କମିଶନରଙ୍କୁ ଭେଟୁଛନ୍ତି।

## କଂଗ୍ରେସର ଅଭିଯୋଗ

ବାଲିକୁଦା(ସ୍ୱ.ପ୍ର.)/ଭୁବନେଶ୍ୱର(ବ୍ୟୁରୋ),୨୪।୧

ଜଗତ୍‌ସିଂହପୁର ଜିଲା ବାଲିକୁଦା ୨ନଂ. ଜୋନ୍‌ରେ ଜିଲା ପରିଷଦ ପଦବୀ ପାଇଁ ନାମାଙ୍କନ ପତ୍ର ଦାଖଲ ସମୟରେ ଜାଲ୍ ଜାତିଗତ ପ୍ରମାଣପତ୍ର ଦିଆଯାଇଛି। ଏଭଳି ଅଭିଯୋଗ ଆଣି ପ୍ରାର୍ଥୀ ଜଟାଧାରୀ ଦାସଙ୍କ ବିରୋଧରେ କଂଗ୍ରେସ ସୋମବାର ରାଜ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢୀଙ୍କୁ ଭେଟିଛି। ଦଳର ଅଭିଯୋଗ ଅନୁଯାୟୀ, ଦାସ ବିଜେଡି ପକ୍ଷରୁ ପ୍ରାର୍ଥୀ ହୋଇଛନ୍ତି। ଏହି ଜୋନ୍‌ଟି ଅନୁସୂଚିତ ବର୍ଗର ଜାତି ପାଇଁ ଉଦ୍ଦିଷ୍ଟ ଥିବା ବେଳେ ଦାସ ସାଧାରଣ ବର୍ଗର। ମାତ୍ର ସେ ମିଥ୍ୟା ଜାତିଗତ ପ୍ରମାଣପତ୍ର ଆଧାରରେ ଅନୁସୂଚିତ ଜାତିର ବୋଲି ଦର୍ଶାଇ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଏହାଛଡ଼ା ଦାସଙ୍କ ୨ଟି ସ୍ତ୍ରୀ ଥିବା ବେଳେ ସତ୍ୟପାଠରେ ଜଣେ ବୋଲି ଦର୍ଶାଯାଇଛି । ଏ ସମ୍ପର୍କରେ ରବିବାର ଜିଲା ରିଟର୍ନିଂ ଅଫିସରଙ୍କ ନିକଟରେ କଂଗ୍ରେସ ଫେରାଦ ହୋଇଥିଲା। ମାତ୍ର କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ କଂଗ୍ରେସ ପ୍ରତିନିଧି ଦଳ ରାଜ୍ୟ ନିର୍ବାଚନ କମିଶନଙ୍କ ନିକଟରେ ସମ୍ପୃକ୍ତ ଅଫିସର ବିରୋଧରେ ଅଭିଯୋଗ କରିଛନ୍ତି। ଏଥିସହ ଉପରୋକ୍ତ ଅଭିଯୋଗର ତଦନ୍ତ କରି ସମ୍ପୃକ୍ତ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ନାକଚ କରିବା ସହ ତାଙ୍କ ବିରୋଧରେ ଫୌଜଦାରି ମାମଲା ରୁଜୁ କରିବାକୁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ପ୍ରାର୍ଥୀ ଦାସ କହିଛନ୍ତି, ତାଙ୍କର ଜାତିଗତ ପ୍ରମାଣପତ୍ର ଠିକ୍ ରହିଛି। ସେ କୌଣସି ଭୁଲ୍ ଜାତି ପ୍ରମାଣପତ୍ର ସରକାରୀ ଅଫିସରୁ ବାହାର କରିନାହାନ୍ତି। ସେହିପରି ୨ ସ୍ତ୍ରୀ ଥିବା ସମ୍ପର୍କରେ ସେ କହିଛନ୍ତି, ପ୍ରଥମେ ସୁଲୋଚନା ସେନାପତିଙ୍କୁ ବିବାହ କରିଥିଲେ। ୨୦୧୨ରେ ତାଙ୍କ ମୃତ୍ୟୁ ପରେ ସେ ପ୍ରତିମା ବେହେରାଙ୍କୁ ବିବାହ କରିଥିଲେ।

# ବାପ-ପୁଅ ସରପଞ୍ଚ ପ୍ରାର୍ଥୀ

ଅନୁଗୋଳ ଅଫିସ, ୨୪।୧

ରାଜନୀତି ଆଗରେ ଫିକା ପଡ଼ିଯାଉଛି ପାରିବାରିକ ସମ୍ପର୍କ। ପଞ୍ଚାୟତର ବିଭିନ୍ନ ପଦ ପଦବୀ ପାଇଁ ଲଢ଼େଇ ହେବାକୁ ଯାଉଛି ପରିବାର ସଦସ୍ୟଙ୍କ ମଧ୍ୟରେ। ବିଶେଷକରି ସରପଞ୍ଚ, ସମିତି ସଭ୍ୟ ଓ ଜିଲା ପରିଷଦ ସଦସ୍ୟ ପଦବୀ ନିମନ୍ତେ ଗୋଟିଏ ପରିବାରରୁ ଏକାଧିକ ପ୍ରାର୍ଥୀ ହେବା ରାଜ୍ୟର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳୁଛି। ଅନୁଗୋଳ ଜିଲାରେ ମଧ୍ୟ ସରପଞ୍ଚ ପଦବୀ ପାଇଁ ବାପା-ପୁଅ ପ୍ରାର୍ଥୀ ହେବା ଚର୍ଚ୍ଚାର ବିଷୟ ହୋଇଛି। ଅନୁଗୋଳ ଜିଲା ବନ୍ତଳା ଥାନା ବଡ଼କେରା ପଞ୍ଚାୟତରେ ଏପରି ଘଟଣା ନଜରକୁ ଆସିଛି। ଏହି ପଞ୍ଚାୟତର ସରପଞ୍ଚ ପଦବୀ ପାଇଁ ୪ ଜଣ ନାମାଙ୍କନ ଦାଖଲ କରିଛନ୍ତି। ସେମାନେ ହେଲେ ଚମ୍ପତିମୁଣ୍ଡା ଗ୍ରାମର ଅବିନାଶ ବେହେରା, ହାଡ଼ିବନ୍ଧୁ ବେହେରା, ବଡ଼କେରାର ଉମ୍ବରୁଧର ବେହେରା ଓ ରଗୁଡ଼ିଆପଡ଼ାର ବସନ୍ତ କୁମାର ବେହେରା। ହେଲେ ଏହି ୪ ଜଣଙ୍କ ମଧ୍ୟରୁ ଚମ୍ପତିମୁଣ୍ଡାର ହାଡ଼ିବନ୍ଧୁ ବେହେରା ଓ ଅବିନାଶ ବେହେରା ହେଉଛନ୍ତି ବାପା-ପୁଅ। ସରପଞ୍ଚ ପଦବୀ ପାଇଁ ଏହି ୪ ଜଣଙ୍କ ପ୍ରାର୍ଥୀପତ୍ର କାଏମ ରହିଥିବାରୁ ବାପା-ପୁଅଙ୍କ ମଧ୍ୟରେ ଭୋଟ ଲଢ଼େଇ ହେବା ସ୍ପଷ୍ଟ ହୋଇଯାଇଛି।

# ପ୍ରାର୍ଥୀପତ୍ର ପ୍ରତ୍ୟାହାର କଲେ ଭାଜପା ପ୍ରାର୍ଥୀ

## ଯାଜପୁର ଜିଲା ଭାଜପାକୁ ଧକ୍କା

ଯାଜପୁର ଟାଉନ,୨୪।୧(ଡି.ଏନ.ଏ.)

ଯାଜପୁର ଜିଲା ଭାଜପାକୁ ଶକ୍ତ ଧକ୍କା ଲାଗିଛି। ଭାଜପାର ଜାତୀୟ ପରିଷଦ ସଭ୍ୟ ଭାସ୍କର ଜେନା ୨୯ନଂ. ଜୋନ୍ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ହେଲେ ସୋମବାର ସେ ତାଙ୍କର ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିନେଇଛନ୍ତି। ଏହି ଆସନରୁ ବିଜେଡିରୁ ପ୍ରେମାନନ୍ଦ ଜେନା, କଂଗ୍ରେସରୁ ଜଗନ କେତକୀ ଓ ଭାଜପାରୁ ଭାସ୍କର ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ସେଠାରେ ତ୍ରିମୁଖୀ ଲଢ଼େଇ ହେବ ବୋଲି ଚର୍ଚ୍ଚା ଜୋର ଧରିଥିଲା। ମାତ୍ର ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଭାସ୍କର ତାଙ୍କର ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିଛନ୍ତି। ସେହିପରି ୧୨ନଂ. ଜୋନ୍‌ର ସ୍ୱାଧୀନ ପ୍ରାର୍ଥୀ ବିଶ୍ୱରଞ୍ଜନ ଜେମାମଣୀ ତାଙ୍କର ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିଛନ୍ତି।

# ସରପଞ୍ଚଙ୍କ ଘର ଜାଳିଦେଲେ ଦୁର୍ବୃତ୍ତ

ଆଳି,୨୪।୧(ଡି.ଏନ୍.ଏ.)

କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅନ୍ତର୍ଗତ ବାଳକାଟି ପଞ୍ଚାୟତର ସରପଞ୍ଚ ଦିବାକର ନାୟକଙ୍କ ଘରକୁ ରବିବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ପୋଡ଼ି ଦେଇଛନ୍ତି। ଏ ସଂକ୍ରାନ୍ତରେ ନାୟକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ରାଜନୈତିକ ଶତ୍ରୁତା କିମ୍ବା କେହି ଈର୍ଷା ପରାୟଣ ହୋଇ ଏପରି କରିଥିବା ସନ୍ଦେହ କରାଯାଉଛି।

ସରପଞ୍ଚ ନାୟକଙ୍କ ଅଭିଯୋଗ ଅନୁଯାୟୀ, ନାଗପଡ଼ା ସ୍କୁଲ ନିକଟରେ ତାଙ୍କର ଦୁଇ ବଖରା ଚାଳ ଘର ଥିଲା। ସେ ସ୍ତ୍ରୀଙ୍କ ସହିତ ସେହି ଘରେ ରହୁଥିଲେ। ଗତ ୨ ମାସ ହେବ ସେ ଅସୁସ୍ଥ କାରଣରୁ ଦିନରେ ସ୍କୁଲ ନିକଟ ଘରେ ରୁହନ୍ତି। ରାତିରେ ଗାଁ ଭିତରେ ଥିବା ଘରକୁ ଚାଲି ଯାଆନ୍ତି। ତେବେ ତାଙ୍କୁ ଜୀବନରୁ ମାରିଦେବାକୁ ଘରେ ନିଆଁ ଲଗାଇ ଦିଆଯାଇଥିଲା ବୋଲି ନାୟକ ଏତଲାରେ ଦର୍ଶାଇଛନ୍ତି।


ପୋଡ଼ିଯାଇଥିବା ଘର।

# ନାମାଙ୍କନ ଦାଖଲରୁ ବଞ୍ଚିତ ପ୍ରାର୍ଥୀଙ୍କ ଧାରଣା

## ନାମାଙ୍କନ ଛଡ଼ାଇନେବା ଘଟଣା

**ଯୋଡ଼ା, ୨୪।୧ (ଡି.ଏନ.ଏ.):** କେନ୍ଦୁଝର ଜିଲା ଯୋଡ଼ା ବ୍ଲକରେ ପଞ୍ଚାୟତ ରାଜନୀତିରେ ଛକାପଞ୍ଝା ଆରମ୍ଭ ହୋଇଯାଇଛି। ଆଶାୟୀ ସରପଞ୍ଚ ପ୍ରାର୍ଥୀ ଗୌରୀ ନାଏକଙ୍କଠାରୁ ଅନ୍ୟ ଏକ ଗୋଷ୍ଠୀ ନାମାଙ୍କନ ପତ୍ର ଛଡ଼ାଇ ନେବା ପରେ ପ୍ରାର୍ଥୀପତ୍ର ଦାଖଲରୁ ସେ ବଞ୍ଚିତ ହୋଇଛନ୍ତି। ଏନେଇ ଯୋଡ଼ା ବ୍ଲକ ନିର୍ବାଚନ ଅଧିକାରୀ ଓ ବାମେବାରୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମାତ୍ର ତାଙ୍କୁ ପ୍ରାର୍ଥୀପତ୍ର ଦାଖଲ ନିମନ୍ତେ ସୁଯୋଗ ଦିଆଯାଇ ନ ଥିବାରୁ ସୋମବାର ପୂର୍ବାହ୍ନରେ ଗୌରୀ ଯୋଡ଼ା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି।

ସେ ଅଭିଯୋଗରେ କରିଛନ୍ତି ଯେ, ଗତ ୨୧ ତାରିଖରେ ସରପଞ୍ଚ ପ୍ରାର୍ଥୀ ଭାବେ ବଡ଼କାଳିମାଟି ପଞ୍ଚାୟତରେ ପ୍ରାର୍ଥୀପତ୍ର ଦାଖଲ ପାଇଁ ଯିବା ସମୟରେ ସ୍ଥାନୀୟ ଏକ ନେତାଙ୍କ ସମର୍ଥକମାନେ ତାଙ୍କ ପ୍ରାର୍ଥୀପତ୍ର ଛଡ଼ାଇ ନେଇଥିଲେ।

# ନବୀନ, ମୋଦିଙ୍କୁ ପ୍ରଶଂସା କରୁଥିବା ସଂସ୍ଥା ଜନବିରୋଧୀ: ୟାସିର ନୱାଜ

**ଭୁବନେଶ୍ୱର,୨୪।୧(ବ୍ୟୁରୋ):** ଜାତୀୟ ଗଣମାଧ୍ୟମ ଇଣ୍ଡିଆ ଟୁଡେ ପକ୍ଷରୁ କରାଯାଇଥିବା 'ମୁଡ୍ ଅଫ୍ ଦି ନେଶନ ସର୍ଭେ-୨୦୨୨'ରେ ନବୀନ ପଟ୍ଟନାୟକଙ୍କୁ ଦେଶର ସବୁଠାରୁ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଭାବରେ ମାନ୍ୟତା ଦେବା ବିସ୍ମୟକର ବୋଲି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ କହିଛନ୍ତି। ଏନେଇ ସୋମବାର ପ୍ରେସ ବିଜ୍ଞପ୍ତି ଜାରି କରି ନୱାଜ ପ୍ରକାଶ କରିଛନ୍ତି, ଓଡ଼ିଶାର ମାତ୍ର ୨,୭୪୩ ଜଣଙ୍କ ମତକୁ ନେଇ ମୁଖ୍ୟମନ୍ତ୍ରୀ ପଟ୍ଟନାୟକଙ୍କୁ ସବୁଠାରୁ ଜନପ୍ରିୟ ଭାବେ ପ୍ରଚାର କରାଯାଉଛି। ତାଙ୍କ ଶାସନରେ ୨୧ ବର୍ଷ ଧରି ଯୁବକ, ଛାତ୍ର, ଚାଷୀ ଉପେକ୍ଷିତ ଓ ମହିଳା ଅତ୍ୟାଚାରିତ। ସମସ୍ତ କ୍ଷେତ୍ରରୁ ବିଫଳ ହେଲାପରେ 'ଇଣ୍ଡିଆ ଟୁଡେ' ଭଳି ମର୍ଯ୍ୟାଦାଜନକ ଗଣମାଧ୍ୟମ ସଂସ୍ଥା ମୁଖ୍ୟମନ୍ତ୍ରୀଙ୍କୁ ବିଭିନ୍ନ ସମୟରେ ବିଭିନ୍ନ କ୍ଷେତ୍ରରେ ଦେଶରେ ୧ ନମ୍ବର ମୁଖ୍ୟମନ୍ତ୍ରୀ ଭାବେ ଏକ ମିଥ୍ୟା ସମ୍ମାନ ଦେଉଛନ୍ତି ବୋଲି ସେ କହିଛନ୍ତି। ଅପରପକ୍ଷରେ କେନ୍ଦ୍ର ସରକାରଙ୍କୁ ଆକ୍ଷେପ କରି ନୱାଜ କହିଛନ୍ତି, 'ମର୍ନିଂ କନସଲ୍ଟ ପଲ୍‌ଟିକାଲ ଇଣ୍ଟେଲିଜେନ୍ସ' ନାମକ ଆମେରିକୀୟ କମ୍ପାନୀ ମୋଦୀଙ୍କ ଆବୃତ୍ତିକୁ ଠିକ୍ ଭାବେ ତଉଲି ନାହାନ୍ତି। ବର୍ତ୍ତମାନ ମୋଦି ଦେଶ ବିକୁଛନ୍ତି। ରେଳପଥ, ଏୟାରପୋର୍ଟ, ଖଣି, ସରକାରୀ ଶିଳ୍ପ, ସାମରିକ ବିଭାଗ, ଏଲଆଇସି, ବ୍ୟାଙ୍କ୍, ବିମାନ ଓ ସାମୁଦ୍ରିକ ବନ୍ଦର ଆଦି ସମସ୍ତ ସରକାରୀ ସଂସ୍ଥାକୁ ବିକ୍ରି କରାଯାଉଛି। ଭାରତରେ କଳା କୃଷି ଆଇନ ଓ ୭୫୦ ଚାଷୀଙ୍କ ମୃତ୍ୟୁ, ଦରବୃଦ୍ଧି, ନୋଟ ବନ୍ଦୀ ବିଫଳତା, ଋଣ ଭାର ପ୍ରଧାନମନ୍ତ୍ରୀ ମୋଦିଙ୍କ ଅପାରଗତା ଓ କୁଶାସନକୁ ପଦାରେ ପକାଇଛି। ଏଣୁ ଏମାନଙ୍କ ଗୁଣ ଚର୍ଚ୍ଚା କରିବା ସଂସ୍ଥା ଜନସ୍ୱାର୍ଥ ବିରୋଧୀ ବୋଲି ନୱାଜ କହିଛନ୍ତି।

# ଡାକ୍ତରୀ ଶିକ୍ଷାରେ ସଂରକ୍ଷଣ ଦେବାକୁ କିଏ ମନା କରିଛି: ଭାଜପା

ଭୁବନେଶ୍ୱର,୨୪।୧(ବ୍ୟୁରୋ)

ସବୁ ରାଜ୍ୟରେ ଶିକ୍ଷାକ୍ଷେତ୍ରରେ ଓବିସିଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ରହିଥିବାବେଳେ ଓଡ଼ିଶାରେ ତାହା ଦିଆଯାଉନାହିଁ। ଡାକ୍ତରୀ ଶିକ୍ଷାରେ ପଛୁଆ ବର୍ଗଙ୍କ ପାଇଁ ୨୭ ପ୍ରତିଶତ ସଂରକ୍ଷଣକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେବା ପରେ ଉଚ୍ଚତମ ନ୍ୟାୟାଳୟ ମଧ୍ୟ ଏହି ନିଷ୍ପତ୍ତିକୁ ମୋହର ମାରିଥିଲେ। ବର୍ତ୍ତମାନ ଡାକ୍ତରୀ ଶିକ୍ଷା ପାଇଁ କାଉନସେଲିଂ ଚାଲୁଥିବା ବେଳେ ରାଜ୍ୟ ସରକାର ଓବିସିଙ୍କୁ ସଂରକ୍ଷଣ ପ୍ରସଙ୍ଗରେ କିଛି ନ ଜାଣିଲା ଭଳି ନୀରବ ରହି ଓବିସି ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହ ଖେଳୁଛନ୍ତି। ଓଡ଼ିଶାରେ ଡାକ୍ତରୀ ଶିକ୍ଷା କ୍ଷେତ୍ରରେ ଓବିସିମାନଙ୍କୁ ସଂରକ୍ଷଣ ଦେବା ପାଇଁ ରାଜ୍ୟ ସରକାରଙ୍କୁ 'କେନ୍ଦ୍ର ସରକାର' ନା 'ନ୍ୟାୟାଳୟ' କିଏ ମନା କରିଛନ୍ତି ବୋଲି ଭାଜପା ପ୍ରଶ୍ନ ଉଠାଇଛି। ରାଜ୍ୟ ସରକାରଙ୍କ ଓବିସି ବିରୋଧୀ ମନୋଭାବ ବିରୋଧରେ ଓବିସି ମୋର୍ଚ୍ଚା ରାଜରାସ୍ତାକୁ ଓହ୍ଲାଇବ ବୋଲି ଦଳ ପକ୍ଷରୁ କୁହାଯାଇଛି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଓବିସି ମୋର୍ଚ୍ଚା ସଭାପତି ସୁରଥ ବିଶ୍ୱାଳ କହିଛନ୍ତି, ଶାସକ ଦଳ ଏହା ଉପରେ ସ୍ପଷ୍ଟୀକରଣ ଦେବା ଉଚିତ।


ଖବରଦାତା ସମ୍ମିଳନୀରେ ଭାଜପା ନେତୃବୃନ୍ଦ।



ଧାର୍ମିକ ଚେତନାରେ ପରିହାର କର ସବୁପ୍ରକାର ନୀଚତା– ସଂକୀର୍ଣ୍ଣତା ଓ ସ୍ଥୂଳଦର୍ଶିତା। ବିସ୍ତୃତ ଦିଗ୍‌ବଳୟଠାରୁ ଆହୁରି ବିସ୍ତାରିତ କର ନିଜକୁ। ଉଚ୍ଚତମ କାଂଚନଜଙ୍ଘା ଶୃଙ୍ଗଠାରୁ ନିଜକୁ ଆହୁରି ଉଚ୍ଚକର ଏବଂ ଗଭୀରତମ ସମୁଦ୍ରଠାରୁ ଆହୁରି ଗଭୀର ହୁଅ। **–ଶ୍ରୀଅରବିନ୍ଦ**



# ଦିଲ୍ଲୀରେ ଅଭାବ

ସଂଘୀୟ ବ୍ୟବସ୍ଥାରେ କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକ ମଧ୍ୟରେ ଉତ୍ତମ ସହଯୋଗ ଓ ସମ୍ପର୍କ ରହିଲେ ପ୍ରଶାସନିକ କାର୍ଯ୍ୟ ସୁଗମ ଓ ସୁଦୃଢ଼ ହୋଇଥାଏ। କିନ୍ତୁ ଭାରତରେ ତାହା ଦିନକୁ ଦିନ ବିଗିଡ଼ିବା ଲକ୍ଷ୍ୟ କରାଯାଉଛି। କେନ୍ଦ୍ର ସରକାର ସର୍ବଦା ରାଜ୍ୟର କ୍ଷମତାକୁ ସଙ୍କୁଚିତ କରିବା ଦିଗରେ ପ୍ରୟାସ କରୁଛନ୍ତି। ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ପ୍ରଚଳନଠାରୁ ଆରମ୍ଭକରି ସଦ୍ୟ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) କ୍ୟାଡର ରୁଲ୍ସ, ୧୯୫୪ରେ ସଂଶୋଧନ ଆଣିବା ଲାଗି ହେଉଥିବା ସଜବାଜରୁ ଅନେକ ସନ୍ଦେହ ସୃଷ୍ଟି ହେଉଛି। ପୂର୍ବରୁ ରାଜ୍ୟଗୁଡ଼ିକ ସାମ୍ବିଧାନିକ ନିୟମ ଅନୁଯାୟୀ ଯେଉଁ ଟିକସ ଆଦାୟ କରୁଥିଲେ, ଜିଏସ୍‌ଟି ଲାଗୁହେବା ପରେ ରାଜସ୍ୱ ଉପରେ କେନ୍ଦ୍ରର କର୍ତ୍ତୃତ୍ୱ ବଢ଼ିଗଲା। ଫଳରେ ରାଜ୍ୟଗୁଡ଼ିକ ଅନେକାଂଶରେ କ୍ଷତି ସହୁଛନ୍ତି। ଅନୁରୂପ ଭାବେ ଆଇଏଏସ୍ କ୍ୟାଡର ରୁଲ୍ସରେ ସଂଶୋଧନ ଆଣିବା ଲାଗି ୧୨ ଜାନୁୟାରୀରେ କେନ୍ଦ୍ର ସରକାରଙ୍କ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି) ସବୁ ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କୁ ପତ୍ର ଲେଖି ସହଯୋଗ କରିବା ଲାଗି କହିଛି। ପ୍ରସ୍ତାବିତ ସଂଶୋଧନ ଜରିଆରେ ରାଜ୍ୟରେ କାର୍ଯ୍ୟରତ ଯେକୌଣସି ଆଇଏଏସ୍ ଅଧିକାରୀଙ୍କୁ କେନ୍ଦ୍ର ତା' ଡେପୁଟେଶନରେ ଅବସ୍ଥାପିତ କରିପାରିବ। ସେଥିରେ ରାଜ୍ୟ ସରକାରଗୁଡ଼ିକ ପ୍ରତିବାଦ କରିପାରିବେ ନାହିଁ। ଡିଓପିଟି ପକ୍ଷରୁ କୁହାଯାଇଛି, କେନ୍ଦ୍ରୀୟ ସ୍ତରରେ ଆଇଏଏସ୍ ଅଧିକାରୀଙ୍କ ଅଭାବ ରହୁଥିବାରୁ ତାହା ପୂରଣ ଦିଗରେ ଏଭଳି ସଂଶୋଧନର ଆବଶ୍ୟକତା ପଡ଼ିଛି। ତେବେ ପ୍ରଶ୍ନ ସ୍ୱାଭାବିକ ଭାବେ ଉଠିବ ଯେ, ଏଭଳି ଅଭାବ ସୃଷ୍ଟି ହେବା ପୂର୍ବରୁ କେନ୍ଦ୍ର ସରକାର ନିଶ୍ଚିତ ଭାବେ ସୂଚନା ପାଇଥିବେ। ଏହାସତ୍ତ୍ୱେ ରାଜ୍ୟଗୁଡ଼ିକ ସହ ବିଚାରବିମର୍ଶ କରାଯାଇ ନାହିଁ ବୋଲି ଏବେ ବିଭିନ୍ନ ମୁଖ୍ୟମନ୍ତ୍ରୀଙ୍କ ପ୍ରତିକ୍ରିୟାରୁ ଜଣାପଡୁଛି। ସମସ୍ତେ ଜାଣନ୍ତି ଯେ, ଦିଲ୍ଲୀକୁ ଡେପୁଟେଶନରେ ଯିବା ସକାଶେ ଅଧିକାଂଶ ଆଇଏଏସ୍ ଅଧିକାରୀ ଆଗ୍ରହୀ ହୋଇଥାଆନ୍ତି। ଦିଲ୍ଲୀରେ ପଦବୀ ପାଇବା ଏକ ଭିନ୍ନ ପ୍ରକାରର ଅଭିଜ୍ଞତା ଦେଇଥାଏ। କିନ୍ତୁ ଏବେ ରାଜ୍ୟଗୁଡ଼ିକରୁ ଦିଲ୍ଲୀ ଯିବା ପାଇଁ ଏହି ଅଫିସରମାନଙ୍କର ଅନିଚ୍ଛାର କାରଣ ଖୋଜିବା ପରିବର୍ତ୍ତେ ନିଜର ଗତାନୁଗତିକ ଢଙ୍ଗରେ ଆଜିର ଭାଜପା ସରକାର ସବୁକିଛି ବଳପୂର୍ବକ କରିବାକୁ ଚାହାନ୍ତି।

କେନ୍ଦ୍ରର ଏହି ଜୋରଜବରଦସ୍ତ ପଦକ୍ଷେପକୁ ଅଣ-ଭାଜପା ଶାସିତ ରାଜ୍ୟ ପଶ୍ଚିମବଙ୍ଗ, ରାଜସ୍ଥାନ, ଛତିଶଗଡ଼, ଝାଡ଼ଖଣ୍ଡ, ମହାରାଷ୍ଟ୍ର, ତାମିଲନାଡୁ ଓ କେରଳ ଆଦି ବିରୋଧ କରିଛନ୍ତି। କେନ୍ଦ୍ର ତା'ର ମନମୁତାବକ ଆଇଏଏସ୍ ଅଧିକାରୀଙ୍କୁ ଡେପୁଟେଶନରେ ନେଇଗଲେ ରାଜ୍ୟ ପ୍ରଶାସନ ଘୋର ପ୍ରଭାବିତ ହେବ ବୋଲି ଉପରଲିଖିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀମାନେ ପ୍ରଧାନମନ୍ତ୍ରୀଙ୍କୁ ପତ୍ର ଲେଖି ନିଷ୍ପତ୍ତି ପ୍ରତ୍ୟାହାର କରିବାକୁ ଅନୁରୋଧ କରିଛନ୍ତି। ଏଣେ କେନ୍ଦ୍ର ସରକାର ୨୫ ଜାନୁୟାରୀ ପର୍ଯ୍ୟନ୍ତ ଜବାବ ଦାଖଲ କରିବା ଲାଗି ରାଜ୍ୟଗୁଡ଼ିକୁ ସମୟସୀମା ଦେଇଥିବାରୁ ସ୍ଥିତି ଅଡୁଆ ହେବାକୁ ଯାଉଛି। କେନ୍ଦ୍ର ଯେଉଁ ଭାଷାରେ ରାଜ୍ୟଗୁଡ଼ିକୁ ପତ୍ର ଲେଖିଛି, ସେଥିରୁ ଗୋଟିଏ କଥା ସ୍ପଷ୍ଟ ବୁଝାପଡୁଛି। ରାଜ୍ୟମାନେ ଯଦି ଏ ଦିଗରେ ସମର୍ଥନ ଉଚିତ ସମୟରେ ଦେବେ ନାହିଁ, ତେବେ କେନ୍ଦ୍ର ସରକାର ଏହାକୁ ନିଶ୍ଚିତ ଭାବେ କାର୍ଯ୍ୟକାରୀ କରିବେ।

ଏଠାରେ ମନେପକାଇ ଦିଆଯାଇପାରେ ଯେ, ବାତ୍ୟା 'ୟାସ୍' ପରବର୍ତ୍ତୀ ସମୀକ୍ଷା କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଶ୍ଚିମବଙ୍ଗ ଯାଇଥିବା ବେଳେ ସେଠାକାର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହ ମିଶି ତତ୍କାଳୀନ ମୁଖ୍ୟ ଶାସନ ସଚିବ ଆଲ୍‌ପାନ ବନ୍ଦୋପାଧ୍ୟାୟ ବୈଠକକୁ ଅଣଦେଖା କରି ପଳାଇ ଯାଇଥିଲେ। ସମ୍ଭବତଃ ସେହି କାରଣ ଯୋଗୁ ମୋଦି ସରକାର ସର୍ବଭାରତୀୟ ସେବା ଅଧିକାରୀଙ୍କ ଉପରେ ସିଧାସଳଖ ନିଜର ଅଙ୍କୁଶ ଲଗାଇବା ପାଇଁ ଏଭଳି ସଂଶୋଧନ ଚିନ୍ତା କରିଥାଇପାରନ୍ତି। ଅବଶ୍ୟ ଏହା ସତ୍ୟ ଯେ, ବିଭିନ୍ନ ରାଜ୍ୟରେ ଦୀର୍ଘବର୍ଷ ଧରି ପ୍ରଶାସନିକ ଅଧିକାରୀମାନେ ରହିଯାଇ ଶାସକ ଦଳ ପ୍ରତି ଆନୁଗତ୍ୟ ପ୍ରଦର୍ଶନ କରି କେନ୍ଦ୍ରକୁ ହେୟଜ୍ଞାନ କରୁଛନ୍ତି। ଯଦି ରାଜ୍ୟ ସରକାର କେନ୍ଦ୍ର ବିରୋଧୀ ହୋଇଥାଏ, ତାହା ହେଲେ ଆଇଏଏସ୍ ଅଧିକାରୀମାନେ ଆହୁରି କିଛି ପାଦ ଆଗେଇ ଯାଉଥିବା ଦେଖିବାକୁ ମିଳୁଛି। ଏ ବିଷୟ ଉଲ୍ଲେଖ କଲା ବେଳେ ଏହା ମଧ୍ୟ କୁହାଯାଇପାରେ ଯେ, କେନ୍ଦ୍ରରେ ବି ଆଇଏଏସ୍ ଅଧିକାରୀମାନେ କ୍ଷମତାକେନ୍ଦ୍ର ହୋଇ ବସିଛନ୍ତି। ଉଦାହରଣ ସ୍ୱରୂପ, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)ରେ ଏଭଳି କିଛି ବଛା ଗୁଜରାଟ କ୍ୟାଡର ଅଫିସର ଅଛନ୍ତି, ଯେଉଁମାନେ ପ୍ରବଳ କ୍ଷମତାର ଅଧିକାରୀ। ଦେଖିବାକୁ ଗଲେ ପିଏମ୍‌ଓରୁ ପ୍ରତି ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ସବୁଠାରେ ହାତଗଣତି ଆଇଏଏସ୍ ଓ ଆଇପିଏସ୍ ଅଧିକାରୀ ପ୍ରଶାସନକୁ ନିଜ ନିୟନ୍ତ୍ରଣାଧୀନ ରଖିଛନ୍ତି। ଦେଶବ୍ୟାପୀ ଏଭଳି ସ୍ଥିତି ସୃଷ୍ଟି ହେଲାଣି ଯେ, ମୁଖ୍ୟମନ୍ତ୍ରୀମାନେ ରାଜନୈତିକ ବନ୍ଧୁ ସୃଷ୍ଟି କରିବା ଅପେକ୍ଷା ପ୍ରଶାସନିକ ସଖାମାନଙ୍କ କଥାକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଯାହା ଦେଖାଯାଉଛି, କେନ୍ଦ୍ରକୁ ଡେପୁଟେଶନରେ ଯାଉଥିବା ସର୍ବଭାରତୀୟ ସ୍ତରର ଆଇଏଏସ୍ ଓ ଆଇପିଏସ୍ ଅଫିସରମାନେ ଯେତେବେଳେ ନିଜ କ୍ୟାଡର ରାଜ୍ୟକୁ ଫେରୁଛନ୍ତି, ସେତେବେଳେ ସେମାନଙ୍କର ପ୍ରଶାସନିକ ଦକ୍ଷତା ଦୁର୍ବଳ ପ୍ରମାଣିତ ହେଉଛି। ଦିଲ୍ଲୀରେ କେବଳ ନୀତିନିୟମ ସୃଷ୍ଟି କରାଯାଉଥିବା ବେଳେ ରାଜ୍ୟଗୁଡ଼ିକରେ ସରକାରଙ୍କ ବାସ୍ତବ କାର୍ଯ୍ୟର ପ୍ରତିଫଳନ ହୋଇଥାଏ। ଏହି ଦିଗରୁ ଦେଖିଲେ ରାଜ୍ୟମାନଙ୍କର କ୍ଷମତା ହ୍ରାସ କରିଦେଲେ ତୃଣମୂଳସ୍ତରର ପ୍ରଶାସନିକ ଧାରାରେ ବିଚ୍ୟୁତି ଘଟିବାର ସମ୍ଭାବନା ବୃଦ୍ଧି ପାଉଛି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 6 | | | |
| | | 1 | | | 4 | | | 9 |
| 4 | 2 | | | | | | | |
| 8 | | | | | | | 9 | |
| | 9 | | 1 | | | | | 3 |
| | 1 | | 7 | 6 | | | 2 | |
| 3 | | | | | | | 6 | 4 |
| | | | 3 | 2 | | 1 | | |
| | | 7 | | | | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁରେ ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 8 | 6 | 2 | 4 | 3 | 9 | 5 | 1 |
| 4 | 3 | 2 | 1 | 5 | 9 | 8 | 6 | 7 |
| 1 | 5 | 9 | 7 | 6 | 8 | 4 | 3 | 2 |
| 3 | 6 | 7 | 9 | 2 | 5 | 1 | 4 | 8 |
| 5 | 9 | 4 | 8 | 1 | 6 | 7 | 2 | 3 |
| 8 | 2 | 1 | 4 | 3 | 7 | 5 | 9 | 6 |
| 6 | 7 | 5 | 3 | 8 | 4 | 2 | 1 | 9 |
| 2 | 4 | 8 | 6 | 9 | 1 | 3 | 7 | 5 |
| 9 | 1 | 3 | 5 | 7 | 2 | 6 | 8 | 4 |

ଗତକାଲିର ଉତ୍ତର



# ସାର୍, ମ୍ୟାଡାମ୍ ନୁହେଁ, ଟିଚର

ଡ. ଛାୟାକାନ୍ତ ଷଡ଼ଙ୍ଗୀ

ଗୋଟିଏ ବିଚକ୍ଷଣ ଚୋର ସହ ଏକ ଉଦୀୟମାନ ଚୋରର ବନ୍ଧୁତା ହେଲା। ଉଦୀୟମାନ ଚୋର ପଚାରିଲା, 'ତୁମେ କେବେ ଧରାପଡ଼ିନାହିଁ?' ବିଚକ୍ଷଣ ଉତ୍ତର ଦେଲା, 'ମୁଁ କେବେ ଧରାପଡ଼ିନାହିଁ। ବୁଦ୍ଧିଥିଲେ ସହଜରେ ଖସି ଯାଇହୁଏ।' ଦିନେ ରାତିରେ ବୁଦ୍ଧି ଶିଖିବା ପାଇଁ ଉଦୀୟମାନ ଚୋର ବିଚକ୍ଷଣ ଚୋର ସାଙ୍ଗରେ ସାମରିକ ଅଫିସରମାନଙ୍କର ଏକ ମେସ୍‌କୁ ପଶିଲା। ସେମାନେ ଦେଖିଲେ ରନ୍ଧନଶାଳାରେ ଅନେକ ପ୍ରକାର ସୁସ୍ୱାଦୁ ଖାଦ୍ୟ ଅଛି। ଦୁହେଁ ଖାଇବାକୁ ଲାଗିଲେ। ହଠାତ୍ ବିଚକ୍ଷଣ ଚୋର ହାତରୁ ପ୍ଲେଟ୍‌ଟିଏ ଖସିପଡ଼ିଲା। ସେହି ଶବ୍ଦରେ ଜଣେ ସାମରିକ ଅଫିସରଙ୍କ ନିଦ ଭାଙ୍ଗିଗଲା। ସେ ଉଠିପଡ଼ି ଉଚ୍ଚ ସ୍ୱରରେ ପଚାରିଲେ, 'କିଏ'? ବିଚକ୍ଷଣ ଚୋର ସଙ୍ଗେ ସଙ୍ଗେ 'ମିଆଁଓ' ବୋଲି ଶବ୍ଦ କଲା। ସାମରିକ ଅଫିସର ଭାବିଲେ ବୋଧହୁଏ ବିଲେଇଟିଏ ପ୍ଲେଟ୍‌ଟିକୁ ପକାଇଦେଲା। ତା'ପରେ ସେ ପୁଣି ଶୋଇପଡ଼ିଲେ। ଉଦୀୟମାନ ଚୋର ଭାବିଲା ସେ ବୁଦ୍ଧି ଶିଖିଗଲା। ବିଚକ୍ଷଣ ଚୋର ମେସ୍‌ରୁ ବାହାରିଯିବା ପରେ ଉଦୀୟମାନ ଚୋର ଆହୁରି କିଛି ସୁଖାଦ୍ୟ ଖୋଜିବାକୁ ଲାଗିଲା। ଖୋଜୁ ଖୋଜୁ ତା' ହାତରୁ ଖସିଗଲା ଗୋଟିଏ ଟ୍ରେ। ପୁଣି ସେହି ଶବ୍ଦ ଦ୍ୱାରା ସାମରିକ ଅଫିସରଙ୍କ ନିଦ ଭାଙ୍ଗିଗଲା। ସେ ଚିତ୍କାର କଲେ 'କିଏ'? ତତ୍‌କ୍ଷଣାତ୍ ବୁଦ୍ଧି ଶିଖିଯାଇଛି ଭାବିଥିବା ଉଦୀୟମାନ ଚୋର ଉତ୍ତର ଦେଲା, 'ମୁଁ ଆଉ ଗୋଟିଏ ବିଲେଇ'। ତା'ପରେ ସେ ଯେଉଁ କରୁଣ ଅବସ୍ଥା ଭୋଗିଥିବ ତାହା ସହଜରେ ଅନୁମେୟ। ଗତ ଜାନୁୟାରୀ ୭ରେ ପ୍ରକାଶ ପାଇଥିବା ଏକ ଖବର ବିଶିଷ୍ଟ ଲେଖକ ମନୋଜ ଦାସଙ୍କ ଦ୍ୱାରା ପରିବେଷିତ ଏହି କାହାଣୀଟିକୁ ମନେ ପକାଇଦେଲା। ବେଳେବେଳେ ଅନୁକରଣ କରିବାକୁ ଯାଇ ତାହା କିଭଳି ହନୁକରଣରେ ରୂପାନ୍ତରିତ ହୁଏ ଓ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରେ ଏହି କାହାଣୀଟି ଏକ ଦୃଷ୍ଟାନ୍ତ ମାତ୍ର।

କିଛି ଦିନ ତଳେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ତାଙ୍କୁ ସମ୍ବୋଧନ କଲାବେଳେ ମାଇଁ ଲର୍ଡ, ୟୋର ଲର୍ଡଶିପ୍ ଭଳି ଶବ୍ଦ ବ୍ୟବହାର ନ କରିବାକୁ ଓକିଲମାନଙ୍କୁ ପରାମର୍ଶ ଦେଇଛନ୍ତି। ତା' ପରିବର୍ତ୍ତେ ସମ୍ମାନସୂଚକ ଶବ୍ଦ ସାର୍/ମ୍ୟାଡାମ ବ୍ୟବହାର କରାଯାଇପାରେ ବୋଲି ମତ ଦେଇଛନ୍ତି। ୨୦୦୯ରେ ସେ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟରେ ଓ ୨୦୨୦ରେ ପଞ୍ଜାବ ହରିୟାନା ଉଚ୍ଚ ନ୍ୟାୟାଳୟରେ ବିଚାରପତି ଥିବାବେଳେ ମଧ୍ୟ ସେ ଏହି ଅନୁରୋଧ କରିଥିଲେ। ୨୦୦୬ରେ ବାର କାଉନ୍‌ସିଲ ଅଫ୍ ଇଣ୍ଡିଆ ମଧ୍ୟ ଏହିଭଳି ସମ୍ବୋଧନକୁ ଉଚ୍ଛେଦ କରିବା ପାଇଁ ଏକ ସଂକଳ୍ପ ପାରିତ କରିଥିଲେ, କାରଣ ଏହାଥିଲା ଔପନିବେଶିକ ଅତୀତର ସ୍ମାରକୀ। ତା'ସତ୍ତ୍ୱେ ଭାରତ ସ୍ୱାଧୀନତା ପାଇବାର ୭୫ ବର୍ଷ ପରେ ମଧ୍ୟ ଏହି ପରମ୍ପରା ଉଚ୍ଛେଦ ହୋଇପାରି ନାହିଁ। ସେ ଯାହାହେଉ, ଓଡ଼ିଶାର ମୁଖ୍ୟ ବିଚାରପତିଙ୍କ ଏହି ଅନୁରୋଧକୁ ସ୍ୱାଗତ କରାଯାଇଛି।

ଠିକ୍ ଏହି ଢଙ୍ଗରେ ନିକଟରେ କେରଳର ପାଲାକଡ୍ ଜିଲାର ଓଲାସାରି ଗାଁରେ ଥିବା ଏକ ସରକାରୀ ସାହାଯ୍ୟପ୍ରାପ୍ତ ସ୍କୁଲର ଅଧ୍ୟକ୍ଷ ଭାନୁଗୋପାଳନ୍ ନିଷ୍ପତ୍ତି ନେଇଛନ୍ତି ଯେ, ସେଠାରେ ଏଣିକି ଛାତ୍ରୀଛାତ୍ରମାନେ ଶିକ୍ଷକମାନଙ୍କୁ ସାର୍ ଓ ଶିକ୍ଷୟିତ୍ରୀମାନଙ୍କୁ ମ୍ୟାଡାମ୍ ସମ୍ବୋଧନ ପରିବର୍ତ୍ତେ 'ଟିଚର୍' ସମ୍ବୋଧନ କରିବେ। ଏହାଦ୍ୱାରା ଲିଙ୍ଗ ନିରପେକ୍ଷତା ବଜାୟ ରହିବ ଓ ଔପନିବେଶିକ ପ୍ରଭାବରୁ ମୁକ୍ତି ମିଳିବ। ତାଙ୍କ କହିବା ଉଦ୍ଦେଶ୍ୟ ହେଉଛି ଯେ, ପ୍ରତ୍ୟେକ କ୍ଷେତ୍ରରେ ସାମର୍ଥ୍ୟ ଦୃଷ୍ଟିରୁ ପୁରୁଷ ଓ ମହିଳା ମଧ୍ୟରେ କୌଣସି ଭିନ୍ନତା ନାହିଁ। ସାର୍ ଓ ମ୍ୟାଡାମ୍ ସମ୍ବୋଧନ ଲିଙ୍ଗଭେଦ ସୂଚାଉଛି। ଜଣେ ଶିକ୍ଷକ ଲିଙ୍ଗଭିତ୍ତିରେ ପରିଚିତ ଓ ସମ୍ବୋଧିତ ହେବା ଠିକ୍ ନୁହେଁ। ସେ ପୁରୁଷ ହୁଅନ୍ତୁ ବା ମହିଳା, ସେ ଜଣେ ଶିକ୍ଷକ। ଏଣୁ ଏକ ଲିଙ୍ଗ ନିରପେକ୍ଷ ଶବ୍ଦ ବ୍ୟବହୃତ ହେବା ଉଚିତ ବୋଲି ଅଧ୍ୟକ୍ଷଙ୍କ ମତ।

ସ୍କୁଲ ଅଧ୍ୟକ୍ଷଙ୍କ ଏହି ନିଷ୍ପତ୍ତି ମୁଖ୍ୟ ବିଚାରପତି ମୁରଲୀଧରଙ୍କ ଦୃଷ୍ଟିଭଙ୍ଗୀର ଏକ ହନୁକରଣ ଭଳି ମନେହୁଏ। ପ୍ରବନ୍ଧର ପ୍ରାରମ୍ଭରେ କଥିତ ଉଦୀୟମାନ ଚୋରର ହନୁକରଣ ସହ ଏହା ସାମଞ୍ଜସ୍ୟ ରକ୍ଷା କରେ। ପ୍ରଥମତଃ ସ୍ୱାଧୀନ ଭାରତରେ ଔପନିବେଶିକ ଯୁଗରେ ପ୍ରଚଳିତ ଥିବା ପ୍ରଥାରୁ ମୁକ୍ତ ହେବା ପାଇଁ ବିଚାରପତି ମହାଶୟ 'ସାର୍/ମ୍ୟାଡାମ୍' ସମ୍ବୋଧନ ଯଥେଷ୍ଟ ବୋଲି କହିଛନ୍ତି। ଏହି ଶବ୍ଦ ଦୁଇଟି ବିଦେଶୀ ହୋଇଥିଲେ ମଧ୍ୟ ଏହା ସମ୍ମାନସୂଚକ ଶବ୍ଦ ଭାବରେ ପ୍ରତ୍ୟେକ କ୍ଷେତ୍ରରେ ଗ୍ରହଣୀୟ ହୋଇସାରିଛି। ମାତ୍ର ସ୍କୁଲର ଅଧ୍ୟକ୍ଷ ଏହି ଶବ୍ଦ ଦିଓଟିକୁ ଲିଙ୍ଗଭେଦସୂଚକ କହିବା ସଙ୍ଗେ ସଙ୍ଗେ ଔପନିବେଶିକ ସ୍ମାରକୀ ବୋଲି କହି ଏହା ପରିତ୍ୟାଜ୍ୟ କହିଛନ୍ତି। ମାତ୍ର ଯଦି ଏହା ଉପନିବେଶ ଯୁଗର ସ୍ମାରକ, 'ଟିଚର୍' ଶବ୍ଦ ମଧ୍ୟ ସେହି ଯୁଗରେ ପ୍ରୟୋଗ ହୋଇଛି। ଏହା ମଧ୍ୟ ଔପନିବେଶିକ ପରମ୍ପରା। ଅତୀତରେ ଇଂଲଣ୍ଡର ସ୍କୁଲଗୁଡ଼ିକରେ ମଧ୍ୟ ଏହି 'ସାର୍' ସମ୍ବୋଧନ ଥିଲା। ମାତ୍ର ଶିକ୍ଷକତା ପାରିବାରିକ କର୍ମ ସହ ସହାବସ୍ଥାନକ୍ଷମ ନୁହେଁ ବୋଲି ଧାରଣା ଥିଲା। ତେଣୁ ମହିଳା ଶିକ୍ଷକମାନେ ଅବିବାହିତ ରହୁଥିଲେ ଓ ସେମାନଙ୍କୁ ସେହି ଅନୁଯାୟୀ 'ମିସ୍' ସମ୍ବୋଧନ କରାଯାଉଥିଲା। ଅବଶ୍ୟ ଏବେ ଏହି ଧାରଣା ବଦଳିଛି ଓ ମହିଳା ଶିକ୍ଷକମାନେ ବିବାହ କରୁଛନ୍ତି। ଇଂଲଣ୍ଡରେ ଏବେ ମଧ୍ୟ ଅନେକ ସ୍କୁଲରେ ଶିକ୍ଷକମାନଙ୍କୁ ଲିଙ୍ଗଭେଦ ଅନୁଯାୟୀ ମିଷ୍ଟର ଜୋନ୍‌ସ, ମିସେସ୍ ସ୍ମିଥ ଏହିଭଳି ସମ୍ବୋଧନ କରାଯାଉଛି। ଅବଶ୍ୟ ସମ୍ପ୍ରତି କେତେକ ସ୍କୁଲରେ ଲିଙ୍ଗଭେଦ ଏଡ଼େଇବା ପାଇଁ 'ଟିଚର୍' ଶବ୍ଦର ପ୍ରୟୋଗ ଆରମ୍ଭ ହୋଇଛି। କେରଳର ଏହି ସ୍କୁଲଟି ଇଂରାଜୀ ମାଧ୍ୟମ ସ୍କୁଲ ହୋଇଥିବାରୁ 'ଟିଚର' ଶବ୍ଦର ପ୍ରୟୋଗକୁ ଗ୍ରହଣ କରିବାରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ।

ସାର୍ ଓ ମ୍ୟାଡାମ୍ ଶବ୍ଦ ଲିଙ୍ଗଭେଦ ଅବଶ୍ୟ ସୂଚାଏ। ମାତ୍ର ଯେଉଁ ଛାତ୍ରୀଛାତ୍ରମାନେ ଏହି ଶବ୍ଦ ଦୁଇଟି ବ୍ୟବହାର କରନ୍ତି, ସେମାନଙ୍କ ସମ୍ମାନବୋଧରେ ଲିଙ୍ଗଭେଦ ନଥାଏ କିମ୍ବା ଦୁଇଟି ସମ୍ବୋଧନ ପୁରୁଷ ଶିକ୍ଷକଙ୍କୁ ବେଶି ସମ୍ମାନ ଓ ମହିଳା ଶିକ୍ଷକଙ୍କୁ କମ୍ ସମ୍ମାନ ସୂଚାଏ ନାହିଁ। ପୁନଶ୍ଚ ପଦପଦବୀରେ ଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ଲିଙ୍ଗଭେଦ ପରିଚୟକୁ ଉଚ୍ଛେଦ କଲେ ମଧ୍ୟ ଜୈବିକ ଦୃଷ୍ଟିରୁ ଲିଙ୍ଗଭେଦ ରହିବ ହିଁ ରହିବ। ଏହା ପ୍ରକୃତିଦତ୍ତ। ଏଣୁ ସମ୍ମାନବୋଧ ଅକ୍ଷୁଣ୍ଣ ରଖି ଲିଙ୍ଗସୂଚକ ଶବ୍ଦ ସାର୍ ଓ ମ୍ୟାଡାମ୍ ବ୍ୟବହାର କଲେ କ୍ଷତି କ'ଣ? ଉତ୍ତର ଉପନିବେଶ ଯୁଗରେ ସାର୍ ଓ ମ୍ୟାଡାମ୍ ଶବ୍ଦ ଆଉ ଔପନିବେଶିକ ଶବ୍ଦ ଭାବରେ ରହିନାହିଁ। ଏହା ସମ୍ମାନସୂଚକ ଶବ୍ଦ ଭାବରେ ପୃଥିବୀର ବହୁ ଦେଶରେ ବ୍ୟବହୃତ ହେଉଛି। ଭାରତରେ ଆଞ୍ଚଳିକ ଭାଷାରେ ଶିକ୍ଷାଦାନ କରୁଥିବା ସ୍କୁଲଗୁଡ଼ିକରେ ମଧ୍ୟ ଛାତ୍ରୀଛାତ୍ରମାନେ ଏହି ଶବ୍ଦ ଦିଓଟିକୁ ସମ୍ମାନସୂଚକ ଶବ୍ଦ ଭାବରେ ବ୍ୟବହାର କରୁଛନ୍ତି।

ଭାଷା ହେଉଛି ଏକ ପ୍ରବହମାନ ଧାରା। ସେହି ପ୍ରବାହ ମଧ୍ୟରେ ଅନେକ ବିଦେଶୀ ଶବ୍ଦ ମଧ୍ୟ ମିଶିଯାଏ। ଠିକ୍ ସେହିଭଳି ଏବେ ସାର୍ ଓ ମ୍ୟାଡାମ୍ ଶବ୍ଦ ଦୁଇଟି ଭାରତୀୟ ଭାଷାରେ ମିଶିଗଲାଣି। 'ଟିଚର୍' ସମ୍ବୋଧନ ଲିଙ୍ଗ ନିରପେକ୍ଷତା ସୂଚାଇପାରେ, ମାତ୍ର ଭାରତରେ ଏହି ଶବ୍ଦରେ ସମ୍ବୋଧନ ସମ୍ମାନବୋଧ ସୃଷ୍ଟି କରିପାରିବ ନାହିଁ। ଅପରପକ୍ଷରେ ଛାତ୍ରୀଛାତ୍ରମାନେ ସାର୍ ଓ ମ୍ୟାଡାମ୍ ସମ୍ବୋଧନ କଲାବେଳେ ସେଥିରେ ସେମାନଙ୍କର ବିନମ୍ରତା ପ୍ରକାଶପାଏ। ବିନମ୍ରତାପୂର୍ଣ୍ଣ ଜିଜ୍ଞାସା ବିନା ଶିକ୍ଷକଙ୍କଠାରୁ ଶିକ୍ଷା ଲାଭ ସମ୍ଭବ ନୁହେଁ। ଜ୍ଞାନଦାନ କରୁଥିବା ଶିକ୍ଷକ ଯେ ଛାତ୍ରୀଛାତ୍ରମାନଙ୍କଠାରୁ ଉଚ୍ଚସ୍ଥାନର ଅଧିକାରୀ ଏହା ଅସ୍ୱୀକାର କରିହେବ ନାହିଁ। ତେଣୁ ଭଗବଦ୍ ଗୀତାରେ ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ କହିଛନ୍ତି "ତତ୍ ବିଦ୍ଧି ପ୍ରଣିପାତେନ ପରିପ୍ରଶ୍ନେନ ସେବୟା/ ଉପଦେକ୍ଷ୍ୟନ୍ତି ତେ ଜ୍ଞାନଂ ଜ୍ଞାନିନଃ ତତ୍ତ୍ୱଦର୍ଶିନଃ।" ଅର୍ଥାତ୍ ହେ ଅର୍ଜୁନ! ତୁମେ ତତ୍ତ୍ୱଦର୍ଶୀଙ୍କ ପାଖକୁ ଯାଇ ତତ୍ତ୍ୱଜ୍ଞାନ ଶିକ୍ଷାକର। ତାଙ୍କୁ ପ୍ରଣିପାତ କଲେ, ସେବା କଲେ ଓ ସରଳତାପୂର୍ବକ ପ୍ରଶ୍ନକଲେ ସେ ତୁମକୁ ତତ୍ତ୍ୱଜ୍ଞାନର ଉପଦେଶ ଦେବେ। ଏହା ହେଉଛି ଭାରତର ସଂସ୍କୃତି। ଭାଷା ହେଉଛି ସଂସ୍କୃତିର ବାହକ। ଜୈବିକ ଦୃଷ୍ଟିରୁ ପ୍ରକୃତିଦତ୍ତ ଲିଙ୍ଗଭେଦକୁ ଅସ୍ୱୀକାର କରି ହେଉନଥିବା ବେଳେ ଲିଙ୍ଗନିରପେକ୍ଷ ଶବ୍ଦ ବ୍ୟବହାର ଆଳରେ ଟିଚର୍ ଶବ୍ଦର ବ୍ୟବହାର ଭାରତୀୟ ସଂସ୍କୃତିରେ ବଢ଼ିଥିବା ଛାତ୍ରୀଛାତ୍ରମାନଙ୍କୁ ଅସ୍ୱସ୍ତିକର ବୋଧହେବ ନିଶ୍ଚୟ। ଏଣୁ ଶିକ୍ଷକ-ଛାତ୍ର ସମ୍ପର୍କ ଏହି ସମ୍ବୋଧନ-ଶବ୍ଦ ବ୍ୟବହାରର ଗୋଲକଧନ୍ଦାରେ ଛନ୍ଦି ନ ହେଉ। ଇଂଲଣ୍ଡରେ ଶିକ୍ଷକଙ୍କୁ ମିଷ୍ଟର ଜୋନ୍‌ସ, ମିସେସ୍ ସ୍ମିଥ୍ ଭଳି ନାମରେ ସମ୍ବୋଧନ କଲାଭଳି ଭଗବଦ୍ ଗୀତାରେ ଅର୍ଜୁନ ଶ୍ରୀକୃଷ୍ଣଙ୍କୁ ମଧୁସୂଦନ, କେଶବ, ଜନାର୍ଦ୍ଦନ ଆଦି ଶବ୍ଦ ବ୍ୟବହାର କରି ସମ୍ବୋଧନ କରିଛନ୍ତି। ମାତ୍ର ଶ୍ରୀକୃଷ୍ଣ ଥିଲେ ଅର୍ଜୁନଙ୍କ ସଖା। ଏଣୁ ନାମରେ ସମ୍ବୋଧନ କରିବା ତାଙ୍କ ପାଇଁ ଅଯୌକ୍ତିକ ନୁହେଁ। ତା' ସତ୍ତ୍ୱେ ଯେତେବେଳେ ସେ ଶ୍ରୀକୃଷ୍ଣଙ୍କ ପାଖରୁ ଗୀତାଜ୍ଞାନ ଗ୍ରହଣ କରିଛନ୍ତି, ସେତେବେଳେ ସେ ଶିଷ୍ୟଭାବରେ ତାଙ୍କର ଶରଣାପନ୍ନ ହୋଇଛନ୍ତି। (ଶିଷ୍ୟସ୍ତେଽହଂ ଶାଧି ମାଂ ତ୍ୱାଂ ପ୍ରପନ୍ନମ୍)। ଭାରତୀୟ ପରମ୍ପରାରେ ଏହା ହେଉଛି ଶିଷ୍ୟତ୍ୱର ପରିଭାଷା। ଯଦି ଟିଚର୍ ସମ୍ବୋଧନ କଲେ ଛାତ୍ରୀ/ଛାତ୍ର ମଧ୍ୟରେ ସେହି ବିନମ୍ରତାର ଓ ସମର୍ପଣର ଭାବ ପ୍ରକାଶ ପାଏ, କାହାରି ଆପତ୍ତି ରହିବ ନାହିଁ। ମାତ୍ର ଶବ୍ଦରୁ ମନର ଭାବ ସୃଷ୍ଟି ହୁଏ ନାହିଁ। ମନର ଭାବରୁ ଶବ୍ଦ ପ୍ରକାଶପାଏ। ଭାରତୀୟ ସଂସ୍କୃତିରେ ବଢ଼ିଥିବା ଜଣେ ଛାତ୍ର ପାଟିରୁ ସମ୍ମାନସୂଚକ ଶବ୍ଦ ଭାବରେ 'ଟିଚର୍' ଶବ୍ଦ ବାହାରିବ ନାହିଁ। ଏଣୁ ଲିଙ୍ଗ ନିରପେକ୍ଷଣ, ଔପନିବେଶିକ ଭାବଶୂନ୍ୟତା ଆଳରେ ସମ୍ବୋଧନ ଶବ୍ଦର ବ୍ୟବହାର ଉପରେ ଜୋର ଦେବା ଅର୍ଥହୀନ ମନେହୁଏ। ଲିଙ୍ଗ ନିରପେକ୍ଷ ଶବ୍ଦର ବ୍ୟବହାର ସହ ଶିଷ୍ୟତ୍ୱର କୌଣସି ସମ୍ପର୍କ ଥିବା ଭଳି ମନେ ହୁଏନାହିଁ।

**ପ୍ରାକ୍ତନ କଲେଜ ଅଧ୍ୟକ୍ଷ, ଟିଟିଲାଗଡ଼**
**ମୋ:୭୦୦୮୩୬୯୯୨୦**



# ବାଲ୍ୟ ବିବାହମୁକ୍ତ ଓଡ଼ିଶା କେତେ ସମ୍ଭବ

ଘାସିରାମ ପଣ୍ଡା

ସୁବର୍ଣ୍ଣପୁର ଜିଲାର ରୁଗୁଡ଼ିପାଲି ରାଜ୍ୟର ପ୍ରଥମ ବାଲ୍ୟ ବିବାହମୁକ୍ତ ଗ୍ରାମ ଭାବରେ ୨୦୧୯ରେ ପ୍ରଶାସନ ଦ୍ୱାରା ସ୍ୱୀକୃତି ପାଇଥିଲା। ବାଲ୍ୟ ବିବାହର ନିରାକରଣ କ୍ଷେତ୍ରରେ ଏହାକୁ ଏକ ଉତ୍ତମ ପ୍ରୟାସ ଭାବରେ ଗ୍ରହଣ କରାଯାଇ ମହିଳା ଓ ଶିଶୁ ବିକାଶ ବିଭାଗ ତରଫରୁ ସମସ୍ତ ଜିଲାପାଳଙ୍କୁ ଏଭଳି କାର୍ଯ୍ୟକ୍ରମ ନିଜ ଜିଲାଗୁଡ଼ିକରେ ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଥିଲା। ରାଜ୍ୟର ବିଭିନ୍ନ ଜିଲା ଏ ଦିଗରେ ଉଲ୍ଲେଖନୀୟ ଅଗ୍ରଗତି କରିବା ସହିତ ବର୍ତ୍ତମାନ ସୁଦ୍ଧା ପ୍ରାୟ ଦଶ ହଜାରରୁ ଅଧିକ ଗ୍ରାମକୁ ବାଲ୍ୟ ବିବାହମୁକ୍ତ ଘୋଷଣା କରିସାରିଛନ୍ତି। ଗ୍ରାମବାସୀଙ୍କ ଏହି ପଦକ୍ଷେପକୁ ରାଜ୍ୟ ସରକାର ପ୍ରଶଂସା କରିବା ପୂର୍ବକ ପ୍ରତ୍ୟେକ ଗ୍ରାମକୁ ତିନିହଜାର ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ କରିଛନ୍ତି।

ଏହି କ୍ରମରେ ଗଞ୍ଜାମ ଜିଲା ରାଜ୍ୟର ପ୍ରଥମ ବାଲ୍ୟ ବିବାହମୁକ୍ତ ଜିଲା ହେବାର ସୌଭାଗ୍ୟ ଅର୍ଜନ କରିଛି। ଜିଲାପାଳ ପ୍ରଥମ ପର୍ଯ୍ୟାୟରେ ୨୦୨୧ ଜାନୁୟାରୀ ୧୯ରେ ୧୦୩୨ ଗ୍ରାମ ଓ ୧୪୦ ସହରାଞ୍ଚଳର ୱାର୍ଡକୁ ବାଲ୍ୟ ବିବାହମୁକ୍ତ ଘୋଷଣା କରିଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଅକ୍ଟୋବର ୧୪ରେ ୧୦୧୦ ଗ୍ରାମ, ୧୨୬ ସହରାଞ୍ଚଳର ୱାର୍ଡ ଓ ୨୨୧ ଗ୍ରାମ ପଞ୍ଚାୟତକୁ ବାଲ୍ୟ ବିବାହମୁକ୍ତ ଘୋଷଣା କରିଥିଲେ। ସେହିପରି ତୃତୀୟ ପର୍ଯ୍ୟାୟରେ ୨୦୨୨ ଜାନୁୟାରୀ ୩ରେ ସମ୍ପୂର୍ଣ୍ଣ ଜିଲାକୁ ବାଲ୍ୟ ବିବାହମୁକ୍ତ ଘୋଷଣା କରିଥିଲେ। ଜିଲାର ଏହି ଉଦ୍ୟମକୁ ନିତି ଆୟୋଗ ସ୍କଚ୍ ପୁରସ୍କାରରେ ସମ୍ମାନିତ କରିଛନ୍ତି।

ଗଞ୍ଜାମ ଜିଲା ବାଲ୍ୟ ବିବାହମୁକ୍ତ ଘୋଷିତ ହେବା ପରେ ଅନେକେ ପ୍ରଶଂସା କରିଥିବା ବେଳେ ବହୁ ଲୋକ ଏଥିରେ ସଂଶୟ ପ୍ରକାଶ କରିଛନ୍ତି। ମୁକ୍ତ ଘୋଷିତ ଗ୍ରାମରେ ବାଲ୍ୟ ବିବାହ ଘଟିବ ନାହିଁ ଏହା କିପରି ସୁନିଶ୍ଚିତ କାରାଯାଉଛି? କେଉଁ ଆଧାରରେ ଗ୍ରାମକୁ ବାଲ୍ୟ ବିବାହମୁକ୍ତ ଘୋଷଣା କରାଗଲା? ଏହା କେବଳ ଶସ୍ତା ସ୍ଲୋଗାନ୍ ନା ଏଥିପାଇଁ ପ୍ରଶାସନିକ ଉତ୍ତରଦାୟିତ୍ୱ ରହିଛି? ଏଭଳି ଅନେକ ପ୍ରଶ୍ନ ଲୋକଙ୍କ ମନରେ ରହିଛି। ବାହ୍ୟ ମଳମୁକ୍ତ ଗ୍ରାମ ଘୋଷଣା ଭଳି କାର୍ଯ୍ୟକ୍ରମ ଲୋକଙ୍କୁ ଯେଉଁ ଅନୁଭୂତି ଦେଇଛି, ବାଲ୍ୟ ବିବାହମୁକ୍ତ ଗ୍ରାମ ଘୋଷଣା କଲାବେଳେ ସ୍ୱାଭାବିକ ଭାବେ ସମସ୍ତଙ୍କ ମନରେ ସେଭଳି ପ୍ରଶ୍ନ ଉଠିବ।

୨୦୩୦ ସୁଦ୍ଧା ରାଜ୍ୟକୁ ବାଲ୍ୟ ବିବାହମୁକ୍ତ ଘୋଷଣା କରିବାର ରାଜନୈତିକ ପ୍ରତିବଦ୍ଧତା ରଖି ସରକାର ୨୦୧୯ରୁ ବାଲ୍ୟ ବିବାହ ନିଷେଧ ରଣକୌଶଳ ପ୍ରଣୟନ କରିଛନ୍ତି। ଗ୍ରାମ, ସହରାଞ୍ଚଳ, ପଞ୍ଚାୟତ ଓ ଜିଲାଗୁଡ଼ିକ ବାଲ୍ୟ ବିବାହମୁକ୍ତ ହେଲେ ଯାଇ ରାଜ୍ୟ ବାଲ୍ୟ ବିବାହମୁକ୍ତ ହୋଇପାରିବ। ବର୍ତ୍ତମାନ ହେଉଥିବା ବାଲ୍ୟ ବିବାହମୁକ୍ତ କାର୍ଯ୍ୟକ୍ରମ ଏକ ପ୍ରଚାରଧର୍ମୀ ଓ କେବେବି ସମ୍ଭବ ନୁହେଁ ବୋଲି ଭାବିଲେ ରାଜ୍ୟ ବି ବାଲ୍ୟ ବିବାହମୁକ୍ତ ବୋଲି ଘୋଷିତ ହେବା ସମ୍ଭବ ନୁହେଁ ବୋଲି ଧରି ନେବାକୁ ହେବ। କିନ୍ତୁ କେବଳ ପୁରୁଣା ଅନୁଭୂତି ଓ କିଛି ଅବଧାରଣା ଆଧାରରେ ଏଭଳି ବିଚାର କରିବା ଉଚିତ ହେବ ନାହିଁ। ପୁରୁଣା ଅନୁଭୂତିରୁ ମିଳିଥିବା ଶିକ୍ଷାକୁ ପ୍ରୟୋଗ କରାଯାଇ ଏହି କାର୍ଯ୍ୟକ୍ରମରେ ଅନେକ ସୁଧାର ଅଣାଯାଇ ପାରିଛି।

ବାଲ୍ୟ ବିବାହମୁକ୍ତ ଘୋଷିତ ଗ୍ରାମଗୁଡ଼ିକୁ ଅନୁଧ୍ୟାନ କଲେ କେତେକ ସାମଞ୍ଜସ୍ୟ ପରିଲକ୍ଷିତ ହୁଏ। କୌଣସି ଗ୍ରାମକୁ ହଠାତ୍ ବାଲ୍ୟ ବିବାହମୁକ୍ତ ଘୋଷିତ କରାଯାଇ ନାହିଁ। ବିଗତ କିଛି ବର୍ଷର ସ୍ଥିତି ଆଧାରରେ ଗ୍ରାମବାସୀ ପ୍ରଶାସନକୁ ଜ୍ଞାତ କରେଇଲା ପରେ ଜିଲା ପ୍ରଶାସନର ଅଧିକାରୀମାନେ ପ୍ରତ୍ୟେକ ଗ୍ରାମକୁ ଗସ୍ତ କରି ଅନୁଧ୍ୟାନ କରିଛନ୍ତି। ଅତିକମ୍‌ରେ ଗତ ଦୁଇ ବର୍ଷ ଭିତରେ ଗୋଟିଏ ବି ବାଲ୍ୟ ବିବାହ ହୋଇ ନଥିବା, ଗ୍ରାମସ୍ତରରେ ଏନେଇ କମିଟି ଗଠନ କରାଯାଇ ପ୍ରତ୍ୟେକ ବିବାହକୁ ତଦାରଖ କରାଯାଉଥିବା ଭଳି ସ୍ଥିତି ଥିଲେ ଯାଇ ବାଲ୍ୟ ବିବାହମୁକ୍ତ ଘୋଷଣା କରିବା ପାଇଁ ସୁପାରିସ କରାଯାଉଛି। ଏହି କାର୍ଯ୍ୟକ୍ରମର ପରିଣାମ ସ୍ୱରୂପ ଏବେ ଅନେକ ଜିଲାରେ ଗାଁ ସ୍ତରରେ କିଶୋର, କିଶୋରୀଙ୍କ ତଥ୍ୟ ଓ ବିବାହର ନଥିକରଣ ସମ୍ଭବ ହୋଇପାରିଛି। ଉଦାହରଣ ସ୍ୱରୂପ ଗଞ୍ଜାମ ଜିଲାରେ କେବଳ ଗତ ଦୁଇ ବର୍ଷରେ ୪୮,୩୮୬ ବିବାହକୁ ନଥିଭୁକ୍ତ କରାଯାଇ ପାରିଛି। ଏପରିକି ଏହାରି ଭିତରୁ ୨୬ଟି ବାଲ୍ୟ ବିବାହ ହୋଇଥିବା ମଧ୍ୟ ସ୍ୱୀକାର କରାଯାଇଛି। ସେହିପରି ସୁବର୍ଣ୍ଣପୁର ଜିଲାରେ ପ୍ରତ୍ୟେକ ମାସରେ ପ୍ରତି ଗ୍ରାମରେ ଘଟୁଥିବା ସମସ୍ତ ବିବାହର ତଥ୍ୟ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଜିଲାପାଳଙ୍କ ଗୋଚରାର୍ଥେ ପଠାଯାଉଛି। ନବରଙ୍ଗପୁର ଜିଲାରେ ଜିଲାପାଳଙ୍କ ବ୍ୟକ୍ତିଗତ ତତ୍ତ୍ୱାବଧାନରେ ସମଗ୍ର ଜିଲାରେ ଗତ ଦୁଇ ବର୍ଷରେ ହୋଇଯାଇଥିବା ସମସ୍ତ ବିବାହର ତଥ୍ୟ ସଂଗ୍ରହ କରାଯାଇ ପାରିଛି। ଆହୁରି ଅନେକ ଜିଲା ଅଛନ୍ତି, ଯେଉଁମାନେ ବିବାହ ନଥିକରଣ ମାଧ୍ୟମରେ ତଦାରଖ ପ୍ରକ୍ରିୟାକୁ ସୁଦୃଢ଼ କରିପାରିଛନ୍ତି। ଏଥିସହିତ କିଶୋର, କିଶୋରୀ ସଶକ୍ତୀକରଣ, ସାମାଜିକ ଓ ବ୍ୟାବହାରିକ ପରିବର୍ତ୍ତନ ପାଇଁ ବିଭିନ୍ନ ବର୍ଗର ଲୋକଙ୍କ ସହ ସଚେତନତା କାର୍ଯ୍ୟକ୍ରମ, ବାଲ୍ୟ ବିବାହକୁ ନା କହୁଥିବା ଝିଅଙ୍କୁ ପ୍ରୋତ୍ସାହନ, ଶିଶୁ ଅଧିକାର ସୁରକ୍ଷା ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ତାଲିମ ପ୍ରଭୃତି ମାଧ୍ୟମରେ ପ୍ରତିଷେଧାତ୍ମକ ବ୍ୟବସ୍ଥା ନିରନ୍ତର ଭାବରେ ଚାଲିଛି।

ବର୍ତ୍ତମାନ ସମୟରେ ବାଲ୍ୟ ବିବାହ ନିଷେଧକୁ ଯେପରି ପ୍ରାଧାନ୍ୟ ମିଳିପାରିଛି, ଏହା ଜାରି ରହିଲେ ଧାର୍ଯ୍ୟ ସମୟରେ ରାଜ୍ୟକୁ ମଧ୍ୟ ବାଲ୍ୟ ବିବାହମୁକ୍ତ ଘୋଷଣା ସମ୍ଭବ ହୋଇପାରିବ। ବାଲ୍ୟ ବିବାହମୁକ୍ତ ଅଭିଯାନ ଭଳି କାର୍ଯ୍ୟକ୍ରମ ସାମାଜିକ ଆନ୍ଦୋଳନରେ ଜନସହଭାଗିତାର ସୁଯୋଗ ସୃଷ୍ଟିକରେ ଓ ସେମାନଙ୍କ ଭିତରେ ଉଦ୍ଦୀପନା ଆଣିବାରେ ସହାୟକ ହୁଏ। ତେବେ ଅଭିଯାନକୁ ସୁଦୃଢ଼ କରିବା ପାଇଁ ଆଉ କେତୋଟି ଦିଗ ଉପରେ ଗୁରୁତ୍ୱ ଦିଆଯିବାର ଆବଶ୍ୟକତା ରହିଛି। ବର୍ତ୍ତମାନ ସମୟରେ ଏହା ସେଇଠି ସଫଳ ହୋଇଛି, ଯେଉଁଠି ଜିଲାପାଳମାନେ ସ୍ୱତନ୍ତ୍ର ଆଗ୍ରହ ପ୍ରକାଶ କରିଛନ୍ତି। ଏହାକୁ ବ୍ୟକ୍ତି ସ୍ତରରୁ ବ୍ୟବସ୍ଥାର ଉତ୍ତରଦାୟିତ୍ୱରେ ପରିଣତ କରିବାକୁ ହେବ। ଗ୍ରାମାଞ୍ଚଳ ତୁଳନାରେ ସହରାଞ୍ଚଳକୁ ଏ ଆନ୍ଦୋଳନ ଏତେ ମାତ୍ରାରେ ପହଞ୍ଚି ପାରିନାହିଁ। ୱାର୍ଡସ୍ତରରେ ଶିଶୁ ଅଧିକାର ସୁରକ୍ଷା କମିଟି ଗଠନ କରି ସହରାଞ୍ଚଳ ସ୍ୱାୟତ୍ତ ଶାସନ ବ୍ୟବସ୍ଥାକୁ ସାମିଲ କରିବାକୁ ହେବ। ପୋଲିସ ବିଭାଗର ସହଭାଗିତା ଅଭାବରୁ ବାଲ୍ୟ ବିବାହ କ୍ଷେତ୍ରରେ ଆଇନଗତ କାର୍ଯ୍ୟାନୁଷ୍ଠାନର ମାତ୍ରା ଅତି ନଗଣ୍ୟ। ଏହା ଏକ ଦଣ୍ଡନୀୟ ଅପରାଧ ହୋଇଥିବା କାରଣରୁ ପୋଲିସ ସମପରିମାଣରେ ଉତ୍ତରଦାୟୀ ହେବା ଆବଶ୍ୟକ। ଜନସହଭାଗିତା ଓ ପ୍ରଶାସନିକ ଉତ୍ତରଦାୟିତ୍ୱର ସାହାରାରେ ବାଲ୍ୟ ବିବାହମୁକ୍ତ ଅଭିଯାନ ଭଳି ସାମାଜିକ ପ୍ରୟୋଗ ସଫଳ ହେବ ବୋଲି ଆଶା କରାଯାଏ।

**– ସୁବର୍ଣ୍ଣପୁର, ମୋ: ୯୪୩୮୩୪୧୭୯୪**

## ଏଇ ଭାରତରେ

ନିଜ ଜୀବନର ସବୁ ଦୁଃଖ ଯନ୍ତ୍ରଣାକୁ ପଛ କରି ଅନ୍ୟମାନଙ୍କ ସେବାରେ ଲାଗିଛନ୍ତି ମୁମ୍ବାଇର ଟ୍ରାନ୍ସ ଓମ୍ୟାନ୍ ଅଭିନ୍ନ ଅହେର। ସେ ନିର୍ଯାତନା ଓ ବଳାତ୍କାରର ଶିକାର ହୋଇ ମଧ୍ୟ ୨୬ ବର୍ଷ ହେବ ଟ୍ରାନ୍ସଜେଣ୍ଡରଙ୍କ ସ୍ୱର ପାଲଟିଛନ୍ତି। ଅଭିନ୍ନ ୨୦୧୩ରେ ଏକ ଡ୍ୟାନ୍ସିଂ କୁଇନ୍ ଗ୍ରୁପ୍ ଗଠନ କରି ତା' ମାଧ୍ୟମରେ ଟ୍ରାନ୍ସଜେଣ୍ଡ ସମୁଦାୟର କଲ୍ୟାଣ ପାଇଁ ପାଣ୍ଠି ଯୋଗାଡ଼ କରୁଛନ୍ତି। ସେ ମଧ୍ୟ ଲିଙ୍ଗଗତ ଭେଦଭାବ ବିରୋଧରେ ସଚେତନତା ସୃଷ୍ଟି କରୁଛନ୍ତି। ମାତ୍ର ୩ ବର୍ଷ ବୟସରେ ସେ ତାଙ୍କ ପିତାଙ୍କୁ ହରାଇଥିଲେ। ତାଙ୍କ ମା' ବୃହତ୍ ମୁମ୍ବାଇ ମ୍ୟୁନିସିପାଲ କର୍ପୋରେଶନରେ ଚାକିରି କରିଥିଲେ। ମା'ଙ୍କ ସହଯୋଗରେ ଆଗକୁ ବଢ଼ି ଅଭିନ୍ନ ତାଙ୍କଠାରୁ ନାଚ ଶିକ୍ଷା କରିବା ସହ ଇକୋନୋମିକ୍ସରେ ସ୍ନାତକ ଏବଂ ସଫ୍ଟୱେର ଇଞ୍ଜିନିୟରିଂରେ ଡିପ୍ଲୋମା ହାସଲ କରିଛନ୍ତି। ପରେ ଅଭିନ୍ନଙ୍କୁ ସାମାଜିକ ଟାହିଟାପରାରୁ ମୁକ୍ତି ପାଇଁ ଘର ଛାଡ଼ିବାକୁ ପଡ଼ିଛି ଓ ଦୁଇବର୍ଷ ଜଣେ ସେକ୍ସୱାର୍କର ଭାବେ ଜୀବନ ବିତାଇବାକୁ ହୋଇଛି। ଅଭିନ୍ନଙ୍କ ବୟସ ଏବେ ୪୪। ସେ କେବଳ ଏହି କାର୍ଯ୍ୟରେ ନିଜକୁ ସୀମିତ ରଖିନାହାନ୍ତି ବରଂ ବହୁ ସଂସ୍ଥା ସହ ମିଶି ଟ୍ରାନ୍ସଜେଣ୍ଡରଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ନିଯୁକ୍ତି ଏବଂ ନାଗରିକ ମୌଳିକ ଅଧିକାର ପାଇବା ଲାଗି ସାହାଯ୍ୟ କରୁଛନ୍ତି। ଏଥିପାଇଁ ସେ 'ଟ୍ରାନ୍ସଜେଣ୍ଡର୍ ୱେଲ୍‌ଫେୟାର ଇକ୍ୱିଟି ଆଣ୍ଡ ଏମ୍ପାୱରମେଣ୍ଟ ଟ୍ରଷ୍ଟ' ଗଠନ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୨୫ ଜାନୁୟାରୀ ୧୯୯୭**

- ବ୍ୟାପକ ଆଣବିକ ପରୀକ୍ଷା ନିଷେଧ ଚୁକ୍ତି (ସିଟିବିଟି) ଏବଂ ପରମାଣୁ ନିରସ୍ତ୍ରୀକରଣ ଚୁକ୍ତି (ଏନ୍‌ପିଟି)ରେ ସ୍ୱାକ୍ଷର କରିବା ଲାଗି ଜର୍ମାନୀ ପକ୍ଷରୁ ହୋଇଥିବା ଦୋହରା ଅନୁରୋଧକୁ ଭାରତର ପ୍ରତ୍ୟାଖ୍ୟାନ।
- ସମସ୍ତ ଦେୟ ଦେଇ ପାରି ନ ଥିବାରୁ ଜାତୀୟ ତାପଜ ବିଦ୍ୟୁତ୍ ନିଗମ (ଏନ୍‌ଟିପିସି) ଓଡ଼ିଶା ସମେତ ପଶ୍ଚିମବଙ୍ଗ ଓ ବିହାରକୁ ବିଦ୍ୟୁତ୍ ଯୋଗାଣ ବନ୍ଦ କରିଦେଇଛନ୍ତି।

## ଚିରନ୍ତନୀ

ଭୁଲିଗଲି ମୋର ଛୋଟ ଘରଟିର
ପୁରୁଣା ମାଟି–
ଦୂର ଦିଗନ୍ତ ଧାନ ବିଲେ କେତେ
ଖେଳିଛି ଖେଳ
ମାନି ନାହିଁ ଖରା ବରଷା ପବନ
ପିଚ୍ଛିଳ ବାଟ
ଶଇଶବ ପ୍ରିୟ ବନ୍ଧନ ସବୁ
ଆସିଲି କାଟି!

–(ପାସୋରି ଦେଲିରେ ଶିମୁଳିପାଳ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରାଣୀ ନିର୍ଯାତନା ବନ୍ଦ କରାଯାଉ

ମହାଶୟ,

କୁକୁଡ଼ା ଗୋଡ଼ରେ ତୀକ୍ଷ୍ଣ ଛୁରି ବାନ୍ଧି ପରସ୍ପର ଲଢ଼େଇ କରି ଆନନ୍ଦ ନେବା, ଷଣ୍ଢମାନଙ୍କ ଶିଙ୍ଗରେ କିରୋସିନଭିଜା କନା ଗୁଡ଼ାଇ ନିଆଁ ଲଗାଇ ଦୌଡ଼େଇବା, ଦେବଦେବୀ ପୀଠମାନଙ୍କରେ ବଳିଦେବା ପ୍ରଥାକୁ ବିଲୋପ କରାଯାଉ। ଏହାବ୍ୟତୀତ ସରକାରଙ୍କ ପଶୁପାଳନ କେନ୍ଦ୍ରମାନଙ୍କରେ ପଶୁମାନେ ଅଖିଆ ଅପିଆରେ ଯେଉଁ ଯନ୍ତ୍ରଣା ପାଉଛନ୍ତି ଓ ସଂକ୍ରମିତ ହୋଇ ମୃତ୍ୟୁବରଣ କରୁଛନ୍ତି । ସେହିପରି ଘରକୁ ପଶି ଆସିଥିବା ବାହାରର ବିଲେଇ ଛୁଆକୁ ରାସ୍ତାର କୁକୁରମାନଙ୍କ ସମ୍ମୁଖକୁ ଫିଙ୍ଗି ଦେଇଥିବା ଅଭିଯୋଗରେ ଜଣେ ବ୍ୟାଙ୍କ କର୍ମଚାରୀ ନିଜ ନିର୍ଦ୍ଦୟତାର ପରିଚୟ ଦେଇ ପୋଲିସ ତଦନ୍ତର ସମ୍ମୁଖୀନ ହୋଇଥିଲେ। ରାସ୍ତାରେ, ଘରେ କିମ୍ବା ଆଶ୍ରୟସ୍ଥଳୀରେ ପ୍ରାଣୀଙ୍କୁ ନିର୍ଯାତନା ଦେଉଥିବା ବ୍ୟକ୍ତିଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ।

**–ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଆଇନ କାଏମ

**କଟକ ଅଫିସ, ୨୪।୧:** ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଆଇନ-୨୦୨୦କୁ ହାଇକୋର୍ଟ କାଏମ ରଖିବା ସହ ଏଥିରେ ହସ୍ତକ୍ଷେପ କରିବାକୁ ମନା କରିଛନ୍ତି। ସଂଶୋଧିତ ଆଇନକୁ ଚ୍ୟାଲେଞ୍ଜ କରି ଆଗତ ମାମଲାର ଶୁଣାଣି କରି ସୋମବାର ହାଇକୋର୍ଟ ଏହି ରାୟ ଶୁଣାଇଛନ୍ତି। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ଏ.କେ. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଉପରୋକ୍ତ ରାୟ ଦେବା ସହ ମାମଲାକୁ ଖାରଜ କରିଦେଇଛନ୍ତି। ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଆଇନ-୨୦୨୦କୁ ବିରୋଧ କରି ପ୍ରଫେସର ଅଜିତ କୁମାର ମହାନ୍ତି ଓ ଅନ୍ୟମାନଙ୍କ ପକ୍ଷରୁ ହାଇକୋର୍ଟରେ ଏକାଧିକ ମାମଲା ରୁଜୁ ହୋଇଥିଲା। ଆବେଦନକାରୀ ତାଙ୍କ ଆବେଦନରେ ଦର୍ଶାଇଥିଲେ, ସଂଶୋଧିତ ଆଇନ ୟୁଜିସି ନିୟମାବଳୀକୁ ଉଲ୍ଲଂଘନ କରୁଛି। ଏହା ଜାତୀୟ ଶିକ୍ଷାନୀତିର ପରିପନ୍ଥୀ। ଏଣୁ ସଂଶୋଧିତ ଆଇନକୁ ଖାରଜ କରିବାକୁ ଆବେଦନରେ ଦର୍ଶାଯାଇଥିଲା। ହାଇକୋର୍ଟ ପ୍ରାଥମିକ ଶୁଣାଣି କରି ଉଚ୍ଚଶିକ୍ଷା ବିଭାଗ, ୟୁଜିସି ପ୍ରମୁଖଙ୍କୁ ନୋଟିସ୍ ଜାରି କରିଥିଲେ। ପରବର୍ତ୍ତୀ ସମୟରେ ବିଭାଗୀୟ ମୁଖ୍ୟ ତାଙ୍କ ଜବାବ ସତ୍ୟପାଠ ଜରିଆରେ ହାଇକୋର୍ଟରେ ଉପସ୍ଥାପନ କରିଥିଲେ।

### ଭାଜପା ପାର୍ଟି ଅଫିସରେ ଭଙ୍ଗାରୁଜା, ଥାନାରେ ଏତଲା

**ରାଉରକେଲା ଅଫିସ, ୨୪।୧:** ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ ଅଶାଳୀନ ମନ୍ତବ୍ୟ ଦେବା ପ୍ରତିବାଦରେ ଜଣେ ଯୁବତୀ ସୋମବାର ଭାଜପା ପାର୍ଟି ଅଫିସରେ ଭଙ୍ଗାରୁଜା କରିବାର ଏକ ଭିଡିଓ ଭାଇରାଲ ହୋଇଛି। ଏହି ଘଟଣା ପରେ ଜିଲା ରାଜନୀତି ସରଗରମ ହୋଇପଡିଛି। ରାଉରକେଲା ସେକ୍ଟର-୩ ସ୍ଥିତ ଭାଜପା ପାର୍ଟି ଅଫିସ୍‌ରେ ଭଙ୍ଗାରୁଜା ଘଟଣାକୁ ନେଇ ସ୍ଥାନୀୟ ଥାନାରେ ଭାଜପା ପାନପୋଷ ଜିଲା ସାଙ୍ଗଠନିକ ସଭାନେତ୍ରୀ ଲତିକା ପଟ୍ଟନାୟକ ଅଭିଯୋଗ କରିଛନ୍ତି। ଜଣେ ଯୁବତୀ ଅପରାହ୍ନ ୧୨ଟା ୪୫ ମିନିଟ୍‌ରେ ପାର୍ଟି ଅଫିସକୁ ଯାଇ ସେଠାରେ ଭଙ୍ଗାରୁଜା କରିଥିବା ଅଭିଯୋଗରେ ଉଲ୍ଲେଖ ରହିଛି। ଏ ସମ୍ପର୍କରେ ସମ୍ପୃକ୍ତ ଯୁବତୀ, ଏମ୍‌ପି କିମ୍ବା କୌଣସି ଭାଜପା ନେତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ଓଡ଼ିଶାର ବନିତାଙ୍କୁ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର

## ଛାତ୍ରୀଛାତ୍ରଙ୍କୁ ଅନୁଭୂତି ବାଣ୍ଟିଲେ କ୍ଷୁଦ୍ର ଗ୍ରହର ଆବିଷ୍କାରିକା

**ନୂଆଦିଲ୍ଲୀ/ନବରଙ୍ଗପୁର, ୨୪।୧**

କ୍ଷୁଦ୍ର ଗ୍ରହ ଆବିଷ୍କାର କରିଥିବା ଓଡ଼ିଶାର ନବରଙ୍ଗପୁର ଜିଲାର ବନିତା ଦାସଙ୍କୁ ସୋମବାର ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର ପ୍ରଦାନ କରାଯାଇଛି। ଦିନ ୧୧ଟାରେ ସେ ମଧ୍ୟପ୍ରଦେଶର ଅନୁପପୁର ଜିଲାପାଳଙ୍କ କାର୍ଯ୍ୟାଳୟରୁ ଭିଡିଓ କନ୍‌ଫରେନ୍ସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ କଥା ହୋଇଥିଲେ। ବନିତାଙ୍କୁ ପୁରସ୍କାର ସ୍ୱରୂପ ୧ ଲକ୍ଷ ଟଙ୍କା ଓ ଇ-ସାର୍ଟିଫିକେଟ ମିଳିଛି। ଓଡ଼ିଶାର ଯୁବ ଜ୍ୟୋତିର୍ବିଜ୍ଞାନୀ ବନିତା ଦାସଙ୍କ ସମେତ ୨୯ ଜଣଙ୍କୁ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର ଦିଆଯାଇଛି। ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ପ୍ରତିପାଦନ କରିଥିବା ଏହି ପିଲାମାନଙ୍କୁ ଚଳିତ ବର୍ଷର ମର୍ଯ୍ୟାଦାଜନକ ପୁରସ୍କାର ନିମନ୍ତେ ଚୟନ କରାଯାଇଥିଲା। ଇନୋଭେଶନ ପାଇଁ ୭ ଜଣ ପୁରସ୍କୃତ ହୋଇଥିବାବେଳେ ସାମାଜିକ ସେବା ଲାଗି ୪, ଶିକ୍ଷା କ୍ଷେତ୍ରକୁ ଅବଦାନ ଲାଗି ଜଣେ, କ୍ରୀଡ଼ା ପାଇଁ ୮, କଳା ଓ ସଂସ୍କୃତି ପାଇଁ ୬ ଏବଂ ସାହସିକତା ବର୍ଗରେ ୩ ଜଣଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ମୋଟ ୧୫ ବାଳକ ଓ ୧୪ ବାଳିକାଙ୍କୁ ପୁରସ୍କୃତ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେମାନଙ୍କ ସହ ଭିଡିଓ କନ୍‌ଫରେନ୍ସ ଜରିଆରେ କଥା ହୋଇଛନ୍ତି। ପ୍ରଥମ ଥର ଲାଗି ବ୍ଲକ୍‌ଚେନ୍ ଟେକ୍ନୋଲୋଜିରେ ପୁରସ୍କୃତମାନଙ୍କୁ ଡିଜିଟାଲ ସାର୍ଟିଫିକେଟ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ମହିଳା ଓ ଶିଶୁ ବିକାଶମନ୍ତ୍ରୀ ସ୍ମୃତି ଇରାନୀ, ଡ. ମୁଞ୍ଜପରା ମହେନ୍ଦ୍ରଭାଇ, ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ପ୍ରମୁଖ ଯୋଗ ଦେଇଥିଲେ।

ନବରଙ୍ଗପୁର ନୋଡାଲ ଆର୍‌ସିଡି ହାଇସ୍କୁଲ ପରିସରରେ ଡିଇଓଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ବନିତା ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ବାର୍ତ୍ତା ଦେଇଥିଲେ। ସେ ନିଜ ଅନୁଭୂତି ଓ ମହାକାଶ ବିଜ୍ଞାନର ବିଭିନ୍ନ ବିଷୟରେ ବୁଝାଇଥିଲେ। ପ୍ରଥମେ ନିଜେ ସ୍ୱପ୍ନ ଦେଖି ତାହାକୁ ସଫଳ କରିବାକୁ ଚେଷ୍ଟା କର ବୋଲି ସେ ପିଲାମାନଙ୍କୁ କହିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ସୁପ୍ରିୟା ନାୟକ, ଏଡିଇଓ ରମେଶ ଲାଲଙ୍କ ସମେତ ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିବରାମ ପାଣିଗ୍ରାହୀ, ଚିତ୍ତରଞ୍ଜନ ପଟ୍ଟନାୟକ, ବୈକୁଣ୍ଠ ନାଥ ଜେନା, ଭାରତୀ ବିଷୋୟୀଙ୍କ ସମେତ ବିଦ୍ୟାଳୟର ଅନେକ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

ସୂଚନାନୁଯାୟୀ, ବନିତା ନବରଙ୍ଗପୁର ଜିଲା ଗାଦୁଆଗୁଡ଼ା ସାହିର ବନବିହାରୀ ଦାସ ଓ ଅନିତାଙ୍କ ଝିଅ। ସେ ଏବେ ମଧ୍ୟପ୍ରଦେଶର ଅନୁପୁରର ଜବାହର ନବୋଦୟ ବିଦ୍ୟାଳୟରେ ପଢୁଛନ୍ତି। ବନିତା ଜାନୁୟାରୀ ୨୦୨୧ରେ ଖାଗୋଲାଲା ଆଷ୍ଟ୍ରୋଏଡ ସର୍ଚ୍ଚ ଅଭିଯାନ (କେଏଏସ୍‌ସି)ରେ ଯୋଗ ଦେଇଥିଲେ। ସେଠାରେ ପିଲାମାନଙ୍କୁ ଆଷ୍ଟ୍ରୋଏଡ ଚିହ୍ନଟ ତାଲିମ ଦିଆଯାଇଥିଲା। ସେ ହାୱାଇରେ ଅବସ୍ଥାପିତ ଟେଲିସ୍କୋପ ବ୍ୟବହାର କରି ଏକ ଆଷ୍ଟ୍ରୋଏଡ ଆବିଷ୍କାର କରିଥିଲେ। ନାସା, ହାର୍ଡିନ୍-ସିମନ୍ସ ୟୁନିଭରସିଟି ଏବଂ ଆନ୍ତର୍ଜାତୀୟ ଜ୍ୟୋତିର୍ବିଜ୍ଞାନ ସନ୍ଧାନ ସହଯୋଗରେ ଉକ୍ତ କ୍ଷୁଦ୍ର ଗ୍ରହକୁ ସ୍ୱୀକୃତି ଦିଆଯିବା ସହ ବନିତାଙ୍କ ନାମରେ ନାମିତ କରାଯାଇଛି।




ମଧ୍ୟପ୍ରଦେଶର ଅନୁପପୁର ଜିଲାପାଳଙ୍କ କାର୍ଯ୍ୟାଳୟରେ ବନିତା (ମଝି) ଓ ଅନ୍ୟମାନେ।

# ଆଜି ପ୍ରକାଶ ପାଇବ ଚୂଡ଼ାନ୍ତ ତାଲିକା

**ଭୁବନେଶ୍ୱର, ୨୪।୧ (ବ୍ୟୁରୋ)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ମଙ୍ଗଳବାର ଜିଲାଗୁଡ଼ିକରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ଅପରାହ୍ନ ୩ଟା ମଧ୍ୟରେ ନାମାଙ୍କନପତ୍ର ପ୍ରତ୍ୟାହାର କରାଯିବାକୁ ସମୟ ଧାର୍ଯ୍ୟ କରାଯାଇଛି। ସନ୍ଧ୍ୟାରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ କରାଯିବ। ଜାନୁୟାରୀ ୧୭ରୁ ୨୧ତାରିଖ ମଧ୍ୟରେ ନାମାନଙ୍କପତ୍ର ଦାଖଲ ପାଇଁ ସମୟ ଧାର୍ଯ୍ୟ କରାଯାଇଥିଲା। ପ୍ରାର୍ଥୀପତ୍ର ଯାଞ୍ଚ ପରେ ୫୫୪୪ଜଣ ୱାର୍ଡମେମ୍ବର ପ୍ରାର୍ଥୀଙ୍କର ପ୍ରାର୍ଥୀପତ୍ର କାଏମ ରହିଥିବା ବେଳେ ୧୭୫୩ ସରପଞ୍ଚ, ୧୧୧୯ ପଞ୍ଚାୟତ ସମିତି ସଭ୍ୟ ଏବଂ ୨୩୨ ଜଣ ଜିଲାପରିଷଦ ସଦସ୍ୟଙ୍କ ମନୋନୟନ ପତ୍ର ନାକଚ ହୋଇଯାଇଛି। ଶେଷରେ ୧,୫୬,୭୫୩ ଜଣ ୱାର୍ଡମେମ୍ବର, ୩୨,୮୬୦ ସରପଞ୍ଚ, ୨୭,୦୩୪ ପଞ୍ଚାୟତ ସମିତି ସଭ୍ୟ ଏବଂ ୩,୭୬୭ ଜଣ ଜିଲା ପରିଷଦ ସଦସ୍ୟଙ୍କ ନାମାଙ୍କନ ପତ୍ର କାଏମ ରହିଛି।

ତେବେ ଯେଉଁମାନଙ୍କର ପ୍ରାର୍ଥୀପତ୍ର କାଏମ ରହିଛି, ସେମାନଙ୍କ ମଧ୍ୟରୁ ଅନେକ ବିଦ୍ରୋହୀ ଏବଂ ସ୍ୱାଧୀନ ପ୍ରାର୍ଥୀ ରହିଛନ୍ତି।

## ପଞ୍ଚାୟତ ନିର୍ବାଚନ

### ବିଦ୍ରୋହୀ ପ୍ରାର୍ଥୀଙ୍କୁ ମନାଇବାକୁ ଚାଲିଛି ପ୍ରୟାସ

ସେହି ପ୍ରାର୍ଥୀମାନଙ୍କୁ ମନାଇ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ପ୍ରମୁଖ ରାଜନୈତିକ ଦଳଗୁଡ଼ିକ ଜୋରସୋର ଉଦ୍ୟମ ଚଳାଇଛନ୍ତି। ଭାଜପା ଓ କଂଗ୍ରେସ ଅପେକ୍ଷା ବିଜେଡିରେ ଅଧିକ ବିଦ୍ରୋହୀ ପ୍ରାର୍ଥୀ ଥିବାରୁ ଦଳୀୟ ନେତାଙ୍କ ଚିନ୍ତା ବଢ଼ିଯାଇଛି।

ଚଳିତଥର ପଞ୍ଚାୟତ ନିର୍ବାଚନରେ ମୋଟ ୯୧,୯୧୩ ୱାର୍ଡମେମ୍ବର, ୬,୭୯୪ ସରପଞ୍ଚ, ୬,୭୯୩ ପଞ୍ଚାୟତ ସମିତି ସଭ୍ୟ ଓ ୮୫୩ଜଣ ଜିଲା ପରିଷଦ ସଭ୍ୟ ପଦ ପାଇଁ ଭୋଟଗ୍ରହଣ ହେବ। ରାଜ୍ୟର ମୋଟ ୨କୋଟି ୭୯ଲକ୍ଷ ୩୫ହଜାର ୫୨୦ଜଣ ଭୋଟର ମତଦାନ କରିବେ। ଫେବୃୟାରୀ ୧୬ ତାରିଖରେ ଭୋଟ ଗ୍ରହଣ କରାଯିବ। ଭୋଟଗ୍ରହଣ ସକାଳ ୭ଟାରୁ ଦିନ ୧ଟା ପର୍ଯ୍ୟନ୍ତ ହେବ। ପୂର୍ବରୁ ଭୋଟ୍ ଗ୍ରହଣ ସକାଳ ୭ଟାରୁ ଦିନ ୧୨ଟା ମଧ୍ୟରେ ହେଉଥିଲା। ଭୋଟ୍ ଗ୍ରହଣ ଅବଧିକୁ ୧ ଘଣ୍ଟା ବୃଦ୍ଧି କରାଯାଇଛି।

# ବଳାତ୍କାରୀଙ୍କୁ ୧୦ବର୍ଷ ଜେଲ

**କେନ୍ଦୁଝର, ୨୪।୧ (ସ୍ୱ.ପ୍ର./ଡି.ଏନ୍.ଏ.)**

କେନ୍ଦୁଝର ଜିଲା ସ୍ପେଶାଲ ଟ୍ରାକ୍ କୋର୍ଟରେ ସୋମବାର ଏକ ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ଡ.ମମତା ମହାନ୍ତି ଏହାର ବିଚାର କରି ଦୋଷୀଙ୍କୁ ୧୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିବା ସହ ୫ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଆଉ ୩ ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ହେଲେ ସଦର ଥାନା ଅନ୍ତର୍ଗତ ମଇଦାନକେଲ ପଞ୍ଚାୟତ ତାଳପଦା ଗ୍ରାମର ଶ୍ରବଣ କୁମାର ନାୟକ (୨୫)।

ପ୍ରକାଶ ଯେ, ଶ୍ରବଣଙ୍କର ଜଣେ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ଥିଲା। ବିବାହ ପ୍ରଲୋଭନ ଦେଖାଇ ସେ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଯୁବତୀ ୭ ମାସର ଗର୍ଭବତୀ ହେବା ପରେ ବିବାହ କରିବା ପାଇଁ ଶ୍ରବଣଙ୍କୁ କହିଥିଲେ। ହେଲେ ସେ ଏଥିରେ ଅରାଜି ହେବାରୁ ଯୁବତୀ ତାଙ୍କ ଘରକୁ ଯାଇଥିଲେ। ଶ୍ରବଣଙ୍କ ପରିବାର ଲୋକେ ତାଙ୍କୁ ଘରେ ପୂରାଇ ନ ଦେବା ସହ ମାରି ଦେବାକୁ ଧମକ ଦେଇଥିଲେ। ଏହାପରେ ଯୁବତୀ ବଳାତ୍କାର ସହ ହତ୍ୟା ଧମକ ନେଇ ସଦର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ. ୨୩୮/୨୦୧୩) ରୁଜୁ କରି ଘଟଣାରେ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ୧୪ ଜଣ ସାକ୍ଷୀ ଓ ପ୍ରମାଣକୁ ଭିତ୍ତିକରି କୋର୍ଟ ଶ୍ରବଣଙ୍କୁ ଦଣ୍ଡାଦେଶ କରିଥିବା ବେଳେ ପ୍ରମାଣ ଅଭାବରୁ ଅନ୍ୟ ୩ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

# ୫ କେଜି ବ୍ରାଉନ୍‌ସୁଗାର ଜବତ

### ୬ ବନ୍ଧୁକ, ୨୦ ଲକ୍ଷ ଟଙ୍କା ଉଦ୍ଧାର

**ନୟାଗଡ଼ ଅଫିସ, ୨୪।୧**

ନୟାଗଡ଼ ଟାଉନ ଥାନା ଅନ୍ତର୍ଗତ ଉଦୟପଥ ଲେନ୍‌ର ଅକ୍ଷୟ ଓ ଆଶା ନିବାସ ଉପରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ପକ୍ଷରୁ ସୋମବାର ରାତି ସାଢ଼େ ୧୦ଟାରେ ଚଢ଼ାଉ ଆରମ୍ଭ ହୋଇଥିଲା। ସେଠାରୁ ଏସ୍‌ଟିଏଫ୍ ଟିମ୍, ନୟାଗଡ଼ ତହସିଲଦାର ପଦ୍ମଲୋଚନ ସାହୁଙ୍କ ଉପସ୍ଥିତିରେ ୫ କେଜି ବ୍ରାଉନ୍‌ସୁଗାର, ୬ ବନ୍ଧୁକ ଓ ୨୦ ଲକ୍ଷ ଟଙ୍କା ଜବତ ହୋଇଥିବା ସୂଚନା ମିଳିଛି। ଉକ୍ତ ନିବାସରେ ମାସେ ହେବ ଭଡ଼ାରେ ରହୁଥିବା ଖୋର୍ଦ୍ଧାର ଜଣେ ବ୍ୟକ୍ତି ବ୍ରାଉନ୍‌ସୁଗାର ବ୍ୟବସାୟ କରୁଥିଲେ। ଚଢ଼ାଉ ସମୟରେ ସମ୍ପୃକ୍ତ ବ୍ୟବସାୟୀ ଘରୁ ଡେଇଁ ଫେରାର ହୋଇଯାଇଛନ୍ତି। ଟିମ୍ ପକ୍ଷରୁ ପରିବାର ଲୋକଙ୍କୁ ପଚରାଉଚରା ଚାଲିଛି। ଏହି ଖବର ଲେଖାହେବା ପର୍ଯ୍ୟନ୍ତ ଏସ୍‌ଟିଏଫ୍ ପକ୍ଷରୁ ଚଢ଼ାଉ ଜାରି ରହିଥିବାରୁ ସ୍ପଷ୍ଟ ସୂଚନା ମିଳିପାରିନାହିଁ। ମଙ୍ଗଳବାର ଏସ୍‌ଟିଏଫ୍‌ର ସୂଚନା ପରେ ପ୍ରକୃତ ତଥ୍ୟ ସାମ୍ନାକୁ ଆସିବ ବୋଲି ଜଣେ ଅଧିକାରୀ କହିଛନ୍ତି।

### ଏନ୍‌ଇଇଟି ୟୁଜି କାଉନ୍‌ସେଲିଂ

# ପ୍ରୋଭିଜନାଲ ମେରିଟ ଲିଷ୍ଟ ପ୍ରକାଶ

**ଭୁବନେଶ୍ୱର, ୨୪।୧ (ବ୍ୟୁରୋ):** ରାଜ୍ୟର ବିଭିନ୍ନ ସରକାରୀ ଓ ଘରୋଇ ମେଡିକାଲ କଲେଜରେ ଡାକ୍ତରୀ ନାମଲେଖା ପାଇଁ ୧୮ ତାରିଖରୁ ପଞ୍ଜୀକରଣ ଶେଷ ହୋଇଥିବାବେଳେ ସୋମବାର ପ୍ରୋଭିଜନାଲ ମେରିଟ ଲିଷ୍ଟ ପ୍ରକାଶ ପାଇଛି। ଓଜେଇଇ ପକ୍ଷରୁ ପ୍ରକାଶ ପାଇଥିବା ପ୍ରୋଭିଜନାଲ ଲିଷ୍ଟରେ ୪,୭୫୬ଜଣ ଛାତ୍ରୀଛାତ୍ର ରହିଛନ୍ତି। ତେବେ ଆସନ୍ତା ୨୫ ଓ ୨୬ ତାରିଖରେ ଛାତ୍ରୀଛାତ୍ର ସେମାନଙ୍କର ଅଭିଯୋଗ ସମ୍ପର୍କରେ ଓଜେଇଇକୁ ଜଣାଇବେ। ସେହିପରି ୨୭ ତାରିଖରେ ନାମଲେଖା ନେଇ ଚୂଡ଼ାନ୍ତ ମେଧା ତାଲିକା ପ୍ରକାଶ ପାଇବ। ଏହା ପରେ ରାଜ୍ୟ କୋଟା ୮୫% ଓ ଏନ୍‌ଆର୍‌ଆଇ କୋଟାରେ ନାମଲେଖା ଲାଗି କଲେଜ ଆଲଟ୍‌ମେଣ୍ଟ କରାଯିବ। ତେବେ ନାମଲେଖା ସମ୍ପର୍କିତ ସମସ୍ତ ତଥ୍ୟ ଓଜେଇଇର ୱେବ୍‌ସାଇଟରେ ଛାତ୍ରୀଛାତ୍ର ପାଇପାରିବେ। ସୂଚନାଯୋଗ୍ୟ, ଏନ୍‌ଇଇଟିରେ ପାସ୍ କରିଥିବା ଛାତ୍ରୀଛାତ୍ରଙ୍କ ପାଇଁ ଏହି କାଉନ୍‌ସେଲିଂ ହୋଇଥିଲା।


**ODISHA MINING CORPORATION LTD**

OMC | ODISHA NEW OPPORTUNITIES — Mining Happiness

(A Gold Category State PSU)
Registered Office : OMC House, Bhubaneswar-751001, India
Tel: 0674-2377400/2377401, Fax: 0674-2396889, 2391629, omcltd.in
CIN : U131000R1956SGC000313

**NOTICE**

No. 1310/OMC/2022 Date: 24/01/2022

Pursuant to the Advertisement No. 65/ OMC dated 04.01.2022 regarding recruitment of Non-executives in OMC Ltd., this is for information that the application portal for online application for the post of Jr. Accountant and Electrician-III shall **Go-live from 2.00 P.M. of 25.01.2022 (Tuesday) & shall remain live till 11.59 P.M. of 14.02.2022 (Monday)** as communicated earlier vide Addendum Notice No.926 dtd.17.01.2022. The interested eligible candidates are advised to note the followings:

- For convenience of the candidates to register their technical query/clarification, if any, a **"Helpdesk Tab"** is available in the **Log-in page** of the online application portal. In case of any difficulty, candidates may raise the technical queries/ clarifications relating to the filling up of ONLINE APPLICATION in the **Helpdesk Tab after login (instead of sending the same through Email to omclhelpdesk2022@gmail.com as mentioned earlier in the Advertisement No.65 dtd.04.01.2022)** or they may contact the helpdesk through Phone No +91 7669631162 from 10 A.M. to 5 P.M. on working days.
- Candidates are advised to check the OMC website **(https://omcltd.in)** regularly for important instructions / notifications/ updations relating to this recruitment.

Sd./- GENERAL MANAGER (P&A)



**NOTICE INVITING TENDER FOR HIRING OF VEHICLE**
**OFFICE OF THE CSO-CUM-DISTRICT MANAGER**
No. CAD-2810
**ODISHA STATE CIVIL SUPPLIES CORPORATION LTD., BALANGIR**

Tender No. 09 Dt.24.01.2022

Cost of Tender Documents - Rs.100/- (Rupees One Hundred only).
Tenders are invited from eligible bidders for selection and hiring of vehicle for monitoring of Paddy Procurement Operation during KMS 2021-22.

| | |
|---|---|
| Availability of Tender Documents | O/o. the CSO-cum-District Manager, O.S.C.S.C. Ltd., Balangir. Downloadable from website: **www.balangir.nic.in** |
| Sale of tender papers | From 25.01.2022 to 01.02.2022 |
| Receipt of tender papers | By 01.02.2022 upto 5.00 P.M. |
| Opening of Technical Bid & Price Bid | On 02.02.2022 at 04.00 P.M. |
| Date, Time & Venue for opening of Technical Bid & Price Bid by the Tender Committee | Dt.02.02.2022 at 04.00 P.M. Place: Chamber of the ADM, Balangir |
| Help Desk Contact No. | **OSCSC Ltd., Balangir** District Manager - 9438200035 Office: 06652-232672 |

1. If the office happens to be closed on the date of opening of tenders, tenders will be opened on the next working day in the same time.
2. District tender committee reserves the right to cancel any/all of the tenders at any time without assigning any reason thereof.
3. Further details can be obtained in the O/o. the CSO-cum-District Manager, O.S.C.S.C. Ltd., Balangir or in the website: **www.balangir.nic.in.**

OIPR-07031/11/0013/2122



**DEPARTMENT OF ZOOLOGY**
**BERHAMPUR UNIVERSITY, GANJAM - 7, ODISHA**
**Advt. Notice: 01/S&T/DCODE/PGZ/BU/2022 Date: 18.01.2022**

**PROJECT FELLOW POSITION**

Applications are invited for recruitment of one (01) Project Fellow for the project entitled **"Development of a Chemical Optode for the detection of Escherichia coli 0157:H7"** sponsored by S&T Dept., Govt. of Odisha. The last date of receiving applications is **09th February, 2022**. Details are available with the P.I. and also in **www.buodishaedu.in**.



**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୧୦ ତା: ୧୧।୦୧।୨୨

**ବିଜ୍ଞାପନ**

No. CAD-2822: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ବରମୁଣ୍ଡା ହାଉସିଂ ପ୍ରକଳ୍ପ ଭୁବନେଶ୍ୱରରେ ଘର ନଂ. ଏଚ୍.ଆଇ.ଜି.(ଡି) ବି–୨୦ [HIG-(D) B-20] ଟିକୁ ରୁରାଲ ଇଲେକ୍ଟ୍ରିଫିକେସନ କର୍ପୋରେସନ ଲିଃ., ରେଜିଓନାଲ ଅଫିସ୍, ଦୀନ ଦୟାଲ ଭବନ, ଅଶୋକନଗର, ଭୁବନେଶ୍ୱରଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ରୁରାଲ ଇଲେକ୍ଟ୍ରିଫିକେସନ୍ କର୍ପୋରେସନ୍ ଲିଃଙ୍କ ତରଫରୁ ମୁଖ୍ୟ କାର୍ଯ୍ୟକ୍ରମ ପରିଚାଳକ ଶ୍ରୀ ବିଜୟ କୁମାର ମହାନ୍ତି, ପି.– ରମାକାନ୍ତ ମହାନ୍ତି ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ଆର୍ଯ୍ୟପ୍ରକାଶ ଚମ୍ପତିରାୟ, ପି.– ନରେଶ୍ ଚନ୍ଦ୍ର ଚମ୍ପତିରାୟ, ସା: ହେମମାଳପୁର, ପୋ/ଥା: ଆଠଗଡ଼, ଜି.: କଟକଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./– ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0355/2122



**ODISHA PUBLIC SERVICE COMMISSION**
**CUTTACK**
**NOTICE**
No.720/PSC, Dt.24.1.22

**Corrigendum to Advt. No.25 of 21/22 for recruitment to the post of Odisha Civil Services, 2021.**

Website- http://opsconline.gov.in & http://opsc.gov.in

No.D-288:- This is for information of all concerned that following corrigendum/ Addendum is here with made to Advt.25 of 2021-22 in respect of recruitment to Odisha Civil Serives, 2021 under General Administration & Public Grievance Department.

1. **In the first para**, .................... for admission to Odisha Civil Service Preliminary examination in place of **"2020"**, to be read as **"2021"**.
2. **In Para-2** in vacancy position **405 (132-w)**, it shall now be read as **433 (142-w)**.
3. **In Para-3** "Age Limit...... must not be above the age of **32 years** as on 1st day of January 2021", shall be substituted with "............ must not be above the age of **38 years** as on 1st day of January 2021" and **"2nd January 1989"** is now shall be substituted with **2nd January 1983**.

All other conditions of the Advt. No.25 of 21/22 shall remain unchanged.

The corrigendum is being issued following enhancement of upper age limit as per Odisha Civil Service (Fixation of upper age Limit) Amendment Rules, 2022 and

Inclusion of Odisha Excise Service, Group-B in the Odisha Civil Services (Combined Competetive Recruitment Examination) Amendment Rules, 2022.

The candidates who have submitted applications by giving their choice of posts in order of their preference can now excercise their order of preference afresh.

OIPR-12002/11/0223/2122 Sd./- Secretary



**THE ODISHA STATE POLICE HOUSING & WELFARE CORPORATION LTD.**
(A Government of Odisha Undertaking)
Janapath, Bhoinagar, Bhubaneswar - 22
[Electrical Division]
Ph.: 0674-2541545, 2542921, Fax: 0674-2541543
E-mail: pmelectricalophwc2021@gmail.com
Website: www.ophwc.nic.in

**SHORT TENDER CALL NOTICE**
BID REFERENCE No. 28/PM/ELECT/OPHWC/2021-22

**CORRIGENDUM**

No. CAD-2810: In continuation to the Bid Reference No. 28/PM/ELECT/OPHWC/2021-22 uploaded in the office website **www.ophwc.nic.in** on 06.01.2022, the corrigendum is being issued as stated below. All other terms & conditions remain unchanged.
Last date/time of receipt of Bids may be read as Dt.31.01.2022 upto 12.30 P.M. in place of Dt.12.01.2022 upto 12.30 P.M. and date of opening of bids may be read as Dt.01.02.2022 at 01.00 P.M. in place of Dt.12.01.2022 at 01.00 P.M.

OIPR-12025/11/0049/2122 Sd./- Project Manager



**ଫର୍ମ ଜି**
**ଆଗ୍ରହର ଅଭିବ୍ୟକ୍ତି ଆମନ୍ତ୍ରଣ**

ଇନ୍‌ସଲ୍‌ଭେନ୍ସି ଆଣ୍ଡ ବ୍ୟାଙ୍କ୍ରସି ବୋର୍ଡ ଅଫ୍ ଇଣ୍ଡିଆ (ଇନ୍‌ସଲ୍‌ଭେନ୍ସି ରିଜୋଲ୍ୟୁଶନ୍ ପ୍ରୋସେସ୍ ଫର୍ କର୍ପୋରେଟ୍ ପର୍ସନ୍ସ) ରେଗୁଲେଶନ୍ସ, ୨୦୧୬ର ରେଗୁଲେଶନ୍ ୩୬ଏ (୧) ଅଧୀନରେ

ସମ୍ପର୍କିତ ବିବରଣୀ

| | | |
|---|---|---|
| ୧. | କର୍ପୋରେଟ୍ ଋଣୀଙ୍କ ନାମ | ୱାଇ.ପାଣି ଆଣ୍ଡ କମ୍ପାନୀ ପ୍ରା. ଲିଃ |
| ୨. | କର୍ପୋରେଟ୍ ଋଣୀଙ୍କ ନିଗମୀକରଣ ତାରିଖ | ୧୫।୦୧।୧୯୯୦ |
| ୩. | କର୍ତ୍ତୃପକ୍ଷ ଯାହାଙ୍କ ଅଧୀନରେ କର୍ପୋରେଟ୍ ଋଣୀ ନିଗମୀକୃତ/ପଞ୍ଜୀକୃତ ହୋଇଛନ୍ତି | କମ୍ପାନୀ ନିବନ୍ଧକ – କଟକ |
| ୪. | କର୍ପୋରେଟ୍ ଋଣୀଙ୍କ କର୍ପୋରେଟ୍ ପରିଚୟ ସଂଖ୍ୟା/ସୀମିତ ଉତ୍ତରଦାୟିତ୍ୱ ପରିଚୟ ସଂଖ୍ୟା | ୟୁ୭୪୯୯୯ଓଆର୍୧୯୯୦ପିଟିସି୦୦୨୪୧୨ |
| ୫. | କର୍ପୋରେଟ୍ ଋଣୀଙ୍କ ପଞ୍ଜୀକୃତ କାର୍ଯ୍ୟାଳୟ ଠିକଣା ଏବଂ ପ୍ରଧାନ କାର୍ଯ୍ୟାଳୟ (ଯଦି ଥାଏ) | ଏ–୧, ବନଫୁଲ ହାଉସ୍, ବୁଦ୍ଧ ନଗର, ଭୁବନେଶ୍ୱର, ଓଡ଼ିଶା–୭୫୧୦୦୬ |
| ୬. | କର୍ପୋରେଟ୍ ଋଣୀଙ୍କ ଇନ୍‌ସଲ୍‌ଭେନ୍ସି ଆରମ୍ଭ ତାରିଖ | ୧୩।୦୯।୨୦୨୧ |
| ୭. | ଆଗ୍ରହର ଅଭିବ୍ୟକ୍ତି ଆମନ୍ତ୍ରଣ ତାରିଖ | ୨୫।୦୧।୨୦୨୨ |
| ୮. | ସଂହିତାର ଧାରା ୨୫(୨)(ଏଚ୍) ଅଧୀନରେ ଆବେଦନକାରୀଙ୍କ ମୀମାଂସା ନିମନ୍ତେ ଯୋଗ୍ୟତା ଉପଲବ୍ଧ ହେବା ସ୍ଥାନ: | ବିସ୍ତୃତ ଆଗ୍ରହ ଆମନ୍ତ୍ରଣ ଦେଖନ୍ତୁ ଯାହାକୁ ନିମ୍ନଲିଖିତ ଇମେଲରେ ଅନୁରୋଧ କରାଯାଇପାରିବ: ypani@nayadarshan.com |
| ୯. | ଧାରା ୨୯ଏ ଅଧୀନରେ ପ୍ରଯୁଜ୍ୟ ଅଯୋଗ୍ୟତା ମାନଦଣ୍ଡ ଉପଲବ୍ଧ ହେବା ସ୍ଥାନ: | ବିସ୍ତୃତ ଆଗ୍ରହ ଆମନ୍ତ୍ରଣ ଦେଖନ୍ତୁ ଯାହାକୁ ନିମ୍ନଲିଖିତ ଇମେଲରେ ଅନୁରୋଧ କରାଯାଇପାରିବ: ypani@nayadarshan.com |
| ୧୦. | ଆଗ୍ରହର ଅଭିବ୍ୟକ୍ତି ପ୍ରାପ୍ତିର ଶେଷ ତାରିଖ | ୦୯।୦୨।୨୦୨୨ |
| ୧୧. | ସମ୍ଭାବ୍ୟ ମୀମାଂସା ଆବେଦନକାରୀଙ୍କ ଅସ୍ଥାୟୀ ତାଲିକା ଜାରି ତାରିଖ | ୧୯।୦୨।୨୦୨୨ |
| ୧୨. | ଅସ୍ଥାୟୀ ତାଲିକା ପ୍ରତି ଆପତ୍ତି ଦାଖଲର ଶେଷ ତାରିଖ | ୨୪।୦୨।୨୦୨୨ |
| ୧୩. | ସମ୍ଭାବ୍ୟ ମୀମାଂସା ଆବେଦନକାରୀଙ୍କ ଚୂଡ଼ାନ୍ତ ତାଲିକା ଜାରି ତାରିଖ | ୦୬।୦୩।୨୦୨୨ |
| ୧୪. | ସୂଚନା ଜ୍ଞାପକପତ୍ର, ମୂଲ୍ୟାୟନ ମାଟ୍ରିକ୍ସ ଏବଂ ସମ୍ଭାବ୍ୟ ମୀମାଂସା ଆବେଦନକାରୀଙ୍କୁ ଅନୁରୋଧ ଜାରି ତାରିଖ | ୨୪।୦୨।୨୦୨୨ |
| ୧୫. | ମୀମାଂସା ଯୋଜନା, ମୂଲ୍ୟାୟନ ମାଟ୍ରିକ୍ସ, ସୂଚନା ସ୍ମାରକ ଏବଂ ତତ୍‌ପରବର୍ତ୍ତୀ ସୂଚନା ନିମନ୍ତେ ଅନୁରୋଧ ହାସଲର ପଦ୍ଧତି | ଯୋଗ୍ୟ ମୀମାଂସା ଆବେଦନକାରୀ ଆରପିଙ୍କ ନିକଟରେ ଇମେଲ୍ ypani@nayadarshan.com ମାଧ୍ୟମରେ ଅନୁରୋଧ ଦାଖଲ କରିପାରିବେ |
| ୧୬. | ମୀମାଂସା ଯୋଜନା ଦାଖଲର ଶେଷ ତାରିଖ | ୨୬।୦୩।୨୦୨୨ |
| ୧୭. | ମୀମାଂସା ବୃତ୍ତିଧାରୀଙ୍କୁ ମୀମାଂସା ଯୋଜନା ଦାଖଲର ପଦ୍ଧତି | ypani@nayadarshan.comରେ ଇମେଲ୍ ଏବଂ ପ୍ଲଟ୍ ନଂ.-୦୪, ୨ୟ ମହଲା, ସ୍ୱୋତ୍ରପ୍ ଆପାର୍ଟମେଣ୍ଟ, କଟକ ରୋଡ୍, ଭୁବନେଶ୍ୱର-୭୫୧୦୦୬, ଓଡ଼ିଶାରେ ସିଡ୍ ପୋଷ୍ଟ ଦ୍ୱାରା |
| ୧୮. | ଅନୁମୋଦନ ପାଇଁ ନିର୍ଣ୍ଣାୟକ କର୍ତ୍ତୃପକ୍ଷଙ୍କ ନିକଟରେ ମୀମାଂସା ଯୋଜନା ଦାଖଲର ଆକଳିତ ତାରିଖ | ସିଓସି ଅନୁମୋଦନ ସଙ୍ଗେ ସଙ୍ଗେ |
| ୧୯. | ମୀମାଂସା ବୃତ୍ତିଧାରୀଙ୍କ ନାମ ଓ ପଞ୍ଜୀକରଣ ସଂଖ୍ୟା | ଉମେଶ ଚନ୍ଦ୍ର ସାହୁ ପଞ୍ଜୀକରଣ ନଂ.: ଆଇବିବିଆଇ/ଆଇପିଏ-୦୦୨/ଆଇପି-ଏନ୍୦୦୬୨୧/୨୦୧୮-୧୯/୧୧୮୫୫ |
| ୨୦. | ବୋର୍ଡ ସହ ପଞ୍ଜୀକୃତ ହୋଇଥିବା ଅନୁଯାୟୀ ମୀମାଂସା ବୃତ୍ତିଧାରୀଙ୍କ ନାମ, ଠିକଣା ଏବଂ ଇମେଲ୍ | ଉମେଶ ଚନ୍ଦ୍ର ସାହୁ ପ୍ଲଟ୍ ନଂ.୦୪, ୨ୟ ମହଲା, ସ୍ୱୋତ୍ରପ୍ ଆପାର୍ଟମେଣ୍ଟ, କଟକ ରୋଡ୍, ଖାରପଡ଼ା, ଭୁବନେଶ୍ୱର-୭୫୧୦୦୬, ଓଡ଼ିଶା ଇମେଲ୍: info@nayadarshan.com |
| ୨୧. | ମୀମାଂସା ବୃତ୍ତିଧାରୀଙ୍କ ସହ ପତ୍ରାଳାପ ଲାଗି ବ୍ୟବହୃତ ହେବାକୁ ଥିବା ଠିକଣା ଓ ଇମେଲ୍ | ପ୍ଲଟ୍ ନଂ.୦୪, ୨ୟ ମହଲା, ସ୍ୱୋତ୍ରପ୍ ଆପାର୍ଟମେଣ୍ଟ, କଟକ ରୋଡ୍, ଖାରପଡ଼ା, ଭୁବନେଶ୍ୱର-୭୫୧୦୦୬, ଓଡ଼ିଶା ଇମେଲ୍: ypani@nayadarshan.com |
| ୨୨. | ଅଧିକ ବିବରଣୀ କେଉଁଠି କିମ୍ବା କାହା ନିକଟରେ ଉପଲବ୍ଧ ହେବ | ଉପରେ କ୍ରମିକ ସଂ. ୨୧ରେ ଦର୍ଶାଯାଇଥିବା ଅନୁଯାୟୀ |
| ୨୩. | ଫର୍ମ ଜି ପ୍ରକାଶନର ତାରିଖ | ୨୫।୦୧।୨୦୨୨ |

ସ୍ୱା./-
ଉମେଶ ଚନ୍ଦ୍ର ସାହୁ
ତାରିଖ: ୨୫।୦୧।୨୦୨୨ ୱାଇ.ପାଣି ଆଣ୍ଡ କମ୍ପାନୀ ପ୍ରା. ଲିଃ ନିମନ୍ତେ ମୀମାଂସା ବୃତ୍ତିଧାରୀ
ସ୍ଥାନ: ଭୁବନେଶ୍ୱର ପଞ୍ଜୀକରଣ ନଂ.: ଆଇବିବିଆଇ/ଆଇପିଏ-୦୦୨/ଆଇପି-ଏନ୍୦୦୬୨୧/୨୦୧୮-୧୯/୧୧୮୫୫



See Career Appointment on every Wednesday & Saturday



**PARADIP PORT TRUST**
**e-TENDER CALL NOTICE**
TD/TM/GEN-235(Vol-V)/21/124 dtd.20.01.2022

Name of the work **"Allotment of 09 (Nine) nos. of Mechanical Iron Ore / Iron Ore Pellet plots at IOHP"**. License Fees : ₹2,83,67,790/-, Wharfage Fees : ₹15,28,690/-. Last Date & time of submission of Bid : **Dt.09.02.2022 up to 16:00 Hrs.** Date and time of opening (technical bid) : **Dt.09.02.2022 up to 17:00 Hrs.** Refer our website for details : **https://eprocure.gov.in/eprocure/app.**

Traffic Manager
PPT/PR/143/2021-22, DT.24.01.2022



**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. 33/ET/SBP/ENGG/2021-22, ତା.19.01.2022ରିଖ

**(1) ଇ-ଟେଣ୍ଡର ସଂ. 22-eT-DENS-SBP-21**
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ଟିଟିଲାଗଡ଼ ପରିସୀମା ଅଧୀନସ୍ଥ ଟିଟିଲାଗଡ଼ ୟାର୍ଡ୍ ଡ୍ରେନ୍‌ରେ କାଙ୍କ୍ରିଟଥିବା ସ୍ଲାବ୍, ବିଭିନ୍ନ ଷ୍ଟେସନଗୁଡ଼ିକ ଠାରେ ଥିବା ସେବା ଭବନ ତଥା କର୍ମଚାରୀ ଆବାସଗୁଡ଼ିକର ସେପ୍ଟିକ୍ ଟାଙ୍କି ଏବଂ APP ସିଟ୍ ରୁଫିଙ୍ଗ୍ ବ୍ୟବସ୍ଥା ଦ୍ୱାରା RCC ସ୍ଲାବ୍ କର୍ମଚାରୀ ଆବାସଗୁଡ଼ିକର ମରାମତି।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹75,00,275.39,
EMD : ₹1,50,100/-

**(2) ଇ-ଟେଣ୍ଡର ସଂ. 23-eT-DENS-SBP-21**
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ମୁନିଗୁଡ଼ା ପରିସୀମା ଅଧୀନରେ କ୍ଷତିଗ୍ରସ୍ତ କବାଟ ଏବଂ ଝରକାଗୁଡ଼ିକର ମରାମତି, ସେପ୍ଟିକ ଟାଙ୍କିଗୁଡ଼ିକରୁ ପଙ୍କ ଉଠାଇବା (Desludging), APP ସିଟ୍ ରୁଫିଙ୍ଗ୍ ବ୍ୟବସ୍ଥା ଦ୍ୱାରା RCC ସ୍ଲାବ୍ କର୍ମଚାରୀ ଆବାସଗୁଡ଼ିକର ମରାମତି।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹74,98,877.30,
EMD : ₹1,50,000/-

**(3) ଇ-ଟେଣ୍ଡର ସଂ. 24-eT-DENS-SBP-21**
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ଟିଟିଲାଗଡ଼ଠାରୁ ରୁପ୍ରା ରୋଡ୍ ଷ୍ଟେସନ ପର୍ଯ୍ୟନ୍ତ କ୍ଷତିଗ୍ରସ୍ତ କବାଟ, ଝରକା ଏବଂ ଫ୍ଲାଇ ପ୍ରୁଫ୍ ମେସ୍ (Fly proof mesh)ର ସ୍ଥାନାନ୍ତରଣ ଦ୍ୱାରା କର୍ମଚାରୀ ଆବାସଗୁଡ଼ିକର ମରାମତି।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹1,00,00,409.10,
EMD : ₹2,00,100/-

**(4) ଇ-ଟେଣ୍ଡର ସଂ. 25-eT-DENS-SBP-21**
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ମୁନିଗୁଡ଼ା ପରିସୀମା ଅଧୀନସ୍ଥ ନରଲା ରୋଡ୍-ଥେରୁବାଲି ଏବଂ ଲାଞ୍ଜିଗଡ଼ ରୋଡ୍-କୁନାଗଡ଼ ରୋଡ୍ ସେକ୍ସନରେ ପ୍ଲାଟଫର୍ମ, ସେବା ଭବନ, ପ୍ଲାଟଫର୍ମ ପୃଷ୍ଠଭାଗ, ପରିସର ପାଚେରୀ, ୱାଟର ବୁଥ, ବେଞ୍ଚ, ମିନି ସେଲ୍ଟର ଏବଂ ଡ୍ରେନ୍ ଇତ୍ୟାଦିଗୁଡ଼ିକର ବିବିଧ ମରାମତି।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹74,99,366.66,
EMD : ₹1,50,000/-

କାର୍ଯ୍ୟ ଶେଷ ହେବା ଅବଧି : 12 (ବାର) ମାସ (ସମସ୍ତ କ୍ରମ ସଂଖ୍ୟା ପାଇଁ)।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : (ସମସ୍ତ ଟେଣ୍ଡର ପାଇଁ) ତା.14.02.2022ରିଖ 1500 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.inରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି। ଟେଣ୍ଡରଦାତା/ ବିକ୍ରେତାମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିକ୍ରେତାମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଞ୍ଜିନିୟରିଂ), ସମ୍ବଲପୁର
PR-743/M/21-22

## ସଂକ୍ଷେପରେ

### ଚୋରି କରି ଜଣେ ଗିରଫ

ଭୁବନେଶ୍ୱର,୨୪।୧(ବ୍ୟୁରୋ) ଅଫିସ ଭିତରୁ ବୈଦ୍ୟୁତିକ ସରଞ୍ଜାମ ଚୋରି କରିବା ଅଭିଯୋଗରେ ଶ୍ରୀଲିଙ୍ଗରାଜ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ ଲକ୍ଷ୍ମୀସାଗର ଥାନା ବୁଦ୍ଧନଗର ବସ୍ତିରେ ରହୁଥିବା ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ଜିଲା ପଳାସ ଥାନା ଅଞ୍ଚଳର ଏମ୍. ମଙ୍ଗଲୁ ରାଓ ଓରଫ ମଙ୍ଗୁ(୨୬)। ଅଭିଯୁକ୍ତଙ୍କଠାରୁ ପୋଲିସ ଚୋରି ସାମଗ୍ରୀ ଜବତ କରିଛି। ଅଭିଯୁକ୍ତ ମଙ୍ଗୁଙ୍କ ନାମରେ ଶହୀଦନଗର ଓ ଲକ୍ଷ୍ମୀସାଗର ଥାନାରେ ଗୋଟିଏ ଲେଖାଏ ମାମଲା ରହିଥିବା ପୋଲିସ କହିଛି। ସୂଚନା ଅନୁଯାୟୀ, ରବିବାର ଅପରାହ୍ନରେ ନାଗେଶ୍ୱର ଟାଙ୍ଗୀରେ ଥିବା ବେନଟକ ଇଣ୍ଡିଆ ଲିମିଟେଡ୍‌ରେ ମ୍ୟାନେଜର ସୌମ୍ୟରଞ୍ଜନ ମାନିକ୍ ପାଖ ଦୋକାନରେ ଜଳଖିଆ ଖାଇବାକୁ ଯିବାବେଳେ ମଙ୍ଗୁ ଅଫିସ ଭିତରେ ପଶି ୨୭, ୯୮୫ ଟଙ୍କାର ୧୨ଟି ବୈଦ୍ୟୁତିକ ସରଞ୍ଜାମ ପ୍ୟାକେଟ ନେଇ ପଳାଇ ଯାଉଥିଲେ। ସୌମ୍ୟରଞ୍ଜନ ଏହା ଦେଖି ତାଙ୍କୁ କାବୁ କରି ଥାନାକୁ ଖବର ଦେଇଥିଲେ। ପୋଲିସ ମଙ୍ଗୁଙ୍କ ବିରୋଧରେ (ନଂ.୧୯/୨୨) ମାମଲା ରୁଜୁ କରିଥିଲା।

### ୩ ଲୁଟେରା ଗିରଫ

**ଫୁଲନଖରା,୨୪।୧(ଡି.ଏନ୍.ଏ.):** ଟଙ୍କା ଲୁଟ୍ କରି ଫେରାର ଥିବା ୩ଜଣ ଲୁଟେରାଙ୍କୁ ଗିରଫ କରିଛି କଟକ ସଦର ଥାନା ପୋଲିସ। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ସୁମାଣ୍ଡି ଗ୍ରାମର ଶୁଭ ନାରାୟଣ ଛାଟୋଇ(୨୨), ଉଖୁମା ଗ୍ରାମର ପ୍ରଭୁ କଲ୍ୟାଣ ସ୍ୱାଇଁ (୨୪) ଓ ପ୍ରଧାନ ସାହି ଉଖୁମା ଗ୍ରାମର ରାହୁଲ ଛାଟୋଇ (୨୬)। ତାଙ୍କଠାରୁ ପୋଲିସ ୪୦ ହଜାର ଟଙ୍କା, ଗୋଟିଏ ବାଇକ୍ ନମ୍ବର (ଓଡି-୦୨-ଏକେ - ୮୪୦୧),ଏକ କଟୁରି ଓ ୪ଟି ମୋବାଇଲ ଫୋନ ଜବତ କରିଛି। ଗତ ଡିସେମ୍ବର ୨୬ରେ ପୁରୀ ନିମାପଡା ଥାନା ଅନ୍ତର୍ଗତ ବେଲକଣା ଗ୍ରାମର ସତ୍ୟବ୍ରତ ଜେନା କୋଣାର୍କ ଏଚ୍‌ଏଲ୍‌ଏଲ୍ କମ୍ପାନୀର କର୍ମଚାରୀଙ୍କ ସହ କଟକ ଚାଉଳିଆଗଞ୍ଜରୁ ୪ଲକ୍ଷ ଟଙ୍କା ଧରି ଟାଟା ଏସିଇରେ କମ୍ପାନୀକୁ ଫେରୁଥିବାବେଳେ ଫୁଲନଖରା ନିଆଳି ରାସ୍ତାର ବଡ଼ଝରିଲୋ ନିକଟରେ ୨ଟି ବାଇକ୍‌ରେ ୪ଜଣ ଦୁର୍ବୃତ୍ତ ତାଙ୍କ ଗାଡ଼ିର ପଛରୁ ଆସି ଗାଡିକୁ ଅଟକାଇ ସବୁ ଟଙ୍କା ଲୁଟି ନେଇଥିଲେ।

### ପୁରୀ-କୋଣାର୍କ ରେଳପଥ ପାଇଁ ୫ଶହ କୋଟି ମଞ୍ଜୁର ହେଉ

**ପୁରୀ ଅଫିସ,୨୪।୧:** ପୁରୀ-କୋଣାର୍କ ମଧ୍ୟରେ ନୂଆ ରେଳପଥ ନିର୍ମାଣ ପାଇଁ ୫ଶହ କୋଟି ଟଙ୍କା ମଞ୍ଜୁର କରାଯିବାକୁ ଦାବି ହୋଇଛି। ପୁରୀ ବିକାଶ ପରିଷଦର ସଭାପତି ଜଗନ୍ନାଥ ବସ୍ତିଆ ଏ ନେଇ ସୋମବାର ରେଳମନ୍ତ୍ରୀ ଅଶ୍ୱନୀ ବୈଷ୍ଣବଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି। ଏହି ପ୍ରକଳ୍ପ ପାଇଁ ଚୂଡ଼ାନ୍ତ ସର୍ଭେ ଶେଷ ହୋଇଥିବାରୁ ଆଗାମୀ ବଜେଟ୍‌ରେ ଅର୍ଥ ମଞ୍ଜୁର ପାଇଁ ପରିଷଦ ପକ୍ଷରୁ ଦାବି କରାଯାଇଛି। ପୂର୍ବତଟ ରେଳପଥ ପକ୍ଷରୁ ଗତବର୍ଷ ଅଗଷ୍ଟ ୨୧ରେ ଚୂଡ଼ାନ୍ତ ସର୍ଭେ ରିପୋର୍ଟ ରେଳୱେ ବୋର୍ଡ ନିକଟରେ ଦାଖଲ କରାଯାଇଥିଲା। ପୁରୀ-କୋଣାର୍କ ରେଳପଥ ପ୍ରକଳ୍ପରୁ ବାଲୁଖଣ୍ଡ ଅଭୟାରଣ୍ୟକୁ ବାଦ୍ ଦିଆଯାଇଛି। ରାଜ୍ୟ ଜଙ୍ଗଲ ବିଭାଗ ଆପତ୍ତି ଉଠାଇବା ପରେ ପୁଣି ଥରେ ସର୍ଭେ କରାଯାଇଥିଲା। ପୁରୀ-କୋଣାର୍କ ମଧ୍ୟରେ ୩୫ କି.ମି. ରେଳପଥ ନିର୍ମାଣ କରାଯିବ। ବସ୍ତିଆ କହିଛନ୍ତି, ପୁରୀ-କୋଣାର୍କ ରେଳପଥ ସଂଯୋଗୀକରଣ ଫଳରେ ପର୍ଯ୍ୟଟକ ଆକୃଷ୍ଟ ହେବେ। ପର୍ଯ୍ୟଟକମାନେ ଅଭୟାରଣ୍ୟର ପ୍ରାକୃତିକ ଶୋଭା ଉପଭୋଗ କରିବାର ସୁଯୋଗ ପାଇବେ। ଏହି ପ୍ରକଳ୍ପର ୫୦ ପ୍ରତିଶତ ଖର୍ଚ୍ଚ ରାଜ୍ୟ ବହନ କରିବ ବୋଲି ମୁଖ୍ୟମନ୍ତ୍ରୀ ଗତ ୨୦୧୭ ଏପ୍ରିଲ ୨୯ରେ ଟୁଇଟ କରି ରେଳମନ୍ତ୍ରୀଙ୍କୁ ପ୍ରସ୍ତାବ ଦେଇଥିଲେ।

# ‘କୋଭିଡ୍ ପଜିଟିଭ୍ ହେଲେ ବ୍ୟସ୍ତ ହୁଅନ୍ତୁ ନାହିଁ’

ଭୁବନେଶ୍ୱର, ୨୪।୧ (ବ୍ୟୁରୋ)

ରିପୋର୍ଟ କୋଭିଡ୍ ପଜିଟିଭ୍ ଆସିଲେ ହଠାତ୍ ବ୍ୟତିବ୍ୟସ୍ତ ହୁଅନ୍ତୁ ନାହିଁ। ଏଥିପାଇଁ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ଟୋଲ୍ ଫ୍ରି ନମ୍ବର ୧୯୨୯ ଏବଂ ୧୦୪ କୁ ଫୋନ୍ କରି ନିଜର ସ୍ଥିତି, ଯତ୍ନ ସମ୍ପର୍କରେ ପଚାରି ବୁଝନ୍ତୁ। ପରାମର୍ଶ ଅନୁଯାୟୀ ଆବଶ୍ୟକ ପଦକ୍ଷେପ ନିଅନ୍ତୁ ବୋଲି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସହରବାସୀଙ୍କୁ ସଚେତନ କରାଯାଇଛି। ବର୍ତ୍ତମାନ ସହରରେ ସଂକ୍ରମଣ ହାର ବୃଦ୍ଧି ପାଉଛି। ଭୟଭୀତ ନ ହୋଇ ସାମାନ୍ୟ ଲକ୍ଷଣ ଥିଲେ ଗୃହ ସଙ୍ଗରୋଧରେ ରହି ସରକାରଙ୍କ କରୋନା ନିୟମକୁ ପାଳନ କରିବାକୁ ପରାମର୍ଶ ଦିଆଯାଇଛି। ଏ ନେଇ ସୋମବାର ବିଏମ୍‌ସିର ନିଜସ୍ୱ ପ୍ରଚାର ଗାଡ଼ିରେ କୋଭିଡ୍‌ଜନିତ ଗୃହ ସଙ୍ଗରୋଧ ଓ ଆବଶ୍ୟକ ଯତ୍ନ ବାବଦରେ ସ୍ୱତନ୍ତ୍ର ପରାମର୍ଶ ବାର୍ତ୍ତା ପ୍ରସାର କରାଯାଇଛି। ନିୟମ ଅନୁସାରେ, ପଜିଟିଭ୍ ବ୍ୟକ୍ତି ଯେଉଁମାନଙ୍କର

**ଗୃହ ସଙ୍ଗରୋଧ ପାଇଁ ସ୍ୱତନ୍ତ୍ର ସଚେତନତା ଜାରି କଲା ବିଏମ୍‌ସି**



ପ୍ରାୟତଃ ଲକ୍ଷଣ ନ ଥାଏ ବା ସ୍ୱଳ୍ପ ଲକ୍ଷଣ ଥାଏ ସେମାନେ ଗୃହ ପୃଥକବାସରେ ରହି ଏହାର ମୁକାବିଲା କରିପାରିବେ। ସଂକ୍ରମିତ ବ୍ୟକ୍ତିଙ୍କ ରହିବା ସ୍ଥାନଟି ବାୟୁ ଚଳାଚଳଯୁକ୍ତ ହୋଇଥିବା ଦରକାର। ଏଥିସହ ପାଇଖାନା ପୃଥକ୍ ରହିବା, ନିଜେ ଓ ଯତ୍ନ ନେଉଥିବା ସଦସ୍ୟ ବା ପାଖ ବ୍ୟକ୍ତି ନିଜକୁ ସୁରକ୍ଷିତ ରଖିବା ପାଇଁ ମାସ୍କ ପିନ୍ଧିବା, ସମ୍ପୃକ୍ତ ବ୍ୟକ୍ତିଙ୍କ ବାସନକୁଶନ, ଲୁଗାପଟା ଇତ୍ୟାଦି ଭଲ ଭାବରେ ସାବୁନ୍ ପାଣିରେ ଧୋଇବା, ସଂକ୍ରମିତ ବ୍ୟକ୍ତି ବ୍ୟବହାର କରୁଥିବା ମାସ୍କ, ଟିସୁପେପର ଇତ୍ୟାଦିକୁ ଏକ ପ୍ରତିଶତ ବ୍ଲିଚିଂ ଘୋଳରେ ଅଧ ଘଣ୍ଟା ପକାଇବା ପରେ ଏହାକୁ ନଷ୍ଟ କରିଦେବା, ସହାୟକ ସାମାଜିକ ଦୂରତା ରକ୍ଷା କରିବା, ଲକ୍ଷଣ ବିହୀନ ବା ସ୍ୱଳ୍ପ ଲକ୍ଷଣ ଅବସ୍ଥା ସ୍ୱାଭାବିକ ଥିଲେ ଅତି କମ୍‌ରେ ୭ ଦିନ ପର୍ଯ୍ୟନ୍ତ ସଙ୍ଗରୋଧରେ ରହିବା ନିତାନ୍ତ ଆବଶ୍ୟକ।

ପଜିଟିଭ୍ ବ୍ୟକ୍ତି କଡ଼ ଲେଉଟାଇ କିମ୍ବା ପେଟ ମାଡ଼ି ଶୋଇଲେ ଶ୍ୱାସକ୍ରିୟାରେ ଉନ୍ନତି ଆସିଥାଏ। ଏତଦ୍‌ବ୍ୟତୀତ ଜ୍ୱର ଅଧିକ ହେବା, ନ ଛାଡ଼ିବା, ଅକ୍ସିଜେନ୍ ସାଚୁରେଶନ୍ ୯୩ ତଳକୁ ଖସିବା, ମାନସିକ ସ୍ଥିତି ଠିକ୍ ନ ରହିବା ଇତ୍ୟାଦି ଦେଖାଦେଲେ ଟୋଲ୍ ଫ୍ରି ନମ୍ବରରେ ଫୋନ୍ କରି ପଦକ୍ଷେପ ନେବାକୁ ସୂଚନା ଦିଆଯାଇଛି। ବର୍ତ୍ତମାନ କୋଭିଡ୍ ସଂକ୍ରମିତ ପ୍ରାୟ ୧୧ହଜାର ଜଣଙ୍କ ମଧ୍ୟରୁ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ଗୃହ ପୃଥକ୍ ବାସରେ ରହୁଥିବା ଜଣାପଡ଼ିଛି। ବ୍ୟବସ୍ଥା ଅନୁସାରେ ବିଏମ୍‌ସିର ୩ଟି ପ୍ରଶାସନିକ ଜୋନ୍‌ରେ ୧୨ଟି ଲେଖାଏ ଆର୍‌ଆର୍‌ଟି ଟିମ୍ ରହିଛନ୍ତି ଓ ସଂକ୍ରମିତ ବ୍ୟକ୍ତିଙ୍କ ସୂଚନା ଅନୁସାରେ ସେମାନଙ୍କୁ ଯୋଗାଯୋଗ କରି ସ୍ଥିତି ନିରୀକ୍ଷଣ କରୁଛନ୍ତି। ମଙ୍ଗଳବାରଠାରୁ ପ୍ରତ୍ୟେକ ୱାର୍ଡର ସଫେଇ ଗାଡିରେ ଏହି ସଚେତନତା କରାଯିବ। ଏହି ବାର୍ତ୍ତାକୁ ନାଗରିକମାନେ ପରସ୍ପରକୁ ଜଣାଇଲେ ସଂକ୍ରମଣ ଜନିତ ଭୟ ଓ ଦ୍ୱନ୍ଦ୍ୱ ଦୂର କରିବା ସହଜ ହେବ ବୋଲି ବିଏମ୍‌ସି ଡେପୁଟି କମିଶନର (କୋଭିଡ୍ ସେଲ୍) ଶୁଭେନ୍ଦୁ କୁମାର ସାହୁ କହିଛନ୍ତି।

### ଭୁବନେଶ୍ୱରରେ ୯ଶହକୁ ଖସିଲା ଦୈନିକ ସଂକ୍ରମଣ

ଭୁବନେଶ୍ୱର, ୨୪।୧ (ବ୍ୟୁରୋ)

ରାଜ୍ୟରେ ଧୀରେ ଧୀରେ କରୋନା ସଂକ୍ରମଣ ହ୍ରାସ ପାଉଥିବାବେଳେ ରାଜଧାନୀ ଭୁବନେଶ୍ୱରରେ ମଧ୍ୟ ଦୁଇଦିନ ହେବ ସଂକ୍ରମଣ କମୁଥିବା ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ସହରରୁ ୯୨୫ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏମାନେ ସମସ୍ତେ ସ୍ଥାନୀୟ ସଂକ୍ରମିତ। ଏମାନଙ୍କ ମଧ୍ୟରେ ଖଣ୍ଡଗିରିରୁ ସର୍ବାଧିକ ୯୦ଜଣ ଚିହ୍ନଟ ହୋଇଥିବାବେଳେ ନୟାପଲ୍ଲୀରୁ ୮୪ଜଣ, ପଟିଆ ୭୭ଜଣ, ଚନ୍ଦ୍ରଶେଖରପୁର ୬୭ଜଣ, ପୁରୁଣା ଭୁବନେଶ୍ୱର ୬୫ଜଣ, ବରମୁଣ୍ଡା ୩୩ଜଣ ଝାରପଡ଼ା ଓ ରସୁଲଗଡ଼ରୁ ୨୭ ଜଣ ଲେଖାଏ, ୟୁନିଟ୍-୮ ରୁ ୨୫ ଜଣ ଏବଂ ପୋଖରୀପୁଟରୁ ୨୨ ଜଣ ଆକ୍ରାନ୍ତ ରହିଛନ୍ତି। ଫଳରେ ସହରରେ ମୋଟ୍ ଆକ୍ରାନ୍ତ ସଂଖ୍ୟା ୧ଲକ୍ଷ ୪୪ ହଜାର ୪୪୪କୁ ବୃଦ୍ଧି ପାଇଛି। ଅପରପକ୍ଷେ ଦିନକରେ ୧୩୫୨ଜଣ ସୁସ୍ଥ ହୋଇଥିବାରୁ ଆରୋଗ୍ୟ ସଂଖ୍ୟା ୧,୩୨,୫୬୭ରେ ପହଞ୍ଚିଛି। ଆଉ ୨ଜଣଙ୍କ ମୃତ୍ୟୁ ପରେ କରୋନାଜନିତ ମୃତ୍ୟୁ ୧୧୧୦କୁ ବୃଦ୍ଧି ପାଇଥିବାବେଳେ ବର୍ତ୍ତମାନ ୧୦ହଜାର ୭୪୬ଟି ସକ୍ରିୟ ମାମଲା ରହିଛି।

### ମହାପ୍ରଭୁଙ୍କ ଲୀଳାକ୍ଷେତ୍ରର ବିକାଶ ନେଇ ଆଲୋଚନା

ପୁରୀ ଅଫିସ,୨୪।୧

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୀଳାକ୍ଷେତ୍ରର ବିକାଶ ପାଇଁ ଦାବି ଜୋର ଧରିଛି। ଶ୍ରୀଜଗନ୍ନାଥ ସଂସ୍କୃତିରେ ବର୍ଣ୍ଣିତ ମହାପ୍ରଭୁଙ୍କ ଲୀଳାକ୍ଷେତ୍ର ଯେପରି କି ପାରିକୁଦ, ଖୋର୍ଦ୍ଧା, ବଲାଙ୍ଗୀର ଭଳି ସ୍ଥାନକୁ ଶ୍ରୀକ୍ଷେତ୍ରର ସାଂସ୍କୃତିକ ସଂଯୋଗକୁ ବୃଦ୍ଧି କରିବା ସହ ସହଜ ଯୋଗାଯୋଗ ବ୍ୟବସ୍ଥା ପାଇଁ ଜିଲାପାଳ ସମର୍ଥ ବର୍ମାଙ୍କ ନିକଟରେ ଦାବି କରାଯାଇଛି। ଶ୍ରୀଜଗନ୍ନାଥ ଧର୍ମ ସଂସ୍କୃତି ସୁରକ୍ଷା ସଙ୍ଗଠନର ଏକ ଟିମ୍ ସୋମବାର ଜିଲାପାଳଙ୍କୁ ଭେଟି ୧୮ଟି ଗଠନମୂଳକ ପ୍ରସ୍ତାବ ସମ୍ପର୍କରେ ଅବଗତ କରାଇଛି। ଭଜନ ମଣ୍ଡପ, ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଏଫ୍‌ଏମ୍ ରେଡିଓ ଷ୍ଟେଶନ ପ୍ରତିଷ୍ଠା, ବିଭିନ୍ନ ଭାଷାରେ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ପୁସ୍ତକ, ଆମିଷମୁକ୍ତ ବଡ଼ଦାଣ୍ଡ, ବଡ଼ଦାଣ୍ଡରେ ଭଜନ ପରିବେଷଣ ସହ ମନ୍ଦିର ନୀତିର ପ୍ରସାରଣ, ସିଂହଦ୍ୱାର ଓ ଉତ୍ତରଦ୍ୱାରରେ ସୂଚନା କେନ୍ଦ୍ର, ନବନିର୍ମିତ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ତଳେ ପୁସ୍ତକ ଓ ସିଡି କାଉଣ୍ଟର, ଲୀଳାକ୍ଷେତ୍ରର ବିକାଶ, ଶ୍ରୀଜଗନ୍ନାଥ ସଂସ୍କୃତି ବିଶ୍ୱବିଦ୍ୟାଳୟର ଗବେଷଣା ବିଭାଗ ପୁନର୍ବିନ୍ୟାସ ପ୍ରଭୃତି ପ୍ରସଙ୍ଗରେ ଜିଲାପାଳଙ୍କ ସହ ଆଲୋଚନା ହୋଇଛି। ତିରୁପତି ଓ ବୈଷ୍ଣୋଦେବୀ ଭଳି ଧାର୍ମିକ କ୍ଷେତ୍ରରେ ସ୍ୱତନ୍ତ୍ର ଚ୍ୟାନେଲ ମାଧ୍ୟମରେ ଖବର ପ୍ରସାରଣ ହେଉଛି। ପୁରୀରେ ମହାପ୍ରଭୁ ଜଗନ୍ନାଥ କ୍ଷେତ୍ରର ପ୍ରସାର ପାଇଁ ସେଭଳି ବ୍ୟବସ୍ଥା କରାଗଲେ ଖ୍ୟାତି ବହୁଗୁଣିତ ହେବ ବୋଲି କୁହାଯାଇଛି। ଲୀଳାକ୍ଷେତ୍ର ବିକାଶ ହେଲେ ଜଗନ୍ନାଥ ପରମ୍ପରା ସମ୍ପର୍କରେ ଲୋକେ ଜାଣିବାକୁ ପାଇବେ ଓ ସେଠାକୁ ବୁଲିବାକୁ ଯିବେ ବୋଲି ମିଶନ ଓଡ଼ିଶାର ସମ୍ପାଦକ ମଧୁସୂଦନ ମିଶ୍ର କହିଛନ୍ତି। ଏନେଇ ବିଚାର ବିମର୍ଶ ପରେ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ କହିଛନ୍ତି।

### ପୁଣି ଆରମ୍ଭ ହେବ ଅନୁଭବ ଯାତ୍ରା

ପୁରୀ ଅଫିସ,୨୪।୧

ଶ୍ରୀମନ୍ଦିର ସେବାୟତ କଲ୍ୟାଣ ସବ୍‌କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସମର୍ଥ ବର୍ମା ଅଧ୍ୟକ୍ଷତା କରିଥିବାବେଳେ ସେବାୟତଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ସେବାୟତଙ୍କୁ ଚିକିତ୍ସା ସେବା ଓ ମାଗଣା ଔଷଧ ଯୋଗାଇବା ପାଇଁ ଦୋଳବେଦି କୋଣରେ ନିରାମୟ କେନ୍ଦ୍ର ଖୋଲାଯିବ। ସେହିପରି ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ଭତ୍ତା ଉପରେ ଆଲୋଚନା ହୋଇଥିଲା। ଯେଉଁମାନେ ୫ ବର୍ଷ ନିରବଚ୍ଛିନ୍ନ ଭାବେ ମହାପ୍ରଭୁଙ୍କ ସେବା କରିଛନ୍ତି, ସେମାନଙ୍କୁ ଅଗ୍ରାଧିକାର ଦିଆଯିବ। ସେହିପରି ବିଜୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ସବୁ ସେବାୟତଙ୍କୁ ସାମିଲ କରାଯିବା ପାଇଁ ପ୍ରସ୍ତାବ ଦିଆଯାଇଛି। ବେରୋଜଗାର ସେବାୟତଙ୍କ ପାଇଁ ଯୋଗ୍ୟତା ଭିତ୍ତିରେ ପରୀକ୍ଷା କରାଯାଇ ଶ୍ରୀମନ୍ଦିରରେ ନିଯୁକ୍ତି ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦିଆଯାଇଛି। ଏହି ବୈଠକ ପରେ ପ୍ରଚାର ଓ ପ୍ରସାର କମିଟି ବୈଠକ ହୋଇଥିଲା। ସେହିପରି ବନ୍ଦ ହୋଇ ପଡ଼ିଥିବା ଅନୁଭବ ଯାତ୍ରା ପୁଣି ଆରମ୍ଭ ହେବ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଔଷଧ କିଣିବା ପାଇଁ ଗତ ଆର୍ଥିକ ବର୍ଷରେ ଏକ କୋଟି ଅନୁଦାନ ଦିଆଯାଇଥିଲା। ଅନ୍ୟ କୌଣସି ସୂତ୍ରରୁ ଏହି ଟଙ୍କା ଆଣିବା ପାଇଁ ପ୍ରସ୍ତାବ ଆସିଛି। ତେବେ ବୈଠକରେ ଶ୍ରୀମନ୍ଦିର ଖୋଲିବା ନେଇ କୌଣସି ନିଷ୍ପତ୍ତି ହୋଇନାହିଁ। ଏ ସମ୍ପର୍କରେ ଜାନୁୟାରୀ ୩୧ ତାରିଖ ପରେ ନିଷ୍ପତ୍ତି ନିଆଯିବ। ଏହାପୂର୍ବରୁ ସବୁ ସେବାୟତଙ୍କୁ ପ୍ରିକଶନ ଡୋଜ ଦିଆଯିବ ବୋଲି ସୂଚନା ମିଳିଛି।

## କ୍ଷତିପୂରଣ ଦାବିରେ ମୃତଦେହ ରଖି ରାସ୍ତାରୋକୋ



ଜଟଣୀ ଥାନା ସମ୍ମୁଖ ରାସ୍ତାରେ ମୃତଦେହ ରଖି ପରିବାର ଲୋକେ ଧାରଣାରେ ବସିଛନ୍ତି।

ଜଟଣୀ,୨୪।୧(ଡି.ଏନ୍.ଏ.)

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ବାଛରାପାଟଣା ଅଞ୍ଚଳରେ ରବିବାର ଡ୍ରେନ୍ କାମ ଚାଲୁଥିବା ବେଳେ ପାଚେରି ଭୁଶୁଡ଼ି ସ୍ଥାନୀୟ ବିଡିଏ କଲୋନୀ ଅଞ୍ଚଳର ଭରତ ନାୟକଙ୍କ ମୃତ୍ୟୁ ହୋଇଥିଲା। ସେ ଜଟଣୀ ପୌର ପରିଷଦରେ ସୁଇପର ଭାବେ କାର୍ଯ୍ୟରତ ଥିଲେ। ସୋମବାର କ୍ଷତିପୂରଣ ଓ ଠିକାଦାରଙ୍କୁ ଡାକିବା ଦାବିରେ ମୃତକଙ୍କ ପରିବାର ଓ ସମ୍ପର୍କୀୟ ଜଟଣୀ ଥାନା ଆଗରେ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରୁ ଆସୁଥିବା

**ପାଚେରି ଭୁଶୁଡ଼ି ସଫେଇ କର୍ମଚାରୀଙ୍କ ମୃତ୍ୟୁ ଘଟଣା**

ସମସ୍ତ ଯାନବାହନ ଅଟକି ରହିଥିଲା। ଖବରପାଇ କମିଶନରେଟ ପୋଲିସର ଜୋନ-୩ ଏସିପି ରଜତ ରାୟ, ଜଟଣୀ ଅତିରିକ୍ତ ତହସିଲଦାର ରମେଶ ଚନ୍ଦ୍ର ମଲିକ, ପୌର ନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ପ୍ରମୁଖ ପହଞ୍ଚି ମୃତକଙ୍କ ପରିବାରକୁ ସରକାରୀ ଆର୍ଥିକ ସହାୟତା ସହିତ ଜଣଙ୍କୁ ଚାକିରି ଦିଆଯିବା ନେଇ ପ୍ରତିଶ୍ରୁତି ଦେବା ପରେ ମୃତଦେହ ଥାନା ଆଗରୁ ହଟାଇବା ସହ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।

ସୂଚନାଥାଉ କି, ରବିବାର ଛୁଟି ଥିବାରୁ ଠିକାଦାର ଭରତଙ୍କୁ ବାଛରାପାଟଣା ଅଞ୍ଚଳରେ ଚାଲୁଥିବା ଡ୍ରେନ୍ କାର୍ଯ୍ୟ କରିବାକୁ ଡାକି ନେଇଥିଲେ। ଡ୍ରେନ୍ କାର୍ଯ୍ୟ ବେଳେ ଭରତ ଓ କେତେଜଣ ଶ୍ରମିକ ପାଚେରି ନିକଟରେ ଥିବା ପଥର କାଢୁଥିଲେ। ଏହି ସମୟରେ ପାଚେରିଟି ଭୁଶୁଡ଼ି ପଡ଼ିଥିଲା। ଫଳରେ ଭରତ ପାଚେରି ତଳେ ରହିଯାଇଥିଲେ। ସ୍ଥାନୀୟ ଲୋକେ ପହଞ୍ଚି ପଥର ତଳୁ ଭରତଙ୍କୁ ଉଦ୍ଧାର କରିଥିଲେ ମଧ୍ୟ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

## ଓଏଲ୍‌ଏକ୍ସରେ ଗାଡ଼ି ବିକ୍ରି ଆଳରେ ଠକେଇ

ଭୁବନେଶ୍ୱର,୨୪।୧(ବ୍ୟୁରୋ)

ଓଏଲ୍‌ଏକ୍ସରେ ବାଇକ୍ ବିକ୍ରି କରିବା ଆଳରେ ଜଣେ ବ୍ୟକ୍ତିଙ୍କଠାରୁ ୪୬ ହଜାର ଟଙ୍କା ଠକେଇ ହୋଇଛି। ଏ ନେଇ ଅଭିଯୋଗ ହେବା ପରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ବଡ଼ଗଡ଼ ଥାନା ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ ପୁରୀ ଜିଲା ଡେଲାଙ୍ଗ ଥାନା ଦମପୁର ଗ୍ରାମର ପ୍ରଶାନ୍ତ ପ୍ରଧାନ(୩୦)। ତାଙ୍କଠାରୁ ପୋଲିସ ବାଇକ୍ (ନଂ.ଓଡି-୧୩-କ୍ୟୁ-୦୭୩୪) ଜବତ କରିଛି। ସୂଚନା ଅନୁଯାୟୀ, ଜାନୁୟାରୀ ୨ରେ ଅଭିଯୁକ୍ତ ପ୍ରଶାନ୍ତ ତାଙ୍କ ବାଇକ୍‌କୁ ବିକ୍ରି କରିବାକୁ ଓଏଲ୍‌ଏକ୍ସରେ ବିଜ୍ଞାପନ ଦେଇଥିଲେ। ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଅଞ୍ଚଳର ବାସୁ କପିଳ ଉକ୍ତ ବାଇକ୍‌କୁ କିଣିବାକୁ ପ୍ରଶାନ୍ତଙ୍କୁ ଯୋଗାଯୋଗ କରିଥିଲେ। ପରେ ବାସୁ ଜାନୁୟାରୀ ୫ରେ ଭୁବନେଶ୍ୱର ଆସି କଳ୍ପନା ଛକରେ ପ୍ରଶାନ୍ତଙ୍କୁ ଭେଟିଥିଲେ। ଶିଶୁପାଳଗଡ଼ରେ ଉକ୍ତ ବାଇକଟି ବନ୍ଧା ପଡ଼ିଛି, ୪୬ ହଜାର ଟଙ୍କା ଦେଲେ ମୁକୁଳିବ ବୋଲି ବାସୁଙ୍କୁ କହିବାରୁ ଟଙ୍କା ଦେଇ ସେଠାରୁ ବାଇକ୍ ମୁକୁଳାଇ ଆଣିଥିଲେ। ମାଲିକାନା ହସ୍ତାନ୍ତର ପାଇଁ ପ୍ରଶାନ୍ତ ପଟିଆରେ ଥିବା ଆର୍‌ଟିଓ ଅଫିସକୁ ଯିବାକୁ

**ଅଭିଯୁକ୍ତ ଗିରଫ, ବାଇକ୍ ଜବତ**




କହି ବାସୁଙ୍କୁ ନେଇଥିଲେ। ହେଲେ ଚନ୍ଦ୍ରଶେଖରପୁର ଥାନା ନାଲ୍‌କୋ ଛକରେ ପ୍ରଶାନ୍ତ ଚତୁରତାର ସହ ପରିସ୍ରା କରିବା ବାହାନାରେ ବାସୁଙ୍କୁ ବାଇକ୍‌ରୁ ଓହ୍ଲାଇ ଦେଇ ପଳାଇ ଯାଇଥିଲେ। ଏ ନେଇ ବାସୁ ଚନ୍ଦ୍ରଶେଖରପୁର ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସର ପରାମର୍ଶକ୍ରମେ ସେ ବଡ଼ଗଡ଼ ଥାନାରେ ଅଭିଯୋଗ କରିବା ପରେ ପୋଲିସ (ନଂ.୮/୨୨) ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତ ପ୍ରଶାନ୍ତ ଗାଁରେ ଥିବା ଖବର ପାଇ ପୋଲିସ ରବିବାର ରାତିରେ ଚଢ଼ଉ କରି ଧରିଥିଲା।

## ବେଆଇନ ମଦ ବିକ୍ରି ବିରୋଧରେ ସ୍ୱତନ୍ତ୍ର ଅଭିଯାନ

ଭୁବନେଶ୍ୱର,୨୪।୧(ବ୍ୟୁରୋ)

ରାଜଧାନୀରେ ବେଆଇନ ମଦ ବିକ୍ରି କରୁଥିବା ଅଭିଯୁକ୍ତଙ୍କ ବିରୋଧରେ ଭୁବନେଶ୍ୱର ୟୁପିଡି ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି। ଏହିକ୍ରମରେ ଜାନୁୟାରୀ ୨୨ ଓ ୨୩ରେ ବିଭିନ୍ନ ଥାନା ପୋଲିସ ଚଢ଼ାଉ କରି ୧୯୪.୪୧୫ ଲିଟର ମଦ ଜବତ ସହ ୧୯ଟି ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା କମିଶନରେଟ ପୋଲିସ ପକ୍ଷରୁ ପ୍ରେସ

**୨ ଦିନରେ ୧୯ ମାମଲା, ୧୯୪ ଲିଟର ମଦ ଜବତ**

ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ରିପୋର୍ଟ ଅନୁଯାୟୀ, ଜବତ ମଦରେ ୩୬.୩୦୫ ଲିଟର ବିଦେଶୀ ମଦ, ୧୧୮.୧୧ ଲିଟର ଦେଶୀ ଓ ୪୦ ଲିଟର ନକଲି ଦେଶୀ ମଦ ରହିଛି। ଲକ୍ଷ୍ମୀସାଗର, ଚନ୍ଦକା, ଚନ୍ଦ୍ରଶେଖରପୁର ଓ ବାଲିଅନ୍ତା ଥାନାରେ ୨ଟି ମାମଲା ରୁଜୁ କରାଯାଇଛି। ସେହିପରି ଏୟାରପୋର୍ଟ, କ୍ୟାପିଟାଲ, ଖଣ୍ଡଗିରି, ତମାଣ୍ଡୋ, ମଞ୍ଚେଶ୍ୱର, ବାଲିପାଟଣା, ଇନ୍‌ଫୋଭ୍ୟାଲି, ଜଟଣୀ, ଖାରବେଳନଗର, ପାହାଳ, ନନ୍ଦନକାନନ, ଥାନାରେ ଗୋଟିଏ ଲେଖାଏ ମାମଲା ରୁଜୁ ହୋଇଛି। ବେଆଇନ ମଦ ବିକ୍ରି, ନିଶା ବେପାର କିମ୍ବା ଘଟୁଥିବା ଅନ୍ୟାନ୍ୟ ଅପରାଧ ସମ୍ପର୍କରେ ସୂଚନା ଦେବା ପାଇଁ ହ୍ୱାଟ୍ସଆପ୍ ନମ୍ବରରେ (୭୦୭୭୭୯୮୧୧୧) ଜାରି କରାଯାଇଥିବା କମିଶନରେଟ ପୋଲିସ ପକ୍ଷରୁ କୁହାଯାଇଛି।

## ୫୮ ଆଇଆଇସିଙ୍କୁ ବଦଳି ପାଇଁ ଦାବି

ଖୋର୍ଦ୍ଧା ଅଫିସ,୨୪।୧

ରାଜ୍ୟରେ ତ୍ରିସ୍ତରୀୟ ନିର୍ବାଚନ ପାଇଁ ପ୍ରକ୍ରିୟା ଜାରି ରହିଛି। ରାଜ୍ୟ ନିର୍ବାଚନ କମିଶନର ଏନେଇ ଆଦର୍ଶ ଆଚରଣ ବିଧି ଲାଗୁ କରିଛନ୍ତି। ନିର୍ବାଚନକୁ ଅବାଧ, ହିଂସାମୁକ୍ତ ଏବଂ ଶାନ୍ତି ଶୃଙ୍ଖଳାର ସହ ଆୟୋଜନ ଉପରେ ଗୁରୁତ୍ୱ ଦେଇଛନ୍ତି। ଏପରିକି ନିର୍ବାଚନକୁ ନିରପେକ୍ଷ ଲାଗି ଗୋଟିଏ ସ୍ଥାନରେ ୩ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ରହିଥିବା ସରକାରୀ କର୍ମଚାରୀଙ୍କୁ ଅନ୍ୟତ୍ର ବଦଳି କରାଯାଇଥାଏ। ପୂର୍ବତନ ପୋଲିସ ମହାନିର୍ଦ୍ଦେଶକଙ୍କ ସମୟରେ ଇନ୍‌ସପେକ୍ଟରରୁ ଡିଏସ୍‌ପି ପାହ୍ୟାକୁ ପଦୋନ୍ନତି ପାଇଥିବା ରାଜ୍ୟର ୫୮ଜଣ ପୋଲିସ ଅଧିକାରୀ ଏବେ ବି ଉକ୍ତ ସ୍ଥାନରେ ହିଁ ଅବସ୍ଥାପିତ ଅଛନ୍ତି। ଏହି ଅଫିସରମାନେ ଗୋଟିଏ ସ୍ଥାନରେ ୪ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଅବସ୍ଥାପିତ ଅଛନ୍ତି। ତେଣୁ ଏମାନଙ୍କୁ ଅନ୍ୟତ୍ର ବଦଳି କରାଯାଉ ବୋଲି ମାନବାଧିକାର କର୍ମୀ ଜୟନ୍ତ ଦାଶ ରାଜ୍ୟ ନିର୍ବାଚନ କମିଶନରଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହା ଦ୍ୱାରା ନିର୍ବାଚନ ନିରପେକ୍ଷତାକୁ ନେଇ ପ୍ରଶ୍ନ ଉଠିପାରେ। ନିର୍ବାଚନକୁ ସମ୍ପୂର୍ଣ୍ଣ ଅବାଧ, ମୁକ୍ତ ଏବଂ ନିରପେକ୍ଷଭାବେ ପରିଚାଳନା ନେଇ ଏମାନଙ୍କୁ ବଦଳି ଲାଗି ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି।




ଭୁବନେଶ୍ୱର ୟୁନିଟ୍-୨ ମାର୍କେଟ ବିଲ୍ଡିଂରେ ଦୀର୍ଘବର୍ଷ ଧରି ବେପାର କରୁଥିବା ଦିବ୍ୟାଙ୍ଗମାନଙ୍କୁ ବିଏମ୍‌ସି ଉଠାଇ ଦେଇଥିବାରୁ ନ୍ୟାୟ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସିଥିବା ଓଡ଼ିଶା ଆସୋସିଏଶନ ଫର୍ ଦି ବ୍ଲାଇଣ୍ଡର ସଦସ୍ୟମାନେ।

## ସ୍କୁଲ ପାଇଁ ୪୦ଲକ୍ଷ ଦେଲେ ପୁରାତନ ଛାତ୍ରୀଛାତ୍ର

ଭୁବନେଶ୍ୱର, ୨୪।୧(ବ୍ୟୁରୋ)

ରାଜ୍ୟର ଅନ୍ୟତମ ପୁରାତନ ଶିକ୍ଷାନୁଷ୍ଠାନ ୟୁନିଭର୍ସିଟି ହାଇସ୍କୁଲ ବାଣୀବିହାରର ପୁରାତନ ଛାତ୍ରୀଛାତ୍ର ‘ମୋ ସ୍କୁଲ୍ ଅଭିଯାନ’ରେ ସାମିଲ ହୋଇ ନିଜ ବିଦ୍ୟାଳୟର ଭିତ୍ତିଭୂମି ବିକାଶ ପାଇଁ ୪୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ବିଦ୍ୟାଳୟ ପୁରାତନ ଛାତ୍ର ସଂଗଠନର ଏକ ପ୍ରତିନିଧି ଦଳ ସୋମବାର ‘ମୋ ସ୍କୁଲ୍’ ଅଧକ୍ଷା ସୁସ୍ମିତା ବାଗ୍‌ଚୀଙ୍କୁ ଭେଟି ଉକ୍ତ ଟଙ୍କାର ଚେକ୍ ଦେବା ସହ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ୪୦ ଲକ୍ଷ ଟଙ୍କାରେ ରାଜ୍ୟ ସରକାରଙ୍କ ଦୁଇଗୁଣା ଆର୍ଥିକ ସହାୟତା ରାଶିକୁ ମିଶାଇ ମୋଟ ୧ କୋଟି ୨୦ ଲକ୍ଷ ଟଙ୍କାରେ ଏକ ଅତ୍ୟାଧୁନିକ ମଲ୍ଟିପରପୋଜ୍ ହଲ୍ (ଷ୍ଟେଟ୍ ଅଫ୍ ଦି ଆର୍ଟ ସେଣ୍ଟର ଓ ଇନ୍‌ଡୋର ହଲ୍) ନିର୍ମାଣ କରାଯିବ। ଏଥିପାଇଁ ପ୍ରତିନିଧି ଦଳ ଏକ ସ୍ୱତନ୍ତ୍ର ଡିଜାଇନ୍ ମଧ୍ୟ ପ୍ରଦାନ କରିଛି। ୨୦୨୨ରେ ହାଇସ୍କୁଲ ହୀରକ ଜୟନ୍ତୀ ପାଳନ କରିବାକୁ ଯାଉଥିବାବେଳେ ଉକ୍ତ ଉତ୍ସବରେ ଏହା

**ୟୁନିଭର୍ସିଟି ହାଇସ୍କୁଲ୍‌ରେ ନିର୍ମାଣ ହେବ ବହୁମୁଖୀ ଗୃହ**



‘ମୋ ସ୍କୁଲ୍’ ଅଧକ୍ଷା ସୁସ୍ମିତା ବାଗ୍‌ଚୀଙ୍କୁ ଚେକ୍ ପ୍ରଦାନ କରାଯାଉଛି।

ଉଦ୍‌ଘାଟନ ହେବ। ଏଥିସହ ଶିକ୍ଷାନୁଷ୍ଠାନର ସ୍ୱର୍ଣ୍ଣିମ ଇତିହାସକୁ ଆହୁରି ଗୌରବାନ୍ୱିତ କରିବାକୁ ପୁରାତନ ଛାତ୍ର ସଙ୍ଗଠନ ପକ୍ଷରୁ ଏକାଧିକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ତେବେ ପ୍ରସ୍ତାବିତ ଏହି ବହୁମୁଖୀ ଗୃହରେ ଏକାସାଙ୍ଗରେ ୧ ହଜାର ଛାତ୍ରୀଛାତ୍ର ଏକତ୍ରିତ ହୋଇପାରିବେ ଏବଂ ଏହାକୁ ପ୍ରାର୍ଥନା ସଭା, ମଧ୍ୟାହ୍ନ ଭୋଜନ ହଲ୍, ସାଂସ୍କୃତିକ କାର୍ଯ୍ୟକ୍ରମ ତଥା କ୍ରୀଡ଼ାଭିତ୍ତିକ କାର୍ଯ୍ୟକ୍ରମର ଆୟୋଜନ ପାଇଁ ବ୍ୟବହାର କରାଯାଇପାରିବ। ‘ମୋ ସ୍କୁଲ୍ ଅଭିଯାନ’ ଅଧୀନରେ ୟୁନିଭର୍ସିଟି ହାଇସ୍କୁଲ୍‌ରେ କମ୍ପ୍ୟୁଟର ଲ୍ୟାବ୍, ବିଜ୍ଞାନାଗାର, ପାଠାଗାର, ବାଇସାଇକେଲ ଷ୍ଟାଣ୍ଡ ନିର୍ମାଣ କରାଯାଇଥିବାବେଳେ ଶ୍ରେଣୀଗୃହ ଓ ଶୌଚାଳୟର ମରାମତି, ପାନୀୟଜଳ ବ୍ୟବସ୍ଥା ସହ ଅନ୍ୟାନ୍ୟ ଭିତ୍ତିଭୂମି ବିକାଶମୂଳକ କାର୍ଯ୍ୟ କରାଯାଇଛି।

## ସଂକ୍ଷେପରେ

### ହିତାଧିକାରୀଙ୍କୁ ପ୍ଲାଷ୍ଟିକ ଚାଉଳ ବଣ୍ଟନ ଅଭିଯୋଗ

ଗଞ୍ଜାମ,୨୪।୧(ଡି.ଏନ.ଏ.): ଗରିବ ଲୋକଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଟଙ୍କିକିଆ ଚାଉଳ ଯୋଗାଇ ଦିଆଯାଉଛି। ତେବେ ଉକ୍ତ ଟଙ୍କିକିଆ ଚାଉଳରୁ ଅଧିକ ପ୍ଲାଷ୍ଟିକ ଚାଉଳ ବାହାରୁଥିବା ଗଞ୍ଜାମ ସହରରେ ଚର୍ଚ୍ଚା ଜୋର ଧରିଛି। ଗଞ୍ଜାମ ଏନ୍‌ଏସି ଅନ୍ତର୍ଗତ ୮ ନଂ. ୱାର୍ଡ ପୁଇଁତୋଳାରେ ଅଧିକାଂଶ ହିତାଧିକାରୀଙ୍କ ବସ୍ତାରୁ ପ୍ଲାଷ୍ଟିକ ଚାଉଳ ବାହାରିଥିବା ସେମାନେ ଅଭିଯୋଗ କରିଛନ୍ତି। ଏ ନେଇ କିଛି ହିତାଧିକାରୀ ସମ୍ପୃକ୍ତ ଡିଲରଙ୍କୁ ଅବଗତ କରାଇଛନ୍ତି। ପ୍ରତ୍ୟେକ ଥର ଚାଉଳ ବଣ୍ଟନ ବେଳେ କ୍ୱାଲିଟି ନିରୀକ୍ଷଣ କରାଯିବାର ନିୟମ ଥିଲେ ମଧ ଜିଲା ଯୋଗାଣ ବିଭାଗ କାହିଁକି କରୁନି ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ବ୍ଲକ ଯୋଗାଣ ନିରୀକ୍ଷକ ସନ୍ତୋଷ କୁମାର ଦାଶଙ୍କୁ ପଚାରିବାରେ ପ୍ଲାଷ୍ଟିକ୍ ଚାଉଳ ଅଭିଯୋଗ କଥାକୁ ସେ ସ୍ୱୀକାର କରିଛନ୍ତି। ଉକ୍ତ ଚାଉଳ ନମୁନା ଆଣି ତଦନ୍ତ କଲା ପରେ ପ୍ରକୃତ କଥା ଜଣାପଡିବ ବୋଲି ସେ କହିଛନ୍ତି।

### ପୋଲିସ-ମାଓବାଦୀ ଗୁଳି ବିନିମୟ: ହାର୍ଡକୋର ମାଓବାଦୀ ମୃତ



ମାଲକାନଗିରି, ୨୪।୧ (ଡି.ଏନ.ଏ.): ମାଲକାନଗିରି ସୀମାନ୍ତ ଛତିଶଗଡ ନାରାୟଣପୁର ଜିଲାରେ ପୋଲିସ-ମାଓବାଦୀଙ୍କ ମଧରେ ରବିବାର ରାତିରେ ଗୁଳିବିନିମୟ ଘଟିଛି। ଏଥିରେ ଜଣେ ହାର୍ଡକୋର ମାଓବାଦୀ ନିହତ ହୋଇଛନ୍ତି। ଖବରରୁ ଜଣାପଡିଛି ନାରାୟଣପୁର ଡିଆରଜି ଯବାନମାନେ ଭରାଣ୍ଡି ଥାନା ଅନ୍ତର୍ଗତ ଏକ ଜଙ୍ଗଲରେ କୋମ୍ବିଂ ଅପରେଶନ କରୁଥିବା ବେଳେ ପୋଲିସ ଆସିଥିବା ସୂଚନା ପାଇ ମାଓବାଦୀମାନେ ପୋଲିସ ଉପରକୁ ଗୁଳିଚାଳନା କରିଥିଲେ। ପୋଲିସ ମଧ ଏହାର ପାଲଟା ଜବାବ ଦେଇଥିଲା। ଦୀର୍ଘ ସମୟ ଧରି ଉଭୟ ପକ୍ଷ ମଧରେ ଗୁଳି ବିନିମୟ ଜାରି ରହିଥିଲା। ଯବାନଙ୍କ ଗୁଳିର ସାମ୍ନା କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ପରେ ଘଟଣା ସ୍ଥଳରୁ ଜଣେ ମାଓବାଦୀଙ୍କ ମୃତଦେହ ମିଳିବା ସହିତ ବନ୍ଧୁକ ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି।

### ମାଟିତଳୁ ମାଓବାଦୀ ସାମଗ୍ରୀ ଜବତ

ମାଲକାନଗିରି, ୨୪।୧ (ଡି.ଏନ.ଏ.): ମାଲକାନଗିରି ଜିଲା ସ୍ୱାଭିମାନ ଅଞ୍ଚଳ ସଦାରାମ୍ ସନ୍ନ୍ୟାସୀଗୁଡା ଓ ତୋଟାଗୁଡା ମଧରେ ମାଓବାଦୀମାନେ ମାଟିତଳେ ପୋତିଥିବା



ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀକୁ ପୋଲିସ ଏବଂ ବିଏସ୍‌ଏଫ୍ ଯବାନମାନେ ସୋମବାର ଉଦ୍ଧାର କରିଛନ୍ତି। ବିଶେଷ ସୂତ୍ରରୁ ଖବର ପାଇ ବିଏସ୍‌ଏଫ୍ ଓ ସ୍ଥାନୀୟ ପୋଲିସ ମିଳିତ ଭାବେ କୋମ୍ବିଂ ଅପରେଶନ ଆରମ୍ଭ କରିଥିଲେ। ଏହି ସମୟରେ ସଦାରାମ୍ ସନ୍ନ୍ୟାସୀଗୁଡା ଓ ତୋଟାଗୁଡା ମଧରେ ତଲାସି ବେଳେ ଗୋଟିଏ ୫ କେଜି ଷ୍ଟିଲ ଟିଫିନ ବୋମା, ୪ଟି ଦୁଇକେଜି ଓଜନର ଷ୍ଟିଲ ଟିଫିନ୍ ବୋମା, ଗୋଟିଏ ଏକ କେଜିର ପିତଳ ବୋମା, ଗୋଟିଏ ୫୦୦ ଗ୍ରାମର ପିତଳ ବୋମା, ୫୦୦ ଗ୍ରାମ୍ ବିସ୍ଫୋରକ ପାଉଡର, ଗୋଟିଏ ଗ୍ୟାସ୍ ୱେଲ୍‌ଡିଂ, ଗ୍ଲୋବ୍‌ସ, ଜୋତା ସହ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଛି। ବୋମା ନିଷ୍କ୍ରିୟକାରୀ ଟିମ୍ ସହାୟତାରେ ୭ଟି ବୋମାକୁ ନିଷ୍କ୍ରିୟ କରାଯାଇଥିଲା।

### ଭାଜପା ଜିଲା ପରିଷଦ ପ୍ରାର୍ଥୀ ନିଖୋଜ

କାଲିମେଳା, ୨୪।୧(ଡି.ଏନ୍.ଏ.): ମଙ୍ଗଳବାର ପ୍ରାର୍ଥିପତ୍ର ପ୍ରତ୍ୟାହାର କରିବାର ଶେଷ ଦିନ ଥିବା ବେଳେ ଅସନ୍ତୁଷ୍ଟଙ୍କୁ ମନାଇବାରେ ନେତା ବ୍ୟସ୍ତ ରହିଛନ୍ତି। ଏଭଳି ସ୍ଥିତିରେ ମାଲକାନଗିରି ଜିଲା କାଲିମେଳା ବ୍ଲକ୍ ଅଞ୍ଚଳରୁ ଜିଲା ପରିଷଦ ଜୋନ-୨ର ଭାଜପା ପ୍ରାର୍ଥୀ ରୀନା କବାସି ସୋମବାର ନିଖୋଜ ହୋଇଯିବା ଘଟଣା ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି। ରୀନାଙ୍କ ପରିବାର ଲୋକ ମଧ ଘରେ କେହି ନ ଥିବା ଦେଖିବାକୁ ମିଳିଛି। ମଙ୍ଗଳବାର ପ୍ରାର୍ଥିପତ୍ର ପ୍ରତ୍ୟାହାର କରିବାର ଶେଷ ଦିନ ଥିବା ବେଳେ ରୀନା ମାଲକାନଗିରି ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ନିଜ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିପାରନ୍ତି ବୋଲି ଆଲୋଚନା ହେଉଛି।






ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ସମାରୋହ ପାଇଁ ସୋମବାର ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ଅନୁଷ୍ଠିତ ଫୁଲ୍ ଡ୍ରେସ୍ ପରେଡ ଅଭ୍ୟାସ।

# ଫୁଲ୍ ଡ୍ରେସ୍ ପରେଡ୍ ଅଭ୍ୟାସ ନିରୀକ୍ଷଣ କଲେ ଡିଜିପି

ଭୁବନେଶ୍ୱର,୨୪।୧(ବ୍ୟୁରୋ)

## ସାଧାରଣତନ୍ତ୍ର ଦିବସ ପାଇଁ ୫-ସ୍ତରୀୟ ସୁରକ୍ଷା



ଡିଜିପି ସୁନୀଲ ବଂଶଲ ଅଧିକାରୀଙ୍କ ସହ ପରେଡ୍ ନେଇ ଆଲୋଚନା କରୁଛନ୍ତି।

ମହାତ୍ମାଗାନ୍ଧୀ ମାର୍ଗରେ ବୁଧବାର ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ହେବ। ଏଥିପାଇଁ ଶନିବାରଠାରୁ ପରେଡ୍ ଅଭ୍ୟାସ କରାଯାଉଛି। ସୋମବାର ଫୁଲ୍‌ଡ୍ରେସ୍ ପରେଡ୍ ଅନୁଷ୍ଠିତ ହୋଇଥିଲା। ପୋଲିସ ଡିଜି ସୁନୀଲ ବଂଶଲ ଯୋଗଦେଇ ପରେଡ୍ ଅଭ୍ୟାସକୁ ନିରୀକ୍ଷଣ କରିଥିଲେ। ଏହି ଅବସରରେ ସେ କହିଛନ୍ତି, କୋଭିଡ୍ ପ୍ରୋଟୋକଲ ଅନୁଯାୟୀ ସମସ୍ତ ପ୍ରସ୍ତୁତି ସରିଛି। ସାଧାରଣତନ୍ତ୍ର ଦିବସରେ ମଧ ସମସ୍ତ କଟକଣାକୁ କଡ଼ାକଡି ପାଳନ କରାଯିବ। ଯୁବ ଆଇପିଏସ୍ ରୋହିତ ବର୍ମା ପରେଡ୍‌କୁ କମାଣ୍ଡ କରିବେ ବୋଲି ଡିଜିପି କହିଛନ୍ତି। ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ କହିଲେ, ଡିଜିପି ନିଜେ ସୁରକ୍ଷା ବ୍ୟବସ୍ଥାର ତଦାରଖ କରିଛନ୍ତି। ସାଧାରଣତନ୍ତ୍ର ଦିବସ ପାଇଁ ୫-ସ୍ତରୀୟ ସୁରକ୍ଷା ବ୍ୟବସ୍ଥା ହୋଇଛି। ୨୫ପ୍ଲାଟୁନ୍ ପୋଲିସ ଫୋର୍ସ ଜଗିବେ। ୭୦ ଅଧିକାରୀ ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ କରିବେ ବୋଲି ସେ କହିଥିଲେ।

ଏଥର ପୋଲିସ କର୍ମଚାରୀଙ୍କୁ ନେଇ ପରେଡ୍ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ କୌଣସି ସ୍କୁଲ୍ କିମ୍ବା କଲେଜ୍ ଛାତ୍ରୀଛାତ୍ର ଯୋଗଦେବେ ନାହିଁ। କେବଳ ନିମନ୍ତ୍ରିତ ଅତିଥିମାନେ ଉପସ୍ଥିତ ରହିବେ। ପ୍ରଥମଥର ଗାନ୍ଧୀମାର୍ଗରେ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ଯବାନଙ୍କ ଚିତ୍ତାକର୍ଷକ ପରେଡ ଦେଖିବାକୁ ମିଳିବ। ଏଥିସହ ସିଆର୍‌ପିଏଫ୍, ଓଡିଶା ରାଜ୍ୟ ସଶସ୍ତ୍ର ପୋଲିସ (ସପ୍ତମ ବାଟାଲିଅନ୍), ସ୍ୱତନ୍ତ୍ର ସୁରକ୍ଷା ବାଟାଲିଅନ୍ (ଏସ୍‌ଏସ୍‌ଜି), ସ୍ପେଶାଲ ଅପରେସନ ଗ୍ରୁପ୍(ଏସ୍‌ଓଜି), ଅଗ୍ନିଶମ ଓ ଓଡ୍ରାଫ୍‌ର ଗୋଟିଏ ଲେଖାଏ ଟ୍ରୁପ୍ ପରେଡ୍‌ରେ ଭାଗ ନେବେ। ସେହିପରି ୩ଟି ବ୍ରାସ୍ ବ୍ୟାଣ୍ଡରୁ ରାଜ୍ୟ ପୋଲିସ ବିଭାଗର ୨ଟି ବ୍ରାସ୍ ବ୍ୟାଣ୍ଡ ଓ ଅନ୍ୟଟି ଅଗ୍ନିଶମ ବିଭାଗର ରହିବ। ଏହି ପରେଡ୍ ସମାରୋହରେ ଜଣେ ଡିସିପି, ୫ ଅତିରିକ୍ତ ଡିସିପି, ୧୩ ଏସିପି, ୧୮ ଇନ୍ସପେକ୍ଟର, ୬୫ଜଣ ଏସ୍‌ଆଇ ଏବଂ ଏଏସ୍‌ଆଇ, ୧୦ଜଣ ହାବିଲଦାର, ୬୨ ଏପିଆର୍, ଟ୍ରାଫିକ ପୋଲିସର ୪ଜଣ ହାବିଲଦାର ଓ ୧୭ଜଣ କନ୍‌ଷ୍ଟେବଳ ରହିବେ। ଏଥିସହ ୧୪ଜଣ ପୋଲିସ ହାବିଲଦାର ଓ ୬୭ଜଣ କନ୍‌ଷ୍ଟେବଳ, ୫୦ଜଣ ହୋମ୍‌ଗାର୍ଡ୍, ୧୮ଜଣ ଡବ୍ଲ୍ୟୁସି ସାମିଲ ହେବେ। ଏହି ସମୟରେ ମହାତ୍ମାଗାନ୍ଧୀ ମାର୍ଗ ଏବଂ ଏହାକୁ ସଂଯୋଗ କରୁଥିବା ସମସ୍ତ ରାସ୍ତାଗୁଡ଼ିକୁ ସର୍ବସାଧାରଣଙ୍କ ଗମନାଗମନ ପାଇଁ ବନ୍ଦ କରାଯାଇଥିବା କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ନୂଆଦିଲ୍ଲୀ ପରେଡ୍‌ରେ ସାମିଲ ହେବେ ଓଡ଼ିଶା ଏନ୍‌ସିସି କ୍ୟାଡେଟ୍

ଭୁବନେଶ୍ୱର,୨୪।୧(ବ୍ୟୁରୋ)

ନୂଆଦିଲ୍ଲୀଠାରେ ଆସନ୍ତା ବୁଧବାର ହେବାକୁ ଥିବା ୭୩ତମ ସାଧାରଣତନ୍ତ୍ର ଦିବସ ପରେଡରେ ଓଡ଼ିଶା ଏନ୍‌ସିସିର ୫୭ ଜଣ କ୍ୟାଡେଟ(ଉଭୟ ଝିଅ ଓ ପୁଅ) ଅଂଶଗ୍ରହଣ କରିବେ। ସେହି କ୍ୟାଡେଟମାନଙ୍କୁ ଗତ ୯୦ ଦିନ ଧରି ଡ୍ରିଲ, ଜିକେ, ପର୍ସନାଲିଟି ଡେଭଲପମେଣ୍ଟ ଟେଷ୍ଟ, କ୍ଷୁଦ୍ର ଅସ୍ତ୍ର ପରିଚାଳନା ଇତ୍ୟାଦି ତାଲିମ ଦିଆଯାଇଛି। ଏହି ଟିମ୍‌କୁ ଲ୍ୟୁଟ୍‌ନାଣ୍ଟ କଲୋନେଲ ଏଲ.ଏନ. ମହାପାତ୍ର, ୟୁଏନ କଲେଜ ସୋରର ଅଧକ୍ଷ ତଥା ଏନସିସି ଅଫିସର ବିଜୟ କୁମାର ବିଶ୍ୱାଳ ଏବଂ ରାୟଗଡ଼ା ମହିଳା ମହାବିଦ୍ୟାଳୟର କ୍ୟାପଟେନ ରୀତାରାଣୀ ମିଶ୍ର ପରିଚାଳନା କରିଛନ୍ତି। କୋଭିଡ-୧୯ ମହାମାରୀ ସତ୍ତ୍ୱେ କ୍ୟାଡେଟମାନଙ୍କୁ ତାଲିମ ଦିଆଯାଇଛି। ଗତ ୬ ବର୍ଷ ମଧରେ ସାଧାରଣତନ୍ତ୍ର ଦିବସରେ ଏହା ହେବ ଓଡ଼ିଶାର ଶ୍ରେଷ୍ଠ ପ୍ରଦର୍ଶନ। ପରେଡରେ ଓଡ଼ିଶା ଏନ୍‌ସିସିର ଶ୍ରୀଧର ସାହୁ, ସୌମ୍ୟରଞ୍ଜନ ମାନଡଙ୍ଗୀ, ସଙ୍କିତା ହେମ୍ବ୍ରମ, ଚୌଧୁରୀ ସାରଦା ପ୍ରସାଦ ନନ୍ଦ, ଆଶୁତୋଷ ପ୍ରଧାନ, ହରମିତ ସିଂ, ରୋହିତ ଦୀପ, ସଚିବ କାଟଲେଲ, ପ୍ରୀତିମୟୀ ମହାନ୍ତି, ପ୍ରୀତି ମହାନନ୍ଦ, ଅନସୂୟା ଜେନା, ଅଙ୍କିତା ମହାନ୍ତି, ପ୍ରଜ୍ଞାଶିଖା ସେନାପତି, ଶୁଭସ୍ମିତା ବାରିକ, ବନସ୍ମିତା ନାୟକ ଏବଂ ଗାର୍ଡ ଅଫ୍ ଅନର କ୍ୟାଡେଟ ଚିନ୍ମୟ ମଲ୍ଲିକ, ନାରାୟଣ ସେଠୀ, ଅରବିନ୍ଦ ନାୟକ, ରଞ୍ଜିତ ମହାପାତ୍ର, ଶିଲ୍ପା ବାଡତ୍ୟା ପ୍ରମୁଖ ସାମିଲ ହେବେ। ଏନ୍‌ସିସି ଭାରତର ଯୁବଗୋଷ୍ଠୀଙ୍କ ଭିତରେ ଜାତୀୟ ଏକତା ଭରି ଦେଉଛି। ସାଧାରଣତନ୍ତ୍ର ଦିବସ ପରେଡ ଓଡ଼ିଶା ଯୁବଗୋଷ୍ଠୀଙ୍କ ମଧରେ ପ୍ରତିଭାର ବିକାଶ ସହ ଦେଶ ସେବା ପାଇଁ ପ୍ରେରଣା ଦେବ।

# ଓଡ଼ିଶା ପାଇକ ରେଜିମେଣ୍ଟ ଗଠନ ଦାବି

ଭୁବନେଶ୍ୱର, ୨୪।୧(ବ୍ୟୁରୋ)

- ବକ୍ସି ଜଗବନ୍ଧୁଙ୍କ ଶ୍ରାଦ୍ଧୋତ୍ସବ ପାଳିଲା ପାଇକ ଏକାଡେମୀ
- ମାର୍ଚ୍ଚ ୨୯ରେ ୧ଲକ୍ଷ ପାଇକଙ୍କ ସମାବେଶ

ଦେଶର ସୁରକ୍ଷା କ୍ଷେତ୍ରରେ ପଞ୍ଜାବ ରେଜିମେଣ୍ଟ, ଗୁର୍ଖା ରେଜିମେଣ୍ଟ, ଆସାମ ରେଜିମେଣ୍ଟ ଆଦି ଗଠନ ହୋଇଛି। ହେଲେ ପ୍ରଥମ ସ୍ୱାଧୀନତା ସଂଗ୍ରାମ ପାଇକ ବିଦ୍ରୋହ ନାମରେ ଓଡ଼ିଶା ପାଇକ ରେଜିମେଣ୍ଟ ଗଠନ ନ ହେବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ବୋଲି ଓଡ଼ିଶା ପାଇକ ଏକାଡ଼େମୀ ପକ୍ଷରୁ କୁହାଯାଇଛି। ଏକାଡେମୀ ସଭାପତି ଡ. ଦିଲୀପ ଶ୍ରୀଚନ୍ଦନ କହିଛନ୍ତି, ଓଡ଼ିଶାରେ ପାଇକ ରେଜିମେଣ୍ଟ ଗଠନ ହେଲେ ଓଡ଼ିଶାର ହଜାର ହଜାର ଯୁବକ କର୍ମନିଯୁକ୍ତି ପାଇବା ସହ ଦେଶ ମାତୃକାର ସେବା ପାଇଁ ନିଜକୁ ଉତ୍ସର୍ଗ କରିପାରିବେ। ତେଣୁ ଏବେଠାରୁ ଏଥିପାଇଁ ସଂଗ୍ରାମ ଅଭିଯାନ ଆରମ୍ଭ ହେଉଛି। ଆସନ୍ତା ମାର୍ଚ୍ଚ ୨୯ରେ ଭୁବନେଶ୍ୱରର ରାଜରାସ୍ତାରେ ୧ଲକ୍ଷ ପାଇକଙ୍କ ଜନଗର୍ଜନ ଶୋଭାଯାତ୍ରା ଅନୁଷ୍ଠିତ ହେବା ସହ ଜନତା ମଇଦାନରେ ଏକ ପ୍ରତିବାଦ ସଭା ଆୟୋଜନ କରାଯିବ। ଏକାଡ଼େମୀ ପକ୍ଷରୁ ପାଇକ ବିଦ୍ରୋହର କର୍ଣ୍ଣଧାର ବକ୍ସି ଜଗବନ୍ଧୁଙ୍କ ଶ୍ରାଦ୍ଧୋତ୍ସବ ପାଳନ ଅବସରରେ ସେ ଏହା କହିବା ସହ ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା ଓ ରାଷ୍ଟ୍ରପତି ଶିଳାନ୍ୟାସ କରିଥିବା ସ୍ଥାନକୁ ହସ୍ତାନ୍ତର କରିବା ପାଇଁ ଦାବି କରାଯାଇଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଓଡ଼ିଶାର କୋଣ ଅନୁକୋଣରେ ବିଭିନ୍ନ ପର୍ଯ୍ୟାୟରେ ଆନ୍ଦୋଳନ ଜାରି ରହିବ ବୋଲି ଡ. ଶ୍ରୀଚନ୍ଦନ କହିଛନ୍ତି। ଏହି ଅବସରରେ ଏକ ସଭା, ପାଇକ ଆଖଡ଼ା ସହ ଶୋଭାଯାତ୍ରା, ଶପଥ ଉତ୍ସବ ଓ ସଂଗ୍ରାମ ଅଭିଯାନ ଆୟୋଜିତ ହୋଇଥିଲା। ଓଡ଼ିଶା ବୀର ମହାସଂଘ ସଭାପତି ତଥା ପାଇକ ସର୍ଦ୍ଦାର ଡ. ପ୍ରକାଶ ଶ୍ରୀଚନ୍ଦନ, ନିୟୁ ଥିଙ୍କିଙ୍ଗ୍ ଫୋରମ ସଭାପତି ନରେନ୍ଦ୍ର ପୃଷ୍ଟି, ସାମାଜିକକର୍ମୀ ଗଣେଶ ସାମନ୍ତ ଯୋଗଦେଇ ପାଇକ ବିଦ୍ରୋହ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ସମ୍ପର୍କିତ ତଥ୍ୟଭିତ୍ତିକ ମତ ରଖିଥିଲେ।




ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତି ନିକଟରେ ପାଇକ ଏକାଡେମୀର କର୍ମକର୍ତ୍ତାମାନେ ଦାବି ଜଣାଉଛନ୍ତି।

# 'ମାଓବାଦୀ ସଙ୍ଗଠନରେ ଯୋଗଦେଉନାହାନ୍ତି ଯୁବଗୋଷ୍ଠୀ'

## ୧୦ ବର୍ଷରେ ମାଓବାଦୀ ଆକ୍ରମଣରେ ୩୮ ବିଏସ୍‌ଏଫ୍ ଯବାନ ଶହୀଦ

ଭୁବନେଶ୍ୱର, ୨୪।୧(ବ୍ୟୁରୋ)

ଓଡ଼ିଶାର ମାଓବାଦୀ ପ୍ରଭାବିତ ମାଲକାନଗିରି ଜିଲାର ସ୍ୱାଭିମାନ ଅଞ୍ଚଳରେ ଜାନୁୟାରୀ ୨୬ ଗଣତନ୍ତ୍ର ଦିବସରୁ ବହୁ ପ୍ରତୀକ୍ଷିତ ବୋଟ୍ ଆମ୍ବୁଲାନ୍ସ ସେବା ଆରମ୍ଭ ହେବ। ଫଳରେ ଜଳବନ୍ଦୀ ଅଞ୍ଚଳର ୧୫୧ ଗ୍ରାମର ବାସିନ୍ଦା ଉପକୃତ ହେବେ। ଲାଲ୍‌ବାହିନୀ ଉପଦ୍ରୁତ ଅଞ୍ଚଳରେ ସୁରକ୍ଷା ବାହିନୀର ଦୃଢ଼ କାର୍ଯ୍ୟାନୁଷ୍ଠାନରେ ମାଓବାଦୀ ସଙ୍ଗଠନ ଦୋହଲିଗଲାଣି। ନୂଆ ଯୁବଗୋଷ୍ଠୀ ସଙ୍ଗଠନରେ ଯୋଗଦେଉନାହାନ୍ତି। ସାଧାରଣ ଲୋକଙ୍କ ମଧରେ ଆତ୍ମବିଶ୍ୱାସ ବୃଦ୍ଧି ପାଉଛି। ଆଗାମୀ ଦିନରେ ମାଓବାଦୀ ଦମନ କାର୍ଯ୍ୟକ୍ରମକୁ ଆହୁରି ଜୋର୍‌ଦାର କରାଯିବ ବୋଲି କହିଛନ୍ତି ଓଡ଼ିଶା-ଛତିଶଗଡ଼ ସ୍ୱତନ୍ତ୍ର ଅପରେଶନ ଦାୟିତ୍ୱରେ ଥିବା ସୀମା ସୁରକ୍ଷା ବାହିନୀ (ବିଏସ୍‌ଏଫ୍)ର ଅତିରିକ୍ତ ମହାନିର୍ଦ୍ଦେଶକ (ଏଡିଜି) ରାଜୱିନ୍ଦର ସିଂ ଭଟ୍ଟି।




ରାଜୱିନ୍ଦର ସିଂ ଭଟ୍ଟି

ସୋମବାର ରାୟପୁରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଗଣମାଧ୍ୟମକୁ ସୂଚନା ଦେଇ ଏଡିଜି ଭଟ୍ଟି ଓଡ଼ିଶା ଏବଂ ଛତିଶଗଡ଼ରେ ମୁତୟନ ବିଏସ୍‌ଏଫ ଯବାନ ଏବଂ ଅନ୍ୟ ଅର୍ଦ୍ଧ ସାମରିକ ବାହିନୀର କାର୍ଯ୍ୟଧାରା ସମ୍ପର୍କରେ ସବିଶେଷ ସୂଚନା ଦେଇଛନ୍ତି। ଗତ ୧୦ବର୍ଷରେ ମାଓବାଦୀଙ୍କ ସହ ସଂଘର୍ଷରେ ୩୮ ବିଏସ୍‌ଏଫ୍ ଯବାନ ଶହୀଦ ହୋଇଛନ୍ତି। ଏହି ସମୟରେ ୧,୬୫୦ ମାଓବାଦୀଙ୍କୁ ଗିରଫ କରାଯାଇଛି। ୮୯୧ଜଣଙ୍କୁ ଆତ୍ମସମର୍ପଣ ପାଇଁ ବାଧ କରାଯାଇଛି। ସୁରକ୍ଷା କର୍ମୀଙ୍କ କାର୍ଯ୍ୟାନୁଷ୍ଠାନରେ ୧୭ ମାଓବାଦୀଙ୍କ ମୃତ୍ୟୁ ଘଟିଛି। ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଏବଂ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି।

ସୁରକ୍ଷା ବାହିନୀ ପକ୍ଷରୁ ସାମାଜିକ କାର୍ଯ୍ୟକ୍ରମ ସ୍ୱରୂପ କୋରାପୁଟ ଏବଂ ମାଲକାନଗିରି ଜିଲାରେ ୨୨ ମେଡିକାଲ କ୍ୟାମ୍ପ କରାଯାଇ ୪ହଜାର ୩୬୨ ରୋଗୀଙ୍କ ଚିକିତ୍ସା କରାଯାଇଛି। ଲକ୍‌ଡାଉନ ସମୟରେ ଏହି ଦୁଇ ଜିଲାର ବହୁ ଲୋକଙ୍କୁ ଖାଦ୍ୟଶସ୍ୟ, କୃଷି ଉପକରଣ, ମଶାରି, ବାସନକୁସନ, ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ ଯୋଗାଇ ଦିଆଯାଇଛି। ୨୫୦ ତଫସିଲଭୁକ୍ତ ଯୁବକଙ୍କୁ ଦେଶର ବିଭିନ୍ନ ସ୍ଥାନ ଭ୍ରମଣ କରାଯାଇ ସାଂସ୍କୃତିକ ବିଭବ ସହ ପରିଚିତ କରାଯାଇଛି। ସେହିପରି ଓଡ଼ିଶାରେ ବିଭିନ୍ନ ସ୍ଥାନରେ ଥିବା ୧୨୮ ରାସ୍ତା ପ୍ରକଳ୍ପ, ୪୪ ନିର୍ମାଣାଧୀନ ପୋଲ ଏବଂ ୧୯୬ଟି ମୋବାଇଲ ଟାୱାରକୁ ସୁରକ୍ଷା ଯୋଗାଇ ଦିଆଯାଇଛି। ପରିବେଶ ସୁରକ୍ଷା ଲାଗି ପଦକ୍ଷେପ ସ୍ୱରୂପ ବନୀକରଣ କାର୍ଯ୍ୟ ହାତକୁ ନିଆଯାଇଥିବା ଭଟ୍ଟି ସୂଚନା ଦେଇଛନ୍ତି।

# ଉଦ୍ଧାର ହେଲା ଗଛରେ ଚଢ଼ିଥିବା ଭାଲୁ

## ଟ୍ରାଙ୍କୁଲାଇଜ୍ କରି ତଳକୁ ଅଣାଗଲା

ଉମରକୋଟ, ୨୪।୧(ସ୍ୱ.ପ୍ର.)



ଉଦ୍ଧାର ହୋଇଥିବା ଭାଲୁ।

ଦୀର୍ଘ ୩୨ ଘଣ୍ଟା ପରେ ଜଙ୍ଗଲୀ ଭାଲୁକୁ ଗଛ ଉପରୁ ତଳକୁ ଆଣିଲା ବନ ବିଭାଗ। ଭାଲୁଟିକୁ ଟ୍ରାଙ୍କୁଲାଇଜ୍ କରି ତଳକୁ ଓହ୍ଲାଯାଇଛି। ସୋମବାର ବିଳମ୍ବିତ ରାତିରେ ଭାଲୁଟିକୁ ଜଙ୍ଗଲରେ ଛଡ଼ାଯିବ ବୋଲି ଜଣାପଡିଛି।

ସୂଚନାନୁଯାୟୀ, ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ସୁନାବେଡ଼ା ପଞ୍ଚାୟତର ବଙ୍ଗୀୟ ଗ୍ରାମ ନାୟକଗୁଡାକୁ ଖାଦ୍ୟ ଅନ୍ୱେଷଣରେ ଏକ ଭାଲୁ ଶନିବାର ରାତିରେ ପଶି ଆସିଥିଲା। ସକାଳ ହେବାରୁ ଭାଲୁଟି ଗଛ ଉପରକୁ ଚଢ଼ିଯାଇଥିଲା। ଗ୍ରାମବାସୀ ବନ ବିଭାଗକୁ ଖବର ଦେଇଥିଲେ। ରବିବାରଠାରୁ ବନ ବିଭାଗ ଭାଲୁଟିକୁ ସେଠାରେ ଜଗି ରହିଥିଲା। ପ୍ରଥମେ ଉକ୍ତ ଅଞ୍ଚଳକୁ ଜନଶୂନ୍ୟ କରାଯାଇଥିଲା। ପରେ ଭାଲୁର ପ୍ରିୟ ଖାଦ୍ୟ ଗୁଡ଼, ମହୁଲ, କଦଳୀ ଓ ମହୁକୁ ଗଛତଳେ ରଖାଯାଇଥିଲା। ଏହାସତ୍ତ୍ୱେ ଭାଲୁଟି ତଳକୁ ଆସିବା ନାଁ ଧରି ନ ଥିଲା। ରବିବାର ରାତିତମାମ ନେଟ୍ ବାନ୍ଧି ବନ ବିଭାଗ କର୍ମଚାରୀ ସେଠାରେ ଜଗି ବସିଥିଲେ। ତଥାପି ଭାଲୁଟି ତଳକୁ ଆସିଲା ନାହିଁ। ଉମରକୋଟ ବନାଞ୍ଚଳ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ନାୟକ ଭାଲୁକୁ ଟ୍ରାଙ୍କୁଲାଇଜ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ନବରଙ୍ଗପୁର ଜିଲାର ହିଂସ୍ର ଜନ୍ତୁ ଉଦ୍ଧାରକାରୀ ଦଳର ମୁଖ୍ୟଙ୍କ ସମେତ ୪୫ ଜଣ ବନ କର୍ମଚାରୀଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଥିଲା। ଗଛତଳେ ଜାଲ ବାନ୍ଧିବା ପରେ ବନ ବିଭାଗ କର୍ମଚାରୀ ଭାଲୁକୁ ଟ୍ରାଙ୍କୁଲାଇଜ୍ କରିଥିଲେ। ଏହାପରେ ବନ ବିଭାଗର ଜଣେ କର୍ମଚାରୀ ଗଛରେ ଚଢ଼ି ଭାଲୁକୁ ତଳକୁ ଓହ୍ଲାଇବା ବ୍ୟବସ୍ଥା କରିଥିଲେ। ଭାଲୁଟି ସୁସ୍ଥ ଅଛି। ଚେତା ଆସିବା ପରେ ତାକୁ ଖାଇବାକୁ ଦିଆଯାଇଛି ବୋଲି ଉମରକୋଟ ରେଞ୍ଜର ପୂର୍ଣ୍ଣଚନ୍ଦ୍ର ନାୟକ ସୂଚନା ଦେଇଛନ୍ତି।

# ଧରାପଡ଼ିଲେ ଅନ୍ତର୍ଦ୍ଦେଶୀୟ ଲୁଟେରା ଗ୍ୟାଙ୍ଗ୍

ବଲାଙ୍ଗୀର ଅଫିସ,୨୪।୧

- ନେପାଳ ସୀମାରୁ ୩୦ ଲକ୍ଷର ଚୋରି ମୋବାଇଲ ଜବତ, ୩ ଗିରଫ
- ବଲାଙ୍ଗୀର ମୋବାଇଲ ଷ୍ଟୋର୍‌ରୁ ହୋଇଥିଲା ଚୋରି



ଲୁଟେରା ଦଳର ତିନି ଅଭିଯୁକ୍ତଙ୍କ ସହ ଉଦ୍ଧାର ହୋଇଥିବା ୧୧୩ ମୋବାଇଲ ସେଟ୍।

ନେପାଳ ସୀମାକୁ ଲାଗିଥିବା ବିହାରରୁ ୩୦ଲକ୍ଷ ଟଙ୍କାର ଚୋରି ମୋବାଇଲ ଜବତ କରିବା ସହ ଏକ ଅନ୍ତର୍ଦ୍ଦେଶୀୟ ଲୁଟେରା ଗ୍ୟାଙ୍ଗ୍‌ର ୩ ଲୁଟେରାଙ୍କୁ ଗିରଫ କରିଛି ବଲାଙ୍ଗୀର ପୋଲିସ। ଏ ସଂକ୍ରାନ୍ତରେ ବଲାଙ୍ଗୀର ଏସ୍‌ପି ନୀତିନ କୁଶଲକର ସୋମବାର ଜିଲା ପୋଲିସ କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀ କରି ସବିଶେଷ ସୂଚନା ଦେଇଛନ୍ତି। ପୋଲିସ ଟିମ୍ ୧୧୩ଟି ଚୋରି ମୋବାଇଲ ଜବତ କରିବା ସହ ବିହାର ରୋହତକ ଜିଲା ଦେହରୀ ଥାନା ଅନ୍ତର୍ଗତ ରୁଦ୍ରପରା ଗ୍ରାମର କହ୍ନେୟା କୁମାର (୫୦), ପୂର୍ବ ଚମ୍ପାରଣ ଜିଲା ଘୋଡାସାହାନ ଥାନା ଆଠମୁହାନ୍ ଗ୍ରାମର ମେରାଜ୍ ଅନ୍‌ସାରୀ (୫୦) ଓ କୌସାର ଆଲମ୍ (୨୦)ଙ୍କୁ ଗିରଫ କରିଛି।

ଗତ ୧୪ ତାରିଖ ରାତିରେ ବଲାଙ୍ଗୀର ରମାଇ ଟକିଜ୍ ନିକଟ ମୋବାଇଲ ଷ୍ଟୋର୍‌ରୁ ଲୁଟେରାମାନେ ଅଭିନବ ଢଙ୍ଗରେ ପ୍ରାୟ ୫୦ଲକ୍ଷ ଟଙ୍କାର ମୋବାଇଲ ଚୋରିକରି ନେଇଥିଲେ। ଲୁଟେରାମାନେ ପ୍ରଥମେ ଏହି ଅଞ୍ଚଳର ସିସିଟିଭି କ୍ୟାମେରା ଭାଙ୍ଗିଥିଲେ। ଏହାପରେ ଉକ୍ତ ଷ୍ଟୋର୍ ଭିତରେ ପଶି ଲୁଟେରାମାନେ ପ୍ୟାକେଟ୍ ଚିରି ପ୍ରାୟ ୧୮୦ଟି ଦାମୀ ମୋବାଇଲ ନେଇଥିଲେ। ୧୫ ତାରିଖ ସକାଳେ ଦୋକାନ ମାଲିକ ଶୋଭାକର ମେହେର ଷ୍ଟଲ ଖୋଲିବାକୁ ଆସିବା ପରେ ଚୋରି ହୋଇଥିବା ସନ୍ଦେହ କରି ଟାଉନ୍ ଥାନା ପୋଲିସକୁ ଖବର କରିଥିଲେ। ପୋଲିସ ଉପସ୍ଥିତିରେ ଉକ୍ତ ଷ୍ଟଲର ତାଲା ଭଙ୍ଗାଯିବା ପରେ ଉକ୍ତ ଦୋକାନରୁ ୧୮୦ଟି ଦାମୀ ମୋବାଇଲ ଚୋରି ହୋଇଥିବା ଜଣାପଡିଥିଲା। ଚୋରି ମୋବାଇଲର ଆନୁମାନିକ ମୂଲ୍ୟ ପ୍ରାୟ ୫୦ ଲକ୍ଷ ଟଙ୍କା ହେବ ବୋଲି କୁହାଯାଇଥିଲା। ମେହେରଙ୍କ ଅଭିଯୋଗ ପରେ ଟାଉନ୍ ଥାନାରେ ଏକ ମାମଲା (୨୭/୨୨) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ଏସ୍‌ପି କୁଶଲକର ସଦର ଏସ୍‌ଡିପିଓ ତୋଫାନ୍ ବାଗ, ଟାଉନ୍ ଥାନା ଆଇଆଇସି ପ୍ରିୟଙ୍କା ରାଉତରାୟ, ସବ୍‌ଇନ୍ସପେକ୍ଟର କିରନ୍ କୁମାର ଜାନୀ ପ୍ରମୁଖଙ୍କୁ ନେଇ ଏକ ଟିମ୍ ଗଠନ କରିଥିଲେ। ଟାୱାର ଡମ୍ପିଂ, ସାଇଣ୍ଟିଫିକ୍ ଇନ୍‌ପୁଟ ସହାୟତାରେ ତଦନ୍ତ ଆଗେଇଥିଲା। ଲୁଟେରାମାନେ ଲୁଟ୍ କରିବା ପରେ ବିହାରର ନେପାଳ ସୀମାକୁ ଯାଇଥିବା ଜଣାପଡ଼ିବା ପରେ ତଦନ୍ତକାରୀ ଟିମ୍ ଘୋଡାସାହାନ୍‌ରେ ପହଞ୍ଚି ତଦନ୍ତ କରିଥିଲେ। ନେପାଳ ସୀମାକୁ ଚୋରା ମୋବାଇଲ ଚାଲାଣ ହେବାର କିଛି ସମୟ ପୂର୍ବରୁ ଏହି ଟିମ୍ ଘୋଡାସାହାନ୍ ମୋବାଇଲ ଲୁଟେରା ଗ୍ୟାଙ୍ଗ୍‌ର ତିନି ସଦସ୍ୟଙ୍କୁ ଗିରଫ କରିଥିଲେ। ସେଠାକାର କୋର୍ଟରେ ହାଜର କରିବା ପରେ ଟ୍ରାନ୍‌ଜିଟ୍ ରିମାଣ୍ଡରେ ଗିରଫ ଅଭିଯୁକ୍ତଙ୍କୁ ପୋଲିସ ବଲାଙ୍ଗୀର ଆଣିଥିଲା। ସେମାନଙ୍କଠାରୁ ୧୧୩ ମୋବାଇଲ ଉଦ୍ଧାର ହୋଇଥିଲା। ଏହାର ଆନୁମାନିକ ମୂଲ୍ୟ ୩୦ ଲକ୍ଷରୁ ଉର୍ଦ୍ଧ୍ୱ ହେବ ବୋଲି କୁହାଯାଇଛି। ଅଭିଯୁକ୍ତଙ୍କୁ ଜେରା ପରେ ଏଥିରେ ସଂଶ୍ଳିଷ୍ଟ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଏସ୍‌ପି କୁଶଲକର କହିଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୪।୦୧।୨୦୨୨

| | |
|---|---|
| ୨,୩୬୩ ଟଙ୍କା | |
| ସୁନା | ମିଳି ନାହିଁ |
| ରୁପା | ମିଳି ନାହିଁ |

## ଆଜି କ'ଣ କେଉଁଠି

କଟକ

- ଡ. ତୀର୍ଥାନନ୍ଦ ମିଶ୍ରଙ୍କ ୬୬ତମ ଜୟନ୍ତୀ, ଶ୍ରୀରାମଚନ୍ଦ୍ର ଭବନ, ସନ୍ଧ୍ୟା ୬ଟା।
- ମହିଳା ସାଂସ୍କୃତିକ ସଂଗଠନ ଏଆଇଏମ୍‌ଏସ୍‌ଏସ୍ ପକ୍ଷରୁ ବିକ୍ଷୋଭ, ଜିଲାପାଳ ଅଫିସ ସମ୍ମୁଖ, ପୂର୍ବାହ୍ନ ୧୧ଟା।

ପୁରୀ

- ଜାତୀୟ ମତଦାତା ଦିବସ, ଉପ ଜିଲାପାଳ କାର୍ଯ୍ୟାଳୟ, ସକାଳ ୯ଟା ୧୫।
- ମାର୍କଣ୍ଡେୟ ସ୍ମୃତି ସଂସଦ ପୁରୀ ପକ୍ଷରୁ ସଙ୍ଗୀତ ଶ୍ରର୍ଦ୍ଧାଞ୍ଜଳି ଉତ୍ସବ, ବିହାର ଅତିଥି ଭବନ, ଅପରାହ୍ନ ୫ଟା।

## ସଂକ୍ଷେପରେ

### ସାଇଗନରେ ରାଷ୍ଟ୍ର ସଙ୍ଗୀତ ଗାଇ ନେତାଜୀଙ୍କୁ ଶ୍ରଦ୍ଧାଞ୍ଜଳି



**ଭୁବନେଶ୍ୱର, ୨୪।୧(ବ୍ୟୁରୋ):** ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୫ତମ ଜୟନ୍ତୀ ଅବସରରେ ରବିବାର ଭିଏତନାମ୍‌ର ସାଇଗନସ୍ଥିତ ନୁଏନ୍‌ହ୍ୱେ ଷ୍ଟ୍ରିଟରେ ଓଡ଼ିଆ ପୁଅ ସତ୍ୟ ସୂତାର ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଏଥିସହ ସେଠାରେ ସେ ରାଷ୍ଟ୍ରୀୟ ସଙ୍ଗୀତ ଗାନ କରିଛନ୍ତି। କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଫକୀରପୁର ଗ୍ରାମର ସତ୍ୟ ସିଙ୍ଗାପୁରରେ ଏକ ମଲ୍ଟିନ୍ୟାଶନାଲ କମ୍ପାନୀରେ ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଅଛନ୍ତି। ସେ କହିଛନ୍ତି, ଆଉ କିଛିବର୍ଷ ପରେ ସବୁଦିନ ପାଇଁ ଓଡ଼ିଶାକୁ ଫେରିଯିବି। କିନ୍ତୁ ଏହା ପୂର୍ବରୁ ବିଦେଶରେ ଶେଷ ଇଚ୍ଛାର ପ୍ରଥମ ସୋପାନ ଆରମ୍ଭ କରୁଛି। ଭାରତୀୟ ସ୍ୱାଧୀନତା ସଂଗ୍ରାମର ଅନ୍ୟତମ କର୍ଣ୍ଣଧାର ସୁଭାଷ ଚନ୍ଦ୍ର ବୋଷ ଓଡ଼ିଶା ମାଟିରେ ଜନ୍ମ ଗ୍ରହଣ କରିଥିଲେ ଓ ତାଙ୍କ ଆଦ୍ୟ ଜୀବନ ସେଠାରେ ବିତିଥିଲା। ତାଙ୍କ ଜୀବନର ପ୍ରାରମ୍ଭିକ ବ୍ୟକ୍ତିତ୍ୱ ଓଡ଼ିଶାର ସଂଗ୍ରାମୀ ମାଟିରେ ତିଆରି ହୋଇଥିଲା। ତେଣୁ ସେ ଗସ୍ତ କରିଥିବା ଦେଶଗୁଡ଼ିକୁ ଯାଇ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବି। ସେ ୨୦୨୩ ତାଇୱାନରେ, ୨୦୨୪ ବର୍ମାରେ, ୨୦୨୫ ସିଙ୍ଗାପୁରରେ ଓ ୨୦୨୬ ଜର୍ମାନୀକୁ ଯିବେ ବୋଲି ସତ୍ୟ ସୂଚନା ଦେଇଛନ୍ତି।

### ୨ ବ୍ୟାଙ୍କ କର୍ମଚାରୀ ସଂକ୍ରମିତ

**କଣାସ,୨୪।୧ (ସ୍ୱ.ପ୍ର):** ପୁରୀ ଜିଲା କଣାସ ପଞ୍ଚାୟତ ସମିତି ନିକଟ ଭାରତୀୟ ଷ୍ଟେଟ ବ୍ୟାଙ୍କର ୨ କର୍ମଚାରୀ କରୋନା ସଂକ୍ରମିତ ହୋଇଛନ୍ତି। ସେମାନେ ହେଲେ ବ୍ୟାଙ୍କ୍ ଶାଖା ପରିଚାଳକ ଓ କ୍ଲର୍କ୍। ଫଳରେ ସୋମବାର ବ୍ୟାଙ୍କ ଶାଖା ବନ୍ଦ ରହିଥିଲା। ତେବେ ୩ଦିନ ଧରି ବ୍ୟାଙ୍କ ବନ୍ଦ ରହିଥିବାରୁ ଗ୍ରାହକମାନେ ନାହିଁ ନ ଥିବା ଅସୁବିଧା ସମ୍ମୁଖୀନ ହୋଇଛନ୍ତି। ଚତୁର୍ଥ ଶନିବାର ଓ ରବିବାର ଛୁଟି ଥିବାରୁ ବ୍ୟାଙ୍କ ବନ୍ଦ ରହିଥିଲା। ତେବେ ସୋମବାର ମଧ୍ୟ ବ୍ୟାଙ୍କ ବନ୍ଦ ରହିଥିବାରୁ ଗ୍ରାହକମାନେ ଆସି ନିରାଶରେ ଫେରିଥିଲେ।

# ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ଛୁରି ଭୁସି ହତ୍ୟା

ବଡ଼ମ୍ବା,୨୪।୧(ଡି.ଏନ.ଏ.)

କଟକ ଜିଲା ବଡ଼ମ୍ବା ଥାନା ଅନ୍ତର୍ଗତ ନୂଆତଇଲା ଛକରେ ଜଣେ ଯୁବକଙ୍କୁ ସୋମବାର ସନ୍ଧ୍ୟାରେ ଛୁରି ଭୁସି ହତ୍ୟା କରାଯାଇଛି। ମୃତକ ଜଣକ ହେଲେ ସ୍ଥାନୀୟ ରଗଡ଼ିପଡ଼ା ଗ୍ରାମର ପ୍ରହଲ୍ଲାଦ ମଲ୍ଲିକ (୪୨)। ପୂର୍ବଶତ୍ରୁତାରୁ ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତ ପରେ କହିଛି। ହତ୍ୟା ସନ୍ଦେହରେ ପୋଲିସ ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚୁରା କରୁଛି।

ପୋଲିସ ସୂଚନା ଅନୁଯାୟୀ, ପ୍ରହଲ୍ଲାଦଙ୍କ ନୂଆତଇଲା ଛକରେ ଏକ ଗ୍ରିଲ ଦୋକାନ ରହିଛି। ନିକଟରେ ଅଭିଯୁକ୍ତଙ୍କର ଗୋଟିଏ କୁକୁଡା ଦୋକାନ ରହିଛି। ଉଭୟ ଆଗରୁ ଏକାଠି କୁକୁଡ଼ା ବ୍ୟବସାୟ କରୁଥିଲେ। ମାତ୍ର କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ଫାଟ ସୃଷ୍ଟି ହୋଇଥିଲା। ଦୀର୍ଘଦିନ ହେବ ସେମାନଙ୍କ ମଧ୍ୟରେ ପୂର୍ବ ଶତ୍ରୁତା ଲାଗି ରହିଥିଲା। ସୋମବାର ସନ୍ଧ୍ୟାରେ ପ୍ରହଲ୍ଲାଦ ଦୋକାନ ପାଖରେ ଥିବାବେଳେ ଅଭିଯୁକ୍ତ ଜଣକ ତାଙ୍କ ଦୋକାନ ପାଖରେ ପହଞ୍ଚି ହଠାତ୍ ଛୁରିରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଏଥିରେ ପ୍ରହଲ୍ଲାଦଙ୍କ ଶରୀରରେ ଏକାଧିକ ସ୍ଥାନରେ କ୍ଷତ ସୃଷ୍ଟି ହେବା ସହ ପ୍ରଚୁର ରକ୍ତସ୍ରାବ ହୋଇଥିଲା।



ବଡ଼ମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଲୋକଙ୍କ ଭିଡ଼।

### ପୋଲିସର ଟନାଘନା, ଜଣେ ଅଟକ

ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବଡ଼ମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରହଲ୍ଲାଦଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ଏହାପରେ ରଗଡ଼ିପଡ଼ା ଗ୍ରାମର ବହୁ ଲୋକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଘଟଣାସ୍ଥଳରେ ଭିଡ ଜମାଇଥିଲେ। ରିପୋର୍ଟ ଲେଖାହେବା ବେଳକୁ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ବେଳେ ଏନେଇ ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ନିରଞ୍ଜନ ଦାଶ କହିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅମ୍ବିକା



@ ଜୟଦେବ



@ ମୋନାଲିସା



@ ପ୍ରିୟଙ୍କା



@ ରାଜେନ୍ଦ୍ର



@ ଜ୍ଞାନ

# ପାଇକ ବିଦ୍ରୋହର ମୁଖ୍ୟ କର୍ଣ୍ଣଧାର ଥିଲେ ବକ୍ସି ଜଗବନ୍ଧୁ

ଭୁବନେଶ୍ୱର, ୨୪।୧ (ବ୍ୟୁରୋ)

ଓଡ଼ିଶାର ଶେଷ ସ୍ୱାଧୀନତା ବଜାୟ ରଖିବା ପାଇଁ ଉତ୍କଳଜନନୀର ଯେଉଁ କେତେଜଣ ବୀର ସୁଯୋଗ୍ୟ ସନ୍ତାନ ଇଂରେଜଙ୍କ ସହ ସଂଗ୍ରାମ କରିଥିଲେ, ସେମାନଙ୍କ ମଧ୍ୟରୁ ଖୋର୍ଦ୍ଧାର ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର ଅନ୍ୟତମ। ସେ ଥିଲେ ପାଇକ ବିଦ୍ରୋହର ମୁଖ୍ୟ କର୍ଣ୍ଣଧାର। ତାଙ୍କର ବଳିଷ୍ଠ ନେତୃତ୍ୱ, ଅସୀମ ତ୍ୟାଗ, ବୀରତ୍ୱ, ଦେଶପ୍ରେମ ତଥା ଆତ୍ମୋତ୍ସର୍ଗ ଓଡ଼ିଶା ଇତିହାସର ଏକ ଗୌରବପୂର୍ଣ୍ଣ ରକ୍ତରଞ୍ଜିତ ଅଧ୍ୟାୟ। ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ଇଂରେଜଙ୍କ ଅନ୍ୟାୟ ନୀତି ଓ ନିର୍ଯାତନା ବିରୋଧରେ ପାଇକମାନେ ବିଦ୍ରୋହ କରିଥିଲେ। ପାଇକ ବିଦ୍ରୋହ ଇଂରେଜ କର୍ତ୍ତୃପକ୍ଷଙ୍କୁ ବିବ୍ରତ ଓ ବିଚଳିତ କରିଦେଇଥିଲା। ପରିସ୍ଥିତିର ଚାପରେ ଶେଷରେ ବକ୍ସି ଜଗବନ୍ଧୁ ଇଂରେଜଙ୍କ ଦ୍ୱାରା ଗୃହବନ୍ଦୀ ହୋଇ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ତାଙ୍କ ଭଳି ଜଣେ କର୍ମବୀର ସର୍ବଦା ଆମର ପ୍ରାତଃ ସ୍ମରଣୀୟ ହୋଇରହିଥିବେ ବୋଲି ତାଙ୍କ ଶ୍ରାଦ୍ଧ ଦିବସରେ ମତ ପ୍ରକାଶ ପାଇଛି। ସୋମବାର କଳ୍ପନା ନିକଟ ମ୍ୟୁଜିୟମ୍ ଛକସ୍ଥିତ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ବିଭାଗୀୟ ନିର୍ଦ୍ଦେଶକ ନିରଞ୍ଜନ ସେଠୀଙ୍କ ସମେତ ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ମାନସ ରଞ୍ଜନ ଖୁଣ୍ଟିଆ, ସହକାରୀ ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ତାଙ୍କ ସଂଗ୍ରାମୀ ଜୀବନର ସ୍ମୃତିଚାରଣ କରିଥିଲେ।





କଳ୍ପନାଛକସ୍ଥିତ ବକ୍ସିଜଗବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଉଛି।

## 'ଏକ୍ କଦମ କନ୍ୟା କେ ଲିୟେ' ଅଭିଯାନ ଆରମ୍ଭ

ଭୁବନେଶ୍ୱର,୨୪।୧(ବ୍ୟୁରୋ)

ଜାତୀୟ କନ୍ୟା ଦିବସ ଉପଲକ୍ଷେ ରୋଟାରି ଇଣ୍ଟରନ୍ୟାଶନାଲ ଜିଲା ୩୨୬୨ ପକ୍ଷରୁ ଅନୁଷ୍ଠାନର ସୋସିଆଲ ମିଡିଆ ଫେସବୁକ୍ ପେଜ୍‌ରେ ଏକ କ୍ୟାମ୍ପେନ ଆରମ୍ଭ ହୋଇଛି। କ୍ୟାମ୍ପେନର ନାମ 'ଏକ୍ କଦମ କନ୍ୟା କେ ଲିୟେ' ରଖାଯାଇଛି। ରୋଟାରି ଇଣ୍ଟରନ୍ୟାଶନାଲ ସଭାପତି ରୋଟାରିଆନ ଶେଖର ମେହେଟାଙ୍କର କନ୍ୟା ସଶକ୍ତୀକରଣ ଅଭିଯାନକୁ ସଫଳ କରିବା ପାଇଁ ରୋଟାରିଆନ ଶାନ୍ତନୁ କୁମାର ପାଣି ଓ ଏମ୍ପାୱରିଂ ଗାର୍ଲସ ଅଭିଯାନର ପ୍ରାନ୍ତ ଅଧକ୍ଷ ରୋଟାରିଆନ ସରୋଜ ଦାଶ ଅନୁରୋଧ କରିଛନ୍ତି। ଫେସବୁକ ପେଜରେ ସାଧାରଣ ଲୋକେ ଝିଅଙ୍କ ସୁରକ୍ଷା ଓ ସଶକ୍ତୀକରଣ ଉଦ୍ଦେଶ୍ୟରେ ସେମାନଙ୍କର ବାର୍ତ୍ତା ଦେଇପାରିବେ। ଏହି ଅବସରରେ ଆୟୋଜିତ ଭର୍ଚୁଆଲ କାର୍ଯ୍ୟକ୍ରମରେ ୩୨୬୨ ପ୍ରାନ୍ତର ପ୍ରଥମ ମହିଳା ରୋଟାରିଆନ ଝରଣା ପାଣି ମଧ୍ୟ ଉପସ୍ଥିତ ଥିଲେ।

## ଜଳ ସଂରକ୍ଷଣ ବାର୍ତ୍ତା ନେଇ ସାଇକେଲ ଯାତ୍ରା

ପୁରୀ ଅଫିସ,୨୪।୧

ଜଳ ହିଁ ଜୀବନ। ତେଣୁ ଏହାର ସଂରକ୍ଷଣ ବାର୍ତ୍ତା ନେଇ ହରିୟାଣାର ସାମାଜିକ କର୍ମୀ ସୁଭାଷ ଚନ୍ଦ୍ର ସାଇକେଲ ଯାତ୍ରା କରି ସୋମବାର ପୁରୀରେ ପହଞ୍ଚିଛନ୍ତି। ଏପ୍ରିଲ ୨୦୨୧ରୁ ଯାତ୍ରା ଆରମ୍ଭ କରିଥିବା ସୁଭାଷ ଚନ୍ଦ୍ର ଏପର୍ଯ୍ୟନ୍ତ ୮୩୦୦ କିଲୋମିଟର ଭ୍ରମଣ କରିସାରିଲେଣି। ହରିୟାଣା, ପଞ୍ଜାବ, ରାଜସ୍ଥାନ, ଉତ୍ତରପ୍ରଦେଶ, ବିହାର ଓ ପଶ୍ଚିମବଙ୍ଗ ଭଳି ରାଜ୍ୟରେ ସଚେତନତା ବାର୍ତ୍ତା ବାଣ୍ଟିସାରିବା ପରେ ସେ ଓଡ଼ିଶାରେ ଆସି ପହଞ୍ଚିଛନ୍ତି। ବିଶ୍ୱପ୍ରସିଦ୍ଧ ତୀର୍ଥକ୍ଷେତ୍ର ପୁରୀରେ ପହଞ୍ଚି ଲୋକଙ୍କୁ ଜଳ ଅପଚୟ ନ କରିବା ପାଇଁ ବୁଝାଉଛନ୍ତି।

ସୁଭାଷ ଚନ୍ଦ୍ର କହିଛନ୍ତି, ସାଇକେଲ ଯୋଗେ ସମ୍ପୂର୍ଣ୍ଣ ଭାରତ ଭ୍ରମଣର ଲକ୍ଷ୍ୟ ରଖିଛି। ଜଳ ସଂରକ୍ଷଣ ମିଶନକୁ ନେଇ ସବୁ ରାଜ୍ୟରେ ପହଞ୍ଚୁଛି। ଜଳ ଜୀବନ ମିଶନ ପ୍ରକଳ୍ପରୁ ପ୍ରେରଣା ମିଳିବା ପରେ ଜଳର ଗୁରୁତ୍ୱ ବୁଝିହେଲା। ଜଳ ଅପଚୟ ସାରା ଦେଶରେ ଏକ ପ୍ରମୁଖ ସମସ୍ୟା। ଦେଶର ଅର୍ଥନୀତି ଜଳକୁ ନେଇ ବିଶେଷ ଭାବେ ପ୍ରଭାବିତ। ଗ୍ରାମାଞ୍ଚଳ କିମ୍ବା ସହରାଞ୍ଚଳରେ ଜଳ ସଂରକ୍ଷଣ ଉପରେ କେହି ଧ୍ୟାନ ଦେଉନାହାନ୍ତି। କେବଳ ପ୍ରଶାସନିକ ସ୍ତରରେ ହେଉଥିବା ଉଦ୍ୟମ ଏହି ସଙ୍କଟକୁ ଏଡ଼ାଇପାରିବ ନାହିଁ। ଲୋକେ ନିଜ ନିଜ ସ୍ତରରେ ଜଳ ସଂରକ୍ଷଣ ଉପରେ ଧ୍ୟାନ ଦେବା ଦରକାର। ବିଭିନ୍ନ ରାଜ୍ୟ ବୁଲି ଲୋକଙ୍କୁ ଜଳ ସଂରକ୍ଷଣ କରିବା ପାଇଁ ନିବେଦନ କରୁଛି। ଜୈବ ବିବିଧତା ରକ୍ଷା ଓ ବୃକ୍ଷରୋପଣ ଦ୍ୱାରା ମଧ୍ୟ ଜଳ ସଂରକ୍ଷଣ କରାଯାଇପାରିବ। ଲୋକେ ଏବେ ଜଳ ସଂରକ୍ଷଣର ମହତ୍ତ୍ୱ ହୃଦୟଙ୍ଗମ କରୁନାହାନ୍ତି। ମାତ୍ର ସଙ୍କଟ ଆସିବା ବେଳକୁ ସ୍ଥିତି ଅଣାୟତ୍ତ ହୋଇସାରିଥିବ। ଅନ୍ୟପକ୍ଷରେ ସାଇକେଲ ଭ୍ରମଣରେ ଓଡ଼ିଶା ତାଙ୍କର ୭ମ ରାଜ୍ୟ। ଏହାପରେ ଆହୁରି ୧୨ ରାଜ୍ୟ ବୁଲି ସଚେତନତା ସୃଷ୍ଟି ଲାଗି ସେ ଲକ୍ଷ୍ୟ ରଖିଛନ୍ତି ବୋଲି କହିଛନ୍ତି। ପୁରୀରେ ଲାୟନ୍ସ କ୍ଲବ୍ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା।



### ଶ୍ରୀକ୍ଷେତ୍ରରେ ପହଞ୍ଚିଲେ ହରିୟାଣା ସାମାଜିକ କର୍ମୀ

## ୨୩, ୨୪ ଧର୍ମଘଟ ସଫଳ କରିବାକୁ ଆହ୍ୱାନ

କଟକ ଅଫିସ,୨୪।୧

କେନ୍ଦ୍ର ସରକାରଙ୍କ ଶ୍ରମିକ ଓ କୃଷକ ବିରୋଧୀ ନୀତି ସମେତ ୧୨ଦଫା ଦାବି ନେଇ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ଏବଂ ସ୍ୱାଧୀନ ଫେଡେରେଶନ ମିଳିତ ମଞ୍ଚ ପକ୍ଷରୁ ଫେବୃୟାରୀ ୨୩ ଓ ୨୪ରେ ଦେଶବ୍ୟାପୀ ଧର୍ମଘଟ ଡାକରା ଦିଆଯାଇଛି। ଏହାକୁ ସଫଳ କରିବା ପାଇଁ ସୋମବାର ସିଆଇଟିୟୁ କାର୍ଯ୍ୟାଳୟରେ ୧୧ଟି କେନ୍ଦ୍ରୀୟ ଶ୍ରମିକ ସଂଗଠନ ପକ୍ଷରୁ ଏକ ବୈଠକ ହୋଇଥିଲା। ଶ୍ରମିକ ନେତା କିଶୋର ଜେନା ସଭାପତିତ୍ୱ କରିଥିଲେ ।

# ପାଇକଙ୍କ ପ୍ରତି ସରକାର ବୈମାତୃକ ଭାବ ପୋଷଣ କରୁଛନ୍ତି

ଭୁବନେଶ୍ୱର, ୨୪।୧ (ବ୍ୟୁରୋ)

ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର ଓରଫ ଭ୍ରମରବର ରାୟ ପାଇକ ଜାତିର କୁଳତିଳକ। ସେ ରଣରଙ୍କା ପାଇକଙ୍କ ଅଗ୍ନି ସ୍ଫୁଲିଙ୍ଗ। ପାଇକ ବିଦ୍ରୋହର ମହାନାୟକ। ପାଇକ ବିଦ୍ରୋହକୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ଦେବା ସହିତ ସ୍ୱାଧୀନତା ସଂଗ୍ରାମର ଇତିହାସକୁ ସଂଶୋଧନ କଲେ ବକ୍ସିଙ୍କ ପ୍ରତି ଶ୍ରେଷ୍ଠ ସମ୍ମାନ ହେବ ବୋଲି ନିଖିଳ ଓଡ଼ିଶା ପାଇକ ମହାସଂଘ ରାଜ୍ୟ ସଭାପତି ଅଶୋକ କୁମାର ପାଲଟାସିଂହ କହିଛନ୍ତି। ସୋମବାର ମହାସଂଘର ରାଜ୍ୟ ସଂଯୋଜକ କେଦାର ଦାସଙ୍କ ସଂଯୋଜନାରେ ମ୍ୟୁଜିୟମ ଛକସ୍ଥିତ ବକ୍ସିଙ୍କ ପ୍ରତିମୂର୍ତ୍ତି ନିକଟରେ ରାଜ୍ୟସ୍ତରୀୟ ଶହୀଦ ଦିବସ ପାଳିତ ହୋଇଥିଲା। ମହାସଂଘର ଖୋର୍ଦ୍ଧା ଜିଲା ସଭାପତି ପାଇକ ଗୁରୁ ପୂର୍ଣ୍ଣଚନ୍ଦ୍ର ପାଟ୍ଟଶାଣୀ ଯୋଗଦେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପାଇକମାନଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରୁଛନ୍ତି ବୋଲି ଅଭିଯୋଗ କରିଛନ୍ତି। ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ପ୍ରଦାନ ନ କଲେ ଆଗାମୀ ଦିନରେ କେନ୍ଦ୍ର ବିରୋଧରେ ଆଉଏକ ପାଇକ ବିଦ୍ରୋହ ହେବ ବୋଲି ଚେତାବନୀ ଦେଇଛନ୍ତି। ଏଥିସହ ପାଇକ ଆଖଡ଼ାକୁ ରାଜ୍ୟ କ୍ରୀଡ଼ା ମାନ୍ୟତା ପ୍ରଦାନ ସହ ଏହାକୁ ସ୍କୁଲ, କଲେଜରେ ସାମିଲ କରି ସ୍କାଉଟ, ଏନ୍‌ସିସି ଭଳି ମାନ୍ୟତା ଦେବା, ସମରକ୍ରୀଡ଼ା ବା ପାଇକ ଆଖଡ଼ାକୁ ସଂସ୍କୃତି ବିଭାଗରୁ ଆଣି ପୁଣି କ୍ରୀଡ଼ା ବିଭାଗରେ ରଖିବାକୁ ସେ ଦାବି କରିଛନ୍ତି।



### ବକ୍ସି ଜଗବନ୍ଧୁଙ୍କ ସ୍ମୃତିରେ ପାଇକ ଆଖଡ଼ା ପ୍ରଦର୍ଶନ

ଏହି ଅବସରରେ ବକ୍ସିଙ୍କ ସ୍ମୃତିରେ ବିଭିନ୍ନ ପାଇକ ଆଖଡ଼ା ଦଳ, ଆଖଡ଼ା ପ୍ରଦର୍ଶନ କରି ବୀରତ୍ୱର ଇତିହାସ ରୋମନ୍ଥନ କରିଥିଲେ। କାର୍ଯ୍ୟକ୍ରମରେ ଗୁରୁ ଭାସ୍କର ସୁନ୍ଦରାୟ, ବାଣପୁର ପାଇକ ସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ସମ୍ପାଦକ ବିଜୟ କୁମାର ବେହେରା, ଦଳବେହେରା ମନୋରଞ୍ଜନ ପଶ୍ଚିମକବାଟ, ମୁଖପାତ୍ର ରାଜୀବ ନୟନ ରଥ, କଟକ ଜିଲା ସଭାପତି ରାଜକିଶୋର ବେହେରା, ଉପଦେଷ୍ଟା ବିଭୂତି ଭୂଷଣ ସ୍ୱାଇଁ ଯୋଗଦେଇଥିଲେ।



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ଅଜିତ୍ ନାଟ୍ୟ ମହୋତ୍ସବର ସୋମବାର ତୃତୀୟ ସନ୍ଧ୍ୟାରେ ପରିବେଷିତ ନାଟକ 'ବୋତଲ ଭୂତ'ର ଏକ ଦୃଶ୍ୟ।



ଭୁବନେଶ୍ୱର ଅଶୋକନଗରସ୍ଥିତ ନାଗଭୂଷଣ ଭବନରେ ସିପିଆଇ (ଏମ୍‌ଏଲ୍) ଲିବରେଶନ ପକ୍ଷରୁ ସୋମବାର ଅନୁଷ୍ଠିତ ସଂଗ୍ରାମୀ ସାଥୀ କ୍ଷିତୀଶ ବିଶ୍ୱାଳଙ୍କ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଅତିଥି।





ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡକୁ ଧ୍ୱଂସ କରିବା ନୀତି ବିରୋଧରେ ନିର୍ମାଣ ଶ୍ରମିକ ୟୁନିୟନ ସମନ୍ୱୟ କମିଟି ଓଡ଼ିଶା ପକ୍ଷରୁ ସୋମବାର ଭୁବନେଶ୍ୱରସ୍ଥିତ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ଘେରାଉ କରାଯାଉଛି।

**ସଂକ୍ଷେପରେ**

## ଜାତୀୟ ଖୋ ଖୋ ଶିବିରରେ ଅର୍ଜୁନ



**ଭୁବନେଶ୍ୱର, ୨୪।୧ (ସ୍ପୋର୍ଟ୍ସ ବ୍ୟୁରୋ):** କିସ୍‌’ର ଯୁକ୍ତ ୩ ଛାତ୍ର ଜାତୀୟ ଖୋ ଖୋ ତାଲିମ ତଥା ଚୟନ ଶିବିରକୁ ମନୋନୀତ ହୋଇଛନ୍ତି। ଅଲ୍‌ଟିମେଟ ଖୋ ଖୋ ଲିଗ୍ ପାଇଁ ନୂଆଦିଲ୍ଲୀସ୍ଥିତ ଜବାହରଲାଲ ନେହେରୁ ଷ୍ଟାଡିୟମରେ ଏହା ଅନୁଷ୍ଠିତ ହେବ। ଖୋ ଖୋ ମହାସଂଘ ତରଫରୁ ଏହି ଶିବିର ଜାନୁୟାରୀ ୨୮ରୁ ଫେବୃୟାରୀ ୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଅଲ୍‌ଟିମେଟ ଖୋ ଖୋ’ର ପ୍ରଥମ ସଂସ୍କରଣରେ ଦେଶର ୮ଟି ପ୍ରମୁଖ ଦଳ ଅଂଶ ଗ୍ରହଣ କରିବେ। ଏହି ସବୁ ଖୋ ଖୋ ଟିମ୍‌ରେ ଇଂଲଣ୍ଡ, ଦକ୍ଷିଣ କୋରିଆ, ଇରାନ, ବାଂଲାଦେଶ, ନେପାଳ ଓ ଶ୍ରୀଲଙ୍କାର ଖେଳାଳିମାନେ ଅଂଶଗ୍ରହଣ କରିବେ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅର୍ଜୁନଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କର ସଫଳତା କାମନା କରିଛନ୍ତି। ସୂଚନାଯୋଗ୍ୟ, ଅର୍ଜୁନ ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଖୋ ଖୋ (ପୁରୁଷ) ଟୁର୍ନାମେଣ୍ଟ ୨୦୨୨ ଏବଂ ରାଜ୍ୟ ବରିଷ୍ଠ ଖୋଖୋ ଚାମ୍ପିୟନଶିପ୍ ୨୦୨୧ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ସେ ପୂର୍ବରୁ ୨୨ତମ ପୂର୍ବାଞ୍ଚଳ ବରିଷ୍ଠ ଖୋ ଖୋ ଚାମ୍ପିନଶିପ୍ ୨୦୧୯ରେ ଚାମ୍ପିୟନ ହୋଇଥିଲେ।

## ସ୍ପଟ୍ ଫିକ୍ସିଂ ପାଇଁ ଟେଲରଙ୍କୁ ବ୍ଲାକ୍‌ମେଲ କରାଯାଇଥିଲା

**ନୂଆଦିଲ୍ଲୀ, ୨୪।୧ (ପି.ଟି.):** ଜିମ୍ବାୱେର ପୂର୍ବତନ ଅଧିନାୟକ ବ୍ରେଣ୍ଡାନ ଟେଲର ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଦ୍ୱାରା କିଛି ବର୍ଷ ପାଇଁ ବାସନ୍ଦ ହୋଇପାରନ୍ତି ବୋଲି ଆଶଙ୍କା ପ୍ରକାଶ କରି କହିଛନ୍ତି। ସେ କହିଛନ୍ତି ସ୍ପନସରଶିପ୍ ପ୍ରସଙ୍ଗ ନେଇ ତାଙ୍କ ସହିତ ଆଲୋଚନା କରିବା ଲାଗି ଏକଦା ଜଣେ ଭାରତୀୟ ବ୍ୟବସାୟୀ ତାଙ୍କୁ ଆମନ୍ତ୍ରଣ କରିଥିଲେ। ଜିମ୍ବାୱେରେ ସେ ଏକ ଟି୨୦ ଇଭେଣ୍ଟ ଆୟୋଜନ କରିବାକୁ ଚାହୁଁଥିବା ତାଙ୍କୁ ଜଣାଇଥିଲେ। ଏହାଛଡ଼ା ୨୦୧୯ରେ ସେ ୧୫,୦୦୦ ଆମେରିକୀୟ ଡଲାରର ଏକ ଅଫର ଦେଇଥିଲେ। ସେ ଅବଶ୍ୟ ଏହି ବ୍ୟବସାୟୀ ଜଣଙ୍କ ନାମ ପ୍ରକାଶ କରିନାହାନ୍ତି। ବ୍ୟବସାୟୀଙ୍କ ସହ ସେ ମଦ୍ୟପାନ କରିଥିଲେ। ସନ୍ଧ୍ୟାରେ ତାଙ୍କୁ ଖୋଲାଖୋଲି ଭାବେ କୋକେନ ଅଫର ଦିଆଯାଇଥିଲା। ପରଦିନ ସକାଳେ ୬ଜଣ ବ୍ୟକ୍ତି ତାଙ୍କ ହେଟେଲକୁ ଆସି ଏକ ଭିଡିଓ ଦେଖାଇଥିଲେ। ସେଥିରେ ସେ ରାତିରେ କୋକେନ ସେବନ କରୁଥିବା ଦୃଶ୍ୟ ରହିଥିଲା। ମୋତେ କୁହାଯାଇଥିଲା ସେମାନଙ୍କ ପାଇଁ ଯଦି ସେ ଅନ୍ତର୍ଜାତୀୟ ମ୍ୟାଚ ଫିକ୍ସିଂ ନ କରନ୍ତି ତେବେ ଏହି ଭିଡିଓଟିକୁ ସେମାନେ ସର୍ବସାଧାରଣରେ ରିଲିଜ କରିଦେବେ। ନିଜ ସୁରକ୍ଷା ଦୃଷ୍ଟିରୁ ସେ ଭୟଭୀତ ହୋଇଯାଇଥିଲେ। ଏବିଷୟ ସେ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇ ନ ଥିବାରୁ ଆଇସିସି ତାଙ୍କୁ ବାସନ୍ଦ କରିପାରେ ବୋଲି ସେ ମନେ କରୁଛନ୍ତି। ହେଲେ ଖେଳର ପରିଚାଳନା ପରିଷଦ ଆଇସିସି ଏ ବିଷୟରେ ଏପର୍ଯ୍ୟନ୍ତ କୌଣସି ଟିପ୍ପଣୀ ଦେଇନାହିଁ।

# ଓଡ଼ିଶା ଓପନ୍ ବ୍ୟାଡ୍‌ମିଣ୍ଟନ ଆଜିଠାରୁ

**ଭୁବନେଶ୍ୱର,୨୪।୧(ସ୍ପୋର୍ଟ୍ସ ବ୍ୟୁରୋ)**

କଟକର ଜାବାହରଲାଲ୍ ଇନ୍‌ଡୋର ଷ୍ଟାଡିୟମରେ ମଙ୍ଗଳବାରଠାରୁ ଓଡ଼ିଶା ଓପନ ସୁପର ୧୦୦ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ଆରମ୍ଭ ହେବ। ବ୍ୟାଡମିଣ୍ଟନ ୱାର୍ଲ୍ଡ ଫେଡେରେଶନ (ବିଡବ୍ଲୁଏଫ୍)ର ପ୍ରଥମ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ଓଡ଼ିଶାରେ ଆୟୋଜନ ହେଉଥିବାରୁ ପ୍ରଶଂସକ, ଖେଳାଳି ଓ ଆୟୋଜକଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି। ଏହି ଟୁର୍ନାମେଣ୍ଟରେ ୧୭ଟି ଦେଶରୁ ୩୫୦ ଜଣ ଖେଳାଳି ଏଥିରେ ଅଂଶଗ୍ରହଣ କରିବେ। ଟୁର୍ନାମେଣ୍ଟ ପାଇଁ ସବୁ ପ୍ରକାର ପ୍ରସ୍ତୁତି ପର୍ବ ଶେଷ ହୋଇଛି। ସୋମବାର ଖେଳାଳିମାନେ ଅଭ୍ୟାସ ପାଇଁ ୱାର୍ମଅପ୍ ପ୍ରାକ୍ଟିସ୍ ସେସନରେ ଅଂଶଗ୍ରହଣ କରିଛନ୍ତି। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ, ବ୍ୟାଡମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆ (ବିଏଆଇ) ଓ ଓଡ଼ିଶା ଷ୍ଟେଟ୍ ବ୍ୟାଡମିଣ୍ଟନ ଆସୋସିଏଶନ (ଓଏସ୍‌ବିଏ) ମିଳିତ ଭାବେ ଏହି ବିଡବ୍ଲୁଏଫ୍ ଟୁର୍ନାମେଣ୍ଟ ଆୟୋଜନ କରୁଛନ୍ତି।

ଷ୍ଟାଡିୟମର ୪ଟି କୋର୍ଟରେ ଟୁର୍ନାମେଣ୍ଟର ମ୍ୟାଚ୍‌ଗୁଡ଼ିକ ଖେଳାଯିବ। ସରକାରଙ୍କ କୋଭିଡ୍ ଗାଇଡଲାଇନ ଅନୁସାରେ ମ୍ୟାଚ୍ ଖେଳାଯିବ। ତେଣୁ ଷ୍ଟାଡିୟମ ଭିତରକୁ କୌଣସି ଦର୍ଶକଙ୍କୁ ପ୍ରବେଶ କରିବାକୁ ଅନୁମତି ଦିଆଯାଇ ନାହିଁ। ଭୁବନେଶ୍ୱରରେ ପହଞ୍ଚିବା ପରେ ଖେଳାଳି, ଟେକ୍‌ନିକାଲ ଅଫିସିଆଲ, ଭଲ୍ୟୁଣ୍ଟିୟର୍ସମାନଙ୍କର କୋଭିଡ୍ ଟେଷ୍ଟ କରାଯାଇଛି। ନେଗେଟିଭ୍ ରିପୋର୍ଟ ଥିବା ବ୍ୟକ୍ତିମାନଙ୍କୁ ଷ୍ଟାଡିୟମ ଭିତରକୁ ପ୍ରବେଶ ପାଇଁ ଅନୁମତି ଦିଆଯିବ। ପୂର୍ବରୁ ଓଡ଼ିଶାରେ ଏକାଧିକ ଅନ୍ତର୍ଜାତୀୟ ହକି ଓ ଆଥଲେଟିକ ଇଭେଣ୍ଟ ବେଶ୍ ସଫଳତାର ସହ ଆୟୋଜିତ ହୋଇଛି।

- ଭାଗନେବେ ୧୭ ଦେଶରୁ ୩୫୦ ଖେଳାଳି
- ୪ କୋର୍ଟରେ ହେବ ମ୍ୟାଚ୍
- ୫ ବର୍ଗରେ ଟୁର୍ନାମେଣ୍ଟ ଖେଳାଯିବ
- ପୁରସ୍କାର ରାଶି ୭୫ ହଜାର ଡଲାର

ଏବେ ପ୍ରଥମଥର ପାଇଁ ଏକ ବ୍ୟାଡମିଣ୍ଟନ ଅନ୍ତର୍ଜାତୀୟ ଇଭେଣ୍ଟ ସଫଳତାର ସହ ଆୟୋଜନ ହେବ ବୋଲି ଆଶା କରାଯାଉଛି। ଟୁର୍ନାମେଣ୍ଟର ସଫଳ ଆୟୋଜନ ପାଇଁ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଶୁଭେଚ୍ଛା ଜଣାଇଛନ୍ତି। ଏଭଳି ଏକ ସମ୍ମାନଜନକ ଟୁର୍ନାମେଣ୍ଟ ଆୟୋଜନ କରିବା ଆମ ରାଜ୍ୟ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ସେ କହିଛନ୍ତି। ଟୁର୍ନାମେଣ୍ଟର ସଫଳ ଆୟୋଜନ ପାଇଁ ଆୟୋଜକମାନେ କୌଣସି ହେଲା କରିବେ ନାହିଁ ବୋଲି ସେ ଆଶା ପ୍ରକାଶ କରିଛନ୍ତି।



ଭୁବନେଶ୍ୱର ବିମାନବନ୍ଦରରେ ଭାରତୀୟ ବ୍ୟାଡ୍‌ମିଣ୍ଟନ କୋଚ୍ ପୁଲେଲା ଗୋପୀଚାନ୍ଦ।

୫ଟି ବର୍ଗରେ ଟୁର୍ନାମେଣ୍ଟ ଆୟୋଜନ ହେବ। ସେଗୁଡିକ ହେଲା ପୁରୁଷ ସିଙ୍ଗଲ୍ସ, ମହିଳା ସିଙ୍ଗଲ୍ସ, ପୁରୁଷ ଡବଲ୍ସ, ମହିଳା ଡବଲ୍ସ ଓ ମିକ୍ସଡ ଡବଲ୍ସ ଇଭେଣ୍ଟ। ଟୁର୍ନାମେଣ୍ଟର ମୋଟ୍ ପୁରସ୍କାର ରାଶି ୭୫ ହଜାର ଡଲାର ରଖାଯାଇଛି ବୋଲି ଡେପୁଟି ଚିଫ୍ ରେଫରି ଗିରିଶ ନାଛୁ କହିଛନ୍ତି। ଆୟୋଜନରେ ସହଯୋଗ କରିଥିବାରୁ ଓଡ଼ିଶା ଷ୍ଟେଟ୍ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଓ ଆୟୋଜକ ସମ୍ପାଦକ ନୀଲିନ କୁମାର ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗକୁ ଧନ୍ୟବାଦ ଜଣାଇଛନ୍ତି। ଭୁବନେଶ୍ୱରକୁ ଦେଶର କ୍ରୀଡ଼ା ରାଜଧାନୀ କରିବା ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱପ୍ନ ରହିଛି। ଏହି ଟୁର୍ନାମେଣ୍ଟର ସଫଳ ଆୟୋଜନ ତାଙ୍କ ସ୍ୱପ୍ନକୁ ସାର୍ଥକ କରାଇବ ବୋଲି ନୀଲିନ ଆଶା ପ୍ରକାଶ କରିଛନ୍ତି। ସେ ମଧ୍ୟ ସାହାଯ୍ୟ ସମର୍ଥନ ପାଇଁ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି।

କିମ୍ବଦନ୍ତୀ ବ୍ୟାଡମିଣ୍ଟନ ଖେଳାଳି ତଥା କୋଚ୍ ପୁଲେଲା ଗୋପୀଚାନ୍ଦ ଇତିମଧ୍ୟରେ ଏଠାରେ ପହଞ୍ଚି ଅଭ୍ୟାସରତ ଖେଳାଳିମାନଙ୍କ ସହ ଆଲୋଚନା କରି ବିଭିନ୍ନ ପରାମର୍ଶ ଦେବା ସହ ସେମାନଙ୍କୁ ଉତ୍ସାହିତ କରିଛନ୍ତି। ମଙ୍ଗଳବାରଠାରୁ ବିଭିନ୍ନ ବର୍ଗର ମ୍ୟାଚ୍ ଖେଳାଯିବା ଆରମ୍ଭ ହେବ।

### ସାଇନା, କାଶ୍ୟପ୍ ମୁଖ୍ୟ ଆକର୍ଷଣ

ଅଲିମ୍ପିକ୍ସ ପଦକ ବିଜୟିନୀ ସାଇନା ନେହ୍ୱାଲ ଓ ପୁରୁଷ ତାରକା ଖେଳାଳି ପି. କାଶ୍ୟପ ଟୁର୍ନାମେଣ୍ଟର ମୁଖ୍ୟ ଆକର୍ଷଣ ହେବେ। ସାଇନା ମହିଳା ଓ କାଶ୍ୟପ ପୁରୁଷ ସିଙ୍ଗଲ୍ସ ଇଭେଣ୍ଟରେ ଟପ୍ ସିଡ୍ ମାନ୍ୟତା ପାଇଛନ୍ତି।

ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିବା ଅନ୍ୟ ଖେଳାଳିମାନଙ୍କ ମଧ୍ୟରେ ରହିଛନ୍ତି ଗୁରୁ ସାଇଦତ୍ତ, ସୁମିତ ରେଡ୍ଡୀ, ସିକ୍କି ରେଡ୍ଡୀ (ମିକ୍ସଡ ଡବଲ୍ସ), ଧ୍ରୁବ କପିଳ (ପୁରୁଷ ଡବଲ୍ସ), ତନସିମ ମୀର (ମହିଳା ସିଙ୍ଗଲ୍ସ), ଓଡ଼ିଶାର ଋତୁପର୍ଣ୍ଣା ପଣ୍ଡା (ମହିଳା ଡବଲ୍ସ) ଓ ଶ୍ୱେତପର୍ଣ୍ଣା ପଣ୍ଡା (ମିକ୍ସଡ ଡବଲ୍ସ)। ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବାକୁ ଥିବା ଅନ୍ୟ ଓଡ଼ିଆ ଖେଳାଳିମାନେ ହେଲେ ମହିଳା ଡବଲ୍ସ ଯୋଡି ହର୍ଷିତା ରାଉତ, ଶ୍ରୁତି ସ୍ୱାଇଁ ଓ ପ୍ରଗତି ପରିସ୍, ବିଶାଖା ଟପ୍ପୋ।

## ସେମିରେ ରାମେଶ୍ୱର

**ଭୁବନେଶ୍ୱର, ୨୪।୧(ସ୍ପୋର୍ଟ୍ସ ବ୍ୟୁରୋ):** ଭୁବନେଶ୍ୱର ଗାଡ଼କଣସ୍ଥିତ ଗଡେଶ୍ୱର ଖେଳପଡିଆରେ ଗ୍ରୀନ୍ସ କ୍ରିକେଟ ଆସୋସିଏଶନ ଓ ଗଡେଶ୍ୱର ସ୍ପୋର୍ଟ୍ସ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଗ୍ରୀନ୍ସ ସିଲ୍‌ଡ ଜୁନିଅର କ୍ରିକେଟ ଟୁର୍ନାମେଣ୍ଟରେ ରାମେଶ୍ୱର ସ୍ପୋର୍ଟ୍ସ କ୍ଲବ ସେମିଫାଇନାଲରେ ପ୍ରବେଶ କରିଛି। ଟୁର୍ନାମେଣ୍ଟର ଚତୁର୍ଥ ଲିଗ ମ୍ୟାଚରେ ରାମେଶ୍ୱର ସ୍ପୋର୍ଟିଂ ୧୧୩ ରନରେ ମୁକ୍ତେଶ୍ୱର କ୍ରିକେଟ କ୍ଲବକୁ ପରାସ୍ତ କରି ସେମିକୁ ଉଠିଛି। ଟସ୍ ଜିତି ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା ମୁକ୍ତେଶ୍ୱର। ନିର୍ଦ୍ଧାରିତ ୪୦ ଓଭରରେ ରାମେଶ୍ୱର ୬ ଉଇକେଟ ହରାଇ ୧୯୪ ରନ କରିଥିଲା। ଦଳ ପକ୍ଷରୁ ପ୍ରିୟାଂଶୁ ପ୍ରସାଦ ୮୬ (୧୦୮), ଶୁଭାଶିଷ ମଲ୍ଲିକ ୫୨(୫୫) ରନ କରିଥିଲେ। ମୁକ୍ତେଶ୍ୱର ପକ୍ଷରୁ ସମର୍ପିତ ପଟେଲ ୮ ଓଭର ୩୨ ରନ ୩ ଉଇକେଟ ଅକ୍ତିଆର କରିଥିଲେ । ୧୯୫ ରନର ଟାର୍ଗେଟକୁ ପିଛା କରି ମୁକ୍ତେଶ୍ୱର ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ହରାଇ ୮୧ ରନ କରିବାକୁ ସମର୍ଥ ହୋଇଥିଲା। ଦଳ ପକ୍ଷରୁ ଆୟୁଷ ପଟ୍ଟନାୟକ ୨୧ ରନ କରିବାକୁ ସମର୍ଥ ହୋଇଥିଲେ। ରାମେଶ୍ୱରର ପ୍ରିୟାଂଶୁ ପ୍ରସାଦଙ୍କୁ ଟାଇମ୍ସ ୱାନ୍ ଓଡ଼ିଆର ମ୍ୟାନେଜିଂ ଡିରେକ୍ଟର ଅକ୍ଷୟ ଚାନ୍ଦ ମ୍ୟାନ୍ ଅଫ ଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ। ଏହି ମ୍ୟାଚକୁ ଓସିଏ ପ୍ୟାନେଲ ଅମ୍ପାୟର ପ୍ରଦୀପ ଜେନା ଓ ସୁଶୀଲ ପରିଡା ପରିଚାଳନା କରିଥିଲେ।

# ଶୋଟୋକାଇ କରାଟେ ସେମିନାର



ବ୍ଲାକ୍‌ବେଲ୍ଟ ହାସଲ କରିଥିବା ପ୍ରତିଯୋଗୀମାନେ।

**ଭୁବନେଶ୍ୱର,୨୪।୧ (ସ୍ପୋର୍ଟ୍ସ ବ୍ୟୁରୋ):** ରାଜ୍ୟର ଓକିନାୱା କରାଟେ ସ୍କୁଲ୍ ଆନୁକୂଲ୍ୟରେ ଏଠାରେ ସୋମବାର ଜାପାନ କରାଟେ ଶୋଟୋକାଇ ଟ୍ରେନିଂ ସେମିନାର ଉଦ୍‌ଯାପିତ ହୋଇଛି। ଜାପାନ କରାଟେ ଶୋଟୋକେଇ ଇଣ୍ଡିଆ ଅଧ୍ୟକ୍ଷ ଏସ୍. ଶ୍ରୀନିବାସନ, ଉପ ସଭାପତି ସୌମ୍ୟ ରଞ୍ଜନ ଦାସଙ୍କ ତତ୍ତ୍ୱାବଧାନରେ ଏହି ସେମିନାର ଆୟୋଜିତ ହୋଇଥିଲା। ଏଥିରେ ୧୨ଜଣ ପ୍ରତିଯୋଗୀ ବ୍ଲାକ ବେଲ୍ଟ ହାସଲ କରିଥିଲେ। ଇନ୍‌ଷ୍ଟ୍ରକ୍ଟର ଦେବାଶିଷ ରାଉତ ଓ ପ୍ରଭାତ ମଲିକଙ୍କ ସାହାଯ୍ୟ ସମର୍ଥନରେ ଏହି କାର୍ଯ୍ୟକ୍ରମ ସଫଳତା ସହ ଅନୁଷ୍ଠିତ ହୋଇଥିଲା।

**୧୨ ଜଣଙ୍କୁ ବ୍ଲାକ ବେଲ୍ଟ**

**ବ୍ଲାକବେଲ୍ଟ ହାସଲ କରିଥିବା ପ୍ରତିଯୋଗୀ:** ପ୍ରଭାତ କୁମାର ମଲିକ, ଅଙ୍କିତ କୁମାର ମହନ୍ତ, ରତିକ ବିଶ୍ୱାଳ, କୋଶଳ ଜୈନ, ଦେବାଶିଷ ଦାସ, ପ୍ରିୟାଂଶୁ ପ୍ରିୟନ୍‌ଜିତ, ସନ୍ଦୀପ ପଟ୍ଟନାୟକ, ନୀଶିଶା ଦାସ, ସୌମ୍ୟ ରଞ୍ଜନ ସ୍ୱାଇଁ, ଗୌରବ ପାତ୍ର, ଦେବଶ୍ରୀ ଡି ମହାନ୍ତି ଓ ମାରିଲିନ ମନୀଷା।

## ଉତ୍କଳ କରାଟେ ସ୍କୁଲ କଟକ ଶାଖାର ଗ୍ରେଡିଂ ପରୀକ୍ଷା

**ଭୁବନେଶ୍ୱର,୨୪।୧ (ସ୍ପୋର୍ଟ୍ସ ବ୍ୟୁରୋ):** କଟକସ୍ଥିତ ଉତ୍କଳ କରାଟେ ସ୍କୁଲ ଶାଖାର ଗ୍ରେଡିଂ ପରୀକ୍ଷା ନାରୀ ସେବାସଦନଠାରେ ଅନୁଷ୍ଠିତ ହୋଇଯାଇଛି। ସମସ୍ତ କୋଭିଡ୍ ନିୟମ ମାନି ୫୪ଜଣ କରାଟେକା ପରୀକ୍ଷାରେ ଭାଗ ନେଇ କୃତକାର୍ଯ୍ୟ ହୋଇଛନ୍ତି। ସିନିୟର ପ୍ରଶିକ୍ଷକ ସିହାନ ଖାରବେଳ ମଲ୍ଲିକ ଏହି ପରୀକ୍ଷାର ପରିଚାଳନା କରିଥିଲେ। କଟକ ଶାଖାର ପ୍ରଶିକ୍ଷକ ସେନସେଇ ଗୋପାଳ ଦାସ, ସେନ୍‌ସେଇ ନିରଞ୍ଜନ ବେବର୍ତ୍ତା ପଟ୍ଟନାୟକ ଓ ସେନ୍‌ସେଇ ଉମାକାନ୍ତ ବେହେରାଙ୍କ ତତ୍ତ୍ୱାବଧାନରେ କରାଟେ ଶିଖୁଥିବା ମୋଟ ୫୪ଜଣ କରାଟେ ଛାତ୍ରୀଛାତ୍ର ବିଭିନ୍ନ ଗ୍ରେଡିଂ ଯଥା ୟେଲୋ, ଅରେଞ୍ଜ, ଗ୍ରୀନ୍, ବ୍ଲୁ ଓ ବ୍ରାଉନ ବେଲ୍ଟ ଟେଷ୍ଟରେ ଭାଗ ନେଇଥିଲେ। କୃତକାର୍ଯ୍ୟ ହୋଇଥିବା ସମସ୍ତ ପ୍ରତିଯୋଗୀଙ୍କୁ ଉତ୍କଳ କରାଟେ ସ୍କୁଲ ପ୍ରତିଷ୍ଠାତା ତଥା ମୁଖ୍ୟ ପ୍ରଶିକ୍ଷକ ଡ. ହରିପ୍ରସାଦ ପଟ୍ଟନାୟକ ଶୁଭେଚ୍ଛା ଜଣାଇଛନ୍ତି।

## ବେଙ୍ଗଲ ୱାରିୟର୍ସ ବିଜୟୀ

**ବେଙ୍ଗାଲୁରୁ, ୨୪।୧ (ପି.ଟି.):** ପ୍ରୋ-କବାଡ଼ି ଲିଗ୍ ସିଜନ-୮ର ସୋମବାର ଖେଳାଯାଇଥିବା ଏକ ମ୍ୟାଚରେ ଗତଥରର ଚାମ୍ପିୟନ ବେଙ୍ଗଲ ୱାରିୟର୍ସ ୪୧-୨୨ରେ ଜୟପୁର ପିଙ୍କ୍ ପାନ୍ଥର୍ସକୁ ପରାସ୍ତ କରିଛି। ଅଧିନାୟକ ମନିନ୍ଦର ସିଂ ୧୩ ପଏଣ୍ଟ ସ୍କୋର କରିଥିଲେ। ଦଳର ଅନ୍ୟ ଖେଳାଳିମାନେ ମଧ୍ୟ ଭଲ ପ୍ରଦର୍ଶନ କରିଥିଲେ। ଏହି ବିଜୟ ଦ୍ୱାରା ବେଙ୍ଗଲର ପ୍ଲେ-ଅଫ୍ ସମ୍ଭାବନା ବୃଦ୍ଧି ପାଇଛି। ଜୟପୁରର ଅର୍ଜୁନ ଦେଶୱାଲ ୧୦ ପଏଣ୍ଟ ସ୍କୋର କରିଥିଲେ। କିନ୍ତୁ ସେ ତାଙ୍କ ଡିଫେନ୍ସ ଓ ଅଫେନ୍ସରୁ ଉପଯୁକ୍ତ ସହାୟତା ପାଇ ନ ଥିଲେ। ସୋମବାର ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚରେ ପୁନେରୀ ପଲଟନ ୪୨-୨୫ରେ ଦବଙ୍ଗ ଦିଲ୍ଲୀକୁ ହରାଇ ଦେଇଛି।

## ଜାପାନ, କୋରିଆ କ୍ୱାର୍ଟରଫାଇନାଲରେ

**ପୁଣେ, ୨୪।୧ (ପି.ଟି.):** ଜାପାନ ଓ କୋରିଆ ଏଠାରେ ଚାଲିଥିବା ଏଏଫ୍‌ସି ଏସିଆନ କପ୍ ମହିଳା ଫୁଟ୍‌ବଲ ଟୁର୍ନାମେଣ୍ଟର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ସୋମବାର ଗ୍ରୁପ୍ ସି’ର ଏକ ମ୍ୟାଚରେ ଗତଥରର ଚାମ୍ପିୟନ ଜାପାନ ୩-୦ ଗୋଲରେ ଭିଏତ୍‌ନାମକୁ ପରାସ୍ତ କରିଛି। ଜାପାନ ଦୁଇଟି ମ୍ୟାଚରୁ ୬ ପଏଣ୍ଟ ଲାଭ କରିଛି। ସେହିପରି ଏହି ଗ୍ରୁପ୍‌ର ଅନ୍ୟ ଏକ ମ୍ୟାଚରେ କୋରିଆ ରିପବ୍ଲିକ ୨-୦ ଗୋଲରେ ମ୍ୟାନମାରକୁ ହରାଇ ଦେଇଛି। ପୂର୍ବ ଏସିଆର ଦୁଇ ପ୍ରତିଦ୍ୱନ୍ଦ୍ୱୀ ଗୁରୁବାର ପରସ୍ପରକୁ ଭେଟିବେ। ଏହି ମ୍ୟାଚର ବିଜେତା ଗ୍ରୁପ୍‌ର ଶୀର୍ଷ ସ୍ଥାନ ଅଧିକାର କରିବ।

## ଖୋର୍ଦ୍ଧା ଜିଲା ପାୱାରଲିଫ୍ଟିଙ୍ଗ୍ ପ୍ରତିଯୋଗିତା ଉଦ୍‌ଯାପିତ


ପଦକ ସହ କୃତୀ ପ୍ରତିଯୋଗୀ।

**ଭୁବନେଶ୍ୱର,୨୪।୧ (ସ୍ପୋର୍ଟ୍ସ ବ୍ୟୁରୋ):** ସ୍ଥାନୀୟ କରାଟେ ସ୍କୁଲଠାରେ ଗତ ଦୁଇ ଦିନଧରି ଚାଲିଥିବା ଖୋର୍ଦ୍ଧା ଜିଲା ପାୱାରଲିଫ୍ଟିଙ୍ଗ୍ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଛି। ସମସ୍ତ କୋଭିଡ୍ ନିୟମ ମାନି ଆୟୋଜିତ ହୋଇଥିବା ଏହି ପ୍ରତିଯୋଗିତାରେ ମୋଟ୍ ୧୩୫ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଦ୍ୱିତୀୟ ଦିବସରେ ହେଭିୱେଟ୍ ଓ ମହିଳା ବିଭାଗର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ରାଜ୍ୟର ସୁନାମଧନ୍ୟ କ୍ରୀଡ଼ାବିତ୍ ପ୍ରଦୀପ ପାତ୍ର, ଶକ୍ତି ରଞ୍ଜନ ବାରିକ, ଅନୁପମା ସ୍ୱାଇଁ, ରାନୁ ମହାନ୍ତି, କୃଷ୍ଣଚନ୍ଦ୍ର ସାହୁ, ଚନ୍ଦ୍ରଶେଖର ସାହୁ, ଚିତ୍ତରଞ୍ଜନ ମିଶ୍ର, ସମ୍ପାଦକ ସମରେନ୍ଦ୍ର ରାଉତରାୟ ପ୍ରମୁଖ ଜଜ୍ ଓ ରେଫରି ଦାୟିତ୍ୱ ତୁଲାଇଥିଲେ। ଓଡ଼ିଶା ରାଜ୍ୟ ପାୱାର ଲିଫ୍ଟିଙ୍ଗ୍ ସଂଘ ସମ୍ପାଦକ ଡ. ହରିପ୍ରସାଦ ପଟ୍ଟନାୟକ ଓ ଉପଦେଷ୍ଟା ଚିତ୍ତରଞ୍ଜନ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ସମ୍ପନ୍ନ ହୋଇଥିଲା। ଏଥିରେ ମନ୍ମଥ ମିଶ୍ର, ସନ୍ଦୀପ ଦାସ, ସୁରେନ୍ଦ୍ର ନାଥ ଗୌଡ଼, ରାକେଶ ଶତପଥୀ, ଲଳିତ ସାହୁ, କୃଷ୍ଣଚନ୍ଦ୍ର ନାୟକ, ମହେଶ ଡୋରା, ରଜନୀ ବିଶି, ଭଗବାନ ରେଡ୍ଡୀ, ପୁନିତ ସାହୁ, ମୋନାଲି ସାହୁ, ଅଭିଷେକ ଆଚାର୍ଯ୍ୟ, ଅଜୟ ଜେନା, ବିଶ୍ୱଜିତ ଜେନା, ମିଳନ ପାଢଶାଣୀ ଏବଂ ସିନ୍ଧୁ ତନୟା ଖୁଣ୍ଟିଆ ପ୍ରମୁଖ ସହଯୋଗ କରିଥିଲେ।

# ଇଂଲଣ୍ଡ ୧ ରନ୍‌ରେ ବିଜୟୀ


ୱେଷ୍ଟଇଣ୍ଡିଜ୍‌ର ସାଇ ହୋପ୍‌ଙ୍କୁ ରନ୍‌ଆଉଟ୍ କରୁଛନ୍ତି ଇଂଲଣ୍ଡର ରିସି ଟପ୍‌ଲେ।

**ବ୍ରିଜଟାଉନ୍, ୨୪।୧ (ଏପି):** ସ୍ଥାନୀୟ କିଙ୍ଗ୍‌ସଟନ ଓଭାଲଠାରେ ରବିବାର ଖେଳାଯାଇଥିବା ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚରେ ଇଂଲଣ୍ଡ ୧ ରନରେ ବିଜୟୀ ହୋଇଛି। ଫଳରେ ୫ ମ୍ୟାଚ ବିଶିଷ୍ଟ ସିରିଜ ୧-୧ ସ୍ତରକୁ ଚାଲିଆସିଛି। ଇଂଲଣ୍ଡ ଶନିବାର ଅନୁଷ୍ଠିତ ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଟି୨୦ରେ ୯ ଉଇକେଟରେ ପରାଜୟବରଣ କରିଥିଲା। ରବିବାର ମ୍ୟାଚରେ ଟସ୍ ହାରି ବ୍ୟାଟିଂ କରିଥିବା ଇଂଲଣ୍ଡ ନିର୍ଦ୍ଧାରିତ ଓଭରରେ ୮ ଉଇକେଟରେ ୧୭୧ ରନ କରିଥିଲା। ଜାସନ ରୟ ୩୧ ବଲ୍‌ରେ ୪୫ ରନ୍ କରିଥିଲେ। ଜବାବରେ ୱେଷ୍ଟଇଣ୍ଡିଜ ୭୮ରନରେ ୭ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ପରେ ୱେଷ୍ଟଇଣ୍ଡିଜର ସ୍କୋର ୧୧୧/୮ ରହିଥିବା ବେଳେ ବିଜୟ ପାଇଁ ଶେଷ ୩ ଓଭରରେ ଆହୁରି ୬୦ ରନ୍ ଆବଶ୍ୟକ କରୁଥିଲା। ୱେଷ୍ଟଇଣ୍ଡିଜର ୧୦ ନମ୍ବର ବ୍ୟାଟ୍ସମ୍ୟାନ ଅକିଲ ହୋସେନ ଗେମ୍‌ର ଶେଷ ୩ ବଲ୍‌ରେ ସକିବ ମେହେମୁଦ୍‌ଙ୍କ ବୋଲିଂରେ ୩ଟି ଛକା ଲଗାଇଥିଲେ। ସେ ୧୬ଟି ବଲ୍‌ରେ ୩ ଚୌକା ଓ ୪ ଛକା ସହ ୪୪ ରନ କରି ଅପରାଜିତ ରହିଥିଲେ। ରୋମାରିଓ ଶେଫର୍ଡ ମଧ୍ୟ ୨୮ ବଲ୍‌ରେ ୫ ଛକା ଓ ଗୋଟିଏ ଚୌକା ସହ ୪୪ ରନ କରି ଅପରାଜିତ ରହିଥିଲେ। ଉଭୟଙ୍କ ମଧ୍ୟରେ ୨୯ ବଲ୍‌ରେ ୭୨ରନର ପାର୍ଟନରଶିପ୍ ହୋଇଥିଲା। ଘରୋଇ ଦଳ ମ୍ୟାଚର ଶେଷ ଓଭରରେ ବିଜୟ ପାଇଁ ୩୦ ରନ୍ ଆବଶ୍ୟକ କରୁଥିଲା। ମାତ୍ର ଦଳ ୮ ଉଇକେଟ ବିନିମୟରେ ୧୭୦ରନ୍ କରିବାରେ ସମର୍ଥ ହୋଇଥିଲା। ଇଂଲଣ୍ଡର ମୋଇନ ଅଲି ୨୪ରନ ବିନିମୟରେ ୩ଟି ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

**ଇଂଲଣ୍ଡ ଇନିଂସ:** ୨୦ ଓଭରରେ ୧୭୧/୮ (ଜାସନ ରୟ-୪୫, ମୋଇନ ଅଲି-୩୧, ଜାସନ ହୋଲ୍ଡର-୨/୨୫, ଫାବିଏନ ଆଲେନ-୨/୫୦)।
**ୱେଷ୍ଟଇଣ୍ଡିଜ ଇନିଂସ:** ୨୦ ଓଭରରେ ୧୭୦/୮ (ରୋମାରିଓ ଶେଫର୍ଡ-୪୪*, ଅକିଲ ହୋସେନ-୪୪*, ମୋଇନ ଅଲି-୩/୨୪।

# ଗୁରଜିତଙ୍କ ହ୍ୟାଟ୍ରିକ: ଭାରତ ସେମିରେ

**ମସ୍କାଟ୍,୨୪।୧**

ଏଠାରେ ଚାଲିଥିବା ଏସିଆ କପ୍ ମହିଳା ହକିରେ ଭାରତୀୟ ଦଳ ସେମିଫାଇନାଲରେ ପ୍ରବେଶ କରିଛି। ସୋମବାର ଭାରତ ୯-୧ ଗୋଲରେ ଅପେକ୍ଷାକୃତ ଦୁର୍ବଳ ସିଙ୍ଗାପୁରକୁ ପରାସ୍ତ କରି ସେମି ଟିକେଟ ହାସଲ କରିଛି। ଭାରତ ପାଇଁ ଗୁରଜିତ୍ କୌର ହ୍ୟାଟ୍ରିକ ଗୋଲ ସ୍କୋର କରିଥିଲେ। ପୁଲ ଏ’ରେ ଭାରତ ଦ୍ୱିତୀୟ ବିଜୟ ହାସଲ କରିବା ସହ ଅଗ୍ରଗତି କରିଛି। ଏହପୂର୍ବରୁ ପ୍ରଥମ ମ୍ୟାଚ୍‌ରେ ଭାରତ ମାଲେସିଆକୁ ୯-୦ ଗୋଲରେ ହରାଇଥିଲା। ତେବେ ଏହା ପର ମୁକାବିଲାରେ ଭାରତ ୦-୨ ଗୋଲରେ ଜାପାନଠାରୁ ଅପ୍ରତ୍ୟାଶିତ ଭାବେ ପରାସ୍ତ ହୋଇଥିଲା। ଏହି ପରାଜୟକୁ ପଛରେ ପକାଇ ଭାରତ ସିଙ୍ଗାପୁରକୁ ବୃହତ୍ ବ୍ୟବଧାନରେ ହରାଇଥିଲା। ବୁଧବାର ପ୍ରଥମ ସେମିଫାଇନାଲରେ ଭାରତ ପୁଲ ବି ଟପ୍ପର କୋରିଆକୁ ଭେଟିବ।

ଗୁରଜିତ ଅଷ୍ଟମ, ୩୭ ଓ ୪୮ତମ ମିନିଟ୍‌ରେ ଗୋଲସ୍କୋର କରିଥିଲେ। ସେ ଦୁଇଟି ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରିଥିଲେ। ସେହିପରି ମନିକା ଷଷ୍ଠ ଓ ୧୭ତମ ମିନିଟ୍‌ରେ ଏବଂ ଜ୍ୟୋତି ୪୩ ଓ ୫୮ତମ ମିନିଟରେ ଦୁଇଟି ଲେଖାଏ ଗୋଲ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବନ୍ଦନା କାଟାରିୟା ଅଷ୍ଟମ ଓ ମାରିଆନ କୁଜୁର ଦଶମ ମିନିଟ୍‌ରେ ଗୋଲ ଦେଇଥିଲେ। ସାରା ମ୍ୟାଚ୍‌ରେ ଭାରତ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ସିଙ୍ଗାପୁର ତରଫରୁ ତୋ ଲି ମିନ୍ ପେନାଲ୍ଟି କର୍ନର ଜରିଆରେ ଏକମାତ୍ର ଗୋଲ ସ୍କୋର କରିଥିଲେ। ସେହିପରି ମାଲେସିଆକୁ ୮-୦ ଗୋଲରେ ହରାଇଥିବା ଜାପାନ ଦ୍ୱିତୀୟ ସେମିଫାଇନାଲରେ ଚାଇନାକୁ ଭେଟିବ। ଗୁରୁବାର ଫାଇନାଲ ମ୍ୟାଚ୍ ଖେଳାଯିବ। ଟୁର୍ନାମେଣ୍ଟର ଶ୍ରେଷ୍ଠ ୪ଟି ଦଳ ଏଫ୍‌ଆଇଏଚ୍ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ହାସଲ କରିବେ। ବିଶ୍ୱକପକୁ ସ୍ପେନ୍ ଓ ନେଦରଲାଣ୍ଡ୍ସ ମିଳିତ ଭାବେ ଆୟୋଜନ କରିବେ।



ଗୋଲ୍ ସ୍କୋର ପରେ ଖୁସି ମୁହୂର୍ତ୍ତରେ ଭାରତୀୟ ଖେଳାଳି।

**ଏସିଆ କପ୍ ମହିଳା ହକି**

**ଜାନୁୟାରୀ ଶେଷ ସୁଦ୍ଧା ଏୟାର ଇଣ୍ଡିଆର ହସ୍ତାନ୍ତର**

ନୂଆଦିଲ୍ଲୀ: ଦେଶର ପ୍ରମୁଖ ସରକାରୀ ବିମାନ ସଂସ୍ଥା ଭାବେ ପରିଚିତ ଏୟାର ଇଣ୍ଡିଆକୁ ନିକଟରେ ଟାଟା ଗ୍ରୁପ ଅଧିଗ୍ରହଣ କରିଥିଲା। ମାଲିକାନା ହାସଲ ସହ ଅନ୍ୟ ବିଧି ପୂରଣ କରି ଜାନୁୟାରୀ ଶେଷ ସୁଦ୍ଧା ଏୟାର ଇଣ୍ଡିଆ ଟାଟା ଗ୍ରୁପକୁ ହସ୍ତାନ୍ତର ହେବାର ଯୋଜନା ରହିଛି ବୋଲି ସୋମବାର ଜଣେ ବରିଷ୍ଠ ସରକାରୀ ଅଧିକାରୀ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ୨୦୨୧ ଅକ୍ଟୋବର ୧୧ ରେ ଟାଟା ଗ୍ରୁପକୁ ଏକ ଲେଟର ଅଫ୍ ଇଣ୍ଟେଣ୍ଟ ଜାରି କରାଯାଇଥିଲା। ଏଥିରେ ଏୟାର ଇଣ୍ଡିଆର ୧୦୦% ଅଂଶଧନ ବିକ୍ରୟ କରିବାକୁ ସରକାର ଆଗ୍ରହ ପ୍ରକାଶ କରିଥିଲେ।

# ନାବାର୍ଡ ପକ୍ଷରୁ ରାଷ୍ଟ୍ରୀୟ ବାଳିକା ଦିବସ




**ଭୁବନେଶ୍ୱର,୨୪।୧**

ଜାତୀୟ କୃଷି ଏବଂ ଗ୍ରାମୀଣ ବିକାଶ ବ୍ୟାଙ୍କ (ନାବାର୍ଡ)ର ଓଡ଼ିଶା କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ସୋମବାର ରାଷ୍ଟ୍ରୀୟ ବାଳିକା ଦିବସ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟର ୫ ଜିଲା କୋରାପୁଟ, କଳାହାଣ୍ଡି, ରାୟଗଡ଼ା, ମାଲକାନଗିରି ଏବଂ ଦେଓଗଡ଼ଠାରେ ମଧ୍ୟ ଏହି ଦିବସ ବ୍ୟାଙ୍କ ପାଳନ କରିଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ବରିଷ୍ଠ ପ୍ରଶାସିକା ମଧୁସ୍ମିତା ସାହୁ ଡିଜିଟାଲ ମାଧ୍ୟମରେ ଯୋଗଦେଇ ବାଳିକାମାନଙ୍କୁ ଉତ୍ସାହିତ କରିବା ସହ ଜୀବନରେ ଉତ୍କର୍ଷ ହେବା ପାଇଁ ଶିକ୍ଷାର ଗୁରୁତ୍ୱ ଏବଂ ପରିଶ୍ରମର ମହତ୍ତ୍ୱ ସମ୍ପର୍କରେ ବାଳିକାମାନଙ୍କୁ ଆବଶ୍ୟକ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାବାର୍ଡର ଓଡ଼ିଶା କ୍ଷେତ୍ରୀୟ କାର୍ଯ୍ୟାଳୟ ମୁଖ୍ୟ ମହାପ୍ରବନ୍ଧକ ସି. ଉଦୟଭାସ୍କର ବାଳିକା ଦିବସର ମହତ୍ତ୍ୱ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଉପରୋକ୍ତ ଜିଲାର ୨୫୦ ବାଳିକାଙ୍କୁ ନିମନ୍ତ୍ରଣ କରାଯାଇ ସେମାନଙ୍କ ସହିତ ରାଷ୍ଟ୍ରୀୟ ବାଳିକା ଦିବସ କୋଭିଡ୍ କଟକଣା ମଧ୍ୟରେ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ନିଜ ଅଞ୍ଚଳରେ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟଥିବା ୧୪ଜଣ ବାଳିକାଙ୍କୁ ଚିହ୍ନଟ କରାଯାଇ ନାବାର୍ଡ ପକ୍ଷରୁ ସେମାନଙ୍କୁ ଉତ୍ସାହିତ ସହ ସମ୍ମାନିତ କରାଯାଇଥିଲା।

# ସେନ୍‌ସେକ୍ସରେ ୧୫୪୬ ପଏଣ୍ଟ ହ୍ରାସ

**ମୁମ୍ବାଇ,୨୪।୧**

କୋଭିଡ୍ ଏବଂ ଓମିକ୍ରନ୍ ସାଙ୍ଗକୁ ଚଳିତ ଆର୍ଥିକ ବର୍ଷର ବଜେଟ ବ୍ୟବସ୍ଥାକୁ ନେଇ ଆଶଙ୍କାରେ ରହିଥିବା ବ୍ୟବସାୟୀ ବର୍ତ୍ତମାନ ଦିଗହରା ଅବସ୍ଥାରେ ରହିଛନ୍ତି। ଦଲାଲ ଷ୍ଟ୍ରିଟ୍‌ରେ ଭାରତୀୟ ଅଂଶଧନ କ୍ରମାଗତ ପଞ୍ଚମ ଦିନ ପାଇଁ ହ୍ରାସ ପାଇଛି। ଫଳରେ ଗତ ୩ ସପ୍ତାହ କାରବାର ମଧ୍ୟରେ ଏହା ସର୍ବନିମ୍ନ ସ୍ତରର ହ୍ରାସ ବୋଲି କୁହାଯାଉଛି। ସୋମବାର ମୁଖ୍ୟ ସୂଚକାଙ୍କ ସେନ୍‌ସେକ୍ସ ଏବଂ ନିଫ୍ଟିରେ ୩ % ହ୍ରାସ ପାଇବାରୁ ନିବେଶକମାନେ ପ୍ରାୟ ୧୦ ଲକ୍ଷ କୋଟି ଟଙ୍କାର ଅର୍ଥରାଶି କ୍ଷତି ସହିଛନ୍ତି। ଗତ କିଛିଦିନ ଧରି ଶେୟାର ବଜାରର ସ୍ଥିତି ପରିବର୍ତ୍ତନ ହେଉ ନାହିଁ। ଚଳିତ ସପ୍ତାହର ପ୍ରଥମ ଦିନରେ ଶେୟାର ବଜାର ଏକ ବଡ଼ଧରଣର କ୍ଷତି ହୋଇଛି। ଚଳିତ ବର୍ଷର ସବୁଠାରୁ ଏହା ବଡ଼ ହ୍ରାସ ବୋଲି ବଜାର ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି। ୨୪ ଜାନୁୟାରୀରେ ଉଭୟ ସେନ୍‌ସେକ୍ସ ଏବଂ ନିଫ୍ଟିରେ ପାଖାପାଖି ୨.୬ % ହ୍ରାସ ଘଟିଛି। ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନ୍‌ସେକ୍ସ ୧୫୪୬ ପଏଣ୍ଟ କମି ୫୭,୪୫୦ ଅଙ୍କରେ ରହିଥିଲା ବେଳେ ଏନ୍‌ଏସ୍‌ଇ ନିଫ୍ଟିରେ ୪୬୮ ପଏଣ୍ଟ ହ୍ରାସ ଘଟି ୧୭,୧୪୯ ଅଙ୍କରେ କାରବାର ଶେଷ କରିଛି। ଫଳରେ ବିଏସ୍‌ଇର ସୂଚନା ଅନୁସାରେ ସେନ୍‌ସେକ୍ସ ୧୫୪୬.୬୭ ପଏଣ୍ଟ ହ୍ରାସ ପାଇ ୫୭,୪୯୧.୫୧ ରେ ରହିଥିବା ବେଳେ ନିଫ୍ଟି ୪୬୮.୦୫ ପଏଣ୍ଟ ଖସି ୧୭,୧୪୯.୧୦ ରେ କାରବାର ବନ୍ଦ କରିଛି। ଗୁରୁବାର ୨୭୦ ଲକ୍ଷ କୋଟିର ମାର୍କେଟ୍ ସୋମବାର ୨୬୦ ଲକ୍ଷ କୋଟିକୁ ଖସି ଆସିଛି । ଗତ ୪ ଦିନ ମଧ୍ୟରେ ନିବେଶକ ୨ଟି କାର୍ଯ୍ୟଦିବସରେ ୧୦ ଲକ୍ଷ କୋଟି ଟଙ୍କା ବଜାରରୁ ହରାଇଛନ୍ତି। ୨.୦୯ ସମୟରେ ବଜାରରେ ବର୍ଷର ସବୁଠାରୁ ବଡ଼ ହ୍ରାସ ହୋଇଥିଲା। ତେବେ ଗତ ୫ କାର୍ଯ୍ୟ ଦିବସ ମଧ୍ୟରେ ସେନ୍‌ସେକ୍ସରେ ୩୯୦୦ ଅଙ୍କ ହ୍ରାସ ପାଇଲାଣି। ପୂର୍ବ ସପ୍ତାହରେ ସେନ୍‌ସେକ୍ସ ୨୧୮୫ ପଏଣ୍ଟ ହ୍ରାସ ପାଇଥିବା ବେଳେ ନିଫ୍ଟି ୬୩୮.୬୦ ପଏଣ୍ଟକୁ ଖସିଥିଲା।



## ୧୦ ଲକ୍ଷ କୋଟି ହରାଇଲେଣି ନିବେଶକ

ସେନ୍‌ସେକ୍ସରେ ବଡ଼ ହ୍ରାସ ଯୋଗୁ ରିଲିଆନ୍ସ ଇଣ୍ଡଷ୍ଟ୍ରିଜ୍ ଏବଂ ଇନ୍‌ଫୋସିସ୍‌ର ନିବେଶ ବ୍ୟାପକ ହ୍ରାସ ହୋଇଛି। ଏହି କ୍ଷତିରେ କେବଳ ଆର୍‌ଆଇପିଏଲ୍ ୧୭୮ ଅଙ୍କ ହ୍ରାସ ହୋଇଥିବା ବେଳେ ଇନ୍‌ଫୋସିସ୍‌ରେ ୧୨୧ ଅଙ୍କ, ଏଚ୍‌ଡିଏଫ୍‌ସି ବ୍ୟାଙ୍କର ୧୦୪ ଅଙ୍କ ପ୍ରମୁଖ ହ୍ରାସ ରହିଛି। ବ୍ଲୁଚିପ୍ ନାମଗୁଡିକ ମଧ୍ୟରେ ସିପ୍ଲା ୨.୮୬% ବୃଦ୍ଧି ପାଇ ଶୀର୍ଷ ଲାଭକାରୀ ଥିଲାବେଳେ ଓଏନ୍‌ଜିସି ମଧ୍ୟ ଲାଭକାରୀ ନିବେଶକ ଭାବେ ଗଣା ହୋଇଛି। ଅପରପକ୍ଷରେ ନିଫ୍ଟି ପ୍ୟାକ୍‌ରେ ଜେଏସ୍‌ଡବ୍ଲୁ ଷ୍ଟିଲ୍ ସର୍ବାଧିକ ୬.୯୨% ହ୍ରାସ ପାଇଛି।

**୩ୟ ଜନ୍ମବାର୍ଷିକୀ ଶୁଭେଚ୍ଛା**



**ଦେବାଂଶ ଦାଶ (ଇଶାନ)**
ବ୍ରହ୍ମେଶ୍ୱରପାଟଣା, ଭୁବନେଶ୍ୱର
ଫୁଲପରି ମହକି ଉଠୁ ଜୀବନ ତୋର। ଚଲାପଥରେ ଖୁସି ଭରିଯାଉ ତୋର। ଏତିକି ଆଶୀର୍ବାଦ ଥାଉ ଜଗନ୍ନାଥଙ୍କର ତୋରି ଉପରେ। ଜନ୍ମଦିନର ଅନେକ ଶୁଭେଚ୍ଛା ଓ ଶୁଭ କାମନା। ଭଗବାନ କରନ୍ତୁ ତୋର ଚଲାପଥ କୁସୁମିତ ହେଉ।
ଶୁଭେଚ୍ଛା ସହ: ଜେଜେବାପା, ଜେଜେମା, ଆଈ, ପାପା, ମାମା, ପିଉସା, ମାମା ନାନୀ, ଗୁରୁନାନୀ, ମାମୁ, ମାଇଁ, ମଉସା, ମାଉସୀ, ତିତିଲି, ସାଇ, ଶ୍ରଦ୍ଧା, ସୃଷ୍ଟି, ଯାଶିକା, ୟେଶିଲ ।
ଧ-୭୦୭୭୭

## ସିମ୍ଫୋନି ଲାର୍ଜ ସ୍ପେସ୍ ଭେଣ୍ଟି-କୁଲିଂ ଅଭିଯାନ

**ଭୁବନେଶ୍ୱର,୨୪।୧**

ଦେଶର ପ୍ରମୁଖ ଏୟାର କୁଲର ନିର୍ମାଣକାରୀ କମ୍ପାନୀ ସିମ୍ଫୋନି ଲିମିଟେଡ୍ ପକ୍ଷରୁ ଏହାର ଲାର୍ଜ ସ୍ପେସ୍ ଭେଣ୍ଟି-କୁଲିଂ(ଏଲ୍‌ଏସ୍‌ଭି) ବର୍ଗ ସମ୍ପର୍କରେ ଆଲୋକପାତ କରିବାକୁ ଏକ ନୂତନ ସମନ୍ୱିତ ବିଜ୍ଞାପନ ଏବଂ ପ୍ରଚାର ପ୍ରସାରମୂଳକ ଅଭିଯାନ 'ସିମ୍ଫୋନି ଲାର୍ଜ ସ୍ପେସ୍ ଭେଣ୍ଟି-କୁଲିଂ' ଶୀର୍ଷକର ଆରମ୍ଭ କରାଯାଇଛି। ଏକ ଟିଭିସି ସନ୍ନିବେଶିତ ଥିବା ଏହି ପ୍ରଚାର ଅଭିଯାନ ଜରିଆରେ ସିମ୍ଫୋନି ଲିମିଟେଡ୍ କାରଖାନା, ଗୋଦାମଘର, ଶୋ ରୁମ୍, ଶିକ୍ଷା ପ୍ରତିଷ୍ଠାନ, ହାସ୍‌ପାତାଳ, ରେଷ୍ଟୁରାଣ୍ଟ ଆଦି ବୃହତ୍ ଶିଳ୍ପ ଓ ବ୍ୟବସାୟିକ ସ୍ଥଳଗୁଡ଼ିକ ନିକଟରେ ପହଞ୍ଚିବା ଏବଂ ସେମାନଙ୍କର ଶ୍ରମିକ, କର୍ମଚାରୀଙ୍କ ପାଇଁ ଏକ ସ୍ୱାସ୍ଥ୍ୟପ୍ରଦ ଏବଂ ଆରାମଦାୟକ କାର୍ଯ୍ୟ ପରିବେଶ ସୃଷ୍ଟି ଉପରେ ଗୁରୁତ୍ୱ ସମ୍ପର୍କରେ ସେମାନଙ୍କୁ ସଚେତନ କରିବା ଲକ୍ଷ୍ୟ ରଖିଛି। ଏ ସମ୍ପର୍କରେ ସିମ୍ଫୋନିର ସଭାପତି (ସେଲ୍‌ସ ଓ ମାର୍କେଟିଂ) ରାଜେଶ ମିଶ୍ର କହିଛନ୍ତି,ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ସକାଶେ ଏୟାର କୁଲିଂର ଫାଇଦା ସମ୍ପର୍କରେ ଅବଗତ କରାଇବା ଏବଂ ସେମାନଙ୍କ ପାଇଁ ଏହା କିଭଳି ଅଭିବୃଦ୍ଧି ଏବଂ ଲାଭ ଉପାର୍ଜନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଛି ସେ ସମ୍ପର୍କରେ ଅବଗତ କରାଇବାକୁ ଏହି ପ୍ରଚାର ଅଭିଯାନ ଉଦ୍ଦିଷ୍ଟ।

# ପିଏନ୍‌ବିର ସିଏସ୍‌ଆର୍ କାର୍ଯ୍ୟକ୍ରମ




**ଭୁବନେଶ୍ୱର,୨୪।୧**

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନବି)ର ଭୁବନେଶ୍ୱର ସର୍କଲ କାର୍ଯ୍ୟାଳୟ ପକ୍ଷରୁ ସର୍କଲ ମୁଖ୍ୟ ପରେଶ ଦାସଙ୍କ ଅଧ୍ୟକ୍ଷତାରେ ଖୋର୍ଦ୍ଧାସ୍ଥିତ ନିଳକଣ୍ଠପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ଠାରେ ଏକ କର୍ପୋରେଟ ସାମାଜିକ ଦାୟିତ୍ୱବୋଧତା (ସିଏସଆର) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଞ୍ଜଳୀ, ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ନିଆଯାଇଥିବା ଏକ ପଦକ୍ଷେପ ଯାହା ସମଗ୍ର ଦେଶରେ ସମ୍ପ୍ରଦାୟ ତଥା ଘରୋଇ କ୍ଷେତ୍ରର ଯୋଗଦାନ ମାଧ୍ୟମରେ ବିଦ୍ୟାଳୟଗୁଡ଼ିକୁ ମଜବୁତ କରିପାରିବ। ଏହି ପଦକ୍ଷେପ ବିଦ୍ୟାଳୟଗୁଡ଼ିକୁ ଭାରତୀୟ ଡିଆସପେରାର ବିଭିନ୍ନ ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମ ଯଥା: ଯୁବ ବୃତ୍ତିଗତ, ଅବସରପ୍ରାପ୍ତ ଶିକ୍ଷକ, ଅବସରପ୍ରାପ୍ତ ସରକାରୀ କର୍ମଚାରୀ, ଅବସରପ୍ରାପ୍ତ ବୃତ୍ତିଗତ ଏବଂ ଅନ୍ୟାମାନଙ୍କ ସହ ସଂଯୋଗ କରିବ।

## ଗ୍ରୋ ପାଣ୍ଠି ପାଇଁ ଓଡ଼ିଶାର ୫ ସଂସ୍ଥା ମନୋନୀତ

**ଭୁବନେଶ୍ୱର,୨୪।୧**

ପ୍ରଥମ ଥର ପାଇଁ ସମଗ୍ର ଦେଶରେ ବିଶ୍ୱାସଯୋଗ୍ୟ ସାମାଜିକ ପ୍ରଭାବ କ୍ଷେତ୍ରରେ କାର୍ଯ୍ୟ କରୁଥିବା ୧୦୦ଟି ଏନ୍‌ଜିଓ ଗ୍ରୋ ପାଣ୍ଠିରୁ ଅନୁଦାନ ପାଇବାକୁ ମନୋନୀତ ହୋଇଛନ୍ତି। ଏହା ଏଡେଲଗିଭ ଫାଉଣ୍ଡେଶନ ଦ୍ୱାରା ପରିଚାଳିତ କରାଯାଉଛି । ଏଥିରେ ଆହୁରି ମଧ୍ୟ ଅନେକ ଆର୍ଥିକ ସହାୟତା ପ୍ରଦାନକାରୀ ସହଯୋଗୀ ରହିଛନ୍ତି । ମନୋନୀତ ୧୦୦ଟି ଏନ୍‌ଜିଓ ମଧ୍ୟରୁ ଓଡ଼ିଶାର ୫ଟି ସଂଗଠନ ସାମିଲ ଅଛନ୍ତି । ପ୍ରତ୍ୟେକ ଏନ୍‌ଜିଓକୁ ୨ବର୍ଷ ମଧ୍ୟରେ ୮୦ଲକ୍ଷ ଟଙ୍କା ପ୍ରଦାନ କରାଯିବ । ଏହା ସହାୟତାରେ ଦକ୍ଷତାର ବିକାଶ ହେବା ସହ ଭବିଷ୍ୟତ କାର୍ଯ୍ୟ ପାଇଁ ସହାୟତା ପ୍ରଦାନ କରାଯିବ । ଏଥିରେ ୨୩୦୦ରୁ ଅଧିକ ଅନୁଷ୍ଠାନ ପଞ୍ଜୀକରଣ କରିଛନ୍ତି। ଏ ସମ୍ପର୍କରେ ଏଡେଲଗିଭ ଫାଉଣ୍ଡେଶନର ଏକ୍‌ଜିକ୍ୟୁଟିଭ ଚେୟାରପର୍ସନ ବିଦ୍ୟା ଶାହ କହିଛନ୍ତି, ଆମେ ଅତ୍ୟନ୍ତ ଆନନ୍ଦିତ ଯେ ସାରା ଦେଶରେ ୨୦ଟି ରାଜ୍ୟ ମଧ୍ୟରୁ ଓଡ଼ିଶାର ୫ଟି ଏନ୍‌ଜିଓ ଗ୍ରୋ ଫାଉଣ୍ଡେଶନ ଦ୍ୱାରା ମନୋନୀତ ହୋଇଛନ୍ତି। ଆର୍ଥିକ ସହାୟତା ବ୍ୟତୀତ ଓଡ଼ିଶାର ଏହି ଏନ୍‌ଜିଓଗୁଡ଼ିକୁ ପ୍ରଯୁକ୍ତି, ଫାଇନାନ୍ସ, ମାନବ ସମ୍ବଳ, ପାଣ୍ଠି ଗ୍ରହଣ ଓ ଯୋଗାଯୋଗ କ୍ଷେତ୍ରରେ ମଧ୍ୟ ତାଲିମ ପ୍ରଦାନ କରାଯିବ ।

# ମିତ୍‌ସୁବିଶି ଇଲେକ୍ଟ୍ରିକ୍ ଇଣ୍ଡିଆ 'ସିଏନ୍‌ସି-ଅନ୍-ହୁଇଲ'ର ଶୁଭାରମ୍ଭ

**ବେଙ୍ଗାଲୁରୁ,୨୪।୧**

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ମିତ୍‌ସୁବିଶି ଇଲେକ୍ଟ୍ରିକ୍ ପକ୍ଷରୁ କମ୍ପ୍ୟୁଟରୀକରଣ ସଂଖ୍ୟାଗତ ନିୟନ୍ତ୍ରକ(ସିଏନ୍‌ସି) ଜରିଆରେ ଏକ ପ୍ରଶିକ୍ଷଣ ଏବଂ ପ୍ରଦର୍ଶନ କାରାଭାନ୍ 'ସିଏନ୍‌ସି-ଅନ୍-ହୁଇଲ୍ସ'ର ଶୁଭାରମ୍ଭ କରାଯାଇଛି। କମ୍ପାନୀର ଉକ୍ତ ଗାଡ଼ିକୁ ମିତ୍‌ସୁବିଶି ଇଲେକ୍ଟ୍ରିକ୍, ସିଏନ୍‌ସି ବୈଷୟିକ କେନ୍ଦ୍ର ପେନ୍ୟା ଶିଳ୍ପାଞ୍ଚଳ ପରିସରରୁ ପତାକା ଦେଖାଇ ଆରମ୍ଭ କରାଯାଇଥିଲା।

ଏହା ପ୍ରଥମେ କ୍ଷେତ୍ର ଏବଂ ପରେ ଅନ୍ୟ ଶିଳ୍ପକ୍ଷେତ୍ରକୁ ଅଗ୍ରସର ହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ମିତ୍‌ସୁବିଶି ଇଲେକ୍ଟ୍ରିକ୍ ଇଣ୍ଡିଆ ୨୦୧୭ରେ ବେଙ୍ଗାଲୁରୁର ପେନ୍ୟାଠାରେ ଏହାର ସିଏନ୍‌ସି ଉତ୍ପାଦନର ସୁବିଧା ଆରମ୍ଭ କରିଥିଲା। ଫଳରେ 'ମେକ୍ ଇନ୍ ଇଣ୍ଡିଆ' ପଦକ୍ଷେପ ଏବଂ ଅତ୍ୟାଧୁନିକ ଉତ୍ପାଦନକୁ ଖାପ ଖୁଆଇବାକୁ ଚାହୁଁଥିବା ଶିଳ୍ପଗୁଡ଼ିକୁ ବୈଷୟିକ ସହାୟତା କରିବାକୁ ଏହା ଲକ୍ଷ୍ୟ ରଖିଛି। ସିଏନ୍‌ସି-ଅନ୍-ହୁଇଲ୍ସର ଦୁଇଟି ପ୍ରମୁଖ ସିଏନ୍‌ସି ନିୟନ୍ତ୍ରଣକୁ ନେଇ ଗଠିତ: ଏମ୍୮୦ ଯାହା ଆମର ଫ୍ଲାଗଶିପ୍ ଉତ୍ପାଦ ଏବଂ ଇ୮୦ ଯାହା ସୀମିତ ବୈଶିଷ୍ଟ୍ୟ ସହିତ ଏକ ଉତ୍ପାଦ ଯାହା ଏସ୍‌ଏମ୍‌ଏସ୍‌ଇ/ଏମ୍‌ଏସ୍‌ଏମ୍‌ଇକୁ ସହଯୋଗ କରିଥାଏ।




ଏ ସମ୍ପର୍କରେ ମିତ୍‌ସୁବିଶି ଇଲେକ୍ଟ୍ରିକ୍ ଇଣ୍ଡିଆ ପ୍ରା. ଲିମିଟେଡ୍‌ର ଜିଏମ୍, ସିଏନ୍‌ସି ସିଷ୍ଟମ୍, ମାସାୟା ଟାକେଡା କହିଛନ୍ତି, ଆମେ ସିଏନ୍‌ସି ସହିତ ସଂଯୁକ୍ତ ରହିଛୁ। ଏହାକୁ ସୁନିଶ୍ଚିତ କରିବା ପାଇଁ ସ୍ଥାୟୀ ଟେକ୍ନୋଲୋଜି ଏବଂ ନୂତନ ଉତ୍ପାଦନ ପଦ୍ଧତି ସହିତ ଶିଳ୍ପକୁ ସଶକ୍ତ କରିବା ସହ ଦକ୍ଷ ଅପରେଟରଙ୍କୁ ନେଇ ତାଲିମ କାର୍ଯ୍ୟକ୍ରମରେ ବୈଷୟିକ ଜ୍ଞାନ ଓ ଯନ୍ତ୍ରୀମାନଙ୍କର ସହଯୋଗ ରହିବ ବୋଲି ସେ କହିଛନ୍ତି। ସେହିପରି ଆମେ ଆମର ସିଏନ୍‌ସି ଅପରେଟରମାନଙ୍କର ଦକ୍ଷତା ସ୍ତର ବଢ଼ାଇବା ପାଇଁ ଏକ ମେଟାଲ କଟିଂ ଶିଳ୍ପକୁ ମଧ୍ୟ ସମର୍ଥନ ଯୋଗାଇବୁ ଏବଂ ଭାରତ ସରକାରଙ୍କ 'ସ୍କିଲ୍ ଇଣ୍ଡିଆ ମିଶନ୍' ଓ 'ମେକ୍ ଇନ୍ ଇଣ୍ଡିଆ'ର ବିଭିନ୍ନ ପଦକ୍ଷେପକୁ ମଧ୍ୟ ଗ୍ରହଣ କରି ଆସିଛୁ। ଆମେ ଭାରତୀୟ ଉତ୍ପାଦନ ଶିଳ୍ପକୁ ସହଯୋଗ ସହ ଦୀର୍ଘ ଦଶନ୍ଧି ଧରି ସମର୍ଥନ କରିଆସିଛୁ। ମିତ୍‌ସୁବିଶି ଇଲେକ୍ଟ୍ରିକ୍ ଇଣ୍ଡିଆ ସିଏନ୍‌ସିକୁ ଏକ ଉଜ୍ଜ୍ୱଳ ଭବିଷ୍ୟତ ଆଡ଼କୁ ଗତି କରୁଛି।

**ଫୁର୍‌ସତ୍**

# ପର୍ଯ୍ୟଟନ ଅର୍ଥନୈତିକ ସୁଧାରର ଚାବିକାଠି

## ଜାତୀୟ ପର୍ଯ୍ୟଟନ ଦିବସ



**ଦେ**ଶର ଅର୍ଥନୀତିରେ ପର୍ଯ୍ୟଟନ ଶିଳ୍ପର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଥାଏ। ପର୍ଯ୍ୟଟନ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ଜାନୁୟାରୀ ୨୫ରେ ଜାତୀୟ ପର୍ଯ୍ୟଟନ ଦିବସ ପାଳିତ ହୋଇଥାଏ। ଏକ ଦିବସଟି ଦେଶର ଅର୍ଥନୀତି ପାଇଁ ଉତ୍ସର୍ଗୀକୃତ। ବିବିଧତା ଏବଂ ବହୁ ସାଂସ୍କୃତିକ ପରିବେଶ ରହିଥିବା ଭାରତର ପର୍ଯ୍ୟଟନ ଶିଳ୍ପର ବିକାଶକୁ ଦୃଷ୍ଟିରେ ରଖି ୧୯୪୮ରେ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ପାଇଁ ଏକ ପର୍ଯ୍ୟଟନ ଟ୍ରାଫିକ କମିଟି ଗଠନ କରାଯାଇଥିଲା। ଏହାର ପ୍ରଥମ ଆଞ୍ଚଳିକ କାର୍ଯ୍ୟାଳୟ ପ୍ରଥମେ ଦିଲ୍ଲୀ ଏବଂ ମୁମ୍ବାଇରେ ପ୍ରତିଷ୍ଠିତ ହୋଇଥିଲା। ତିନିବର୍ଷ ପରେ ଅର୍ଥାତ୍ ୧୯୫୧ରେ କୋଲକାତା ଏବଂ ଚେନ୍ନାଇରେ ନୂଆ କାର୍ଯ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ପର୍ଯ୍ୟଟନ ସମ୍ବନ୍ଧୀୟ ଏକ ବିଭାଗ ୧୯୫୮ ମସିହାରେ ପର୍ଯ୍ୟଟନ ଏବଂ ଯୋଗାଯୋଗ ମନ୍ତ୍ରଣାଳୟ ଅଧୀନରେ ପ୍ରତିଷ୍ଠିତ ହୋଇଥିଲା। ଦେଶରେ ପର୍ଯ୍ୟଟନର ଆଭିମୁଖ୍ୟ ଏବଂ ଏହା ଭାରତର ଭବିଷ୍ୟତ ଆର୍ଥିକ ନୀତି ଉପରେ କିଭଳି ପ୍ରଭାବ ପକାଇଥାଏ, ସେନେଇ ଏହି ଦିବସ ପାଳନ ଅବସରରେ ସମସ୍ତଙ୍କୁ ସଚେତନ କରାଯାଇଥାଏ। ଦେଶର ପ୍ରତ୍ୟେକ ଅଞ୍ଚଳର ଏକ ସମୃଦ୍ଧ ଇତିହାସ ରହିଛି। ଏହାକୁ ହାଇଲାଇଟ କରିବା ପାଇଁ ପର୍ଯ୍ୟଟନ ହେଉଛି ସର୍ବୋତ୍ତମ ଉପାୟ।

# ସଚେତନ ଭୋଟର, ସମୃଦ୍ଧ ଦେଶ

**ଭୋ**ଟର ସଚେତନ ହେଲେ ଦେଶର ସମୃଦ୍ଧି ସମ୍ଭବ ହୋଇଥାଏ। ମତଦାନ ଅଧିକାର ଦେଶରେ ବିକାଶ ଧାରାକୁ ତ୍ୱରାନ୍ୱିତ କରିଥାଏ। ତେଣୁ ଅଧିକ ଯୁବ ଭୋଟରଙ୍କୁ ରାଜନୈତିକ ପ୍ରକ୍ରିୟାରେ ଭାଗନେବାକୁ ଉତ୍ସାହିତ କରିବା ଲାଗି ଭାରତ ସରକାର ପ୍ରତିବର୍ଷ ଜାନୁୟାରୀ ୨୫କୁ "ଜାତୀୟ ଭୋଟର ଦିବସ" ଭାବେ ପାଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ନିର୍ବାଚନ ଆୟୋଗର ପ୍ରତିଷ୍ଠା ୧୯୫୦ ଜାନୁୟାରୀ ୨୫ରେ ହୋଇଥିଲା। ଏହି ଦିବସକୁ ମନେ ରଖିବା ଏବଂ ମତଦାନ ଅଧିକାର ସମ୍ପର୍କରେ ସଚେତନତା ସୃଷ୍ଟି କରିବା ନିମନ୍ତେ ୨୫ ଜାନୁୟାରୀ ୨୦୧୧ଠାରୁ ଏହି ଦିବସ ପାଳନ କରାଯାଉଛି।

ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ୍‌ର ଏକ ବୈଠକରେ ଆଇନ ମନ୍ତ୍ରଣାଳୟର ପ୍ରସ୍ତାବକୁ ଅନୁମୋଦନ କରାଯାଇଥିଲା।




ଦେଶ ଯୁବଶକ୍ତିର ସଶକ୍ତୀକରଣ ସହିତ ଗଣତାନ୍ତ୍ରିକ ପଦ୍ଧତିରେ ସେମାନଙ୍କର ଉଲ୍ଲେଖନୀୟ ଯୋଗଦାନ ଦ୍ୱାରା ଦେଶର ବିକାଶ କିଭଳି ସମ୍ଭବ ହୋଇପାରିବ, ସେ ସମ୍ପର୍କରେ ଜାତୀୟ ଭୋଟର ଦିବସ ଅବସରରେ ସଚେତନତା ସୃଷ୍ଟି କରାଯାଇଥାଏ।

ସଚେତନ ନାଗରିକଙ୍କ ଦ୍ୱାରା କିଭଳି ଗଣତାନ୍ତ୍ରିକ ସରକାର ସୁଚାରୁରୂପେ କାର୍ଯ୍ୟ କରିଥାନ୍ତି ଏବଂ ଦେଶର ବିକାଶଧାରା ଅବ୍ୟାହତ ରହିଥାଏ, ତାହା ଏହି ଦିବସ ଅବସରରେ ସମ୍ପନ୍ନ କରାଯାଉଥିବା କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଚାରିତ କରାଯାଇଥାଏ।

**CLASSIFIED DISPLAY**

**ALL EDITION - B/W (Everyday)**
for Booking Contact:
0674-2580385
8637280816,
7894447167, 9338226625

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
**ବାବା ଆଜମ ଖାନ୍**
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଗୁଣିଗାରେଡ଼ି, ଯାଦୁ-ଟୋନା, ପୋତାଧନ ଇତ୍ୟାଦି
କୌଣସି ପଣ୍ଡିତ, ମୌଳବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ସ୍ପେ. ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ
8882703236
9717049785

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ । 2% ସୁଧ, 40% ରିହାତି । ମହିଳାଙ୍କ ପାଇଁ ବିଶେଷ ରିହାତି । ଅନ୍‌ଲାଇନ୍ ସୁବିଧା ।
Mudra Finance
Mob. 8987604637
Whatsapp: 8902923601

**ALL EDITION - B/W (Everyday)**
for Booking Contact:
0674-2580385
8637280816,
7894447167, 9338226625

ଆପଣ ଯେ କୌଣସି ଅସୁବିଧାରେ ପଡ଼ି ହଇରାଣ ହେଉଥିଲେ କେବଳ ଗୋଟିଏ ମାତ୍ର Call କରି ଆମଠାରୁ ନିଅନ୍ତୁ ସମ୍ପୂର୍ଣ୍ଣ ସମସ୍ୟାର ୧୦୦% ସମାଧାନ ।
ପ୍ରେମବିବାହ, ବେପାରବୃଦ୍ଧି, ସମୋହନ, ଗୃହ ସମସ୍ୟା, ସଉତୁଣୀ, ବଶୀକରଣ, ସାମି-ସ୍ତ୍ରୀ ସମସ୍ୟା, ଜାଦୁମନ୍ତ୍ର ଇତ୍ୟାଦି
**ବାବା ହସନ୍ ଅଲ୍ଲି**
ଅଲ ଇଣ୍ଡିଆ ଖୁଲା ଚାଲେଞ୍ଜ ମାତ୍ର ୩ଘଣ୍ଟାରେ ୧୦୦% ସମାଧାନ ।
9560789896

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ବାପା ହେବେ ଆଦିତ୍ୟ ନାରାୟଣ



**ମୁମ୍ବାଇ:** ଗାୟକ ତଥା ଉପସ୍ଥାପକ ଆଦିତ୍ୟ ନାରାୟଣ ଓ ତାଙ୍କ ପତ୍ନୀ ଶ୍ୱେତା ଅଗ୍ରୱାଲ ଖୁବଶୀଘ୍ର ନୂଆ ଅତିଥିକୁ ସ୍ୱାଗତ କରିବାକୁ ଯାଉଛନ୍ତି । ସୋମବାର ଆଦିତ୍ୟ ତାଙ୍କ ଇନଷ୍ଟାଗ୍ରାମ ମାଧ୍ୟମରେ ପ୍ରଶଂସକଙ୍କୁ ଏହି ଖୁସି ଖବର ଦେଇଛନ୍ତି । ଏଥିରେ ଆଦିତ୍ୟ ଏକ ଫଟୋ ଶେୟାର କରିଛନ୍ତି ଯେଉଁଥିରେ ଶ୍ୱେତାଙ୍କ ବେବି ବମ୍ପକୁ ଦେଖାଯାଇଛି । ଆଦିତ୍ୟ ଏହି ସୂଚନା ଦେବା ପରେ ବଲିଉଡ୍ ଜଗତରୁ ଶୁଭେଚ୍ଛାର ସୁଅ ଛୁଟିଛି। ଆଦିତ୍ୟ ଓ ଶ୍ୱେତା ତାଙ୍କ ପ୍ରଥମ ମୁଭି 'ଶାପିତ'ର ସେଟ୍‌ରେ ପରସ୍ପରକୁ ଭେଟିଥିଲେ। ପରେ ଉଭୟଙ୍କ ମଧ୍ୟରେ ହୋଇଥିଲା ପ୍ରେମ। ଆଉ ୨୦୨୦ରେ ଉଭୟେ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ।

## ଅଗଷ୍ଟ ୨୫ରେ ଫିଲ୍ମ ଲାଇଗର



**ମୁମ୍ବାଇ:** ବହୁ ପ୍ରତୀକ୍ଷିତ ଫିଲ୍ମ 'ଲାଇଗର' ଆସନ୍ତା ଅଗଷ୍ଟ ୨୫ରେ ପ୍ରେକ୍ଷାଳୟରେ ରିଲିଜ ହେବାକୁ ଯାଉଛି। ଏଥିରେ ସାଉଥ ଅଭିନେତା ବିଜୟ ଦେବରାକୋଣ୍ଡା-ଅନନ୍ୟା ପାଣ୍ଡେଙ୍କୁ ଦର୍ଶକ ସାଙ୍ଗରେ ଦେଖିବାକୁ ପାଇବେ। ଫିଲ୍ମଟି ହିନ୍ଦୀ, ତେଲୁଗୁ, ମାଲାୟାଲମ, ତାମିଲ ଭାଷାରେ ମୁକ୍ତିଲାଭ କରିବାକୁ ଯାଉଛି। ପୂର୍ବରୁ ଫିଲ୍ମର ଫାଷ୍ଟ ଲୁକ ମଧ୍ୟ ସାମ୍ନାକୁ ଆସିଥିଲା। ବିଜୟ ଏବଂ ଅନନ୍ୟାଙ୍କ ବ୍ୟତୀତ ରମ୍ୟା କୃଷ୍ଣ, ରୋନିତ ରୟ ପ୍ରମୁଖ ଅଭିନୟ କରିଛନ୍ତି। ଏହି ଫିଲ୍ମଟି ୨୦୨୧ ସେପ୍ଟେମ୍ବର ୯ରେ ପ୍ରେକ୍ଷାଳୟରେ ରିଲିଜ ହେବାର ଥିଲା। କିନ୍ତୁ କୋଭିଡ୍ ତୃତୀୟ ଲହରର ସ୍ଥିତିକୁ ଦୃଷ୍ଟିରେ ରଖି ଏହାର ରିଲିଜ ତାରିଖକୁ ସ୍ଥଗିତ ରଖାଯାଇଥିଲା।

**ମନେ ପଡ଼ନ୍ତି**

**ତୃତୀୟ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



**୰ସୁଦାମ ଚରଣ ପଟ୍ଟନାୟକ**
ଆବିର୍ଭାବ-୧୬।୧୦।୧୯୩୦
ତିରୋଧାନ- ୨୫।୦୧।୨୦୧୯
ଚାହୁଁ ଚାହୁଁ ତିନି ବର୍ଷ ବିତିଗଲା। ତୁମ ଅନୁପସ୍ଥିତି ଆମେ ପ୍ରତ୍ୟେକ ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା ଆମ ଜୀବନରେ ପ୍ରେରଣାର ଉତ୍ସ ହେଉ।
-ଶୋକସନ୍ତପ୍ତ-
ସାତ୍ୟକୀ-ସୁଶ୍ରୀ, ସଞ୍ଜୟ-ସ୍ମିତା, ଶୁଭେନ୍ଦୁ-ଅର୍ଚ୍ଚନା, ସସ୍ମିତା-ଲୋକନାଥ, ସନ୍ଦୀପ-ପଲ୍ଲବୀ, ମିଠୁନ, ଲିପନି-ବିବେକ, ରୁଷାଲୀ, ସୋନୁ, ଗୁଡ୍ଡି, ସୋମି, ପିନୁ ଓ ନୋରା ।
ଧ-୬୧୯୩୬

**ଦ୍ୱାଦଶାହ ଉପଲକ୍ଷେ**
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ ପ୍ରଫେସର ମନୋରମା ମିଶ୍ର**
Qr. No. 3/1, Type-VI-D/S,
ମହାତ୍ମାଗାନ୍ଧୀ ମାର୍ଗ, ୟୁନିଟ୍-୩, ଭୁବନେଶ୍ୱର
ଆବିର୍ଭାବ: ୦୩.୦୧.୧୯୪୭
ତିରୋଧାନ: ୧୪.୦୧.୨୦୨୨
ଆମକୁ ଦୁଃଖ ସାଗରରେ ଭସାଇ ଇହଲୀଳା ସମ୍ବରଣ କଲ । ତମର ଅନୁପସ୍ଥିତି ଏବେ ବି ବିଶ୍ୱାସ କରିହେଉ ନାହିଁ । ତମେ ଶିଖେଇଥିବା ମୂଲ୍ୟବୋଧ, ଆଦର୍ଶ, ମାନବିକତା ଓ କ୍ଷମାଶୀଳତାକୁ ଆଧାର କରି ଆମର ଚଲାପଥକୁ ସୁଦୃଢ଼ କରିବୁ । ତୁମ ପ୍ରେମ ଓ ଭଲପାଇବା ଆମକୁ ବଞ୍ଚିବାର ଶକ୍ତି ଯୋଗାଇବ । ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଆମେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛୁ ।
ଶୋକସନ୍ତପ୍ତ
ପ୍ରଫେସର ଶ୍ୟାମା ପ୍ରସାଦ ରଥ, ଇପ୍‌ସିତା ମିଶ୍ର, ସଂଜୟ ମିଶ୍ର, ପ୍ରାପ୍ତି, ପ୍ରୀତି ଏବଂ ବନ୍ଧୁ ଓ ପରିବାର ବର୍ଗ
ଧ-୨୨୯୩୩

# ବ୍ରାଣ୍ଡେଡ୍ ପୋଷାକ କିଣୁଥିଲେ...

ମାର୍କେଟ୍‌କୁ ଆସୁଥିବା ବିଭିନ୍ନ ବ୍ରାଣ୍ଡର ନୂଆ କଲେକ୍ସନ କିଣିବାକୁ ମହିଳାମାନେ ବେଶ୍ ତତ୍ପର। ହେଲେ ବେଳେବେଳେ ଏହି ଆଳରେ ସେମାନେ ଅଜାଣତରେ ଠକାମିର ଶିକାର ହୋଇଥା'ନ୍ତି। କାରଣ ବର୍ତ୍ତମାନ ବିଭିନ୍ନ ବ୍ରାଣ୍ଡେଡ୍ ସାମଗ୍ରୀର ଏକାଧିକ ନକଲ ମାର୍କେଟ୍‌କୁ ଆସୁଛି, ଯାହାକି ସହଜରେ ଚିହ୍ନିବା କଷ୍ଟ। ତେଣୁ କିଣିବାବେଳେ କେତେକ ଦିଗ ପ୍ରତି ଦୃଷ୍ଟି ଦେବା ଆବଶ୍ୟକ...



**ଷ୍ଟିଚିଂ:** ବ୍ରାଣ୍ଡେଡ୍ ଡ୍ରେସ୍‌ରେ ଷ୍ଟିଚିଂ ସିଧା ଏବଂ ଚାରିଆଡ଼େ ଏକା ପ୍ରକାରର ହୋଇଥାଏ। ସୂତା ମଧ୍ୟ ଏକା ପ୍ରକାରର ବ୍ୟବହାର ହୋଇଥାଏ। କେତେକ ବ୍ରାଣ୍ଡ ଷ୍ଟିଚିଂ ଉପରେ କମ୍ପାନୀର ଲୋଗୋ ଟ୍ୟାଗ୍ ମଧ୍ୟ ଷ୍ଟିଚ୍ ହୋଇଥାଏ।

**ଜିପ୍:** ନାମୀଦାମୀ ବ୍ରାଣ୍ଡେଡ୍ ଡ୍ରେସ୍‌ରେ ଭଲ କ୍ୱାଲିଟିର ଜିପ୍ ଦେଇଥାଏ। ଏହାକୁ ଚଲାଇବା ବେଳେ ମଧ୍ୟ ଅଟକି ନ ଥାଏ କିମ୍ବା ଭାଙ୍ଗି ପଡି ନ ଥାଏ। ଏଥିରେ ନନ୍‌ବ୍ରାଣ୍ଡ ପ୍ୟାଣ୍ଟ କିମ୍ବା ଅନ୍ୟ ଡ୍ରେସ୍ ଭଳି ଜିପ୍ ଟାଇଟ୍ ହେବା, ଭାଙ୍ଗିବା ସମସ୍ୟା ନ ଥାଏ। ଏମିତିକି କେତେକ ବ୍ରାଣ୍ଡ ଜିପ୍‌ରେ ଏହାର ନାମ କିମ୍ବା ସିମ୍ବଲ ମଧ୍ୟ ରଖିଥା'ନ୍ତି।

**ବଟନ:** ଜିପ୍ ଭଳି ବଟନ୍‌ରେ ମଧ୍ୟ ଅନେକ ବ୍ରାଣ୍ଡେଡ୍ କମ୍ପାନୀ ବ୍ରାଣ୍ଡନେମ୍ ଛପାଇଥାନ୍ତି, ଯାହାକି ଚିହ୍ନିବାରେ ସହଜ ହୋଇଥାଏ।

**ଟ୍ୟାଗ୍:** ଟ୍ୟାଗ୍‌ରେ ବ୍ରାଣ୍ଡ ନେମ୍ ଥିବା ଏକାଧିକ ନକଲି ପୋଷାକ ଏବେ ମାର୍କେଟ୍‌ରେ ଉପଲବ୍ଧ। ତେଣୁ କିଣିବା ପୂର୍ବରୁ ଟ୍ୟାଗ୍‌କୁ ଭଲ ଭାବେ ଦେଖନ୍ତୁ।

ଖାଦ୍ୟରୁଚି

## ମ୍ୟାଗି ପକୋଡ଼ା



**ଆବଶ୍ୟକ ସାମଗ୍ରୀ:** ମ୍ୟାଗି – ୧ ପ୍ୟାକେଟ୍, ପିଆଜ ପେଷ୍ଟ–୨ ଚାମଚ, ଅଦା ରସୁଣ ପେଷ୍ଟ– ୧ ଚାମଚ ଧନିଆ ଗୁଣ୍ଡ–୨ ଚାମଚ, କ୍ୟାପ୍‌ସିକମ୍ /ସିମଲା ମିର୍ଚ୍ଚି– ୧ ଚାମଚ, ଗରମ ମସଲା, ଲଙ୍କାଗୁଣ୍ଡ– ଅଧା ଚାମଚ କର୍ନଫ୍ଲୋର୍– ୨ ଚାମଚ, ରିଫାଇନ୍ ଅଏଲ୍– ୨ କପ୍, ଲୁଣ–ସ୍ୱାଦ ଅନୁସାରେ

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଏକ ପ୍ୟାନ୍‌ରେ କିଛି ପାଣି ନେଇ ସେଥିରେ ମ୍ୟାଗି ପକାଇ ଭଲ ଭାବେ ସିଝାନ୍ତୁ। ମ୍ୟାଗି ୭୦–୮୦% ସିଝି ଗଲା ପରେ ପାଣିରୁ ଛାଣି ନିଅନ୍ତୁ। ଅନ୍ୟ ଏକ ପାତ୍ରରେ କ୍ୟାପ୍‌ସିକମ୍, ଧନିଆଗୁଣ୍ଡ, ଗରମ ମସଲା, ଲଙ୍କାଗୁଣ୍ଡ, ପିଆଜ ପେଷ୍ଟ, ଅଦା ରସୁଣ ପେଷ୍ଟ ଏବଂ ଲୁଣ ପକାଇ ଭଲ ଭାବେ ଘାଣ୍ଟି ଦିଅନ୍ତୁ। ଏବେ ସେଥିରେ ମ୍ୟାଗି ପକାଇ ମିଶାଇ ଦିଅନ୍ତୁ। ମିଶ୍ରଣଟି ଭଲ ଭାବରେ ହୋଇ ସାରିବା ପରେ ସେଗୁଡ଼ିକୁ ଛୋଟ ଛୋଟ ପକୋଡ଼ା ସେପ୍‌ର କରି ଅନ୍ୟ ଏକ ପାତ୍ରରେ ରଖନ୍ତୁ। ଏବେ ଏକ ବାଓଲ୍‌ରେ କିଛି ପାଣି ନେଇ ସେଥିରେ କର୍ନଫ୍ଲୋର୍ ପକାଇ ଏକ ମିଶ୍ରଣ ପ୍ରସ୍ତୁତ କରନ୍ତୁ ଏବଂ ସେଥିରେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ପକୋଡ଼ାକୁ ପକାନ୍ତୁ। ଅନ୍ୟପଟେ ଏକ ପ୍ୟାନ୍‌ରେ ରିଫାଇନ୍ ତେଲ ଗରମ କରନ୍ତୁ। ତେଲ ଗରମ ହୋଇ ଯିବା ପରେ ପକୋଡ଼ାକୁ ପକାଇ ଗୋଲ୍ଡେନ୍ କଲର୍ ହେବା ଯାଏଁ ଫ୍ରାଏ କରନ୍ତୁ। ପକୋଡ଼ା ହୋଇଯିବା ପରେ ତାହାକୁ ଟିସୁ ପେପର୍ ଥିବା ଏକ ବାଓଲ୍‌କୁ କାଢ଼ି ନିଅନ୍ତୁ। ଫଳରେ ଏକ୍ସଟ୍ରା ତେଲଗୁଡ଼ିକ ସେଥିରୁ ବାହାରିଯିବ। ଏବେ ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ ମ୍ୟାଗି ପକୋଡ଼ା। ଏହାକୁ ଆପଣ ସ୍ନାକ୍ସରେ ଟମାଟୋ ସସ୍ ବା ଟମାଟୋ କେଚ୍ ଅପ୍ ସହ ଲଗାଇ ଖାଇପାରିବେ ଓ ଅନ୍ୟମାନଙ୍କୁ ଖୁଆଇ ବି ପାରିବେ।



ସୌନ୍ଦର୍ଯ୍ୟ

# ଆଉ ହେବନି ସ୍କିନ୍ ଡ୍ରାଏ



ତ୍ୱଚା ଡ୍ରାଏ ହେବା ଦ୍ୱାରା ଏହାର ଉଜ୍ଜ୍ୱଳତା ଏବଂ ସୌନ୍ଦର୍ଯ୍ୟ କମିଥାଏ। ବିଶେଷକରି ଶୀତରେ ଏହି ସମସ୍ୟା ଅଧିକ ଦେଖାଦିଏ। ଯଦି ଆପଣ ବି ଏଭଳି ସମସ୍ୟା ପାଇଁ ଚିନ୍ତିତ, ତେବେ ଜାଣିରଖନ୍ତୁ ତ୍ୱଚାକୁ ନରମ ଚିକ୍କଣ ରଖିବାର କେତୋଟି ସରଳ ଉପାୟ...

* ଶୋଇବା ପୂର୍ବରୁ ପ୍ରତିଦିନ ଶରୀରରେ ଅଳ୍ପ ନଡିଆ ତେଲ ମସାଜ୍ କରନ୍ତୁ। ଏହା ତ୍ୱଚାକୁ ମଶ୍ଚରାଇଜ୍ କରି ରଖିବା ସହ ଗ୍ଲୋ ମଧ୍ୟ ବଢ଼ାଇବ। ଏହା ବଦଳରେ ବାଦାମ ତେଲ କିମ୍ବା ଅନ୍ୟ ତେଲ ବି ବ୍ୟବହାର କରିପାରିବେ।

* ଯଦି ଗାଧୋଇବା ପରେ ତ୍ୱଚା ଡ୍ରାଏ ହେଉଛି, ତେବେ ପାଣିରେ ମଧ୍ୟ କିଛି ବୁନ୍ଦା ତେଲ ମିଶାଇ ଗାଧାନ୍ତୁ, ଏହା ଆପଣଙ୍କ ତ୍ୱଚାକୁ ଅଧିକ ସମୟ ପର୍ଯ୍ୟନ୍ତ ଡ୍ରାଏ ହେବାକୁ ଦେବନାହିଁ। ମନେରଖନ୍ତୁ, ଗାଧୋଇବା ପରେ ଟାଓ୍ୱେଲ୍‌ରେ ଆଦୌ ରଗଡ଼ି ରଗଡ଼ି ପୋଛି ହୁଅନ୍ତୁ ନାହିଁ। ଗାଧୋଇବା ପରେ ମଧ୍ୟ ବଡିଲୋଶନ କିମ୍ବା ମଶ୍ଚରାଇଜର୍ ଲଗାଇଲେ ଉପକୃତ ହେବେ।

* ଡେଡ୍ ସେଲ୍ ବାହାର କରିବା ଲାଗି ଏକ୍ସଫୋଲିଏଟ୍ କରନ୍ତୁ। ଏଥିପାଇଁ ଫ୍ରୁଟ୍ ଏନ୍‌ଜାଇମ୍ କ୍ଲିଞ୍ଜର ଆପଣଙ୍କ ପାଇଁ ବେଷ୍ଟ ଅପ୍ସନ। ବିଶେଷକରି ପାଇନାପଲ୍, ପମ୍‌କିନ୍, ପପୟା କ୍ଲିଞ୍ଜର ଡେଡ୍ ସ୍କିନ୍ ଦୂର କରି ଡ୍ରାଏନେସ୍ ସମସ୍ୟା ଦୂର କରିବାରେ ସାହାଯ୍ୟ କରିବ।

* ଉଷୁମ ପାଣିରେ ଗାଧୋଇବାକୁ ଏଦିନେ ଅନେକେ ପସନ୍ଦ କରନ୍ତି, ହେଲେ ଆପଣ ଜାଣନ୍ତିକି ଏଥିରେ ଗାଧୋଇବା ଦ୍ୱାରା ଚର୍ମର ପ୍ରାକୃତିକ ତୈଳାଂଶ ହ୍ରାସ ପାଇ ଶୁଷ୍କ ହୋଇଯାଏ। ତେଣୁ ଯଦି ଉଷୁମ ପାଣିରେ ଗାଧୋଉଛନ୍ତି, ତେବେ ତୁରନ୍ତ ତେଲ କିମ୍ବା ମଶ୍ଚରାଜର ଲଗାଇବାକୁ ଭୁଲନ୍ତୁ ନାହିଁ।

* ଅନେକ ସମୟରେ ତ୍ୱଚା ଡ୍ରାଏ ହୋଇ କୁଣ୍ଡେଇ ହୋଇଥାଏ, ଯାହାକୁ ଦୂର କରିବା ଲାଗି କ୍ଷୀର ବ୍ୟବହାର କରିପାରିବେ। ଉକ୍ତ ସ୍ଥାନରେ କ୍ଷୀର ଲଗାଇ କିଛି ସମୟ ଛାଡି ଦିଅନ୍ତୁ ଏବଂ ଧୀରେ ଧୀରେ ମସାଜ୍ କରନ୍ତୁ ଏବଂ ପାଣିରେ ଧୋଇ ଦିଅନ୍ତୁ। ଏଥିରେ ମହୁ ମଧ୍ୟ ମିଶାଇଲେ ତାହା ପ୍ରାକୃତିକ ମଶ୍ଚରାଇଜରର କାମ କରିବ। ତା'ଛଡା ଏହା ତ୍ୱଚାର ଗ୍ଲୋ ବଢ଼ାଇବ।

# ସୁଖୀ ହର୍‌ମୋନ

ବର୍ତ୍ତମାନର ବ୍ୟସ୍ତବହୁଳ ଜୀବନଶୈଳୀରେ ଅନେକଙ୍କ ଠାରେ ଷ୍ଟ୍ରେସ୍ ହରମୋନ୍ ବୃଦ୍ଧି ପାଉଥିବା ଦେଖିବାକୁ ମିଳୁଛି। ଯାହାଦ୍ୱାରା ମାନସିକ ଚାପ, ଅବସାଦ ଆଦି ଲକ୍ଷଣ ଦେଖିବାକୁ ମିଳୁଛି। ଏସବୁ ସମସ୍ୟାକୁ ଦୂର କରି ଖୁସିପୂର୍ଣ୍ଣ ଜୀବନ ଜିଇଁବାକୁ ହେଲେ ଶରୀରରେ ହାପି ହର୍‌ମୋନ୍‌ର ପରିମାଣ ନିୟନ୍ତ୍ରଣରେ ରହିବା ଆବଶ୍ୟକ...









**ଡା. ସରୋଜିନୀ ଷଡ଼ଙ୍ଗୀ**

ପ୍ରତିଦିନ ଆମ ଦେହରେ ଅନେକ ହରମୋନ୍ ବା ଅନ୍ତଃସ୍ରାବୀ ରସ ଝରିଥାଏ। ସବୁ ହରମୋନ୍ ସନ୍ତୁଳନ ରକ୍ଷାକରି ଶରୀର ଭିତରେ ନିଜ ନିଜ କାମ କରିଥାନ୍ତି। କିନ୍ତୁ ଯଦି ହରମୋନ୍‌ର ଭାଗମାପ ଅସନ୍ତୁଳନ ସୃଷ୍ଟି ହୁଏ, ତେବେ ମଣିଷ ରୋଗାକ୍ରାନ୍ତ ହୋଇଯାଏ। ହରମୋନ୍‌ଜନିତ ଦୁଇଟି ଜଣାଶୁଣା ରୋଗ ହେଉଛି ମଧୁମେହ ଓ ଥାଇରଏଡ୍, ଯାହା ଥରେ ହେଲେ ମଣିଷକୁ ସାରା ଜୀବନ ଔଷଧ ଖାଇବାକୁ ପଡ଼ିଥାଏ। ତେବେ କେତେକ ହରମୋନ୍ ଅଛି, ଯାହା ବଢ଼ିଗଲେ ଶରୀରରେ ମାନସିକ ଚାପ ସୃଷ୍ଟି ହୋଇଥାଏ, ଯାହାକୁ 'ଷ୍ଟ୍ରେସ ହରମୋନ୍' କୁହନ୍ତି। ଆଜିକାଲି ଚାକିରି ଓ କାର୍ଯ୍ୟ କ୍ଷେତ୍ରରେ ହେଉ ଅବା ଘରେ ବୈବାହିକ ତଥା ପାରିବାରିକ ଜୀବନରେ ଷ୍ଟ୍ରେସ୍‌ରେ ରହିବା କାରଣରୁ ଅନେକ ମହିଳାଙ୍କ ଶରୀରରେ କ୍ରମେ କ୍ରମେ ଷ୍ଟ୍ରେସ୍ ହରମୋନ୍‌ର ପରିମାଣ ବଢ଼ି ସୁଖୀ ହରମୋନର୍ ପରିମାଣ ଶରୀରରୁ କମୁଥିବା ଦେଖିବାକୁ ମିଳୁଛି। ଏହି ସୁଖୀ ହରମୋନ୍ ମସ୍ତିଷ୍କରୁ ଝରିଲେ ମନ ଖୁସି ହୋଇଯାଏ।

ତେବେ ଆସନ୍ତୁ ଦେଖିବା ଆମ ଦେହରେ କେଉଁ କେଉଁ ସୁଖୀ ହରମୋନ୍ ମାନ ଅଛନ୍ତି ଏବଂ ସେମାନେ କିପରି ମଣିଷକୁ ଖୁସି ଓ ସନ୍ତୁଷ୍ଟ ରଖିବାରେ ସାହାଯ୍ୟ କରୁଛନ୍ତି....



**ସୁଖୀ ହରମୋନ୍ ମୁଖ୍ୟତଃ ପାଞ୍ଚ ପ୍ରକାରର:**

**୧–ଡୋପାମିନ୍:** ଏହା ସ୍ନାୟୁତନ୍ତ୍ରୀକୁ ପ୍ରଭାବିତ କରିଥାଏ ଏବଂ ମସ୍ତିଷ୍କର ପାରିତୋଷିକ ଯନ୍ତ୍ର କ୍ରିୟା ସହିତ ସଂଲଗ୍ନ ଥାଏ। ନିଜ ସାଧନାକୁ ସ୍ୱୀକୃତି ମିଳିଲେ ବା ନିଜ ଲକ୍ଷ୍ୟ ହାସଲ ହେଲେ ସଙ୍ଗେ ସଙ୍ଗେ ପ୍ରାକୃତିକ ଉପାୟରେ ମସ୍ତିଷ୍କରେ ଡୋପାମିନ୍ ବା 'ହାପି ହରମୋନ୍'ର ପରିମାଣ ବଢ଼ିଯାଏ। ଏହାଛଡ଼ା ନିଜ ଜୀବନର ପ୍ରତ୍ୟେକ ମୁହୂର୍ତ୍ତର ସୁଖମୟ ଅନୁଭବ ଓ ମୁହୂର୍ତ୍ତ କଥା ଭାବିଲାମାତ୍ରେ ଏହି ନିଉରୋଟ୍ରାନ୍ସମିଟରର ମାତ୍ରା ବଢ଼ିଯାଏ।

**ହାପି ହରମୋନ୍ ବଢ଼ାଇବାର ଉପାୟ:** ଆମ ଜୀବନରେ କେତେକ ସୁଖମୟ ଓ ସ୍ୱାସ୍ଥ୍ୟପ୍ରଦ କାର୍ଯ୍ୟକ୍ରମ କରିବା ଦ୍ୱାରା ସକାରାତ୍ମକ ମନୋଭାବ ସୃଷ୍ଟି ହୋଇ ଜୀବନ ଉପରେ ଭଲ ପ୍ରଭାବ ପକାଇଥାଏ ଏବଂ ହାପି ହରମୋନ୍ ବଢ଼ିଥାଏ। ବେଶୀ ସମୟ ସୂର୍ଯ୍ୟକିରଣରେ ଚାଲିଲେ ତଥା ଦିନବେଳା କାମ କଲେ ସୂର୍ଯ୍ୟ କିରଣର ଉଜ୍ଜ୍ୱଳତା ଓ ଉତ୍ତାପରୁ ଡୋପାମିନ୍ ପାଇଁ ସଂବେଦନଶୀଳତା ବଢ଼ିଥାଏ। ତା' ଛଡା ଗଭୀର ନିଃଶ୍ୱାସ ପ୍ରଶ୍ୱାସ ନେବା ସହ ମେଡିଟେସନ ଓ ଯୋଗ କରିବା ସହ ପ୍ରତିଦିନ ପର୍ଯ୍ୟାପ୍ତ ନିଦ୍ରା ନେବା ଦ୍ୱାରା ଏହାର ହାପି ହର୍‌ମୋନ୍ ବଢ଼ିଥାଏ। ସେହିପରି ଏହାକୁ ବଢ଼ାଇବା ଲାଗି ଅଧିକ ପରିମାଣରେ ଚିନାବାଦାମ୍, ଛେନା ଓ ବିନ୍ ଖାଇବା ଭଲ।

**୨. ସିରୋଟୋନିନ୍:** ଏହି ହରମୋନ୍‌ଗୁଡିକ ମାନସିକ ଅବସାଦ ଦୂର କରିବାରେ ସାହାଯ୍ୟ କରିଥାଏ, କାରଣ ମସ୍ତିଷ୍କରେ ସିରୋଟୋନିନ୍‌ର ପରିମାଣ କମିଗଲେ ମଣିଷ ମାନସିକ ଅବସାଦରେ ବୁଡିଯାଏ। ମସ୍ତିଷ୍କରେ ସିରୋଟୋନିନ୍ ପରିମାଣ ବଢ଼ିଗଲେ ନିଦ ହୋଇଯାଏ।

**ଏହି ହରମୋନ ବଢ଼ାଇବାର ଉପାୟ :** ଦୈନିକ ଯୋଗ, ବ୍ୟାୟାମ, ଖେଳକୁଦ କରନ୍ତୁ। ରାତିରେ ଶୋଇଲା ବେଳେ ବେଶୀ ପରିମାଣରେ ଟ୍ରିପ୍ଟୋଫାନ୍ ଥିବା ତଥା ଓମେଗା–୩ ଫ୍ୟାଟି ଏସିଡ୍ ଥିବା ଖାଦ୍ୟ ଖାଆନ୍ତୁ। ଏହାଛଡ଼ା ଶ୍ୱେତସାରଯୁକ୍ତ ଖାଦ୍ୟ ଖାଇଲେ ମଧ୍ୟ ସିରୋଟୋନିନ୍‌ର ପରିମାଣ ବଢ଼ିଯାଏ।

**୩. ଅକ୍ସିଟୋସିନ୍:** ଏହାକୁ ପ୍ରେମ ହରମୋନ୍ ମଧ୍ୟ କୁହାଯାଇଥାଏ, କାରଣ ଏହି ହରମୋନ୍ ବେଶୀ ଝରିଲେ ଭାବପ୍ରବଣତାର ବନ୍ଧନ ଓ ପରସ୍ପର ମଧ୍ୟରେ ଭଲପାଇବା ବଢ଼ିଯାଏ।

**କେମିତି ବଢ଼ାଇବେ ଏହି ହର୍‌ମୋନ୍:** ଯୋଗ ଏବଂ ହାଲୁକା ବ୍ୟାୟାମ କରନ୍ତୁ। ଆପଣ ଆପଣଙ୍କ ପରିବାରର ସଦସ୍ୟ ତଥା ନିଜ ସନ୍ତାନ ସନ୍ତତିଙ୍କ ସହ ଏକାଠି ଭୋଜନ କରନ୍ତୁ, କାରଣ ସମସ୍ତଙ୍କ ସହ ସୌଜନ୍ୟମୂଳକ କଥାବାର୍ତ୍ତା, ନିଜନିଜ ଭିତରେ ବନ୍ଧନ ଦୃଢ଼ କରିଥାଏ। ଅନ୍ତତଃ ସପ୍ତାହକୁ ଥରଟିଏ ସାରା ଶରୀରକୁ ମାଲିସ୍ କରନ୍ତୁ। ଉତ୍ତମ ହବି ରଖିବାର ରୁଚି ରଖନ୍ତୁ ତଥା ନିଜ ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ପାଇଁ ସକାରାତ୍ମକ ମନୋଭାବ ପୋଷଣ କରନ୍ତୁ।

**୪. ଇଷ୍ଟ୍ରୋଜେନ୍:** ଏହି ସୁଖୀ ହରମୋନ୍ ସିରୋଟୋନିନ୍ ତିଆରି କରିବାରେ ସାହାଯ୍ୟ କରେ ଏବଂ ମଣିଷକୁ ଚିଡ଼ିଚିଡାଭାବ, ମାନସିକ ଦୁଶ୍ଚିନ୍ତା ଓ ଉଦ୍‌ବେଗରୁ ରକ୍ଷାକରି ମନରେ ସ୍ଥିରତା ଆଣିଥାଏ। ମାସିକ ଋତୁସ୍ରାବର ବିରତି ପରେ ଇଷ୍ଟ୍ରୋଜେନ୍ କମ୍ ହୋଇଯାଏ। ଧୂମପାନ ଓ ମଦ୍ୟପାନ କଲେ ମଧ୍ୟ ସିରୋଟୋନିନ୍‌ର ପରିମାଣ କମିଯାଏ। ତେବେ ମେନୋପଜ ପରେ ଏହାକୁ ବଢାଇବାର ସହଜ ଓ ସରଳ ଉପାୟ ହେଉଛି ଯୋଗ, ମେଡିଟେସନ୍ ତଥା ଉଷୁମ ଜଳରେ ସ୍ନାନ କରିବା।

**୫. ପ୍ରୋଜେଷ୍ଟୋରେନ୍:** ଏହି ହରମୋନ୍ ମାନସିକ ଉଦ୍‌ବେଗ କମାଇଦିଏ, ସେଥିପାଇଁ ରାତିରେ ଭଲ ନିଦ ହୋଇଥାଏ। ବେଳେବେଳେ ଏହା ଚିଡ଼ିଚିଡାପଣ ଓ ମୁଡସ୍ୱିଙ୍ଗ୍ ମଧ୍ୟ ବଢ଼ାଇଦିଏ। ମହିଳାମାନଙ୍କର ବୟସ ୩୦ରୁ ୪୦ ବର୍ଷ ହେଲେ ଏବଂ ପ୍ରିମେନୋପଜ୍ ସମୟରେ ଏହା କମିଯାଏ। ଜଙ୍କଫୁଡ୍ ଓ ତେଲିଆ ଖାଦ୍ୟ ଖାଇଲେ ତଥା ଅତ୍ୟଧିକ ଶାରୀରିକ ଓ ମାନସିକ ଚାପ ବଢ଼ିଲେ ଏହି ହରମୋନ୍ କମିଯାଏ।

**କିପରି ବଢ଼ାଇବେ –**

ଏଥିପାଇଁ ସୁଷମ ଖାଦ୍ୟ ଖାଇବା ସହ ତେଲ ଓ ମିଠାଜାତୀୟ ଦ୍ରବ୍ୟ ଖାଆନ୍ତୁ ନାହିଁ। ମାନସିକ ଚିନ୍ତା କମାଇ ଜୀବନଶୈଳୀରେ ପରିବର୍ତ୍ତନ ଆଣନ୍ତୁ। ନିୟମିତ ଭାବରେ ବ୍ୟାୟାମ କରନ୍ତୁ ବା ଚାଲନ୍ତୁ, ଦେଖିବେ ଏସବୁର ମିଳିତ ପ୍ରଭାବରେ ଶରୀରରେ 'ହାପି ହରମୋନ୍'ର ପରିମାଣ ବଢ଼ିଯିବ ଏବଂ ଜୀବନ ସହଜ, ସରଳ ଓ ସୁଖମୟ ହୋଇଉଠିବ।

– ଲିଙ୍କରୋଡ୍, କଟକ–୧୨
ମୋ–୯୪୩୭୦୫୫୦୦୭

# ଉଇଣ୍ଟର କ୍ୟାପ୍ ଫ୍ୟାଶନ୍

ଶୀତଦିନେ ନିଜକୁ ନୂଆ ଲୁକ୍ ଦେବା ପାଇଁ ଅଧିକାଂଶ କିଛି ନା କିଛି ନୂଆ ଗେଟ୍‌ଅପ୍ ଆପଣାନ୍ତି। ତେବେ ଏଦିନେ ସାଲ୍ ହେଉ କି ସ୍ୱେଟର୍ କିମ୍ବା ଷ୍ଟୋଲ୍ ହେଉ କି ଗ୍ଲୋବ୍‌ସ– ସବୁଥିରେ ଆପଣ ଷ୍ଟାଇଲିସ୍ ଲାଗିପାରିବେ। ହେଲେ ଏସବୁକୁ ଆହୁରି ଫ୍ୟାଶନେବଲ୍ ତଥା ଆଇକ୍ୟାଚି କରିବା ଲାଗି ଏବେ ଡିଫରେଣ୍ଟ କ୍ୟାପ୍ ପାଲଟିଛି ଅନେକଙ୍କ ପ୍ରଥମ ପସନ୍ଦ...

**କ୍ୟୁଟ୍ ବିନିଜ୍ କ୍ୟାପ୍–** ଏହି ପ୍ରକାରର କ୍ୟାପରେ ଆପଣ ଅନ୍ୟମାନଙ୍କଠାରୁ ୟୁନିକ୍ ଲାଗିବେ। ଅଧିକ ଶୀତ ହେଉଥିବା ସମୟରେ ଏହାକୁ ପିନ୍ଧିଲେ ଏହା ଆରାମ ଦେବା ସହ ଡିଫରେଣ୍ଟ ଲୁକ୍ ମଧ୍ୟ ଦେବ। ପ୍ରାୟତଃ ଏହି କ୍ୟାପ୍‌ଗୁଡ଼ିକ ଉପରେ ଗୋଟିଏ ପ୍ରକାରର ଡିଜାଇନ୍ ଥିବାରୁ ଏହା ସବୁଠୁ ଆଟ୍ରାକ୍ଟିଭ୍ ଲାଗେ।

**ମଙ୍କି କ୍ୟାପ୍–** ନାଁ ରୁ ହୁଏତ ଆପଣମାନେ ଭାବୁଥିବେ ଏହା ଦେଖିବାକୁ ମାଙ୍କଡ଼ ଭଳି। ମାତ୍ର ଏହା ଆଦୌ ସେମିତି ନୁହେଁ ବରଂ ଏହା ଶୀତଦିନେ ଶରୀର ପାଇଁ ବେଶୀ ପ୍ରୋଟେକ୍ଟିଭ୍। ଏହି ପ୍ରକାରର କ୍ୟାପ୍ ଆଖିକୁ ଛାଡ଼ି ମୁହଁର ଅନ୍ୟସବୁ ଭାଗକୁ କଭର୍ କରିଥାଏ। ଉଲେନ୍‌ରେ ତିଆରି ହୋଇଥିବାରୁ ଏହା ହାତକୁ ବହୁତ ସଫ୍ଟ ଲାଗେ ଓ ମାସ୍କ ପିନ୍ଧିଥିବା ଭଳି ମଧ୍ୟ ଜଣାପଡ଼େ।

**ବର୍‌ଗ୍ଲାର୍ କ୍ୟାପ୍–** ଏହି କ୍ୟାପ୍ ପିନ୍ଧିଲେ ଆପଣ ସିମ୍ପଲ୍ ଏବଂ ଷ୍ଟାଇଲିସ୍ ଲାଗିବେ। ମାର୍କେଟରେ ଏହା ପ୍ରାୟ ବ୍ଲାକ୍ କଲର୍‌ରେ ମିଳୁଥିବାରୁ ଏହା ସହ ମ୍ୟାଚିଂ କରି ଜ୍ୟାକେଟ୍ ଏବଂ ଗ୍ଲାସ ପିନ୍ଧିଲେ ଏହା ଆପଣଙ୍କୁ ଆକର୍ଷଣୀୟ କରାଇବ।

**ଷ୍ଟକିଙ୍ଗ୍ କ୍ୟାପ୍–** ଏହି ପ୍ରକାରର କ୍ୟାପ୍ ଯୁବତୀମାନଙ୍କୁ ବେଶି ମାନିଥାଏ। ଏହା ଏପରି ଭାବେ ତିଆରି ହୋଇଛି, ଯାହାକୁ ପିନ୍ଧିବା ଦ୍ୱାରା ଉଭୟ ମୁଣ୍ଡ ଏବଂ କେଶ ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ ରହିଥାଏ। ଏହାକୁ ପିନ୍ଧି ସାଙ୍ଗମାନଙ୍କ ସହ ଯେକୌଣସି ଜାଗାକୁ ବୁଲିବାକୁ ଯାଇପାରିବେ।

**ଚଙ୍କି କ୍ରଚେଟ୍ କ୍ୟାପ୍–** ଏହା ଦେଖିବାକୁ ବହୁତ ସୁନ୍ଦର ଓ ହାଲୁକା। ଏହାର ବିଭିନ୍ନ କଲର୍ ବଜାରରେ ମିଳୁଥିବାରୁ ଆପଣ ନିଜ ଚଏସ୍ ଅନୁସାରେ ଏହାକୁ କିଣିପାରିବେ। ମାର୍କେଟରେ ଏହାର ଚାହିଦା ମଧ୍ୟ ବେଶ ଭଲ ରହିଛି। ଏହାକୁ ଡ୍ରେସ୍ କିମ୍ବା ଶାଢି ଉଭୟ ଗେଟ୍‌ଅପ୍‌ରେ ପିନ୍ଧିପାରିବେ।



# ୱାକର ସ୍କ୍ୱାଶ୍ ଟିମ୍ କୋଚ୍

**ନୂଆଦିଲ୍ଲୀ, ୨୪ା୧ (ପି.ଟି.):** ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଏସିଆନ ଗେମ୍ସକୁ ଦୃଷ୍ଟିରେ ରଖି ଭାରତୀୟ ସ୍କ୍ୱାଶ ଟିମ୍ ପାଇଁ ଜଣେ ବିଦେଶୀ କୋଚ୍‌ଙ୍କୁ ନିଯୁକ୍ତି ଦିଆଯାଇଛି। ସେ ହେଲେ ଦୁଇଥର ବିଶ୍ୱ ଚାମ୍ପିୟନଶିପ୍ ପଦକ ବିଜେତା କ୍ରିସ୍ ୱାକର। ୱାକର ଇଂଲଣ୍ଡ ସ୍କ୍ୱାଶ ଓ ସାଇକ୍ଲିଂ ଟିମ୍‌ରେ ପ୍ରତିନିଧିତ୍ୱ କରିଛନ୍ତି। ଭାରତୀୟ ଦଳ ସହ ସେ ୧୬ ସପ୍ତାହ ଧରି କାର୍ଯ୍ୟ କରିବେ ବୋଲି କ୍ରୀଡ଼ା ମନ୍ତ୍ରଣାଳୟ ତରଫରୁ ସୂଚନା ଦିଆଯାଇଛି। ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ର ସିଲେକ୍ସନ କମିଟି ଏବଂ ସ୍କ୍ୱାଶ ରାକେଟ ଫେଡେରେଶନ ଅଫ୍ ଇଣ୍ଡିଆ (ଏସଆରଏଫ୍‌ଆଇ) ତରଫରୁ ୱାକରଙ୍କ ନିଯୁକ୍ତି ପାଇଁ ସୁପାରିସ କରାଯାଇଥିଲା। ଏସ୍‌ଆର୍‌ଏଫ୍‌ଆଇ ସହ ମତଭେଦ ଘଟିବାରୁ ୨୦୧୮ ମାର୍ଚ୍ଚରେ ଇଜିପ୍ଟର ଆଚ୍ରାଫ ଏଲ୍ କାରାରଗୁଇଙ୍କ ପଦତ୍ୟାଗ ପରଠାରୁ ଭାରତର ଜଣେ ବିଦେଶୀ କୋଚ ନ ଥିଲେ। ୧୯୯୭ରେ ମାର୍କ କେର୍ନସଙ୍କ ସହ ୱାକର ୱାର୍ଲ୍ଡ ଡବଲ୍ସ ସ୍କ୍ୱାଶ ଚାମ୍ପିୟନଶିପ୍ ଜିତିଥିଲେ।

# ମନ୍ଧାନା ଓମ୍ୟାନ୍ କ୍ରିକେଟର ଅଫ୍ ଦି ଇୟର


ସ୍ମୃତି ମନ୍ଧାନା

**ଦୁବାଇ,୨୪ା୧:** ଭାରତୀୟ ମହିଳା ବ୍ୟାଟର ସ୍ମୃତି ମନ୍ଧାନା ସୋମବାର ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଦ୍ୱାରା ଓମ୍ୟାନ୍ କ୍ରିକେଟର ଅଫ୍ ଦି ଇୟର ବିବେଚିତ ହୋଇଛନ୍ତି। ସେ ଦ୍ୱିତୀୟ ଥର ପାଇଁ ଏହି ସମ୍ମାନ ହାସଲ କରିଛନ୍ତି। ୨୦୨୧ରେ ସବୁ ଫର୍ମାଟ୍‌ରେ ଦମ୍‌ଦାର ପ୍ରଦର୍ଶନ କରି ସେ ଆଇସିସି ଦ୍ୱାରା ସମ୍ମାନିତ ହୋଇଛନ୍ତି। ଏହାପୂର୍ବରୁ ମନ୍ଧାନା ଆଇସିସି ଟି୨୦ ମହିଳା ଦଳରେ ମଧ୍ୟ ସ୍ଥାନ ପାଇଥିଲେ।

ସେ ଏହି କ୍ରମରେ ଇଂଲଣ୍ଡର ଟାମି ବିମଣ୍ଟ, ଦକ୍ଷିଣ ଆଫ୍ରିକାର ଲିଜଲେ ଲି, ଆୟର୍ଲାଣ୍ଡର ଗାବି ଲୁଇସ୍‌ଙ୍କୁ ପଛରେ ପକାଇ ଶ୍ରେଷ୍ଠ ମହିଳା କ୍ରିକେଟର ଭାବେ ରାଚେଲ ହେହୋ ଫ୍ଲିଣ୍ଟ ଟ୍ରଫି ହାସଲ କରିଛନ୍ତି। ଏହାପୂର୍ବରୁ ମନ୍ଧାନା ୨୦୧୮ରେ ଆଇସିସି ଦିନିକିଆ ମହିଳା କ୍ରିକେଟର ଅଫ୍ ଦି ଇୟର ପୁରସ୍କାର ହାସଲ କରିଥିଲେ। ସେ ଦ୍ୱିତୀୟ ମହିଳା ଭାବେ ଏହି ପୁରସ୍କାର ଜିତିବାକୁ ସକ୍ଷମ ହୋଇଛନ୍ତି। ମନ୍ଧାନା ଭାରତୀୟ ଟି୨୦ ଦଳର ଉପ ଅଧିନାୟିକା ରହିଛନ୍ତି। ଦ୍ରୁତ ବୋଲର ଝୁଲଣ ଗୋସ୍ୱାମୀଙ୍କ ପରେ ଦ୍ୱିତୀୟ ଭାରତୀୟ ମହିଳା ଭାବେ ସେ ଆଇସିସି ପୁରସ୍କାର ହାସଲ କରିଛନ୍ତି। ଝୁଲଣ ୨୦୦୭ରେ ଆଇସିସି ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ହାସଲ କରିଥିଲେ। ୨୦୨୧ରେ ଭାରତର ପ୍ରଦର୍ଶନ ଆଖିଦୃଶିଆ ହୋଇ ନ ଥିଲେ ମଧ୍ୟ ମନ୍ଧାନାଙ୍କ ବ୍ୟକ୍ତିଗତ ପ୍ରଦର୍ଶନରେ କିନ୍ତୁ ଯଥେଷ୍ଟ ଉନ୍ନତି ପରିଲକ୍ଷିତ ହୋଇଥିଲା।







# ଆଇପିଏଲ୍‌ର ନୂଆ ଟିମ୍ ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ

**ଲକ୍ଷ୍ନୌ, ୨୪ା୧ (ପି.ଟି.):** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଲକ୍ଷ୍ନୌ ଫ୍ରାଞ୍ଚାଇଜ୍ ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ନାମରେ ପରିଚିତ ହେବ। ଦଳର ସମର୍ଥକମାନେ ଏହି ନାମକୁ ବାଛିଥିବା ଏହାର ମାଲିକ ଆର୍‌ପିଏସ୍‌ଜି ଗ୍ରୁପ୍‌ର ସଞ୍ଜୀବ ଗୋଏଙ୍କା ପ୍ରକାଶ କରିଛନ୍ତି। ସଂସ୍ଥା ତରଫରୁ ସୋସିଆଲ ମିଡିଆ ଜରିଆରେ ଜାନୁୟାରୀ ୩ରୁ 'ନାମ ବନାଓ ନାମ କମାଓ' ଶୀର୍ଷକ ପ୍ରତିଯୋଗିତା ହୋଇଥିଲା। ଏଥିରେ ବହୁ ସଂଖ୍ୟାରେ ଲୋକ ଭାଗ ନେଇଥିଲେ। ଅଧିକାଂଶ ଲକ୍ଷ୍ନୌ ଆଇପିଏଲ୍ ଟିମ୍‌ର ନାମ ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ଦିଆଯିବା ସପକ୍ଷରେ ସେମାନଙ୍କର ମତ ଦେଇଥିଲେ। ସୂଚନାଯୋଗ୍ୟ, ଚଳିତବର୍ଷ ବ୍ୟୟବହୁଳ ଟି୨୦ ଟୁର୍ନାମେଣ୍ଟ ଆଇପିଏଲ୍‌ରେ ଦୁଇଟି ନୂଆ ଦଳ ଲକ୍ଷ୍ନୌ ଓ ଅହମଦାବାଦକୁ ସାମିଲ କରାଯାଇଛି। ଫଳରେ ଟୁର୍ନାମେଣ୍ଟରେ ଅଂଶଗ୍ରହଣକାରୀ ଦଳ ସଂଖ୍ୟା ୧୦କୁ ବୃଦ୍ଧି ପାଇଛି। ଆଗାମୀ ଆଇପିଏଲ୍‌ରେ କେ.ଏଲ୍. ରାହୁଲ ଲକ୍ଷ୍ନୌ ଫ୍ରାଞ୍ଚାଇଜର ନେତୃତ୍ୱ ନେବେ। ଆରଏସପିଜି ଗ୍ରୁପ୍ ଲକ୍ଷ୍ନୌ ଫ୍ରାଞ୍ଚାଇଜକୁ ୭,୦୯୦ କୋଟି ଟଙ୍କାରେ କ୍ରୟ କରିଛି। ଅନ୍ୟ ନୂଆ ଟିମ୍ ଅହମଦାବାଦକୁ ସିଭିସି କ୍ୟାପିଟାଲ ୫,୬୨୫ କୋଟି ଟଙ୍କାରେ କ୍ରୟ କରିଛି।

# କ୍ୱାର୍ଟରରେ ସ୍ୱିଟେକ, କୋର୍ନେଟ

**ମେଲବୋର୍ନ,୨୪ା୧**

ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଅଷ୍ଟ୍ରେଲିଆନ ଓପନ ଟେନିସ୍ ଟୁର୍ନାମେଣ୍ଟ ଇତିମଧ୍ୟରେ ଅଷ୍ଟମ ଦିବସରେ ପହଞ୍ଚିଛି। ଉଭୟ ପୁରୁଷ ଓ ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ତାରକା ତଥା ସିଡେଡ ଖେଳାଳିମାନେ ରାଉଣ୍ଡ ଅଫ୍ ୧୬ ମ୍ୟାଚ୍‌ରେ ବିଜୟୀ ହୋଇ କ୍ୱାର୍ଟରକୁ ଉନ୍ନୀତ ହୋଇଛନ୍ତି। ମହିଳା ସିଙ୍ଗଲ୍ସରେ ଇସ୍ତୋନିଆର କାଇଆ କାନେପି, ପୋଲାଣ୍ଡର ଇଗା ସ୍ୱିଟେକ, ଫ୍ରାନ୍ସର ଅଲିଜ କୋର୍ନେଟ ଓ ଆମେରିକାର ଡାନିଏଲ କଲିନ୍ସ ଅଗ୍ରଗତି କରିଛନ୍ତି। ସୋମବାର ଅନୁଷ୍ଠିତ

## ଅଷ୍ଟ୍ରେଲିଆନ୍ ଓପନ

ଚତୁର୍ଥ ରାଉଣ୍ଡ ମୁକାବିଲାରେ କାନେପି ୫-୭, ୬-୨, ୭-୬ ସେଟ୍‌ରେ ଦ୍ୱିତୀୟ ସିଡ ବେଲାରୁଷ ଅରିନା ସାବାଲେଙ୍କୁ ହରାଇ, ସ୍ୱିଟେକ ୫-୭, ୬-୩, ୬-୩ ସେଟ୍‌ରେ ସୋରନା ସିର୍ଷ୍ଟିଆଙ୍କୁ ହରାଇ, କୋର୍ନେଟ ୬-୪,୩-୬, ୬-୪ ସେଟ୍‌ରେ ୧୪ତମ ସିଡ ରୋମାନିଆର ସିମୋନା ହାଲେପଙ୍କୁ ଓ କଲିନ୍ସ ୪-୬, ୬-୪, ୬-୪ ସେଟ୍‌ରେ ଏଲିସ ମେର୍ଟେନ୍ସଙ୍କୁ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। କ୍ୱାର୍ଟରରେ କଲିନ୍ସ ଓ କୋର୍ନେଟ, ସ୍ୱିଟେକ ଓ କାନେପି ପରସ୍ପରକୁ ଭେଟିବେ। ପୂର୍ବରୁ ଟପ୍ ସିଡ୍ ଆସଲେ ବାର୍ଟି, ଜେ ପେଗୁଲା, ବି. କ୍ରେଜିଶୋଭା ଓ ମାଡିନସନ କେଜ କ୍ୱାର୍ଟରରେ ପ୍ରବେଶ କରିଥିଲେ।


ମ୍ୟାଚ୍ ଜିତିବା ପରେ ଖୁସିରେ କାନ୍ଦିପକାଉଛନ୍ତି ଫ୍ରାନ୍ସର ଅଲିଜ କୋର୍ନେଟ।

### ମେଡଭେଡେଭ, ସିତିସ୍‌ପାସଙ୍କ ଅଗ୍ରଗତି

ପୁରୁଷ ସିଙ୍ଗଲ୍ସରେ ସୋମବାର ରୁଷିଆର ଦ୍ୱିତୀୟ ସିଡ୍ ଖେଳାଳି ଡାନିଲ ମେଡଭେଡେଭ, ଚତୁର୍ଥ ସିଡ୍ ଗ୍ରୀସ୍‌ର ଷ୍ଟିଫାନୋସ ସିତିସପାସ, ଇଟାଲୀର ଜାନିକ ସିନର ଓ କାନାଡାର ଫେଲିକ୍ସ ଅଗୁର ଅଲିଆଜମ ରାଉଣ୍ଡ ଅଫ୍ ୧୬ ମ୍ୟାଚ୍‌ରେ ବିଜୟୀ ହୋଇ ଚତୁର୍ଥ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ମେଡଭେଡେଭ ୬-୨, ୭-୬, ୬-୭, ୭-୫ ସେଟ୍‌ରେ ଅମେରିକାର ମାକ୍ସିମ କ୍ରେସିଙ୍କୁ ହରାଇ, ସିତିସପାସ୍ ୪-୬, ୬-୪, ୪-୬, ୬-୩, ୬-୪ ମାରାଥନ ସେଟ୍‌ରେ ଆମେରିକାର ଟେଲର ଫ୍ରିଜ୍‌ଙ୍କୁ ହରାଇ, ସିନର ୭-୬, ୬-୩, ୬-୪ ସେଟ୍‌ରେ ଅଷ୍ଟ୍ରେଲିଆର ଆଲେକ୍ସ ଡି ମିନାଉରଙ୍କୁ ହରାଇ ଓ ଅଲିଆଜିମ ୨-୬, ୭-୬, ୬-୨, ୭-୬ ସେଟ୍‌ରେ ୨୭ତମ ସିଡ୍ କ୍ରୋଏସିଆର ମାରିନ ସିଲିକଙ୍କୁ ହରାଇ କ୍ୱାର୍ଟରକୁ ଉଠିଛନ୍ତି। କ୍ୱାର୍ଟରରେ ସିତିସପାସ ଓ ସିନର, ମେଡଭେଡେଭ ଓ ଅଲିଆଜିମ ପରସ୍ପରକୁ ଭେଟିବେ। ପୂର୍ବରୁ ସ୍ପେନର ରାଫାଲ ନାଡାଲ, କ୍ରୋଏସିଆର ଡେନିସ ଶାପୋପାଲୋଭ, ଫ୍ରାନ୍ସର ଗାଏଲ ମନଫିଲ୍ସ, ଇଟାଲୀର ମାଟେଓ ବେରେଟେନୀ କ୍ୱାର୍ଟରକୁ ଉଠିସାରିଛନ୍ତି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

**ସୁପରଷ୍ଟାର, ଟାଇଟଲ ଷ୍ଟାର ବିଜୟୀ**

ଜଟଣୀ,(ଡି.ଏନ୍.ଏ.): ଜଟଣୀ ପୌରାଞ୍ଚଳ କୁଦିଆରୀ ଗ୍ରାମଠାରେ ଚାଲିଥିବା ଦ୍ୱିତୀୟ କୁଦିଆରୀ କ୍ରିକେଟ ପ୍ରିମିୟର ଲିଗର ଚତୁର୍ଥ ଦିବସରେ ସୋମବାର ଦୁଇଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚରେ ଜଗନାଥ ସ୍ପୋର୍ଟିଂକୁ ହରାଇ ସୁପରଷ୍ଟାର ଟିମ୍ ବିଜୟୀ ହୋଇଛି। ଟସ୍ ଜିତି ଶ୍ରୀଜଗନାଥ ସ୍ପୋର୍ଟିଂ ପ୍ରଥମେ ବ୍ୟାଟିଂ କରି ୧୭ ଓଭରରେ ୧୦ ଉଇକେଟ ବିନିମୟରେ ୧୩୮ରନ ସଂଗ୍ରହ କରିଥିଲା। ଜବାବରେ ସୁପରଷ୍ଟାର ଟିମ୍ ୧୭.୨ଓଭରରେ ୪ଉଇକେଟ ବିନିମୟରେ ୧୩୯ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚରେ ସ୍କର୍ପିୟନକୁ ହରାଇ ଟାଇଟଲ ଷ୍ଟାର ବିଜୟୀ ହୋଇଛି। ଟାଇଟଲ ଷ୍ଟାର ପ୍ରଥମେ ବ୍ୟାଟିଂ କରି ୧୬୪ରନ ସଂଗ୍ରହ କରିଥିଲା। ଜବାବରେ ସ୍କର୍ପିୟନ ଟିମ୍ ୧୭ଓଭରରେ ସମସ୍ତ ଉଇକେଟରେ ୧୧୩ରନ କରି ପରାଜିତ ହୋଇଥିଲା।

# ଗୋଚରଜମିରେ ରାସ୍ତା ନିର୍ମାଣକୁ ବିରୋଧ

ଖୋର୍ଦ୍ଧା ଅଫିସ,୨୪।୧

**ଜିଲାପାଳଙ୍କ ନିକଟରେ ଅଭିଯୋଗ କଲେ ଗ୍ରାମବାସୀ**

ଜଟଣୀ ବ୍ଲକ ଗଙ୍ଗାପଡ଼ା ପଞ୍ଚାୟତରେ ଗୋଚର ଜମିରେ ବେଆଇନ ଭାବେ ବ୍ଲକ ପ୍ରଶାସନର ପ୍ରୋତ୍ସାହନରେ ବେଆଇନ ଭାବେ ରାସ୍ତା ନିର୍ମାଣ, ସରକାରୀ ଅର୍ଥ ତୋସରପାତ ପ୍ରତିବାଦରେ ସୋମବାର ଏକାଧିକ ଗ୍ରାମବାସୀ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ନେତୃତ୍ୱରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଅଭିଯୋଗପତ୍ର ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅନୁଜ ଦାସ ପଟ୍ଟନାୟକଙ୍କୁ ପ୍ରଦାନ କରିଛନ୍ତି।

ଅଭିଯୋଗପତ୍ରରେ ଦର୍ଶାଯାଇଛି ଯେ, ଗଙ୍ଗାପଡା ଖାତା ନଂ.୯୩୩, ପ୍ଲଟ ନଂ.୧୨୭୪,୧୩୦୯ ଏକ ଗୋଚର ଜମି। ଏହାକୁ ଜଣେ ବିଲ୍ଡର ସଂସ୍ଥାର ମାଲିକ ବେଆଇନ ଭାବେ ଅକ୍ତିଆର କରି ରଖିଛନ୍ତି। ଏହି ଜମିକୁ ବ୍ଲକ ପ୍ରଶାସନ ସମ୍ପୃକ୍ତ ସଂସ୍ଥା ଠାରୁ ଉତ୍କୋଚ ନେଇ ସମ୍ପୃକ୍ତ ବ୍ୟକ୍ତି ବ୍ୟକ୍ତିଗତ ଭାବେ ଅକ୍ତିଆର କରି ରଖିବା ସହ ଉକ୍ତ ଜମିକୁ କଂକ୍ରିଟ ରାସ୍ତା ନିର୍ମାଣ ଲାଗି ୨୧ଲକ୍ଷ ୬୯ ହଜାର ୨୦ଟଙ୍କା ଅନୁଦାନ ଦିଆଯାଇଛି। ଉକ୍ତ ଜାଗା ନିକଟରେ କୌଣସି ଜନବସତି ନାହିଁ । ଏଥିସହ ସେହି ସ୍ଥାନ ଏକ ସର୍ବସାଧାରଣ ଚଲା ରାସ୍ତା ମଧ୍ୟ ନୁହେଁ। ଏହି ପଞ୍ଚାୟତରେ ଏକାଧିକ ଗ୍ରାମକୁ କଂକ୍ରିଟ ରାସ୍ତା ନାହିଁ। ବାରମ୍ବାର ବ୍ଲକ ପ୍ରଶାସନକୁ ଅନୁରୋଧ ସତ୍ତ୍ୱେ ଏଥିପ୍ରତି


ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ବିଧାୟକ ସୁରେଶ କୁମାର ରାଉତରାୟ ଓ ଗ୍ରାମବାସୀ।

ଗୁରୁତ୍ୱ ଦିଆଯାଉନାହିଁ। କିନ୍ତୁ ଜନବସତି ନ ଥିବା ଉକ୍ତ ଜାଗାରେ କଂକ୍ରିଟ ରାସ୍ତା ନିର୍ମାଣ ପାଇଁ ବେଆଇନ ଭାବେ ଲକ୍ଷାଧିକ ଟଙ୍କା ଅନୁଦାନ ଦିଆଯାଇଛି। ସରକାରୀ ଅର୍ଥକୁ ବ୍ଲକ ପ୍ରଶାସନର କେତେଜଣ ଅଧିକାରୀ ମିଳିମିଶି ଚଳୁ କରୁଛନ୍ତି। ଏଥିରେ ଆହୁରି ଦର୍ଶାଯାଇଛି ଯେ, ଏହି ପଞ୍ଚାୟତରେ ପ୍ରାୟ ଶତାଧିକ ପରିବାର ଚାଷ ଉପରେ ନିର୍ଭରଶୀଳ। ଗ୍ରାମର ଗୋଚର ପ୍ଲଟ ୧୩୦୯ ଓ ୧୨୭୪ରେ ଗୋରୁ ଚରୁଛନ୍ତି। ପ୍ଲଟ ନଂ.୧୩୦୯ର କିଛି ଅଂଶରେ ପଞ୍ଚାୟତ ପକ୍ଷରୁ ବନୀକରଣ କରାଯାଇଛି। ଜଟଣୀ ତହସିଲଦାର କିପରି ୧୩୦୯ ଗୋଚର ଜମିରେ କିପରି ରାସ୍ତା ନିର୍ମାଣ ପାଇଁ ଅନୁମତି ପ୍ରଦାନ କରିଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଜଟଣୀ ବ୍ଲକ ଓ ତହସିଲର କେତେଜଣ ଅଧିକାରୀ ବେଆଇନ ଭାବେ ଘରୋଇ ସଂସ୍ଥାକୁ ଟେକିଦେବା ସହ ସରକାରୀ ଅନୁଦାନକୁ ତୋସରପାତ କରୁଛନ୍ତି ବୋଲି ଏଥିରେ ଦର୍ଶାଇଛନ୍ତି। ଏହାର ନିରପେକ୍ଷ ତଦନ୍ତ ଦାବି ସହ ଏଥିରେ ସମ୍ପୃକ୍ତ ପ୍ରଶାସନିକ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

## ୫୮ ଆଇଆଇସିଙ୍କୁ ବଦଳି ପାଇଁ ଦାବି

ଖୋର୍ଦ୍ଧା ଅଫିସ,୨୪।୧

ରାଜ୍ୟରେ ତ୍ରିସ୍ତରୀୟ ନିର୍ବାଚନ ପାଇଁ ପ୍ରକ୍ରିୟା ଜାରି ରହିଛି। ରାଜ୍ୟ ନିର୍ବାଚନ କମିଶନର ଏନେଇ ଆଦର୍ଶ ଆଚରଣ ବିଧି ଲାଗୁ କରିଛନ୍ତି। ନିର୍ବାଚନକୁ ଅବାଧ, ହିଂସାମୁକ୍ତ ଏବଂ ଶାନ୍ତି ଶୃଙ୍ଖଳାର ସହ ଆୟୋଜନ ଉପରେ ଗୁରୁତ୍ୱ ଦେଇଛନ୍ତି। ଏପରିକି ନିର୍ବାଚନକୁ ନିରପେକ୍ଷ ଲାଗି ଗୋଟିଏ ସ୍ଥାନରେ ୩ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ରହିଥିବା ସରକାରୀ କର୍ମଚାରୀଙ୍କୁ ଅନ୍ୟତ୍ର ବଦଳି କରାଯାଇଥାଏ। ପୂର୍ବତନ ପୋଲିସ ମହାନିର୍ଦ୍ଦେଶକଙ୍କ ସମୟରେ ଇନ୍ସପେକ୍ଟରରୁ ଡିଏସ୍‌ପି ପାହ୍ୟାକୁ ପଦୋନ୍ନତି ପାଇଥିବା ରାଜ୍ୟର ୫୮ଜଣ ପୋଲିସ ଅଧିକାରୀ ଏବେ ବି ଉକ୍ତ ସ୍ଥାନରେ ହିଁ ଅବସ୍ଥାପିତ ଅଛନ୍ତି। ଏହି ଅଫିସରମାନେ ଗୋଟିଏ ସ୍ଥାନରେ ୪ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଅବସ୍ଥାପିତ ଅଛନ୍ତି। ତେଣୁ ଏମାନଙ୍କୁ ଅନ୍ୟତ୍ର ବଦଳି କରାଯାଉ ବୋଲି ମାନବାଧିକାର କର୍ମୀ ଜୟନ୍ତ ଦାଶ ରାଜ୍ୟ ନିର୍ବାଚନ କମିଶନରଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହା ଦ୍ୱାରା ନିର୍ବାଚନ ନିରପେକ୍ଷତାକୁ ନେଇ ପ୍ରଶ୍ନ ଉଠିପାରେ। ନିର୍ବାଚନକୁ ସମ୍ପୂର୍ଣ୍ଣ ଅବାଧ, ମୁକ୍ତ ଏବଂ ନିରପେକ୍ଷଭାବେ ପରିଚାଳନା ନେଇ ଏମାନଙ୍କୁ ବଦଳି ଲାଗି ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି।

**ସଂକ୍ଷେପରେ**

## ମାଙ୍କଡ଼ା ଖଣିରେ ଚଢ଼ାଉ, ୨ ଗିରଫ

ନିରାକାରପୁର,୨୪।୧(ଡି.ଏନ୍.ଏ.): ଜଙ୍କିଆ ଥାନା ଅନ୍ତର୍ଗତ ଗୟାବନ୍ଧ ନିକଟ କାଜୁ ନିଗମ କର୍ପୋରେଶନ ଅଧୀନରେ ଥିବା କାଜୁ ଜଙ୍ଗଲର ତଦାରଖ ହେଉନଥିବାରୁ କେତେଜଣ ମାଫିଆ ଗଛଗୁଡିକ କାଟି ସେଠାରୁ ମାଙ୍କଡ଼ା ପଥର ଚୋରାଚାଲଣ କରୁଛନ୍ତି। ମେଶିନ ମାଧମରେ ପଥର କଟା ହେଉଥିବା ନେଇ ତିନିଦିନ ପୂର୍ବେ କାଜୁ ନିଗମର ଜଣେ ପରିଦର୍ଶକ ଦେଖିବାକୁ ପାଇଥିଲେ। ଏନେଇ ସେ ଜଙ୍କିଆ ଥାନାରେ ଅଭିଯୋଗ କରିବା ପରେ ସୋମବାର ଖୋର୍ଦ୍ଧା ତହସିଲଦାର ଓ ଜଙ୍କିଆ ପୋଲିସ ମିଳିତଭାବେ ଚଢ଼ାଉ କରି ଉକ୍ତ ଥାନା ଅଞ୍ଚଳର ଅଜୟ ବିଶ୍ୱାଳ ଓ ଗୟାବନ୍ଧ ଅଞ୍ଚଳର ଫିରଜ ଅଲ୍ଲି ଖାନଙ୍କୁ ଧରିବା ସହ ଦୁଇ ପଥରକଟା ମେଶିନ ଜବତ କରିଥିଲେ। ଥାନାରେ ମାମଲା (ନଂ.୩୨/୨୨)ରୁଜୁ ପରେ ଦୁଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା ବୋଲି ବେଣୁଧର ରାୟ କହିଛନ୍ତି।

## ମାର୍ଥା କପ୍ କ୍ରିକେଟ ଟୁର୍ନାମେଣ୍ଟ: ସୁଆଙ୍ଗ-୧୧ ସେମିରେ

ବେଗୁନିଆ,୨୪।୧(ଡି.ଏନ୍.ଏ.): ବେଗୁନିଆ ବ୍ଲକ ବୋତଲମା ପଞ୍ଚାୟତ ଅନ୍ତର୍ଗତ ଅଠରାଙ୍ଗ ଗ୍ରାମସ୍ଥିତ ଦୁଃଖିଶ୍ୟାମ ମହାପାତ୍ର ଖେଳ ପଡିଆରେ ଚାଲିଥିବା ଦ୍ୱିତୀୟ ମାର୍ଥା କପ୍ କ୍ରିକେଟ ଟୁର୍ନାମେଣ୍ଟର ସୋମବାର ମ୍ୟାଚରେ ଓଲଟପୁର କ୍ରିକେଟ କ୍ଲବକୁ ହରାଇ ଭୁବନେଶ୍ୱରର ସୁଆଙ୍ଗ-୧୧ଟିମ୍ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ସୁଆଙ୍ଗ-୧୧ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୬ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୮୭ରନ ସଂଗ୍ରହ କରିଥିଲା। ଜବାବରେ ଓଲଟପୁର କ୍ରିକେଟ କ୍ଲବ ୧୬ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୫୧ରନ ସଂଗ୍ରହ କରି ପରାଜିତ ହୋଇଥିଲା। ସୁଆଙ୍ଗ-୧୧ର ଶକ୍ତିକାନ୍ତ ୬୭ରନ ସଂଗ୍ରହ କରିଥିବାରୁ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ସାମାଜିକ କର୍ମୀ ଲକ୍ଷ୍ମୀଧର ପାଇକରାୟ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ମାନସ ବେହେରା ଓ ଜୟନ୍ତ ମାର୍ଥା ମ୍ୟାଚ ପରିଚାଳନା କରିଥିଲେ।

## ୱାର୍ଡ ସଭ୍ୟା ପ୍ରାର୍ଥୀଙ୍କ ନାମାଙ୍କନ ରଦ୍ଧ ଦାବି

ଖୋର୍ଦ୍ଧା ଅଫିସ,୨୪।୧: ତ୍ରିସ୍ତରୀୟ ନିର୍ବାଚନ ପାଇଁ ନିର୍ବାଚନ କମିଶନ ବିଭିନ୍ନ ନିୟମ ପ୍ରଣୟନ କରିଛନ୍ତି। ୨ରୁ ଊର୍ଦ୍ଧ୍ୱ ସନ୍ତାନ ଥିବା ବ୍ୟକ୍ତି ନିର୍ବାଚନରେ ପ୍ରାର୍ଥୀ ହୋଇପାରିବେ ନାହିଁ। ତେବେ କେତେକ ସ୍ଥାନରେ ଏହାକୁ ଉଲ୍ଲଂଘନ କରାଯାଇଛି। ୨ରୁ ଊର୍ଦ୍ଧ୍ୱ ସନ୍ତାନ ଥିବା ବ୍ୟକ୍ତି ପ୍ରାର୍ଥିପତ୍ର ଦାଖଲ କରିଥିବା ଜଣାପଡ଼ିଛି। ଏନେଇ ସ୍ଥାନୀୟ ଗ୍ରାମବାସୀ ବିରୋଧ କରୁଥିବା ଦେଖିବାକୁ ମିଳିଛି। ବୋଲଗଡ଼ ବ୍ଲକ କଡବ ପଞ୍ଚାୟତରେ ଏଭଳି ଅଭିଯୋଗ ଆସିଛି। ଏହି ପଞ୍ଚାୟତର ୱାର୍ଡ ନଂ. ୧୦ରୁ ୱାର୍ଡ ସଭ୍ୟା ପାଇଁ ନାମାଙ୍କନ ଦାଖଲ କରିଥିବା ପ୍ରାର୍ଥୀ ନଳିନୀ ନାୟକଙ୍କ ୪ଟି ପୁଅ ରହିଥିବା ନେଇ ବୋଲଗଡ ବ୍ଲକ ନିର୍ବାଚନ ଅଧିକାରୀଙ୍କ ନିକଟରେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀ ମଞ୍ଜୁଲତା ବେହେରା ଅଭିଯୋଗ କରିଛନ୍ତି। ନିର୍ବାଚନ କମିଶନଙ୍କ ଗାଇଡଲାଇନକୁ ଉଲ୍ଲଂଘନ କରୁଛି। ତାଙ୍କ ସନ୍ତାନଙ୍କ ନାମ ଖାଉଟିକାର୍ଡ ଏବଂ ଆଧାରକାର୍ଡ ଲିଙ୍କରେ ପିତାମାତାଙ୍କ ନାମ ଉଲ୍ଲେଖ ରହିଛି। ତେଣୁ ନଳିନୀଙ୍କ ନାମାଙ୍କନକୁ ରଦ୍ଧ କରିବା ଲାଗି ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏହି ଅଭିଯୋଗର ନକଲ ସେ ଜିଲାପାଳ ଏବଂ ରାଜ୍ୟ ନିର୍ବାଚନ କମିଶନରଙ୍କ ନିକଟକୁ ମଧ ପଠାଇଛନ୍ତି।

# କ୍ଷତିପୂରଣ ଦାବିରେ ମୃତଦେହ ରଖି ରାସ୍ତାରୋକୋ


ଜଟଣୀ ଥାନା ସମ୍ମୁଖ ରାସ୍ତାରେ ମୃତଦେହ ରଖି ପରିବାର ଲୋକେ ଧାରଣାରେ ବସିଛନ୍ତି।

ଜଟଣୀ,୨୪।୧(ଡି.ଏନ୍.ଏ.)

**ପାଚେରି ଭୁଶୁଡ଼ି ସଫେଇ କର୍ମଚାରୀଙ୍କ ମୃତ୍ୟୁ ଘଟଣା**

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ବାଛରାପାଟଣା ଅଞ୍ଚଳରେ ରବିବାର ଡ୍ରେନ୍ କାମ ଚାଲୁଥିବା ବେଳେ ପାଚେରି ଭୁଶୁଡ଼ି ସ୍ଥାନୀୟ ବିଡିଏ କଲୋନୀ ଅଞ୍ଚଳର ଭରତ ନାୟକଙ୍କ ମୃତ୍ୟୁ ହୋଇଥିଲା। ସେ ଜଟଣୀ ପୌର ପରିଷଦରେ ସୁଇପର ଭାବେ କାର୍ଯ୍ୟରତ ଥିଲେ। ସୋମବାର କ୍ଷତିପୂରଣ ଓ ଠିକାଦାରଙ୍କୁ ଡାକିବା ଦାବିରେ ମୃତକଙ୍କ ପରିବାର ଓ ସମ୍ପର୍କୀୟ ଜଟଣୀ ଥାନା ଆଗରେ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ଯାନବାହନ ଅଟକି ରହିଥିଲା। ଖବରପାଇ କମିଶନରେଟ ପୋଲିସର ଜୋନ-୩ ଏସିପି ରଜତ ରାୟ, ଜଟଣୀ ଅତିରିକ୍ତ ତହସିଲଦାର ରମେଶ ଚନ୍ଦ୍ର ମଲିକ, ପୌର ନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ପ୍ରମୁଖ ପହଞ୍ଚି ମୃତକଙ୍କ ପରିବାରକୁ ସରକାରୀ ଆର୍ଥିକ ସହାୟତା ସହିତ ଜଣଙ୍କୁ ଚାକିରି ଦିଆଯିବା ନେଇ ପ୍ରତିଶ୍ରୁତି ଦେବା ପରେ ମୃତଦେହ ଥାନା ଆଗରୁ ହଟାଇବା ସହ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।

ସୂଚନାଥାଉ କି, ରବିବାର ଛୁଟି ଥିବାରୁ ଠିକାଦାର ଭରତଙ୍କୁ ବାଛରାପାଟଣା ଅଞ୍ଚଳରେ ଚାଲୁଥିବା ଡ୍ରେନ୍ କାର୍ଯ୍ୟ କରିବାକୁ ଡାକି ନେଇଥିଲେ। ଡ୍ରେନ୍ କାର୍ଯ୍ୟ ବେଳେ ଭରତ ଓ କେତେଜଣ ଶ୍ରମିକ ପାଚେରି ନିକଟରେ ଥିବା ପଥର କାଢୁଥିଲେ। ଏହି ସମୟରେ ପାଚେରିଟି ଭୁଶୁଡ଼ି ପଡ଼ିଥିଲା। ଫଳରେ ଭରତ ପାଚେରି ତଳେ ରହିଯାଇଥିଲେ। ସ୍ଥାନୀୟ ଲୋକେ ପହଞ୍ଚି ପଥର ତଳୁ ଭରତଙ୍କୁ ଉଦ୍ଧାର କରିଥିଲେ ମଧ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା।

# ବିଦ୍ୟୁତ୍ ଦୁର୍ନୀତି ନିବାରଣ ବିଭାଗର ତଦନ୍ତ ଆରମ୍ଭ

ନିରାକାରପୁର,୨୪।୧(ଡି.ଏନ୍.ଏ.)

**ସୌଭାଗ୍ୟ ଯୋଜନାରେ ହେରଫେର ଘଟଣା**

ଖୋର୍ଦ୍ଧା ଜିଲା ନିରାକାରପୁରସ୍ଥିତ ବିଦ୍ୟୁତ୍ କାର୍ଯ୍ୟାଳୟ ଉପଖଣ୍ଡ ଅଧୀନରେ ଦିଆଯାଇଥିବା ସୌଭାଗ୍ୟ ଯୋଜନା ବିଦ୍ୟୁତ ସେବା ପ୍ରଦାନରେ ବ୍ୟାପକ ହେରଫେର ହୋଇଥିବା ନେଇ ଜଣେ ବ୍ୟକ୍ତି ଗତ ଅକ୍ଟୋବର ୨୭ରେ ବିଦ୍ୟୁତ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀ ଏବଂ ବିଦ୍ୟୁତ ବିଭାଗରେ ଥିବା ଦର୍ନୀତି ନିବାରଣ ବିଭାଗରେ ଅଭିଯୋଗ କରିଥିଲେ। ସୋମବାର ବିଦ୍ୟୁତ ବିଭାଗର ଦୁର୍ନୀତି ନିବାରଣ ଅଧିକାରୀମାନେ ବିଦ୍ୟୁତ କାର୍ଯ୍ୟାଳୟରେ ପହଞ୍ଚି ଅଭିଯୋଗ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀଙ୍କ ସହିତ ଆଲୋଚନା କରିଥିଲେ। ଏଥିସହ ସୌଭାଗ୍ୟ ଯୋଜନା ହାତେଇଥିବା କେତେଜଣ ଉପଭୋକ୍ତାଙ୍କ ଘରକୁ ଯାଇ ତଦାରଖ କରିଥିବା ଜଣାପଡିଛି। ସୂଚନାଥାଉ କି, ସୌଭାଗ୍ୟ ଯୋଜନାର ନିୟମ ଅନୁସାରେ ବିପିଏଲ୍ କାର୍ଡଧାରୀ ଏବଂ ଗରିବ ଶ୍ରେଣୀର ବ୍ୟକ୍ତିମାନେ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ଯୋଗ୍ୟ ବିବେଚିତ ହୋଇଥାନ୍ତି । କିନ୍ତୁ ଏହି ଯୋଜନାରେ ପ୍ରକୃତ ହିତାଧିକାରୀଙ୍କ ପରିବର୍ତ୍ତେ କେତେଜଣ ଧନିକ ଶ୍ରେଣୀର ବ୍ୟକ୍ତି ଏହି ଯୋଜନାକୁ ହାତେଇଛନ୍ତି। ଏନେଇ କନିଷ୍ଠ ଯନ୍ତ୍ରୀ ରିତେଶ୍ ସିଂ କହିଛନ୍ତି, ସୌଭାଗ୍ୟ ଯୋଜନାରେ ହେରଫେର ହୋଇଥିବା ଅଭିଯୋଗକୁ ନେଇ ବିଦ୍ୟୁତ ବିଭାଗର ଦୁର୍ନୀତି ନିବାରଣ ଅଧିକାରୀମାନେ କେତେ ଜଣଙ୍କ ଘର ତଦନ୍ତ କରି ଫେରିଛନ୍ତି।

## ଛତୁଆ ମାନ ପରଖିଲେ ବିଭାଗୀୟ ଅଧିକାରୀ

କୃଷ୍ଣପ୍ରସାଦ,୨୪।୧(ଡି.ଏନ୍.ଏ.)

ଶିଶୁ, ଗର୍ଭବତୀ ଓ ପ୍ରସୂତିଙ୍କୁ ଉଚ୍ଚ ଗୁଣମାନର ଛତୁଆ ପ୍ରଦାନ କ୍ଷେତ୍ରରେ ସ୍ୱଚ୍ଛତା ରକ୍ଷା ଲକ୍ଷ୍ୟ ନେଇ ପ୍ରତି ମାସ ୨୩ ତାରିଖରେ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ଛତୁଆ ମିଶ୍ରଣ ଦିବସ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକରେ ସିଡିପିଓ ମନୋରମା ଦେବୀଙ୍କ ତତ୍ତ୍ୱାବଧାନରେ ଛତୁଆ ମିଶ୍ରଣ ଦିବସ ପାଳନ ହୋଇଛି । ମା'ହରଚଣ୍ଡୀ ସ୍ୱୟଂ ସହାୟକ ସଙ୍ଗଠନ ସିଆଣ୍ଡିଛତୁଆ ପ୍ରସ୍ତୁତ କେନ୍ଦ୍ରରେ ସଙ୍ଗଠନର ମହିଳାମାନେ ମାସ୍କ ପରିଧାନ କରି ୫ଟି ପର୍ଯ୍ୟାୟରେ ସାମାଜିକ ଦୂରତ୍ୱ ରକ୍ଷା କରି ଏହି ମିଶ୍ରଣ ପର୍ବରେ ସାମିଲ ହୋଇଥିଲେ। ସଂଘ ସଭାନେତ୍ରୀ ପ୍ରଭାସିନୀ ତରେଇ, ସମ୍ପାଦିକା ସବିତା ପଲାଇଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ରହି ଭଜା ଗହମ, ଭଜା ବୁଟ, ଭଜା ବାଦାମ ଓ ଚିନି ନିର୍ଦ୍ଧାରିତ ଅନୁପାତରେ ମିଶ୍ରଣ କରିଥିଲେ। ସେହିପରି ମୋରଡ଼ାସ୍ଥିତ ମା'ପାଦୁକାଇ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଛତୁଆ ପ୍ରସ୍ତୁତ କେନ୍ଦ୍ରରେ ଏହି ମିଶ୍ରଣ ଦିବସ ଆୟୋଜିତ ହୋଇଥିଲା। ଗୋଷ୍ଠୀ ସଭାନେତ୍ରୀ ଅନ୍ନପୂର୍ଣ୍ଣା ଦାସ, ସମ୍ପାଦିକା ଲକ୍ଷ୍ମୀପ୍ରିୟା ମିଶ୍ର ମିଶ୍ରଣ କରିଥିଲେ। ସୁପରଭାଇଜର ମାଗୁଣି ପ୍ରଧାନ, ରମାମଣି ନାୟକ, ଦୀପ୍ତିରାଣୀ ଦଣ୍ଡପାଟଙ୍କ ଉପସ୍ଥିତିରେ ମିଶ୍ରଣ ପର୍ବ ଆୟୋଜିତ ହୋଇଥିଲା।

# ବକ୍ସି ଜଗବନ୍ଧୁଙ୍କ ବୀରତ୍ୱ ଅବିସ୍ମରଣୀୟ

ଖୋର୍ଦ୍ଧା ଅଫିସ,୨୪।୧

ମହାନ ସଂଗ୍ରାମୀ, ବିପ୍ଳବୀ ବୀର ବକ୍ସି ଜଗବନ୍ଧୁଙ୍କ ଶ୍ରାଦ୍ଧୋତ୍ସବ ସୋମବାର ପାଳିତ ହୋଇଯାଇଛି। ବିଜେବି ହାଇସ୍କୁଲ ପରିସରରେ ରହିଥିବା ବକ୍ସିଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପ ମାଲ୍ୟାର୍ପଣ ସହ ତାଙ୍କର ବୀରତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର, ହାଇସ୍କୁଲର ପ୍ରଧାନଶିକ୍ଷକ ଏସ୍.ଗୋହର ଅଲ୍ଲୀ, ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ, ଦେବପ୍ରସାଦ ମଜୁମଦାର, ବିମଳ କୁମାର ଷଡ଼ଙ୍ଗୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମାନସ ରଞ୍ଜନ ବିଶ୍ୱାଳ, ଶିକ୍ଷାବିତ୍ ବୈକୁଣ୍ଠନାଥ ରାଜଗୁରୁ, ସାମାଜିକକର୍ମୀ ରାମଶଙ୍କରଙ୍କ ସମେତ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ଶିକ୍ଷକମାନେ ଉପସ୍ଥିତ ଥିଲେ। ଜିଲାପାଳ ମହାପାତ୍ର ବକ୍ସିଙ୍କ ବୀରତ୍ୱ, ବଳିଷ୍ଠ ନେତୃତ୍ୱ, ପରାକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ବିଧାୟକ ମିତ୍ର କହିଥିଲେ ଯେ, ବ୍ରିଟିଶ ବିରୋଧରେ ସଂଗ୍ରାମ କରିଥିବା ଉତ୍କଳମାଟିର ବୀର ସନ୍ତାନଙ୍କ ମଧ୍ୟରେ ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର ଅନ୍ୟତମ। ତାଙ୍କର ତ୍ୟାଗ, ବଳିଦାନ, ସାହସ, ବୀରତ୍ୱ ଓଡ଼ିଆ ଜାତିକୁ ଗୌରବାନ୍ୱିତ କରିଛି। ପ୍ରାଧ୍ୟାପକ ଦାସ କହିଥିଲେ, ବକ୍ସିଙ୍କ ବୀରତ୍ୱ ପାଇଁ ଓଡ଼ିଆ ଜାତି ତାଙ୍କ ପାଖରେ ଚିରସ୍ମରଣୀୟ ହୋଇରହିବ।

## ସ୍ୱାଭିମାନୀ ଚାରିଟେବୁଲ ଟ୍ରଷ୍ଟ ଲାଗି ଭୂମି ପୂଜନ

କୃଷ୍ଣପ୍ରସାଦ,୨୪।୧(ଡି.ଏନ୍.ଏ.)

କୃଷ୍ଣପ୍ରସାଦ ଅଞ୍ଚଳର ସାମାଜିକ କର୍ମୀ ସ୍ୱର୍ଗତ ଅମୃତ ଜେନାଙ୍କ ଉଦ୍ଦେଶ୍ୟରେ ସ୍ୱାଭିମାନୀ ଚାରିଟେବୁଲ ଟ୍ରଷ୍ଟ ଓ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଭୂମି ପୂଜନ ଉତ୍ସବ ଅନୁଷ୍ଠିତ ହୋଇଛି। ଚାରିଛକ ବଜାରସ୍ଥିତ ମାଳିଆ ହୁଡା ଡିଡିପଠାରେ ଆୟୋଜିତ କାର୍ଯ୍ୟକ୍ରମରେ କର୍ତ୍ତାଭାବେ ଭଗବାନ ତରେଇ ଯୋଗଦେଇଥିଲେ। ୩୫ ମୌଜା ପରିଚାଳନା କମିଟି ସଭାପତି ଦାମୋଦର ବିଶ୍ୱାଳ, ସୁଦର୍ଶନ ଜେନା, ଆର୍ତ୍ତତ୍ରାଣ ଜେନା, ପ୍ରିୟକାନ୍ତ ଜେନା, ସୁରେଶ ଚନ୍ଦ୍ର ସାହୁ, ସୁକାନ୍ତ ମହାପାତ୍ର, ନବଘନ ଦାଶ, ଶରତ ଦେବତା ଉପସ୍ଥିତ ଥିଲେ। ଟ୍ରଷ୍ଟ ଜରିଆରେ ଜନହିତକର କାର୍ଯ୍ୟକ୍ରମ କରାଯିବ ବୋଲି ବିଷ୍ଣୁ ପ୍ରସାଦ ବେହେରା କହିଛନ୍ତି।

# ତୋଫାନ ସ୍ପୋର୍ଟିଂ ବିଜୟୀ


ଅତିଥିଙ୍କଠାରୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

ଜଟଣୀ,୨୪।୧(ଡି.ଏନ୍.ଏ.)

**ବୁଦ୍ଧନାରାୟଣ ଫୁଟବଲ ଟୁର୍ନାମେଣ୍ଟ**

ହରିପୁର ପଞ୍ଚାୟତ ଖେଳପଡ଼ିଆରେ ଚାଲିଥିବା ବୁଦ୍ଧନାରାୟଣ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସରେ ସୋମବାର କୁହୁଡ଼ିର ମହାବୀର ଫୁଟବଲ ଏକାଡେମୀକୁ ହରାଇ ହରିପୁରର ତୋଫାନ ସ୍ପୋର୍ଟିଂ ବିଜୟୀ ହୋଇଛି। ତୋଫାନ ସ୍ପୋର୍ଟିଂ ୨ଟି ଗୋଲ ସ୍କୋର କରିଥିବା ବେଳେ ମ୍ୟାଚ ଶେଷ ପର୍ଯ୍ୟନ୍ତ ମହାବୀର ଫୁଟବଲ ଏକାଡେମୀ କୌଣସି ଗୋଲ ଦେଇ ନ ପାରି ପରାଜିତ ହୋଇଥିଲା। ତୋଫାନ ସ୍ପୋର୍ଟିଂର ସିଲୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ବିବେଚିତ କରାଯାଇ ପୁରସ୍କୃତ କରାଯାଇଥିଲା। ଅତିଥିଭାବେ ସାମାଜିକ କର୍ମୀ ନାରାୟଣ ବଳିୟାରସିଂହ, ପୂର୍ବତନ ଖେଳାଳି ପାଣ୍ଡବ ପଣ୍ଡା ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ମଙ୍ଗଳବାର ପୁରୀ ଏବଂ ଡାଇମଣ୍ଡ କ୍ଲବ ଖୋର୍ଦ୍ଧା ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

## ମଦ ଜବତ, ଜଣେ ଗିରଫ

ନିରାକାରପୁର,୨୪।୧(ଡି.ଏନ୍.ଏ.)

ଚୋରା ମଦ ବିକ୍ରି ଅଭିଯୋଗରେ ଜଙ୍କିଆ ଥାନା ପୋଲିସ ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେ ହେଲେ ସିକୋ ଫାଣ୍ଡି ଅଧୀନ ନରସିଂହପୁର ଗ୍ରାମର ଅଭିମନ୍ୟୁ ସାହୁ। ତାଙ୍କ ନିକଟରୁ ୧୫ଲିଟର ଦେଶୀ ମଦ ଜବତ ହୋଇଛି। ଏନେଇ ଥାନାରେ ମାମଲା ରୁଜୁ ହୋଇଛି। ଅଭିମନ୍ୟୁ ଦୀର୍ଘଦିନ ହେବ ଗ୍ରାମରେ ଚୋରାରେ ମଦ ବିକ୍ରି କରିଆସୁଥିଲେ।

# ବିକାଶକୁ ଗୁରୁତ୍ୱ ଦେଉଥିବା ପ୍ରାର୍ଥୀଙ୍କୁ ଭୋଟ୍

ଖୋର୍ଦ୍ଧା ଅଫିସ,୨୪।୧

**ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ**
- ସଜବାଜ ହେଲେଣି ୩ ପ୍ରମୁଖ ଦଳ
- ଯୋଗ୍ୟ ପ୍ରାର୍ଥୀ ପରଖୁଛନ୍ତି ଭୋଟର

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଯୋଗ୍ୟ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ ପାଇଛି। ମଙ୍ଗଳବାର ନାମାଙ୍କନ ପ୍ରତ୍ୟାହାରର ଶେଷ ଦିନ ରହିଥିବା ବେଳେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ମଧ ପ୍ରକାଶ ପାଇବ। ଚଳିତ ନିର୍ବାଚନରେ ତିନି ପ୍ରମୁଖ ଦଳ ପ୍ରାର୍ଥୀଙ୍କ ମଧ୍ୟରେ ଲଢ଼େଇ ହେବ। ଜିଲାର ୩୦ଟି ଜିଲା ପରିଷଦ ଜୋନରେ ବିଜେଡି ସମସ୍ତ ଆସନରେ ବିଜୟ ହାସଲ ଲାଗି ଲକ୍ଷ୍ୟ ରଖିଥିବା ବେଳେ କଂଗ୍ରେସ ଓ ଭାଜପା ମଧ ରଣନୀତି ପ୍ରସ୍ତୁତିରେ ଲାଗିଛନ୍ତି। ବିଜେଡି ମୁଖ୍ୟମନ୍ତ୍ରୀଙ୍କ ବିକାଶମୂଳକ ଯୋଜନାକୁ ନେଇ ଲୋକଙ୍କ ନିକଟତର ହେବାକୁ ଯୋଜନା ରଖିଛି। ଭାଜପା ପ୍ରଧାନମନ୍ତ୍ରୀଙ୍କ ସମୃଦ୍ଧ ଭାରତ ଏବଂ କଂଗ୍ରେସ ବିଜେଡି ଓ ଭାଜପା ବିରୋଧରେ ସ୍ୱର ଉତ୍ତୋଳନ କରିଛି। ସମସ୍ତ ବିଧାୟକ ନିଜ ଅଞ୍ଚଳ ଜିଲା ପରିଷଦ ପ୍ରାର୍ଥୀଙ୍କୁ ବିଜୟୀ କରାଇବା ପାଇଁ ଉଦ୍ୟମ କରୁଛନ୍ତି। ପଞ୍ଚାୟତ ନିର୍ବାଚନ ବହୁ ନେତାଙ୍କ ୨୦୨୪ ସାଧାରଣ ନିର୍ବାଚନ ପାଇଁ ଭାଗ୍ୟ ନିର୍ଦ୍ଧାରଣ କରିବ। ଏବେ ପ୍ରାର୍ଥୀମାନେ ଗାଁ ମୁହାଁ ହେବାରେ ଲାଗିଛନ୍ତି। ଅନ୍ୟପକ୍ଷରେ ଭୋଟର ମଧ ପ୍ରାର୍ଥୀଙ୍କୁ ପରଖିବା ଆରମ୍ଭ କରିଛନ୍ତି। ଏଥର ଦଳ ନୁହଁ, ଯିଏ ଅଞ୍ଚଳର ବିକାଶକୁ ଗୁରୁତ୍ୱ ଦେବ ତା'କୁ ଭୋଟ ଦିଆଯିବ ବୋଲି କେତେଜଣ ମତଦାତା କହିଛନ୍ତି।

ବିଜେଡି ସଭାପତି ବିଭୂତି ବଳବନ୍ତରାୟ କହିଛନ୍ତି, ନବୀନ ପଟ୍ଟନାୟକ ହେଉଛନ୍ତି ଦେଶର ଏକ ନମ୍ବର ମୁଖ୍ୟମନ୍ତ୍ରୀ। ଶିକ୍ଷା, ସଂସ୍କୃତି, ପର୍ଯ୍ୟଟନ, ସ୍ୱାସ୍ଥ୍ୟ, ଶିଳ୍ପର ଅଭିବୃଦ୍ଧି ଏବଂ କ୍ରୀଡାର ଭିତ୍ତିଭୂମି ବିକାଶ ଦିଗରେ ଗୁରୁତ୍ୱ ଦେଉଛନ୍ତି। ଓଡ଼ିଶା ପ୍ରଗତି ପଥରେ ଆଗେଇ ଚାଲିଛି। ଗ୍ରାମାଞ୍ଚଳ ମହିଳାମାନେ ସ୍ୱରୋଜଗାରକ୍ଷମ ହୋଇପାରିଛନ୍ତି। ମିଶନ ଶକ୍ତି ବିକାଶର ସାରଥି ଭାବେ କାର୍ଯ୍ୟ କରୁଛି। ମୁଖ୍ୟମନ୍ତ୍ରୀଙ୍କ ସ୍ୱଚ୍ଛ ଶାସନ ଏବଂ ଦୂରଦୃଷ୍ଟି ଯୋଗୁ ସମ୍ଭବ। ଚଳିତ ନିର୍ବାଚନରେ ଦଳ ନିଶ୍ଚିତ ୩୦ ଆସନରେ ବିଜୟୀ ହେବ। ସେହିପରି ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି, ଦେଶରେ ଦରଦାମ ନିୟନ୍ତ୍ରଣରେ ମୋଦି ସରକାର ଜନବିରୋଧୀ, ଚାଷୀ ଓ ଶ୍ରମିକ ବିରୋଧୀ। ସେହିପରି ରାଜ୍ୟରେ କେହି ସୁରକ୍ଷିତ ନୁହନ୍ତି। ଚାଷୀଙ୍କ ସମସ୍ୟା ସହ ବେରୋଜଗାର ବଢ଼ିଛି। ଦଳ ଏହାକୁ ଅସ୍ତ୍ର ଭାବେ ଗ୍ରହଣ କରି ଭୋଟରଙ୍କ ପାଖକୁ ଯିବ। ଦଳ ୧୪ଟି ଆସନରେ ବିଜୟୀ ହେବ। ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ଶ୍ରୀରଞ୍ଜନ ମଙ୍ଗରାଜ କହିଛନ୍ତି, ନରେନ୍ଦ୍ର ମୋଦି ବିଶ୍ୱର ଏକ ନମ୍ବର ପ୍ରଧାନମନ୍ତ୍ରୀ। କୋଭିଡ୍ ସୁପରିଚାଳନା, ଟିକାକରଣ ଦିଗରେ ଭାରତ ସମଗ୍ର ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ପ୍ରଧାନମନ୍ତ୍ରୀଙ୍କ ବଳିଷ୍ଠ ନେତୃତ୍ୱ ଯୋଗୁ ଦେଶ ସମୃଦ୍ଧି ପଥରେ ଆଗେଇ ଚାଲିଛି। ଭାଜପା ମୋଦିଙ୍କ ବିକାଶମୂଳକ ଯୋଜନାକୁ ନେଇ ଭୋଟରଙ୍କ ପାଖକୁ ଯିବ ବୋଲି କହିଛନ୍ତି।

# ଶୃଙ୍ଖଳିତ ନିର୍ବାଚନ ଉପରେ ଗୁରୁତ୍ୱ

ଖୋର୍ଦ୍ଧା ଅଫିସ,୨୪।୧

**ନିର୍ବାଚନ ପର୍ଯ୍ୟବେକ୍ଷକଙ୍କ ବୈଠକ**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ କମିଶନର ସାରା ଜିଲା ପାଇଁ ନିର୍ବାଚନ ପର୍ଯ୍ୟବେକ୍ଷକ ଏବଂ ଖର୍ଚ୍ଚ ପର୍ଯ୍ୟବେକ୍ଷକ ନିଯୁକ୍ତ କରିଛନ୍ତି। ସୋମବାର ଖୋର୍ଦ୍ଧାରେ ନିର୍ବାଚନ ପାଇଁ ନିଯୁକ୍ତ ନିର୍ବାଚନ ପର୍ଯ୍ୟବେକ୍ଷକ ଧନଞ୍ଜୟ ସ୍ୱାଇଁ ଏବଂ ଖର୍ଚ୍ଚ ପର୍ଯ୍ୟବେକ୍ଷକ ପ୍ରଶାନ୍ତ କୁମାର ମହାଙ୍କୁଡ ଖୋର୍ଦ୍ଧା ଗସ୍ତରେ ଆସି ନିର୍ବାଚନ ସୁପରିଚାଳନା ନେଇ ସମୀକ୍ଷା କରିଛନ୍ତି। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ଯୋଗଦେଇ ପଞ୍ଚାୟତ ନିର୍ବାଚନ ନେଇ ଜିଲା ପ୍ରଶାସନର ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିଥିଲେ। କୋଭିଡ୍ ନିୟମ ଅନୁପାଳନ କରାଯିବ। ସମସ୍ତ ପୋଲିଂ ଷ୍ଟେଶନ ବିଶୋଧନ, ମାସ୍କ ପରିଧାନ ଓ ସାମାଜିକ ଦୂରତ୍ୱ ଉପରେ ଗୁରୁତ୍ୱ ଦେଇଥିଲେ। ନିର୍ବାଚନରେ ନିୟୋଜିତ କର୍ମଚାରୀ, ପୋଲିଂ ଏଜେଣ୍ଟମାନେ


ବୈଠକରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର, ପର୍ଯ୍ୟବେକ୍ଷକ ଅଧିକାରୀ ଓ ଅନ୍ୟମାନେ।

କୋଭିଡ୍ ନିୟମାନୁସାରେ କାର୍ଯ୍ୟ କରିବେ। ପଞ୍ଚାୟତ ନିର୍ବାଚନକୁ ହିଂସା ମୁକ୍ତ, ଅବାଧ, ଶାନ୍ତିଶୃଙ୍ଖଳାର ସହ ଆୟୋଜନ ନେଇ ଗୁରୁତ୍ୱ ଦେଇଥିଲେ। ଆଦର୍ଶ ଆଚରଣ ବିଧି ପାଳନ କରାଯିବ। କୌଣସି ଧାର୍ମିକ ଅନୁଷ୍ଠାନ, ସରକାରୀ କାର୍ଯ୍ୟାଳୟ, କୋଠାରେ ପ୍ରାର୍ଥୀ ନିର୍ବାଚନ ପୋଷ୍ଟର, ବ୍ୟାନର ଲଗାଇବେ ନାହିଁ। ପ୍ରାର୍ଥୀ ହିଂସାତ୍ମକ କାର୍ଯ୍ୟରେ ଲିପ୍ତ ରହିବେ ନାହିଁ। ଡାକବାଜି ଯନ୍ତ୍ର ବ୍ୟବହାର ପୂର୍ବରୁ କର୍ତ୍ତୃପକ୍ଷଙ୍କ ଠାରୁ ଅନୁମତି ନେବେ। ସମସ୍ତ ପ୍ରଚାରପତ୍ରରେ ମୁଦ୍ରାକାର ଏବଂ ପ୍ରକାଶକଙ୍କ ନାମ ଉଲ୍ଲେଖ ରହିବ। ଭୋଟ ଗ୍ରହଣର ୩୬ ଘଣ୍ଟା ପୂର୍ବରୁ କୌଣସି ପ୍ରଚାର ହେବ ନାହିଁ। ନିର୍ବାଚନ ପରିଚାଳନାରେ ପ୍ରାର୍ଥୀଙ୍କ ସହଯୋଗ କାମନା କରିଥିଲେ। ନିର୍ବାଚନ ଖର୍ଚ୍ଚ ପର୍ଯ୍ୟବେକ୍ଷକ ମହାଙ୍କୁଡ କହିଥିଲେ, ଜିଲା ପରିଷଦ ପ୍ରାର୍ଥୀ ସର୍ବାଧିକ ୫ଲକ୍ଷ ପର୍ଯ୍ୟନ୍ତ ଖର୍ଚ୍ଚ କରିବେ। ସେମାନେ ୫ଟି କାର କିମ୍ବା ଜିପ, ୧୦ଟି ଦୁଇ ଚକିଆଯାନ ବ୍ୟବହାର କରିପାରିବେ। ସରପଞ୍ଚ ଓ ସମିତି ସଭ୍ୟ ପ୍ରାର୍ଥୀ ୨ ଜିପ କିମ୍ବା କାର, ୫ଟି ବାଇକ ଏବଂ ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିପାରିବେ। ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସମସ୍ତ ପ୍ରାର୍ଥୀ ଦୈନନ୍ଦିନ ଖର୍ଚ୍ଚର ବିବରଣୀ ନିର୍ଦ୍ଧାରିତ ଫର୍ମରେ ଲେଖିବେ ଏବଂ ଖର୍ଚ୍ଚର ରେଜିଷ୍ଟାର ରଖିବେ ବୋଲି ସେ କହିଥିଲେ। ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର କହିଥିଲେ, ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କଲେ, କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବୈଠକରେ ଏସ୍‌ପି ରାଜକିଶୋର ଦୋରା, ଅତିରିକ୍ତ ଜିଲାପାଳ ମନୋଜ ପାଢୀ, ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ କୁମାର ରାଉତରାୟ, ଜିଲା ପଞ୍ଚାୟତ ଅଧିକାରୀ ଅନଙ୍ଗ ସାଗରଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତା ଉପସ୍ଥିତ ଥିଲେ।

**ସ୍ୱାମୀଙ୍କ ବିରୋଧରେ ସ୍ତ୍ରୀ ଆଣିଲେ ସଙ୍ଗିନ ଅଭିଯୋଗ**

ପୁରୀ ଅଫିସ: ସ୍ତ୍ରୀଙ୍କୁ ମାର୍‌ପିଟ୍ ଓ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ୨ବର୍ଷର ନାବାଳିକା ଝିଅ ଉପରେ ଖରାପ ନଜର ପକାଉଥିବା ନେଇ ସ୍ୱାମୀଙ୍କ ବିରୋଧରେ ସଙ୍ଗିନ ଅଭିଯୋଗ ଆସିଛି। ଏ ନେଇ ସମ୍ପୃକ୍ତ ମହିଳା ସୋମବାର ସନ୍ଧ୍ୟାରେ ପୋଲିସର ଦ୍ୱାରସ୍ଥ ହୋଇଛନ୍ତି। ମହିଳାଙ୍କ ଅଭିଯୋଗ ଅନୁଯାୟୀ, ସେ ତାଙ୍କ ବୋଉ ଓ ସ୍ୱାମୀଙ୍କ ସହ ଗୌଡ଼ବାଡ଼ ସାହି ଅଞ୍ଚଳରେ ଭଡାଘରେ ରହୁଛନ୍ତି। ତେବେ ତାଙ୍କ ସ୍ୱାମୀ ପ୍ରାୟ ସମୟରେ ତାଙ୍କୁ ମାର୍‌ପିଟ କରିବା ସହ ତାଙ୍କର ୨ବର୍ଷର ଝିଅ ପ୍ରତି ଖରାପ ନଜର ପକାଉଛନ୍ତି। ଏ ନେଇ ସେ ପିସିଆର୍‌କୁ ଜଣାଇବା ପରେ ତାଙ୍କ ସ୍ୱାମୀଙ୍କୁ ଟାଉନ ଥାନାକୁ ଅଣାଯାଇଥିଲା। ମାତ୍ର ଅଭିଯୋଗକାରୀଙ୍କ ସ୍ଥାନ ଟାଉନ ଥାନା ଅଧୀନରେ ହୋଇ ନ ଥିବାରୁ ତାଙ୍କୁ ଓ ଅଭିଯୁକ୍ତଙ୍କୁ ପୋଲିସ ବଳିଆପଣ୍ଡା ଥାନାକୁ ପଠାଇଥିଲା। ଅଭିଯୁକ୍ତଜଣଙ୍କ କିଛିଦିନ ତଳେ ଜେଲରୁ ଫେରିଥିବା ଜଣାପଡ଼ିଛି।



## ସଂକ୍ଷେପରେ

### ୭ ଚାଷୀଙ୍କଠାରୁ ୨୫୫ କୁଇଣ୍ଟାଲ ଧାନ କ୍ରୟ

କଣାସ,୨୪।୧(ସ୍ୱ.ପ୍ର.)- କଣାସ ଗ୍ରାମର ମା' କୁଞ୍ଜେଶ୍ୱରୀ ସେବା ସମବାୟ ସମିତି ପକ୍ଷରୁ ସୋମବାର ଦ୍ୱିତୀୟ ଧାନ ମଣ୍ଡି ଖୋଲାଯାଇ ୭ଜଣ ଚାଷୀଙ୍କଠାରୁ ୨୫୫ କୁଇଣ୍ଟାଲ ଧାନ କିଣାଯାଇଛି। ପୁରୀ-ନିମାପଡ଼ା ସମବାୟ ସମିତିର କଣାସ ଶାଖା ପରିଚାଳକ ବିକାଶ କୁମାର ପରିଡା ଯୋଗଦେଇ ମଣ୍ଡି ଉଦ୍‌ଘାଟନ କରିଥିଲେ। ଏହି ସମୟରେ କ୍ଷେତ୍ର ରକ୍ଷକ ପ୍ରତାପ ଜେନା, ସମ୍ପାଦକ ଧୀରେନ୍ଦ୍ର କୁମାର ମାନସିଂହ ଉପସ୍ଥିତ ଥିଲେ। ଚାଷୀ ଅଭିମନ୍ୟୁ ଜୁସିଂହ, କୈଳାସ ଚନ୍ଦ୍ର ମିଶ୍ର, ପ୍ରଫୁଲ୍ଲ ଚନ୍ଦ୍ର ସୂପକାର, ପ୍ରକାଶ ମାର୍ଥା, ସ୍ୱାଧୀନ ବେହେରା, କାବୁଲି ରାଉତରାୟ, ହୃଷୀକେଶ ସୁନ୍ଦରାୟ ଧାନ ବିକ୍ରୟ କରିଥିଲେ। ଅଭିରାମ ରାଇସ ମିଲ୍ ପଟ୍ଟନାୟିକିଆ (ବିଲସାହି) ଧାନ କ୍ରୟ କରିଥିଲେ। ଧାନ ବିକ୍ରି ପାଇଁ ମା' କୁଞ୍ଜେଶ୍ୱରୀ ସେବା ସମବାୟ ସମିତିରେ ୨୩୪ଜଣ ଚାଷୀ ଅନ୍‌ଲାଇନରେ ପଞ୍ଜୀକୃତ କରିଛନ୍ତି।

### ଶ୍ୟାମସୁନ୍ଦର ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

କଣାସ,୨୪।୧(ସ୍ୱ.ପ୍ର.)- କଣାସ ବ୍ଲକ ଅନ୍ତର୍ଗତ ଆଳିବାଡ଼ ପଞ୍ଚାୟତର ଗୁଆଡ଼ିଆ ଗ୍ରାମରେ ୭ମ ବାର୍ଷିକ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ୬ଟି ଭଲିବଲ ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ୍ ଏସ୍ ଏସ୍ କ୍ଲବ ଖୋର୍ଦ୍ଧା ଏବଂ ଶ୍ରୀକ୍ଷେତ୍ର କ୍ଲବ ପୁରୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏସ୍‌ଏସ୍ କ୍ଲବ ଖୋର୍ଦ୍ଧା ୩/୨ ପଏଣ୍ଟରେ ଶ୍ରୀକ୍ଷେତ୍ର କ୍ଲବ ପୁରୀକୁ ହରାଇ ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ଶାନ୍ତି ଆନନ୍ଦ ଆଶ୍ରମର ସନ୍ନ୍ୟାସୀ ବନବିହାରୀ ଦାଶ ମହାରାଜ, ସାମାଜିକ କର୍ମୀ ଲିଙ୍ଗରାଜ ସ୍ୱାଇଁ, ସରପଞ୍ଚ ପଦ୍ମନାଭ ପରିଡ଼ା, କୃଷ୍ଣଚନ୍ଦ୍ର ସାହୁ, ଡମ୍ବରୁଧର ସାହୁ, ସୂର୍ଯ୍ୟକାନ୍ତ ଦାସ ରାୟ ଅତିଥି ଭାବେ ଯୋଗ ଦେଇ ଚାମ୍ପିୟନ ଦଳକୁ ଟ୍ରଫି ଓ ରନର୍ସ ଦଳକୁ ରନର୍ସ କପ୍ ପ୍ରଦାନ କରିଥିଲେ।

### ନେତାଜୀ, ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ

ଡେଲାଙ୍ଗ,୨୪।୧(ଡି.ଏନ୍.ଏ.)- ଡେଲାଙ୍ଗ ଷ୍ଟେଶନ ବଜାରସ୍ଥିତ ଶ୍ୟାମସୁନ୍ଦର ପାଠାଗାର ଓ ସଂଗ୍ରହାଳୟ ପରିସରରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ୍ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଶିକ୍ଷାବିତ୍ ଗୋଲକ ବିହାରୀ ବରାଳ ସଭାପତିତ୍ୱ କରିଥିବା ବେଳେ ଖବରଦାତା ପ୍ରସନ୍ନ ତ୍ରିପାଠୀ, ଉତ୍କଳ ସମ୍ମିଳନୀ ପୁରୀ ଜିଲା ସଭାପତି ତଥା ଐତିହାସିକ ଭୀମସେନ ମହାପାତ୍ର, ସୁସାହିତ୍ୟିକ ସନ୍ତୋଷ ମହାନ୍ତି, ଅନାମ ଚରଣ ମଲ୍ଲିକ, ଆଇନଜୀବୀ ହୃଷୀକେଶ ପାଢ଼ୀ, ଶିକ୍ଷକ ଅଭୟ ଚରଣ ସାହୁ, ବୁଦ୍ଧିଜୀବୀ ଦିବାକର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଦୁଇ ବୀର ସଂଗ୍ରାମୀଙ୍କ ଦେଶ ପ୍ରତି ଥିବା ଅବଦାନ ସମ୍ପର୍କରେ ଅତିଥିମାନେ ସ୍ମୃତିଚାରଣ କରିବା ସହିତ ସ୍ୱରଚିତ କବିତା ପାଠ କରିଥିଲେ। ରମେଶ ଚନ୍ଦ୍ର ଦାଶ ବିନୋଦ କାନୁନ୍‌ଗୋ ସ୍ମାରକୀ ଫାଉଣ୍ଡେଶନ ଦ୍ୱାରା ପ୍ରକାଶିତ ଜ୍ଞାନମଣ୍ଡଳ ଓ ନୀଳଚକ୍ର ପ୍ରକାଶନ ଦ୍ୱାରା ପ୍ରକାଶିତ ୩ଟି ପୁସ୍ତକ ପାଠାଗାରକୁ ପ୍ରଦାନ କରାଯାଇଥିଲା।

### ବଟି ମାଗି ଜଣେ ଗିରଫ

ପୁରୀ ଅଫିସ, ୨୪।୧: ଦାଦାବଟି ମାଗିବା ଅଭିଯୋଗରେ ବଳିଆପଣ୍ଡା ଥାନା ପୋଲିସ ବାସେଳି ସାହି ଥାନା ଅନ୍ତର୍ଗତ ଥାନାପତି ଅଞ୍ଚଳର ବୁଲୁ ଦାସଙ୍କୁ ଗିରଫ କରିଛି। ପୋଲିସ ଏ ନେଇ କେସ୍ ନଂ. ୮/୨୨ ରୁଜୁ କରିଛି। ଅଭିଯୁକ୍ତଙ୍କ ନିକଟରୁ ୬୦୦ଟଙ୍କା, ଗୋଟିଏ ଛୁରି ଓ ବାଇକ ଜବତ ହୋଇଛି। ବୁଲୁ ପ୍ରାଚୀ ଛକ ନିକଟରେ ଯାତ୍ରୀବାହୀ ଗାଡ଼ିରୁ ଦାଦାବଟି ମାଗୁଥିଲେ।

# ଦୋକାନ ତାଲା ଖୋଲିବାକୁ ଯାଇ ପୋଲିସ ହଟହଟା

ଗୋପ,୨୪।୧(ଡି.ଏନ୍.ଏ.)

ଗୋପ ଥାନାର ଗଡ଼କରମଳା ଗ୍ରାମରେ ରାଜନୈତିକ ହିଂସାକୁ ନେଇ କେତେଜଣ ଯୁବକ ଗ୍ରାମର ୩ଜଣଙ୍କ ଦୋକାନରେ ତାଲା ପକାଇ ଦେଇଥିଲେ। ଏ ନେଇ ଅଭିଯୋଗ ହେବା ପରେ ଜଣେ ମହିଳା ପୋଲିସ ଅଧିକାରୀ ସୋମବାର ୩ ଦୋକାନର ତାଲା ଖୋଲିବାକୁ ଯାଇଥିବାବେଳେ ହଟହଟାର ସମ୍ମୁଖୀନ ହୋଇଛନ୍ତି। ଏପରିକି ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ପୋଲିସ ଅଧିକାରୀଙ୍କ ସମେତ ଫୋର୍ସକୁ ଘଣ୍ଟାଏ ପର୍ଯ୍ୟନ୍ତ ଅଟକାଇଥିଲେ। ପରେ ପୋଲିସ ଲିଖିତ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ପ୍ରକାଶ ଯେ, ଗତ ଶନିବାର ରାତ୍ରରେ ବୀରତୁଙ୍ଗ ପଞ୍ଚାୟତର ଗଡକରମଳା ଗାଁରେ ରାଜନୈତିକ ହିଂସାକୁ ନେଇ ଗଣ୍ଡଗୋଳ ହୋଇଥିଲା। ଏ ନେଇ ଅଭିଯୋଗ ହେବାରୁ ପୋଲିସ ମାମଲା ନଂ.୨୩/୨୦୨୨ ରୁଜୁକରି ବିଜୟ ମହାପାତ୍ରଙ୍କୁ ଗିରଫ କରିଥିଲା। ବିଜୟଙ୍କୁ ଗିରଫ ବେଳେ ପୋଲିସ କେତେକ ବିଦେଶୀ ମଦ ଜବତ କରିବା ପରେ ତାଙ୍କ ନାମରେ ଆଉ ଏକ ମାମଲା ନଂ.୨୪/୨୨ ରୁଜୁକରି କୋର୍ଟଚାଲାଣ କରିଥିଲା। ପରେ ଏହି ଘଟଣାକୁ କେନ୍ଦ୍ରକରି ଗଡ଼କରମଳା ଛକରେ ଦୋକାନ କରିଥିବା ଗଡ଼ ଗ୍ରାମର ୩ଜଣଙ୍କ ଦୋକାନରେ କେତେଜଣ ଯୁବକ ତାଲା ପକାଇ ଦେଇଥିଲେ। ଏ ନେଇ ସୋମବାର ମଧ୍ୟାହ୍ନରେ ୩ ଦୋକାନୀ ଥାନାର ଦ୍ୱାରସ୍ଥ ହୋଇଥିଲେ। ଫଳରେ ଅପରାହ୍ନରେ ଥାନାର ଜଣେ ମହିଳା ପୋଲିସ ଅଧିକାରୀ ଫୋର୍ସ ନେଇ ଦୋକାନ ତାଲା ଖୋଲିବାକୁ ଯାଇଥିଲେ। ପୋଲିସ ଗଡ଼କରମଳା ଗାଁ ଛକରେ ପହଞ୍ଚି ତାଲା କିଏ ପକାଇଛି ବୋଲି ପଚରାଉଚରା ବେଳେ ଗ୍ରାମର ଶତାଧିକ ମହିଳା, ପୁରୁଷ ଏହାକୁ ବିରୋଧ କରିବା ସହ ପୂର୍ବରୁ ହୋଇଥିବା ଗଣ୍ଡଗୋଳରେ ଏହି ୩ ଦୋକାନୀ ସମ୍ପୃକ୍ତ ଥିବା ଅଭିଯୋଗ କରିଥିଲେ। ଏହାକୁ ନେଇ ପୋଲିସ ସହ ଯୁକ୍ତିତର୍କ ହେବାରୁ ଗ୍ରାମବାସୀ ମହିଳା ଅଧିକାରୀ ସମେତ ପୋଲିସ ଫୋର୍ସକୁ ଅଟକାଇ ରଖିଥିଲେ। ପରେ ପୋଲିସ ବୁଝାଶୁଝା କରିବା ସହ ଉକ୍ତ ୩ ଦୋକାନର କୌଣସି କ୍ଷତି ହେଲେ ଗ୍ରାମବାସୀ ଦାୟୀ ରହିବେ ନାହିଁ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ଗାଁ ଲୋକେ ଶାନ୍ତ ହୋଇଥିଲେ।



ପୋଲିସକୁ ଗ୍ରାମବାସୀ ଘେରାଉ କରିଛନ୍ତି ।

### ରାଜନୈତିକ ହିଂସାରୁ ତାଲା ପକାଇଥିଲେ

ଏହାପରେ ପୋଲିସ ଗିରଫ ହୋଇଥିବା ବିଜୟଙ୍କ ସ୍ତ୍ରୀ ଅଞ୍ଜନା ମହାପାତ୍ରଙ୍କ ଅଭିଯୋଗକୁ ନେଇ ନଂ.୨୮/୨୨ରେ ୪ଜଣଙ୍କ ନାମରେ ମାମଲା ରୁଜୁ କରିଛି। ଅନ୍ୟପଟେ ଉକ୍ତ ପୋଲିସ ମହିଳା ଅଧିକାରୀଙ୍କ ବିରୋଧରେ ପୂର୍ବରୁ ମଧ୍ୟ ନାନା ଅଭିଯୋଗ ରହିବା ସହ ଜିଲା ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ତାଙ୍କର ବଦଳି ହୋଇଥିବା ବେଳେ ଏଠି ରହିବା ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ନେଇ ଗୋପ ଥାନାଧିକାରୀ କାଳନ୍ଦୀ ବେହେରାଙ୍କୁ ପଚାରିବାରେ ସେମିତି କିଛି ଘଟଣା ନାହିଁ ବୋଲି କହି କଥାକୁ ଏଡ଼ାଇ ଦେଇଛନ୍ତି।

## ଛୁରାମାଡ଼ ଘଟଣା:୩ ଗିରଫ



ପୁରୀ ଅଫିସ, ୨୪।୧:

ପଞ୍ଚାୟତ ନିର୍ବାଚନ ପୂର୍ବରୁ ପୁରୀରେ ରାଜନୈତିକ ହିଂସା ଦେଖିବାକୁ ମିଳିଛି। ରବିବାର ରାତିରେ ପୁରୀ ସଦର ଥାନା ଅଧୀନ ଚନ୍ଦନପୁର ଦାଣ୍ଡସାହିରେ ସ୍ୱାଧୀନ ପ୍ରାର୍ଥୀଙ୍କ ଭାଇ ଭୀମସେନ ପ୍ରଧାନଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ସୋମବାର ପୋଲିସ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଚନ୍ଦନପୁର ଦାଣ୍ଡସାହିର ପବିତ୍ର ପଣ୍ଡା (୩୩), ଗୁଣ୍ଡିଚା ପତି (୨୮) ଓ ଟାଉନ ଥାନା ଅନ୍ତର୍ଗତ ବାଲିସାହିର ଦିଲୀପ ମହାରଣା (୨୮)। ଘଟଣାସ୍ଥଳରୁ ଏକ ଛୁରି ଜବତ ହୋଇଛି। ଏନେଇ କେସ୍ ନଂ. ୨୭/୨୨ ରୁଜୁ କରାଯାଇଛି। ଅନ୍ୟ ଅଭିଯୁକ୍ତ ମନୋଜ ପଣ୍ଡା ଫେରାର ଅଛନ୍ତି। ତାଙ୍କୁ ଧରିବାକୁ ଉଦ୍ୟମ ଚାଲିଛି ବୋଲି ପୋଲିସ କହିଛି। ସୂଚନା ଅନୁଯାୟୀ, ରବିବାର ରାତି ପ୍ରାୟ ୧୦ଟା ୪୫ରେ ଭୀମସେନ ଗାଁ ମନ୍ଦିରକୁ ପ୍ରସାଦ ଖାଇବାକୁ ଯାଉଥିବାବେଳେ ତାଙ୍କୁ ଛୁରିରେ ଆକ୍ରମଣ କରାଯାଇଥିଲା। ପେଟ, ମୁଣ୍ଡ, ହାତ ଓ ଗୋଡ଼କୁ ଆକ୍ରମଣ ଯୋଗୁ ପ୍ରବଳ ରକ୍ତସ୍ରାବ ହୋଇଥିଲା। ଖବର ପାଇ ପରିବାର ଲୋକେ ଭୀମଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ନେଇଥିଲେ। ପରେ ତାଙ୍କୁ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ତାଙ୍କ ଭାଇ ଶ୍ୟାମ ସୁନ୍ଦର ପ୍ରଧାନଙ୍କ ଅଭିଯୋଗକ୍ରମେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ପଞ୍ଚାୟତ ନିର୍ବାଚନକୁ କେନ୍ଦ୍ର କରି ଆକ୍ରମଣ ହୋଇଥିବା ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଥିବା ପୋଲିସ କହିଛି।

# ପୁଣି ଆରମ୍ଭ ହେବ ଅନୁଭବ ଯାତ୍ରା

ପୁରୀ ଅଫିସ,୨୪।୧:

- ସେବାୟତଙ୍କ ପାଇଁ ଖୋଲାଯିବ ନିରାମୟ କେନ୍ଦ୍ର
- ଶ୍ରୀମନ୍ଦିର ସେବାୟତ କଲ୍ୟାଣ ସବ୍‌କମିଟି ବୈଠକ

ଶ୍ରୀମନ୍ଦିର ସେବାୟତ କଲ୍ୟାଣ ସବ୍‌କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସମର୍ଥ ବର୍ମା ଅଧ୍ୟକ୍ଷତା କରିଥିବାବେଳେ ସେବାୟତଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ସେବାୟତଙ୍କୁ ଚିକିତ୍ସା ସେବା ଓ ମାଗଣା ଔଷଧ ଯୋଗାଇବା ପାଇଁ ଦୋଳବେଦି କୋଣରେ ନିରାମୟ କେନ୍ଦ୍ର ଖୋଲାଯିବ। ସେହିପରି ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ଭତ୍ତା ଉପରେ ଆଲୋଚନା ହୋଇଥିଲା। ଯେଉଁମାନେ ୫ ବର୍ଷ ନିରବଚ୍ଛିନ୍ନ ଭାବେ ମହାପ୍ରଭୁଙ୍କ ସେବା କରିଛନ୍ତି, ସେମାନଙ୍କୁ ଅଗ୍ରାଧିକାର ଦିଆଯିବ। ସେହିପରି ବିଜୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ସବୁ ସେବାୟତଙ୍କୁ ସାମିଲ କରାଯିବା ପାଇଁ ପ୍ରସ୍ତାବ ଦିଆଯାଇଛି। ବେରୋଜଗାର ସେବାୟତଙ୍କ ପାଇଁ ଯୋଗ୍ୟତା ଭିତ୍ତିରେ ପରୀକ୍ଷା କରାଯାଇ ଶ୍ରୀମନ୍ଦିରରେ ନିଯୁକ୍ତି ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦିଆଯାଇଛି। ଏହି ବୈଠକ ପରେ ପ୍ରଚାର ଓ ପ୍ରସାର କମିଟି ବୈଠକ ହୋଇଥିଲା। ସେହିପରି ବନ୍ଦ ହୋଇ ପଡ଼ିଥିବା ଅନୁଭବ ଯାତ୍ରା ପୁଣି ଆରମ୍ଭ ହେବ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଔଷଧ କିଣିବା ପାଇଁ ଗତ ଆର୍ଥିକ ବର୍ଷରେ ଏକ କୋଟି ଅନୁଦାନ ଦିଆଯାଇଥିଲା। ଅନ୍ୟ କୌଣସି ସୂତ୍ରରୁ ଏହି ଟଙ୍କା ଆଣିବା ପାଇଁ ପ୍ରସ୍ତାବ ଆସିଛି। ତେବେ ବୈଠକରେ ଶ୍ରୀମନ୍ଦିର ଖୋଲିବା ନେଇ କୌଣସି ନିଷ୍ପତ୍ତି ହୋଇନାହିଁ। ଏ ସମ୍ପର୍କରେ ଜାନୁୟାରୀ ୩୧ ତାରିଖ ପରେ ନିଷ୍ପତ୍ତି ନିଆଯିବ। ଏହାପୂର୍ବରୁ ସବୁ ସେବାୟତଙ୍କୁ ପ୍ରିକଶନ ଡୋଜ ଦିଆଯିବ ବୋଲି ସୂଚନା ମିଳିଛି।

# ପୁରୀ-କୋଣାର୍କ ରେଳପଥ : ୫ଶହ କୋଟି ମଞ୍ଜୁର ହେଉ

ପୁରୀ ଅଫିସ,୨୪।୧:

ପୁରୀ-କୋଣାର୍କ ମଧ୍ୟରେ ନୂଆ ରେଳପଥ ନିର୍ମାଣ ପାଇଁ ୫ଶହ କୋଟି ଟଙ୍କା ମଞ୍ଜୁର କରାଯିବାକୁ ଦାବି ହୋଇଛି। ପୁରୀ ବିକାଶ ପରିଷଦର ସଭାପତି ଜଗନ୍ନାଥ ବସ୍ତିଆ ଏ ନେଇ ସୋମବାର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି। ଏହି ପ୍ରକଳ୍ପ ପାଇଁ ଚୂଡ଼ାନ୍ତ ସର୍ଭେ ଶେଷ ହୋଇଥିବାରୁ ଆଗାମୀ ବଜେଟ୍‌ରେ ଅର୍ଥ ମଞ୍ଜୁର ପାଇଁ ପରିଷଦ ପକ୍ଷରୁ ଦାବି କରାଯାଇଛି। ପୂର୍ବତଟ ରେଳପଥ ପକ୍ଷରୁ ଗତବର୍ଷ ଅଗଷ୍ଟ ୨୧ ତାରିଖରେ ଚୂଡ଼ାନ୍ତ ସର୍ଭେ ରିପୋର୍ଟ ରେଲୱେ ବୋର୍ଡ ନିକଟରେ ଦାଖଲ କରାଯାଇଥିଲା। ପୁରୀ-କୋଣାର୍କ ରେଳପଥ ପ୍ରକଳ୍ପରୁ ବାଲୁଖଣ୍ଡ ଅଭୟାରଣ୍ୟକୁ ବାଦ୍ ଦିଆଯାଇଛି। ରାଜ୍ୟ ଜଙ୍ଗଲ ବିଭାଗ ଆପତ୍ତି ଉଠାଇବା ପରେ ପୁଣି ଥରେ ସର୍ଭେ କରାଯାଇଥିଲା। ପୁରୀ-କୋଣାର୍କ ମଧ୍ୟରେ ୩୫ କି.ମି. ରେଳପଥ ନିର୍ମାଣ କରାଯିବ। ବସ୍ତିଆ କହିଛନ୍ତି, ପୁରୀ-କୋଣାର୍କ ରେଳପଥ ସଂଯୋଗୀକରଣ ଫଳରେ ପର୍ଯ୍ୟଟକ ଆକୃଷ୍ଟ ହେବେ। ପର୍ଯ୍ୟଟକମାନେ ବାଲୁଖଣ୍ଡ ଅଭୟାରଣ୍ୟର ପ୍ରାକୃତିକ ଶୋଭା ଉପଭୋଗ କରିବାର ସୁଯୋଗ ପାଇବେ। ଉଲ୍ଲେଖଯୋଗ୍ୟ, ଏହି ପ୍ରକଳ୍ପର ୫୦ ପ୍ରତିଶତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୭ ଏପ୍ରିଲ ୨୯ରେ ଟୁଇଟ କରି ରେଳମନ୍ତ୍ରୀଙ୍କୁ ପ୍ରସ୍ତାବ ଦେଇଥିଲେ। ତତ୍କାଳୀନ ରେଳମନ୍ତ୍ରୀ ଏହି ପ୍ରସ୍ତାବ ଗ୍ରହଣ କରିଥିଲେ।



ପୁରୀ ଇଣ୍ଟେଲକ୍ଚୁଆଲ୍ସ ପକ୍ଷରୁ ନାୟକ ପ୍ଲାଜାରେ ଶ୍ରୀକ୍ଷେତ୍ର ଗୌରବ ସମ୍ମାନ ପ୍ରଦାନ ସମାରୋହରେ ଅତିଥି ଓ ସମ୍ବର୍ଦ୍ଧିତ ପ୍ରତିଭା ।

# ଶ୍ରୀକ୍ଷେତ୍ର ଗୌରବ ସମ୍ମାନ ସମାରୋହ

ପୁରୀ ଅଫିସ, ୨୪।୧:

ପୁରୀ ଇଣ୍ଟେଲକ୍ଚୁଆଲ୍ସ ପକ୍ଷରୁ ନାୟକ ପ୍ଲାଜା ପରିସରରେ ଶ୍ରୀକ୍ଷେତ୍ର ଗୌରବ ସମ୍ମାନ ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, କ୍ରୀଡ଼ା ସମ୍ପାଦକ ରବିଶଙ୍କର ପ୍ରତିହାରୀ, ନାୟକ ପ୍ଲାଜା ପରିଚାଳନା ନିର୍ଦ୍ଦେଶକ ଗିରୀଶ ଚନ୍ଦ୍ର ନାୟକ, ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ଓଡ଼ିଶା ଜୀବନବିନ୍ଦୁ ସମ୍ପାଦକ ଶୁଭାଶିଷ ଖୁଣ୍ଟିଆ, ବରିଷ୍ଠ ସେବାୟତ ଭଗବାନ ମହାସୁଆର, ଖବରଦାତା ଜଗନ୍ନାଥ ବସ୍ତିଆ, ସଞ୍ଜୀବ ରଥଶର୍ମା ପ୍ରମୁଖ ମଞ୍ଚାସୀନ ଥିଲେ। ଏଥିରେ ବହୁ ସାମାଜିକ କର୍ମୀ ଶିକ୍ଷାବିତ୍‌ଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଗିରୀଶ ନାୟକ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ସବ୍ୟସାଚୀ ରଥ ପରିଚାଳନା କରିଥିଲେ। ସନ୍ତୋଷ ପାତ୍ର, ଉମାକାନ୍ତ ବେହେରା, ରବିନାରାୟଣ ଦାଶ, ହରେକୃଷ୍ଣ ମିଶ୍ର, ଅମିତ କୁମାର ଚାଟାର୍ଜୀ, ଅକ୍ଷୟ କୁମାର ବ୍ରହ୍ମା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ନିର୍ବାଚନ ପର୍ଯ୍ୟବେକ୍ଷକଙ୍କ ନିମାପଡ଼ା ପରିଦର୍ଶନ

ନିମାପଡ଼ା,୨୪।୧(ଡି.ଏନ୍.ଏ.)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପରିପ୍ରେକ୍ଷୀରେ ପୁରୀ ଜିଲାର ନିର୍ବାଚନ ପର୍ଯ୍ୟବେକ୍ଷକ ଅବନୀକାନ୍ତ ପଟ୍ଟନାୟକ ସୋମବାର ଅଚାନକ ନିମାପଡ଼ା ବ୍ଲକ କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି। ଏହି ଅବସରରେ ପର୍ଯ୍ୟବେକ୍ଷକ ପଟ୍ଟନାୟକ ବ୍ଲକ କାର୍ଯ୍ୟାଳୟର ଷ୍ଟ୍ରଙ୍ଗରୁମ୍, କାଉଣ୍ଟିଂ ହଲ୍, ଡିସପରସାଲ ସେଣ୍ଟର ଆଦି ପରିଦର୍ଶନ କରିବା ସହ ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ ପରିଚାଳନା, ଆଦର୍ଶ ଆଚରଣ ବିଧିକୁ କଡ଼ାକଡ଼ି ଭାବେ ପାଳନ ଦିଗରେ ବ୍ଲକ କାର୍ଯ୍ୟାଳୟରେ ସମୀକ୍ଷା କରିଥିଲେ। ଏହି ବୈଠକରେ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁନୀଲ କୁମାର ନନ୍ଦ, ଅତିରିକ୍ତ ବିଡିଓ ପୂର୍ଣ୍ଣଚନ୍ଦ୍ର ସେଠୀ, ପିଓ ପ୍ରିୟଦର୍ଶିନୀ ବରାଳ, ଗୁଣନିଧି ସାହୁ ପ୍ରମୁଖ ଯୋଗଦେଇଥିଲେ। ସହକାରୀ ନିର୍ବାହୀ ଯନ୍ତ୍ରୀ ନନ୍ଦ ନିର୍ବାଚନୀ କାର୍ଯ୍ୟ ସମ୍ପର୍କରେ ପର୍ଯ୍ୟବେକ୍ଷକ ପଟ୍ଟନାୟକଙ୍କୁ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ଶାନ୍ତିଶୃଙ୍ଖଳାର ସହ ଅବାଧ ନିର୍ବାଚନ ପରିଚାଳନା ଓ ପ୍ରାର୍ଥୀମାନେ ଯେଭଳି ଆଦର୍ଶ ଆଚରଣ ବିଧିକୁ କଡ଼ାକଡ଼ି ଭାବେ ପାଳନ କରନ୍ତୁ, ସେ ଦିଗରେ ଦୃଷ୍ଟି ଦେବାକୁ ଜିଲା ପର୍ଯ୍ୟବେକ୍ଷକ ପଟ୍ଟନାୟକ ବ୍ଲକ ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଥିଲେ।

# ଧାନକିଣାରେ ଅଧିକ କାଟ ଦାବି ନେଇ ଅସନ୍ତୋଷ

ସାକ୍ଷୀଗୋପାଳ,୨୪।୧(ଡି.ଏନ୍.ଏ.)

ପୁରୀ ଜିଲା ସତ୍ୟବାଦୀ ବ୍ଲକରେ ସୋମବାର ଧାନ କିଣାରେ ମିଲରମାନେ ଅଧିକ କାଟ ଦାବି କରିବାରୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। କୁଇଣ୍ଟାଲ ପ୍ରତି ୭ କିଲୋଗ୍ରାମ କାଟ ନେବାକୁ କହିବାରୁ ଚାଷୀମାନେ ମଣ୍ଡିରେ ଧାନ ବିକ୍ରି କରି ନ ଥିଲେ। ଦିନତମାମ୍ ମଣ୍ଡିରେ ଧାନ ପଡ଼ି ରହିଥିବାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହା ଜାଣି ଅଧିକାରୀମାନେ ସମାଧାନ କରିବାକୁ ବିଭିନ୍ନ ମଣ୍ଡିରେ ପହଞ୍ଚି ଚାଷୀ ଓ ମିଲରଙ୍କ ସହ ଆଲୋଚନା କରିଥିଲେ। ସୂଚନାଯୋଗ୍ୟ, ଚଳିତ ମାସ ୧୯ ତାରିଖରେ ପୁରୀ ଜିଲାରେ ଧାନକିଣା ଆରମ୍ଭ ହୋଇଥିଲା। ଦୁଇଦିନ ଧରି ୪ କିଲୋଗ୍ରାମ୍ କାଟ ନେଇ ଧାନ କିଣିଥିବା ମିଲରମାନେ ହଠାତ୍ ସୋମବାର ଏଫ୍‌ଏକ୍ୟୁ ମାନର ଧାନ ନୁହେଁ ବୋଲି କହି ପ୍ରଥମେ ୮ କେଜି କାଟ ନେବାକୁ କହିଥିଲେ ଏବଂ ପରେ ୭ କେଜି କାଟ ନ ଦେଲେ ଧାନ କିଣିହେବ ନାହିଁ ବୋଲି ମନା କରିଦେଇଥିବା ଗବକୁଣ୍ଡ ସେବା ସମବାୟ ସମିତିର ପୂର୍ବତନ ସଭାପତି ଭାଗୀରଥି ବରାଳ, ବାଳକୃଷ୍ଣ ବରାଳ, ଭଗବାନ ମିଶ୍ର, ବାସୁଦେବ ମିଶ୍ର ଓ ଚିନ୍ମୟ ନାୟକ ପ୍ରମୁଖ ଅଭିଯୋଗ କରିଥିଲେ। ବଳପୁର, ଗବକୁଣ୍ଡ, ମହୁରା, ବଳରାମପୁରଗଡ଼ ଆଦି ମଣ୍ଡିରେ ଧାନ ବିକ୍ରି ନ ହୋଇ ପଡ଼ିରହିଥିଲା। ଏ ନେଇ ସମବାୟ ଅଧିକାରୀଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇନାହିଁ। ତେବେ କେତେକ ମଣ୍ଡିରେ ସନ୍ଧ୍ୟାରେ ଧାନକିଣା ଆରମ୍ଭ କରାଯାଉଛି ଏବଂ ବଳକା ଧାନ ମଙ୍ଗଳବାର କିଣାଯିବ ବୋଲି ସମବାୟ ସମ୍ପାଦକ କହିଥିବା ବେଳେ କାଟ ସମ୍ପର୍କରେ କିଛି କହି ନ ଥିଲେ।

# କାର୍ଯ୍ୟାନୁଷ୍ଠାନ ଦାବିରେ ଏସ୍‌ପିଙ୍କ ଦ୍ୱାରସ୍ଥ

ପୁରୀ ଅଫିସ, ୨୪।୧:

ପେଣ୍ଠକଟା ମେରାଇନ ଥାନା ଅଞ୍ଚଳରେ କେତେଜଣ ବ୍ୟକ୍ତି ଜଣେ ମହିଳାଙ୍କ ଘରେ ପଶି ତାଙ୍କୁ ଅସଦାଚରଣ ଉଦ୍ୟମ କରିବା ସହ ସ୍ୱାମୀଙ୍କୁ ଗାଳିଗୁଲଜ କରି ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏନେଇ ମହିଳା ଜଣକ ସୋମବାର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସେ ଦାବି କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଗତ ୧୯ ତାରିଖରେ କେତେଜଣ ବ୍ୟକ୍ତି ଅସ୍ତ୍ରଶସ୍ତ୍ର ଧରି ସମ୍ପୃକ୍ତ ମହିଳାଙ୍କ ଘରେ ପଶି ତାଙ୍କ ସ୍ୱାମୀଙ୍କୁ ମାଡ଼ ମାରିବା ଗାଳିଗୁଲଜ କରିଥିଲେ। ତାଙ୍କ ବେକରେ ଥିବା ୪ ଭରି ଓଜନର ସୁନାଚେନ ଛିଣ୍ଡାଇ ନେଇଥିଲେ। ତାଙ୍କ ପାଟି ଶୁଣି ସେ ଓ ତାଙ୍କ ଶାଶୁ ପ୍ରତିବାଦ କରିବାରୁ ସେମାନେ ତାଙ୍କୁ ଧକ୍କା ଦେଇ ଅସଦାଚରଣ ଉଦ୍ୟମ କରିଥିଲେ। ସୁନା ମଙ୍ଗଳସୂତ୍ର ଓ ମୋବାଇଲ ଫୋନ ଛଡାଇ ନେଇଥିଲେ। ପୋଲିସକୁ ଖବର ଦେଲେ ଜୀବନରୁ ମାରିଦେବା ସହ ବୋମା ପକାଇ ଘର ଜାଳିଦେବାକୁ ଧମକ ଦେଇଥିଲେ। ଏନେଇ ସମ୍ପୃକ୍ତ ମହିଳା ଜଣକ ୨୦ ତାରିଖରେ ପେଣ୍ଠକଟା ମେରାଇନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ କେସ୍ ନଂ. ୮/୨୨ ରୁଜୁ କରିଥିଲା। ଏହାସତ୍ତ୍ୱେ ସେହିଦିନ ରାତିରେ କେତେଜଣ ଦୁର୍ବୃତ୍ତ ତାଙ୍କ ଘର ଉପରକୁ ବୋମାମାଡ଼ କରିଥିଲେ।

# ଅମୃତ ମହୋତ୍ସବ, ରଙ୍ଗୋଲି ସମାରୋହ

ନିମାପଡ଼ା,୨୪।୧(ଡି.ଏନ୍.ଏ.)

ଭାରତ ସରକାରଙ୍କ ସଂସ୍କୃତି ବିଭାଗ ମନ୍ତ୍ରଣାଳୟ, ଏକା ହ୍ୟାଣ୍ଡସ୍ ମିଡିଆ, ନିମାପଡ଼ାର ନୟା ସବେରା ୟୁଥ୍ ଟ୍ରଷ୍ଟ ଓ କୋଣାର୍କର ସମ୍ପର୍କ ଅନୁଷ୍ଠାନର ମିଳିତ ସହାୟତାରେ ଆଜାଦି କା ଅମୃତ ମହୋତ୍ସବ ଓ ଚିତ୍ରକଳା ରଙ୍ଗୋଲି କାର୍ଯ୍ୟକ୍ରମ ସୋମବାର ନିମାପଡ଼ାର ଶହୀଦ ଉଚ୍ଛବ ମଲ୍ଲିକଙ୍କ ସ୍ମୃତିସ୍ତମ୍ଭଠାରେ ଅନୁଷ୍ଠିତ ହୋଇଥିଲା। ଏହି ସମାରୋହରେ ଅତିଥି ଭାବେ ପୋଲିସ ଏସ୍‌ଡିପିଓ ଦେବାଶିଷ ମିଶ୍ର, ଆଇଆଇସି ଶଙ୍କର୍ଷଣ ଦଳେଇ, ଏସ୍‌ଆଇ ମମତା ବିଶ୍ୱାଳ, ଶିଳ୍ପୀ ଶରତଚନ୍ଦ୍ର ପ୍ରଧାନ, ଜାଗେଶ୍ୱରୀ ଯୁବକ ସଂଘ ସମ୍ପାଦକ ନକୁଳ ଚନ୍ଦ୍ର ସ୍ୱାଇଁ, ନୟା ସବେରା ଟ୍ରଷ୍ଟର ନିର୍ମଳ ପରିଜା, ଦିଲୀପ ପାତ୍ର, ସମ୍ପର୍କ ଅନୁଷ୍ଠାନର ଉପଦେଷ୍ଟା ଗଣେଶ ଚନ୍ଦ୍ର ସ୍ୱାଇଁ, ରଶ୍ମିତା ସାହୁ, ବାବୁରାମ ସ୍ୱାଇଁ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ତାତ୍ପର୍ଯ୍ୟ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ରଙ୍ଗୋଲି ପ୍ରତିଯୋଗିତାରେ ଭାଗନେଇ କୃତିତ୍ୱ ହାସଲ କରିଥିବା ଶିଶୁଶିଳ୍ପୀ ସୁଶ୍ରୀ ସସ୍ମିତା ଜେନା, ସାଗରିକା ଜେନା, ସୁଜ୍ଞାନୀ ଭଞ୍ଜ, ନୀହାରିକା ଖଟୋଇ, ସୌଦାମିନୀ ମଲ୍ଲିକ, ଅନନ୍ୟା ପଟ୍ଟନାୟକ, ଶୁଭସ୍ମିତା ସେନାପତି, ପ୍ରିୟଙ୍କା ବାରିକଙ୍କ ସମେତ ବହୁ ଶିଳ୍ପୀଙ୍କୁ ଅତିଥିମାନେ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ।



ଆଜାଦି କା ଅମୃତ ମହୋତ୍ସବ ଓ ଚିତ୍ରକଳା ରଙ୍ଗୋଲି କାର୍ଯ୍ୟକ୍ରମରେ ପୁରସ୍କୃତ ପ୍ରତିଯୋଗୀମାନେ ।

# ମହାପ୍ରଭୁଙ୍କ ଲୀଳାକ୍ଷେତ୍ରର ବିକାଶ ନେଇ ଆଲୋଚନା

ପୁରୀ ଅଫିସ,୨୪।୧:



ବୈଠକରେ ଜିଲାପାଳ ସମର୍ଥ ବର୍ମା ଏବଂ ଶ୍ରୀଜଗନ୍ନାଥ ଧର୍ମ ସଂସ୍କୃତି ସୁରକ୍ଷା ସଙ୍ଗଠନର ସଦସ୍ୟମାନେ ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୀଳାକ୍ଷେତ୍ରର ବିକାଶ ପାଇଁ ଦାବି ଜୋର ଧରିଛି। ଶ୍ରୀଜଗନ୍ନାଥ ସଂସ୍କୃତିରେ ବର୍ଣ୍ଣିତ ମହାପ୍ରଭୁଙ୍କ ଲୀଳାକ୍ଷେତ୍ର ଯେପରିକି ପାରିକୁଦ, ଖୋର୍ଦ୍ଧା, ବଲାଙ୍ଗୀର ଭଳି ସ୍ଥାନକୁ ଶ୍ରୀକ୍ଷେତ୍ରର ସାଂସ୍କୃତିକ ସଂଯୋଗକୁ ବୃଦ୍ଧି କରିବା ସହ ସହଜ ଯୋଗାଯୋଗ ବ୍ୟବସ୍ଥା ପାଇଁ ଜିଲାପାଳ ସମର୍ଥ ବର୍ମାଙ୍କ ନିକଟରେ ଦାବି କରାଯାଇଛି। ଶ୍ରୀଜଗନ୍ନାଥ ଧର୍ମ ସଂସ୍କୃତି ସୁରକ୍ଷା ସଙ୍ଗଠନର ଏକ ଟିମ୍ ସୋମବାର ଜିଲାପାଳଙ୍କୁ ଭେଟି ୧୮ଟି ଗଠନମୂଳକ ପ୍ରସ୍ତାବ ସମ୍ପର୍କରେ ଅବଗତ କରାଇଛି। ଭଜନ ମଣ୍ଡପ, ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଏଫ୍‌ଏମ୍ ରେଡିଓ ଷ୍ଟେଶନ ପ୍ରତିଷ୍ଠା, ବିଭିନ୍ନ ଭାଷାରେ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ପୁସ୍ତକ, ଆମିଷମୁକ୍ତ ବଡ଼ଦାଣ୍ଡ, ବଡ଼ଦାଣ୍ଡରେ ଭଜନ ପରିବେଷଣ ସହ ମନ୍ଦିର ନୀତିର ପ୍ରସାରଣ, ସିଂହଦ୍ୱାର ଓ ଉତ୍ତରଦ୍ୱାରରେ ସୂଚନା କେନ୍ଦ୍ର, ନବନିର୍ମିତ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ତଳେ ପୁସ୍ତକ ଓ ସିଡି କାଉଣ୍ଟର, ଲୀଳାକ୍ଷେତ୍ରର ବିକାଶ, ଶ୍ରୀଜଗନ୍ନାଥ ସଂସ୍କୃତି ବିଶ୍ୱବିଦ୍ୟାଳୟର ଗବେଷଣା ବିଭାଗ ପୁନଃବିନ୍ୟାସ ପ୍ରଭୃତି ପ୍ରସଙ୍ଗରେ ଜିଲାପାଳଙ୍କ ସହ ଆଲୋଚନା କରାଯାଇଛି। ତିରୁପତି ଓ ବୈଷ୍ଣୋଦେବୀ ଭଳି ଧାର୍ମିକ କ୍ଷେତ୍ରରେ ସ୍ୱତନ୍ତ୍ର ଚ୍ୟାନେଲ ମାଧ୍ୟମରେ ଖବର ପ୍ରସାରଣ ହେଉଛି। ପୁରୀରେ ମହାପ୍ରଭୁ ଜଗନ୍ନାଥ କ୍ଷେତ୍ରର ପ୍ରସାର ପାଇଁ ସେଭଳି ବ୍ୟବସ୍ଥା କରାଗଲେ ଖ୍ୟାତି ବହୁଗୁଣିତ ହେବ ବୋଲି କୁହାଯାଇଛି। ଲୀଳାକ୍ଷେତ୍ର ବିକାଶ ହେଲେ ଜଗନ୍ନାଥ ପରମ୍ପରା ସମ୍ପର୍କରେ ଲୋକେ ଜାଣିବାକୁ ପାଇବେ ଓ ସେଠାକୁ ବୁଲିବାକୁ ଯିବେ ବୋଲି ମିଶନ ଓଡ଼ିଶାର ସମ୍ପାଦକ ମଧୁସୂଦନ ମିଶ୍ର କହିଛନ୍ତି। ଏନେଇ ବିଚାର ବିମର୍ଶ ପରେ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ କହିଛନ୍ତି। ଏହି ଅବସରରେ ଧର୍ମ ସଂସ୍କୃତି ସୁରକ୍ଷା ସଙ୍ଗଠନର ସଭାପତି ବଦ୍ରି ମିଶ୍ର, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ହରିହର ହୋତା, ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନ ଭୁବନେଶ୍ୱରର ପ୍ରତିଷ୍ଠାତା ପୀତବାସ ରାଉତରାୟ, ଗବେଷକ ଡ. ଭାସ୍କର ମିଶ୍ର, ପଣ୍ଡିତ ନରେଶ ଚନ୍ଦ୍ର ଦାଶ, ଶରତ ମହାନ୍ତି, ପଦ୍ମନାଭ ତ୍ରିପାଠୀ ଶର୍ମା ଓ ଶ୍ୟାମପ୍ରକାଶ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ସଂସ୍କୃତି ବିଭାଗ ଓଏସ୍‌ଡି ଶୁଭ୍ରାଂଶୁ ପାଢ଼ୀ ଓ ଲୋକସମ୍ପର୍କ ବିଭାଗର ଜିତେନ୍ଦ୍ର ମହାନ୍ତି ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ସହରର ଐତିହାସିକ ସ୍ମାରକୀର ଉନ୍ନତୀକରଣ ଦାବି

**କଟକ ଅଫିସ,୨୪।୧:** କଟକ ବରିଷ୍ଠ ନାଗରିକ ମହାସଭା ପକ୍ଷରୁ ଏକ ଆଲୋଚନା ସଭା କେଶରପୁରସ୍ଥିତ ମହାସଭାର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ରାସ୍ତା ପ୍ରଶସ୍ତୀକରଣ ନିମନ୍ତେ ଶିଶୁଭବନ ପରିସର ପୁରୁଣା ରାଜଭବନକୁ ଭାଙ୍ଗିବା ପାଇଁ ନିଆଯାଇଥିବା ନିଷ୍ପତ୍ତିକୁ ନେଇ କ୍ଷୋଭ ପ୍ରକାଶ କରାଯାଇଥିଲା। ମହାସଭାର ସାଧାରଣ ସମ୍ପାଦକ ବିଷ୍ଣୁମୋହନ ଦାସସାମନ୍ତ ଯୋଗଦେଇ ଶିଶୁଭବନ ପରିସର ପୁରୁଣା ରାଜଭବନ, ବାରବାଟୀ ଦୁର୍ଗ, ଗଡଖାଇ, ସ୍ୱାଧୀନତା ସଂଗ୍ରାମୀଙ୍କ ତୀର୍ଥସ୍ଥଳୀ, ଇଦ୍‌ଗାହ ପଡ଼ିଆର ଉନ୍ନତୀକରଣ କରିବାକୁ ଦାବି କରିଥିଲେ। ଏ ସମ୍ପର୍କରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯିବାକୁ ସଭାରେ ନିଷ୍ପତ୍ତି ନିଆଯାଇଥିଲା। ମହାସଭା ସଭାପତି ପ୍ରଫେସର ଡା. କୃପାସିନ୍ଧୁ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରଫେସର ଅନନ୍ତ ଚରଣ ସାହୁ, ପ୍ରଫେସର ପ୍ରଭାତ ମିଶ୍ର, ଅଧିବକ୍ତା ସୂର୍ଯ୍ୟକାନ୍ତ ସାଘାଂନେରିଆ, ଅରୁଣ ପଣ୍ଡା, ରବୀନ୍ଦ୍ର ନାଥ ମହାନ୍ତି, ପୂର୍ବତନ ପ୍ରିନ୍ସିପାଲ ସିଦ୍ଧାର୍ଥ ସାହୁ ପ୍ରମୁଖ ଯୋଗଦେଇଥିଲେ।

### ନଗର କଂଗ୍ରେସ ପୌର ନିର୍ବାଚନ ପରିଚାଳନା କମିଟି ବୈଠକ

**କଟକ ଅଫିସ,୨୪।୧:** କଟକ ନଗର କଂଗ୍ରେସ ପୌର ନିର୍ବାଚନ ପରିଚାଳନା କମିଟି ବୈଠକ ସ୍ଥାନୀୟ ସେଲଟର ଛକସ୍ଥିତ ବିଧାୟକ ମହମ୍ମଦ ମୋକିମଙ୍କ ଆବାସିକ କାର୍ଯ୍ୟାଳୟରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଚୌଦ୍ୱାର-କଟକ ଏବଂ କଟକ ସଦର ଅନ୍ତର୍ଗତ ସମସ୍ତ ୱାର୍ଡରେ ଦଳୀୟ ସ୍ଥିତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ପରିଚାଳନା କମିଟି ଅଧକ୍ଷ ବିଶ୍ୱଜିତ ଦାସଙ୍କ ସଭାପତିତ୍ୱରେ ବିଧାୟକ ମୋକିମ ଯୋଗଦେଇ ପରିଚାଳନା କମିଟି ଓ ୱାର୍ଡ ପର୍ଯ୍ୟବେକ୍ଷକଙ୍କ ରିପୋର୍ଟକୁ ଭିତ୍ତି କରି ଆଗାମୀ ପୌର ନିର୍ବାଚନ ପାଇଁ ପ୍ରସ୍ତୁତ ରହିବାକୁ କହିଥିଲେ। ସେହିପରି ନଗର କଂଗ୍ରେସ ସଭାପତି ଗିରିବାଳା ବେହେରା ଯୋଗଦେଇ ୱାର୍ଡ ଓ ବୁଥ ସ୍ତରରେ କମିଟି ଗଠନ କରି ଦଳୀୟ ସଙ୍ଗଠନକୁ କ୍ରିୟାଶୀଳ କରିବାକୁ ମତ ଦେଇଥିଲେ। ବୈଠକରେ ସଂଯୋଜକ ଶରତ ଚନ୍ଦ୍ର ସେଠୀ, ଶୈଳବାଳା ଜେନା, ତୃପ୍ତି ଦାସ, ଅଶ୍ୱିନୀ ମହାରଣା, ଏନ୍. ନୀଳାଦ୍ରି ରାଓ, ସନ୍ତୋଷ ଭୋଳ, ସେକ ଜିଆଉଦ୍ଦିନ, ମାନସ ପରିଡା ଉପସ୍ଥିତ ଥିଲେ।

### ଉପଜିଲାପାଳଙ୍କ ଅବସ୍ଥାନକୁ ନେଇ ଦ୍ୱନ୍ଦ୍ୱ

**କଟକ ସଦର,୨୪।୧(ଡି.ଏନ୍.ଏ.):** ସାଧାରଣରେ ଉପ ଜିଲାପାଳ, ସଦର କଟକ ଭାବେ ପଦବୀଟି ପରିଚିତ। ସମସ୍ତ ସରକାରୀ କାଗଜପତ୍ର, ଅଦାଲତ ସମ୍ବନ୍ଧୀୟ ସମସ୍ତ ଚିଠିପତ୍ର ଉପ ଜିଲାପାଳ ସଦର ପଦବୀରେ ଆସିଥାଏ। ମାତ୍ର ଚଳିତ ଜିଲା ପରିଷଦ ନିର୍ବାଚନ ପାଇଁ ପ୍ରକାଶିତ ବିଜ୍ଞପ୍ତିରେ ଉପ ଜିଲାପାଳ ସଦର କଟକ ବଦଳରେ କଟକ ସଦର ବୋଲି ଉଲ୍ଲେଖ ରହିଛି। ଯାହାକୁ ନେଇ ସାଧାରଣରେ ଦ୍ୱନ୍ଦ୍ୱ ପ୍ରକାଶ ପାଇଛି। କାରଣ ଉପ ଜିଲାପାଳଙ୍କୁ ସମ୍ପୃକ୍ତ ଅଞ୍ଚଳର ନିର୍ବାଚନ ଅଧିକାରୀ ଭାବେ ମନୋନୀତ କରାଯାଇଛି। ତେଣୁ କଟକ ଉପ ଜିଲାପାଳଙ୍କ ଅବସ୍ଥାନ ସମ୍ପର୍କିତ ଦ୍ୱନ୍ଦ୍ୱ ଦୂର କରିବା ପାଇଁ ଦାବି ହୋଇଛି।

### ଅନ୍ତର୍ଜାତୀୟ ବାଳିକା ଦିବସ ପାଳିତ

**ଡିଗିରିଆ,୨୪।୧(ଡି.ଏନ୍.ଏ.):** ଡିଗିରିଆ ତାଲୁକ ଆଇନ ସେବା କମିଟି ତରଫରୁ ସୋମବାର ଅନ୍ତର୍ଜାତୀୟ ବାଳିକା ଦିବସ ପାଳିତ ହୋଇଯାଇଛି। ଏଥିରେ ଡିଗିରିଆ ଆଇନ ସେବା କମିଟି ଅଧକ୍ଷା ତଥା ଡିଗିରିଆ କୋର୍ଟ ବିଚାରପତି ସୁମିତ୍ରା କୁମାରୀ ଦାଶ ଅଧକ୍ଷତା କରି ବାଳିକାମାନଙ୍କ ବିଭିନ୍ନ ସମସ୍ୟା ଓ ତା'ର ଆଇନଗତ ସମାଧାନ ଦିଗରେ ଉପସ୍ଥିତ ଛାତ୍ରୀମାନଙ୍କୁ ଅବଗତ କରାଇଥିଲେ। ଦେଶରେ ଛାତ୍ରମାନଙ୍କ ତୁଳନାରେ ଛାତ୍ରୀଙ୍କ ସମାନତା ରହିବା ଆବଶ୍ୟକ। ସମାଜରେ ଏବେ ମଧ କନ୍ୟାଭ୍ରୁଣ ହତ୍ୟା ବୃଦ୍ଧି ପାଉଥିବାରୁ ଏଥିପ୍ରତି ସଚେତନତା ସୃଷ୍ଟି କରିବା ଜରୁରୀ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମକୁ ଡିଗିରିଆ ଓକିଲ ସଂଘ ସଭାପତି ମଙ୍ଗଳକୃଷ୍ଣ ଦାଶ, ସରୋଜ କୁମାର ସାହୁ, ଚନ୍ଦ୍ରମଣି ପଣ୍ଡା, ରଞ୍ଜନ କୁମାର ମହାରଣା ଓ ତନ୍ମୟ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।

# 'କୋଭିଡ୍ ପଜିଟିଭ୍ ହେଲେ ବ୍ୟସ୍ତ ହୁଅନ୍ତୁ ନାହିଁ'

## ଗୃହ ସଙ୍ଗରୋଧ ନିମନ୍ତେ ସ୍ୱତନ୍ତ୍ର ସଚେତନତା ଜାରି କଲା ବିଏମ୍‌ସି

ଭୁବନେଶ୍ୱର, ୨୪।୧ (ବ୍ୟୁରୋ)

ରିପୋର୍ଟ କୋଭିଡ୍ ପଜିଟିଭ୍ ଆସିଲେ ହଠାତ୍ ବ୍ୟତିବ୍ୟସ୍ତ ହୁଅନ୍ତୁ ନାହିଁ। ଏଥିପାଇଁ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ଟୋଲ୍ ଫ୍ରି ନମ୍ବର ୧୯୨୯ ଏବଂ ୧୦୪ କୁ ଫୋନ୍ କରି ନିଜର ସ୍ଥିତି, ଯତ୍ନ ସମ୍ପର୍କରେ ପଚାରି ବୁଝନ୍ତୁ। ପରାମର୍ଶ ଅନୁଯାୟୀ ଆବଶ୍ୟକ ପଦକ୍ଷେପ ନିଅନ୍ତୁ ବୋଲି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସହରବାସୀଙ୍କୁ ସଚେତନ କରାଯାଇଛି। ବର୍ତ୍ତମାନ ସହରରେ ସଂକ୍ରମଣ ହାର ବୃଦ୍ଧି ପାଉଛି। ଭୟଭୀତ ନ ହୋଇ ସାମାନ୍ୟ ଲକ୍ଷଣ ଥିଲେ ଗୃହ ସଙ୍ଗରୋଧରେ ରହି ସରକାରଙ୍କ କରୋନା ନିୟମକୁ ପାଳନ କରିବାକୁ ପରାମର୍ଶ ଦିଆଯାଇଛି। ଏ ନେଇ ସୋମବାର ବିଏମ୍‌ସିର ନିଜସ୍ୱ ପ୍ରଚାର ଗାଡ଼ିରେ କୋଭିଡ୍‌ଜନିତ ଗୃହ ସଙ୍ଗରୋଧ ଓ ଆବଶ୍ୟକ ଯତ୍ନ ବାବଦରେ ସ୍ୱତନ୍ତ୍ର ପରାମର୍ଶ ବାର୍ତ୍ତା ପ୍ରସାର କରାଯାଇଛି।

ନିୟମ ଅନୁସାରେ, ପଜିଟିଭ୍ ବ୍ୟକ୍ତି ଯେଉଁମାନଙ୍କର ପ୍ରାୟତଃ ଲକ୍ଷଣ ନ ଥାଏ ବା ସ୍ୱଳ୍ପ ଲକ୍ଷଣ ଥାଏ ସେମାନେ ଗୃହ ପୃଥକବାସରେ ରହି ଏହାର ମୁକାବିଲା କରିପାରିବେ। ସଂକ୍ରମିତ ବ୍ୟକ୍ତିଙ୍କ ରହିବା ସ୍ଥାନଟି ବାୟୁ ଚଳାଚଳଯୁକ୍ତ ହୋଇଥିବା ଦରକାର। ଏଥିସହ ପାଇଖାନା ପୃଥକ୍ ରହିବା, ନିଜେ ଓ ଯତ୍ନ ନେଉଥିବା ସଦସ୍ୟ ବା ପାଖ ବ୍ୟକ୍ତି ନିଜକୁ ସୁରକ୍ଷିତ ରଖିବା ପାଇଁ ମାସ୍କ ପିନ୍ଧିବା, ସମ୍ପୃକ୍ତ ବ୍ୟକ୍ତିଙ୍କ ବାସନକୁଶନ, ଲୁଗାପଟା ଇତ୍ୟାଦି ଭଲ ଭାବରେ ସାବୁନ୍ ପାଣିରେ ଧୋଇବା, ସଂକ୍ରମିତ ବ୍ୟକ୍ତି ବ୍ୟବହାର କରୁଥିବା ମାସ୍କ, ଟିସୁପେପର ଇତ୍ୟାଦିକୁ ଏକ ପ୍ରତିଶତ ବ୍ଲିଚିଂ ଘୋଳରେ ଅଧ ଘଣ୍ଟା ପକାଇବା ପରେ ଏହାକୁ ନଷ୍ଟ କରିଦେବା, ସହାୟକ ସାମାଜିକ ଦୂରତା ରକ୍ଷା କରିବା, ଲକ୍ଷଣ ବିହୀନ ବା ସ୍ୱଳ୍ପ ଲକ୍ଷଣ ଅବସ୍ଥା ସ୍ୱାଭାବିକ ଥିଲେ ଅତି କମ୍‌ରେ ୭ ଦିନ ପର୍ଯ୍ୟନ୍ତ ସଙ୍ଗରୋଧରେ ରହିବା ନିତାନ୍ତ ଆବଶ୍ୟକ। ପଜିଟିଭ୍ ବ୍ୟକ୍ତି କଡ଼ ଲେଉଟାଇ କିମ୍ବା ପେଟ ମାଡ଼ି ଶୋଇଲେ ଶ୍ୱାସକ୍ରିୟାରେ ଉନ୍ନତି ଆସିଥାଏ। ଏତଦ୍‌ବ୍ୟତୀତ ଜ୍ୱର ଅଧିକ ହେବା, ନ ଛାଡ଼ିବା, ଅକ୍ସିଜେନ୍ ସାଚୁରେଶନ୍ ୯୩ ତଳକୁ ଖସିବା, ମାନସିକ ସ୍ଥିତି ଠିକ୍ ନ ରହିବା ଇତ୍ୟାଦି ଦେଖାଦେଲେ ଟୋଲ୍ ଫ୍ରି ନମ୍ବରରେ ଫୋନ୍ କରି ପଦକ୍ଷେପ ନେବାକୁ ସୂଚନା ଦିଆଯାଇଛି। ବର୍ତ୍ତମାନ କୋଭିଡ୍ ସଂକ୍ରମିତ ପ୍ରାୟ ୧୧ହଜାର ଜଣଙ୍କ ମଧ୍ୟରୁ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ଗୃହ ପୃଥକ୍ ବାସରେ ରହୁଥିବା ଜଣାପଡ଼ିଛି। ବ୍ୟବସ୍ଥା ଅନୁସାରେ ବିଏମ୍‌ସିର ୩ଟି ପ୍ରଶାସନିକ ଜୋନ୍‌ରେ ୧୨ଟି ଲେଖାଏ ଆର୍‌ଆର୍‌ଟି ଟିମ୍ ରହିଛନ୍ତି ଓ ସଂକ୍ରମିତ ବ୍ୟକ୍ତିଙ୍କ ସୂଚନା ଅନୁସାରେ ସେମାନଙ୍କୁ ଯୋଗାଯୋଗ କରି ସ୍ଥିତି ନିରୀକ୍ଷଣ କରୁଛନ୍ତି। ମଙ୍ଗଳବାରଠାରୁ ପ୍ରତ୍ୟେକ ୱାର୍ଡର ସଫେଇ ଗାଡିରେ ଏହି ସଚେତନତା କରାଯିବ। ଏହି ବାର୍ତ୍ତାକୁ ନାଗରିକମାନେ ପରସ୍ପରକୁ ଜଣାଇଲେ ସଂକ୍ରମଣ ଜନିତ ଭୟ ଓ ଦ୍ୱନ୍ଦ୍ୱ ଦୂର କରିବା ସହଜ ହେବ ବୋଲି ବିଏମ୍‌ସି ଡେପୁଟି କମିଶନର (କୋଭିଡ୍ ସେଲ୍) ଶୁଭେନ୍ଦୁ କୁମାର ସାହୁ କହିଛନ୍ତି।



ଜିଲା ପ୍ରଶାସନ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳନ ଅବ୍ୟବହିତ ପୂର୍ବରୁ କଟକ ବାରବାଟୀ ଷ୍ଟାଡିୟମରେ ପରେଡ ଅଭ୍ୟାସ ହେଉଛି।

# ବଡ଼ଭଗୁଆପଡ଼ାକୁ ରାଜସ୍ୱ ଗ୍ରାମ ମାନ୍ୟତା ମିଳୁ

ଖୁଣ୍ଟୁଣୀ,୨୪।୧( ଡି.ଏନ୍.ଏ.)

କଟକ ଜିଲା ମୁଖ୍ୟ ଦପ୍ତରଠାରୁ ୪୦କିମି ଦୂର ଆଠଗଡ଼ ବ୍ଲକ ଗୋବରା ପଞ୍ଚାୟତର ବଡ଼ଭଗୁଆପଡ଼ା ଗ୍ରାମକୁ ରାଜସ୍ୱ ଗ୍ରାମ ମାନ୍ୟତା ଓ ଏହି ଗ୍ରାମକୁ ଗୋବରା ପଞ୍ଚାୟତରୁ ବାଦ ଦେଇ ରାଧାକୃଷ୍ଣପୁର ପଞ୍ଚାୟତରେ ମିଶ୍ରଣ ପାଇଁ ବଡ଼ଭାଗୁଆ ଗ୍ରାମର ଆଦିବାସୀ ନେତାମାନେ ଦାବି କରିଛନ୍ତି। ଏ ନେଇ ସେମାନେ ଆଠଗଡ଼ ଉପଜିଲାପାଳ, ଜନପ୍ରତିନିଧି ଓ ବ୍ଲକ ଅଧିକାରୀଙ୍କୁ ଦାବିପତ୍ର ଦେଇଛନ୍ତି । ୮୦ ଦଶକ ପୂର୍ବରୁ ଆଦିବାସୀ ପରିବାର ଜଙ୍ଗଲ ଜମିରେ ବସବାସ କରି ଆସୁଥିବା ବେଳେ ଗ୍ରାମର ଲୋକସଂଖ୍ୟା ୩ ଶହରୁ ଊର୍ଦ୍ଧ୍ୱ। ଏମାନେ ୩୦ ବର୍ଷ ଧରି ବିଭିନ୍ନ ନିର୍ବାଚନରେ ଭୋଟ ଦେବା ପାଇଁ ଗ୍ରାମଠାରୁ ପ୍ରାୟ ୧୫କିମି ଦୂର ଜଙ୍ଗଲ ଦେଇ ଗୋବରା ପଞ୍ଚାୟତକୁ ପାଦ ଚଲା ରାସ୍ତାରେ ଯାଇଥାନ୍ତି। ରାଶନ ସାମଗ୍ରୀ କିମ୍ବା କୌଣସି କାର୍ଯ୍ୟ ପଡିଲେ ଜଙ୍ଗଲ ବାଟ ଦେଇ ଯିବାବେଳେ ହାତୀ ଭୟ ରହୁଛି। ଅପରପକ୍ଷେ ବଡଭଗୁଆପଡା ଗ୍ରାମରୁ ରାଧାକୃଷ୍ଣପୁର ପଞ୍ଚାୟତ ମାତ୍ର ୩ କିମି ଦୂର। ଏଠାକାର ଆଦିବାସୀମାନେ ରାଧାକୃଷ୍ଣପୁର ପଞ୍ଚାୟତକୁ ଯାଇ ବଜାରରୁ ପରିବା ଓ ରାଶନ ସାମଗ୍ରୀ ଆଣିଥାନ୍ତି। ଏସବୁ ସମସ୍ୟା ନେଇ ବଡଭଗୁଆ ଆଦିବାସୀଙ୍କ ମଧ୍ୟରେ ଅସନ୍ତୁଷ୍ଟ ଲାଗି ରହିଛି ବୋଲି ଅବସରପ୍ରାପ୍ତ ସେନା କର୍ମଚାରୀ ବୀରସିଂହ ବଦରା ଓ ଖଜୁରୀ ବଦରା କହିଛନ୍ତି। ଏଥିପାଇଁ ସେମାନେ ତାଙ୍କ ପଡା ଗ୍ରାମକୁ ରାଜସ୍ୱ ଗ୍ରାମ ମାନ୍ୟତା ଦେବା ଓ ବଡଭଗୁଆ ଗ୍ରାମକୁ ରାଧାକୃଷ୍ଣପୁର ପଞ୍ଚାୟତରେ ସାମିଲ କରିବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ ଗ୍ରାମର ମୁରବି ସାଲୁକା ହାଇବ୍ରୁ, ଉଦ୍ଧବ ହେମ୍ବ୍ରମ, ଭଞ୍ଜୀ କଣ୍ଡାକର ଓ ହରିଶଚନ୍ଦ୍ର ହାଇବ୍ରୁ ପ୍ରମୁଖ ଏକ ଦାବିପତ୍ର ଆଠଗଡ଼ ଉପଜିଲାପାଳ, ତହସିଲଦାର, ବିଡିଓ, ଓ ଲୋକ ପ୍ରତିନିଧିଙ୍କୁ ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ଆଠଗଡ଼ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ କହିଛନ୍ତି, ବଡଭଗୁଆ ଗ୍ରାମବାସୀଙ୍କ ଦାବିପତ୍ର ପାଇଛି। ବର୍ତ୍ତମାନ ନିର୍ବାଚନ ପ୍ରକ୍ରିୟା ଚାଲିଛି, ତେଣୁ ଏହାପରେ ଖୁବ୍‌ଶୀଘ୍ର ଏହି ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ଦେବାକୁ ପ୍ରକ୍ରିୟା ଗ୍ରହଣ କରାଯିବ। ଭବିଷ୍ୟତରେ ପଞ୍ଚାୟତ ପୁନର୍ଗଠନ ବେଳେ ବଡଭଗୁଆ ଓ ସାନଭଗୁଆ ୨ ଗ୍ରାମକୁ ଗୋବରା ପଞ୍ଚାୟତରୁ ବାଦ ଦେଇ ରାଧାକୃଷ୍ଣପୁର ପଞ୍ଚାୟତରେ ସାମିଲ କରାଯିବ।

# ମୁସାଫିରଖାନା ନିର୍ମାଣ କାର୍ଯ୍ୟ ବନ୍ଦ ଦାବି

କଟକ ଅଫିସ,୨୪।୧

କଦମ୍-ଏ-ରସୁଲ୍ କବରସ୍ଥାନ ଜମିରେ ମୁସାଫିରଖାନା ନିର୍ମାଣ କାର୍ଯ୍ୟ ବନ୍ଦ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ସୋମବାର କଦମ୍-ଏ-ରସୁଲ୍ ଡେଭ୍‌ଲପ୍‌ମେଣ୍ଟ କମିଟି ପକ୍ଷରୁ ଏହି ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ ଅଛି ଯେ, କଦମ୍-ଏ-ରସୁଲ୍ ମ୍ୟାନେଜିଂ କମିଟିର ଏକ ପ୍ରଶାସନିକ ଅଧିକାରୀ ନିଯୁକ୍ତି କରାଯାଉ। କଦମ୍-ଏ-ରସୁଲ୍‌ର ଦରଘାବଜାରସ୍ଥିତ କବରସ୍ଥାନ ଜମିରେ ଚାଲିଥିବା ନିର୍ମାଣକୁ ସର୍ବସାଧାରଣରେ ପ୍ରକାଶ କରାଯାଉ, ପୂର୍ବରୁ ଥିବା ତିନୋଟି ମୁସାଫିରଖାନା ପୁନରୁଦ୍ଧାର କରାଯାଉ ଏବଂ କଦମ୍-ଏ-ରସୁଲ୍ ବାହାରେ ଖାଲିପଡ଼ିଥିବା ଅନେକ ଜମିକୁ ଉନ୍ନତିମୂଳକ କାର୍ଯ୍ୟ ପାଇଁ ବ୍ୟବହାର କରାଯାଉ ବୋଲି ଡେଭ୍‌ଲପ୍‌ମେଣ୍ଟ କମିଟି ପକ୍ଷରୁ ଦାବି କରାଯାଇଛି। ଯଥାଶୀଘ୍ର ଏ ସଂକ୍ରାନ୍ତରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ସହରର ସମସ୍ତ ମୁସଲମାନ ଭାଇମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ପୂର୍ବତନ ୱାକଫ୍ ବୋର୍ଡ ଚେୟାରମ୍ୟାନ ସୟଦ ଏକ୍ରାମ ହୁସେନ, କମିଟିର ସଭାପତି ସେକ ମୁନ୍ତାକିମ୍ ବକ୍ସ, ସାଧାରଣ ସମ୍ପାଦକ ସେକ ଇକବାଲ ଅଲ୍ଲି, ସମ୍ପାଦକ ସେକ ଅଜିଜୁର ରହିମ, ସେକ ମୁସ୍ତାକ ଅଲ୍ଲି, ମହମ୍ମଦ ଆଲମ, ମହମ୍ମଦ କଲିମ୍ ହରେବାବା, ସେକ ମନୱର ପ୍ରମୁଖ ଉପସ୍ଥିତ ଥିଲେ।

# ବୁଥ୍‌ସ୍ତରୀୟ ଶ୍ରେଷ୍ଠ ଅଧିକାରୀ ମନୋନୟନରେ ପାତରଅନ୍ତର

କଟକ ସଦର,୨୪।୧(ଡି.ଏନ୍.ଏ.)

ସାରା ଦେଶରେ ଜାନୁୟାରୀ ୨୫କୁ ଜାତୀୟ ଭୋଟର ଦିବସ ପାଳନ କରାଯାଉଛି। ଏହି ଅବସରରେ ଭୋଟର ତାଲିକା ସଂଶୋଧନରେ ନିୟୋଜିତ ବୁଥ୍‌ସ୍ତରୀୟ ସଫଳ ଅଧିକାରୀମାନଙ୍କୁ ପୁରସ୍କୃତ କରାଯିବାର କାର୍ଯ୍ୟକ୍ରମ ରହିଛି। ତେବେ କଟକ ସଦର ବ୍ଲକରୁ କେତେଜଣ ବୁଥ୍‌ସ୍ତରୀୟ ଅଧିକାରୀଙ୍କୁ ପୁରସ୍କୃତ କରିବାର କାର୍ଯ୍ୟକ୍ରମ ରହିଛି। ଏହି ମନୋନୟନରେ ପାତରଅନ୍ତର ନୀତି ଅବଲମ୍ବନ କରାଯାଇଛି। ଭୋଟର ତାଲିକା ସଂଶୋଧନ ବେଳେ ନିଜ କର୍ତ୍ତବ୍ୟ ପାଳନରେ ଅବହେଳା କରିଥିବା ବୁଥ୍ ଅଧିକାରୀମାନଙ୍କୁ ପୁରସ୍କାର ପାଇଁ ମନୋନୟନ କରାଯାଇଛି ବୋଲି ଅଭିଯୋଗ ହୋଇଛି, ଯାହା ତଦନ୍ତ ସାପେକ୍ଷ। ବିବରଣୀରୁ ପ୍ରକାଶ, ୧୦ବର୍ଷ ହେବ କଟକ ସଦର ବ୍ଲକରେ ଅଙ୍ଗନୱାଡ଼ି କର୍ମୀମାନଙ୍କୁ ବୁଥସ୍ତରୀୟ ଅଧିକାରୀ ଭାବେ ନିୟୋଜିତ କରାଯାଇଛି। ଗତବର୍ଷ କାର୍ଯ୍ୟରେ ମନ୍ଥରତା ଅବଲମ୍ବନ କରିଥିବା ବୁଥସ୍ତରୀୟ ଅଧିକାରୀମାନଙ୍କୁ ବିଡିଓ ରାଜୀବ ଲୋଚନ ପରିଡ଼ା ପତ୍ର ସଂଖ୍ୟା ନଂ.୩୬୦୮/ ୧୧|୧୧|୨୦୨୧ ଜରିଆରେ ତାଗିଦ କରିଥିଲେ। କିନ୍ତୁ ଏବେ ସେହି ଅଧିକାରୀମାନଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ କଟକ ସଦର ଉପଜିଲାପାଳଙ୍କ ନିକଟକୁ ନାମ ତାଲିକା ପଠାଯାଇଛି। ଏପରିକି ଅକ୍ଷାଂଶ ଓ ଦ୍ରାଘିମା କମ୍ପ୍ୟୁଟରରେ ଅପଲୋଡ କରିପାରି ନ ଥିବା କେତେଜଣ ବୁଥ ସ୍ତରୀୟ ଅଧିକାରୀଙ୍କ ଉପରେ ଅସନ୍ତୋଷ ବ୍ୟକ୍ତ କରି କେନ୍ଦ୍ରୀୟ ନିର୍ବାଚନ ଆୟୋଗଙ୍କ ସଚିବାଳୟ ପତ୍ର ଲେଖିଥିଲେ। ଅଭିଯୋଗ ସମ୍ପର୍କରେ ବିଡିଓ ପରିଡାଙ୍କୁ ପଚାରିବାରୁ ଯିଏ ଭଲକାମ କରିଛି ତାଙ୍କ ନାମ ପଠାଯାଇଛି ବୋଲି କହିଥିବା ବେଳେ ଅନ୍ୟ ବିଷୟକୁ ଏଡ଼ାଇ ଦେଇଥିଲେ।

# କନ୍ୟାସନ୍ତାନଙ୍କ ବିକାଶ ପ୍ରତି ସଚେତନତା ଜରୁରୀ

## ଜାତୀୟ କନ୍ୟା ଦିବସ

କଟକ ଅଫିସ,୨୪।୧

ଓଡ଼ିଶା ନାରୀ ସେବା ସଂଘ ପକ୍ଷରୁ ଶେଖବଜାରସ୍ଥିତ ଆଦୃତ କନ୍ୟା ଶ୍ରଦ୍ଧାଳୟ ଆଶ୍ରମରେ ଜାତୀୟ କନ୍ୟା ଦିବସ ସୋମବାର ପାଳିତ ହୋଇଯାଇଛି। ଏଥିରେ ସଂଘର ସଂଗଠନ ସମ୍ପାଦିକା ମୀରା ବେଉରା ଯୋଗଦେଇ କହିଥିଲେ, ଜନଗଣନା ତଥ୍ୟ ଅନୁସାରେ ଲିଙ୍ଗଗତ ଅନୁପାତର ନିମ୍ନଗାମୀ ପରିସଂଖ୍ୟାନର ଚିତ୍ର ସଭ୍ୟ ସମାଜକୁ ଆନ୍ଦୋଳିତ କରୁଛି। ଏବେ ମଧ କନ୍ୟା ସନ୍ତାନ ଅବହେଳିତ, ଅଶିକ୍ଷା, ଅସ୍ୱାସ୍ଥ୍ୟକର ପରିବେଶରେ ଜୀବନଯାପନ କରୁଛନ୍ତି। ସେମାନଙ୍କ ମଧ୍ୟରେ ଅସମାନତା ଦେଖାଯାଉଛି। ଏଣୁ କନ୍ୟାସନ୍ତାନଙ୍କୁ ଉପଯୁକ୍ତ ଶିକ୍ଷା, ସ୍ୱାସ୍ଥ୍ୟ, ସମାନତା ଯୋଗାଇ ଦେବା ସହ ସେମାନଙ୍କ ବିକାଶ ପ୍ରତି ସଚେତନ ହେବା ଆବଶ୍ୟକ ବୋଲି ସେ କହିଥିଲେ। ଏହି ଅବସରରେ କନ୍ୟାଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ସଂଘ ପକ୍ଷରୁ ସାଧାରଣତନ୍ତ୍ର ଦିବସରେ ସଂଘ କାର୍ଯ୍ୟାଳୟରେ ପୁରସ୍କୃତ କରାଯିବ ବୋଲି ସ୍ଥିର ହୋଇଛି। କାର୍ଯ୍ୟକ୍ରମରେ ସଂଘ ସଭାନେତ୍ରୀ ଡ. ପ୍ରତିମା ମହାପାତ୍ର, ସମ୍ପାଦିକା ଆଭା କାନୁନ୍‌ଗୋ, ସାମାଜିକ କର୍ମୀ ମଞ୍ଜୁଲତା ଜେନା, ତୁଳସୀ ମାଝି, ରଚନା ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଫେରାର ୩ ଲୁଟେରା ଗିରଫ





## ଟଙ୍କା, କଟୁରି ଓ ବାଇକ୍ ଜବତ

ଫୁଲନଖରା,୨୪।୧(ଡି.ଏନ୍.ଏ.)

ଟଙ୍କା ଲୁଟ୍ କରି ଫେରାର ଥିବା ଅଭିଯୋଗରେ ୩ଜଣ ଲୁଟେରାଙ୍କୁ ଗିରଫ କରିଛି କଟକ ସଦର ଥାନା ପୋଲିସ। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ସୁମାଣ୍ଡି ଗ୍ରାମର ଶୁଭ ନାରାୟଣ ଛାଟୋଇ(୨୨), ଉଷୁମା ଗ୍ରାମର ପ୍ରଭୁ କଲ୍ୟାଣ ସ୍ୱାଇଁ (୨୪) ଓ ପ୍ରଧାନ ସାହି ଉଷୁମା ଗ୍ରାମର ରାହୁଲ ଛାଟୋଇ (୨୬)। ତାଙ୍କଠାରୁ ପୋଲିସ ୪୦ ହଜାର ଟଙ୍କା, ଗୋଟିଏ ବାଇକ୍ ନମ୍ବର (ଓଡି- ୦୨-ଏକେ - ୮୪୦୧),ଏକ କଟୁରି ଓ ୪ଟି ମୋବାଇଲ ଫୋନ ଜବତ କରିଛି। ପୋଲିସ ସୂତ୍ରରୁ ପ୍ରକାଶ, ଗତ ୨୬।୧୨।୧୯ ମସିହାରେ ପୁରୀ ନିମାପଡା ଥାନା ଅନ୍ତର୍ଗତ ବେଲକଣା ଗ୍ରାମର ସତ୍ୟବ୍ରତ ଜେନା କୋଣାର୍କ ଏଚ୍‌ଏଲ୍‌ଏଲ୍ କମ୍ପାନୀର କର୍ମଚାରୀଙ୍କ ସହ କଟକ ଚାଉଳିଆଗଞ୍ଜରୁ ୪ଲକ୍ଷ ଟଙ୍କା ଧରି ଟାଟା ଏସିଇ (ଓଡି.୦୨. ଜେଡ.୮୫୬୮) ଯୋଗେ ସେମାନେ କମ୍ପାନୀକୁ ଫେରୁଥିଲେ। ଏହି ସମୟରେ ଫୁଲନଖରା ନିଆଳି ରାସ୍ତାର ବଡ଼ଝରିଲୋ ନିକଟରେ ୨ଟି ବାଇକ୍‌ରେ ୪ଜଣ ଦୁର୍ବୃତ୍ତ ତାଙ୍କ ଗାଡ଼ିର ପଛରୁ ଆସି ଗାଡିକୁ ଅଟକାଇ ୪ ଲକ୍ଷ ଟଙ୍କା ଲୁଟି ନେଇଥିଲେ। ଏ ନେଇ ସତ୍ୟବ୍ରତ ସଦର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ନଂ ୬୨୦/୧୯ ରୁଜୁ କରିଥିଲା। ତେବେ ଘଟଣା ପରେ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ଅନ୍ୟପଟେ ଦୀର୍ଘ ଦୁଇ ବର୍ଷ ଧରି ପୋଲିସ ମାମଲାର ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଖୋଜାଖୋଜି କରୁଥିଲା। ତେବେ ଅଭିଯୁକ୍ତମାନେ ନିଜ ଗ୍ରାମକୁ ଆସିଥିବା ଖବରପାଇ ଚଢ଼ାଉ କରି ଗିରଫ କରିବା ପରେ ସୋମବାର କୋର୍ଟଚାଲାଣ କରିଛି।

# ଓଏଲ୍‌ଏକ୍ସରେ ଗାଡ଼ି ବିକ୍ରି ଆଳରେ ଠକେଇ

## ଅଭିଯୁକ୍ତ ଗିରଫ, ବାଇକ୍ ଜବତ



ଭୁବନେଶ୍ୱର,୨୪।୧(ବ୍ୟୁରୋ)

ଓଏଲ୍‌ଏକ୍ସରେ ବାଇକ୍ ବିକ୍ରି କରିବା ଆଳରେ ଜଣେ ବ୍ୟକ୍ତିଙ୍କଠାରୁ ୪୬ ହଜାର ଟଙ୍କା ଠକେଇ ହୋଇଛି। ଏ ନେଇ ଅଭିଯୋଗ ହେବା ପରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ବଡ଼ଗଡ଼ ଥାନା ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ ପୁରୀ ଜିଲା ଡେଲାଙ୍ଗ ଥାନା ଦମପୁର ଗ୍ରାମର ପ୍ରଶାନ୍ତ ପ୍ରଧାନ(୩୦)। ତାଙ୍କଠାରୁ ପୋଲିସ ବାଇକ୍ (ନଂ.ଓଡି-୧୩-କ୍ୟୁ-୦୭୩୪) ଜବତ କରିଛି। ସୂଚନା ଅନୁଯାୟୀ, ଜାନୁୟାରୀ ୨ରେ ଅଭିଯୁକ୍ତ ପ୍ରଶାନ୍ତ ତାଙ୍କ ବାଇକ୍‌କୁ ବିକ୍ରି କରିବାକୁ ଓଏଲ୍‌ଏକ୍ସରେ ବିଜ୍ଞାପନ ଦେଇଥିଲେ। ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଅଞ୍ଚଳର ବାସୁ କପିଲ ଉକ୍ତ ବାଇକ୍‌କୁ କିଣିବାକୁ ପ୍ରଶାନ୍ତଙ୍କୁ ଯୋଗାଯୋଗ କରିଥିଲେ। ପରେ ବାସୁ ଜାନୁୟାରୀ ୫ରେ ଭୁବନେଶ୍ୱର ଆସି କଳ୍ପନା ଛକରେ ପ୍ରଶାନ୍ତଙ୍କୁ ଭେଟିଥିଲେ। ଶିଶୁପାଳଗଡ଼ରେ ଉକ୍ତ ବାଇକଟି ବନ୍ଧା ପଡ଼ିଛି, ୪୬ ହଜାର ଟଙ୍କା ଦେଲେ ମୁକୁଳିବ ବୋଲି ବାସୁଙ୍କୁ କହିବାରୁ ଟଙ୍କା ଦେଇ ସେଠାରୁ ବାଇକ୍ ମୁକୁଳାଇ ଆଣିଥିଲେ। ମାଲିକାନା ହସ୍ତାନ୍ତର ପାଇଁ ପ୍ରଶାନ୍ତ ପଟିଆରେ ଥିବା ଆର୍‌ଟିଓ ଅଫିସକୁ ଯିବାକୁ କହି ବାସୁଙ୍କୁ ନେଇଥିଲେ। ହେଲେ ଚନ୍ଦ୍ରଶେଖରପୁର ଥାନା ନାଲ୍‌କୋ ଛକରେ ପ୍ରଶାନ୍ତ ଚତୁରତାର ସହ ପରିସ୍ରା କରିବା ବାହାନାରେ ବାସୁଙ୍କୁ ବାଇକ୍‌ରୁ ଓହ୍ଲାଇ ଦେଇ ପଳାଇ ଯାଇଥିଲେ। ଏ ନେଇ ବାସୁ ଚନ୍ଦ୍ରଶେଖରପୁର ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସର ପରାମର୍ଶକ୍ରମେ ସେ ବଡ଼ଗଡ଼ ଥାନାରେ ଅଭିଯୋଗ କରିବା ପରେ ପୋଲିସ (ନଂ.୮/୨୨) ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତ ପ୍ରଶାନ୍ତ ଗାଁରେ ଥିବା ଖବର ପାଇ ପୋଲିସ ରବିବାର ରାତିରେ ଚଢ଼ଉ କରି ଧରିଥିଲା।

# ଫୁଟ୍‌ବଲ ଟୁର୍ନାମେଣ୍ଟ: ବାରବାଟୀ ବ୍ଲାଷ୍ଟର ଚାମ୍ପିୟନ

କଟକ ଅଫିସ, ୨୪।୧

ସତ୍ୟବ୍ରତ ଷ୍ଟାଡିୟମରେ ରବିବାର ବାରବାଟୀ ୟୁନାଇଟେଡ୍ କ୍ଲବ ପକ୍ଷରୁ ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଖେଳାଳିଙ୍କ ଦ୍ୱାରା ମାର୍ଚ୍ଚପାଷ୍ଟ କରାଯାଇଥିଲା। କ୍ଲବର ସଦସ୍ୟମାନଙ୍କୁ ୪ଟି ଟିମ୍‌ରେ ଭାଗ କରାଯାଇ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ବାରବାଟୀ ବ୍ଲାଷ୍ଟର ଓ ବାରବାଟୀ ଫୋର୍ଟ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳା ଯାଇଥିଲା। ଏଥିରେ ବାରବାଟୀ ବ୍ଲାଷ୍ଟର ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ଇଂ. ମହମ୍ମଦ ମୋକିମ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟକୁ କ୍ଲବର ସଭାପତି ଶିବସୁନ୍ଦର ସାହୁ, ସଚିବ ପୀତବାସ ସାହୁ, ସେକ୍ ଦାଉଦ୍, ମହମ୍ମଦ ମୁସ୍ତାକିମ୍, କୋଷାଧ୍ୟକ୍ଷ ସୁନାକର ଦଳାଇ, ମିର୍ଜା ସଫିକ୍ ବେଗ, ସେକ୍ ଜାହାଙ୍ଗର ଅଲ୍ଲୀ, ଅନୁପ ବିଶ୍ୱାଳ, ଇମ୍‌ତିଆଜ ଖାନ, ଗହର ଆଲାମ, ସେକ୍ ହବିବ, ମାନସ ଧଳ, ଅଙ୍କିତ କୁମାର ଜେନା ପ୍ରମୁଖ ପରିଚାଳନା କରିଥିଲେ।

# ଜମି ସହ ଘର ପ୍ରଦାନ ଦାବିରେ ବିକ୍ଷୋଭ

କଟକ ଅଫିସ,୨୪।୧




ସିଏମ୍‌ସି ଅଞ୍ଚଳରେ ଥିବା ବସ୍ତିବାସିନ୍ଦାଙ୍କୁ ଜମି ଓ ଘର ଯୋଗାଇ ଦେବା ଦାବିରେ ବସ୍ତିବାସୀ ଏକତା ମଞ୍ଚ ପକ୍ଷରୁ ଜିଲାପାଳ ଅଫିସ ଆଗରେ ବିକ୍ଷୋଭ।

କଟକ ମହାନଗର ନିଗମ (ସିଏମ୍‌ସି) ଅଫିସ୍ ସମ୍ମୁଖରେ ବସ୍ତିବାସୀ ଏକତା ମଞ୍ଚ ପକ୍ଷରୁ ସୋମବାର ଏକ ବିକ୍ଷୋଭ ହୋଇଥିଲା। ଏହି ଅବସରରେ ସାଧାରଣ ସମ୍ପାଦକ ହେମେନ୍ଦ୍ର ସାମଲ କହିଛନ୍ତି, ୨୦୨୨ର ପ୍ରାରମ୍ଭରେ ରାଜ୍ୟର ୫ଟି ମହାନଗର ବସ୍ତିଗୁଡ଼ିକରେ ବାସ କରୁଥିବା ଭୂମିହୀନ-ବାସହୀନ ଲୋକଙ୍କ ପାଇଁ ଜମି ସହ ଘର ଯୋଗାଇ ଦେବା ପାଇଁ ରାଜ୍ୟ କ୍ୟାବିନେଟ୍‌ରେ ଆଇନ ପ୍ରଣୟନ ହୋଇଛି। ତେବେ ଏହି ଘୋଷଣାକୁ ୨୫ଦିନ ବିତିଯାଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ସିଏମ୍‌ସି ପକ୍ଷରୁ ତତ୍ପରତା ପ୍ରକାଶ ପାଉ ନାହିଁ। ସିଏମ୍‌ସି ଅଧୀନରେ ଥିବା ୨୭୨ଟି ସାହି-ବସ୍ତିର ତାଲିକାଭୁକ୍ତ ହୋଇ ୧୯୭୦ ଦଶକରୁ ପଞ୍ଜୀକୃତ ହୋଇରହିଛି। ୨୦୨୦ରେ ଅଧିକାଂଶ ସ୍ଥାନରେ ସିଏମ୍‌ସି ତରଫରୁ ସର୍ଭେ କରାଯାଇ ସେମାନଙ୍କ ମଧ୍ୟରୁ ୧୫୧୫୯ଟି ପରିବାରକୁ ଯୋଗ୍ୟ ବିବେଚିତ କରି ବସ୍ତିବାସୀଙ୍କ ଏକତା ମଞ୍ଚକୁ ମହାନଗର ନିଗର ତରଫରୁ ପତ୍ର ଦ୍ୱାରା ଜଣାଇ ଦିଆଯାଇଥିଲା ବୋଲି ସେ କହିଛନ୍ତି। ତେବେ ପୌର ନିର୍ବାଚନ ପୂର୍ବରୁ ଯୋଗ୍ୟ ହିତାଧିକାରୀଙ୍କୁ ସିଏମ୍‌ସି ଓ ଜିଲା ପ୍ରଶାସନ ତରଫରୁ ଶୀଘ୍ର ଜମି ସହ ଘର ପ୍ରଦାନ କରା ନ ଗଲେ ଆଗାମୀ ଦିନରେ ରାଜରାସ୍ତାରେ ଆନ୍ଦୋଳନ କରାଯିବ ବୋଲି ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି । ଏ ନେଇ ଏକ ଦାବିପତ୍ର ସିଏମ୍‌ସି କମିଶନରଙ୍କ ଉଦ୍ଦେଶ୍ୟରେ ଯୁଗ୍ମ କମିଶନର ମନୋରଞ୍ଜନ ମହାପାତ୍ରଙ୍କୁ ପ୍ରଦାନ କରାଯାଇଥିବା ବେଳେ ଓ ସେଠାରୁ ଏକ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ ଅଫିସ୍‌ରେ ପହଞ୍ଚି ଜିଲାପାଳଙ୍କ ଉଦ୍ଦେଶ୍ୟରେ ଡେପୁଟି ଜିଲାପାଳ ପ୍ରିୟଦର୍ଶିନୀ ଜେନାଙ୍କୁ ଦାବିପତ୍ର ଦିଆଯାଇଥିଲା। ବସ୍ତିନେତା ସେଖ୍ ଅବଦୁଲ୍ଲାଙ୍କ ନେତୃତ୍ୱରେ ବାସନ୍ତି ବିଶ୍ୱାଳ, କେ. ଲିଙ୍ଗରାଜୁ, ଶଶୀ ଡାକୁଆ, ସବିତା ଭୂୟାଁ, ଲକ୍ଷ୍ମୀ ବାରିକ, ଖୁର୍ସିଦା ବେଗମ, ବାସନ୍ତି ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।